ଧରିତ୍ରୀ
DHARITRI
50 Years

ଭୁବନେଶ୍ୱର, ବୁଧବାର, ମେ ୧୫/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, May 15/2024 | Page 16 | ₹ 7.00 | DHENKANAL

୫୦ଶ ଭାଗ ୧୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 50 ISSUE 170 | ମୂଲ୍ୟ ₹୭/-


# ମାଓବାଦୀ କହି ୧୨ ନିରୀହଙ୍କୁ ହତ୍ୟା

## ଛତିଶଗଡ଼ ବିଜାପୁରରେ କେନ୍ଦୁପତ୍ର ତୋଳାଳିଙ୍କୁ ପୋଲିସର ଫେକ୍ ଏନ୍‌କାଉଣ୍ଟର

**ରାୟପୁର,୧୪।୫**

ଦେଶରେ ଲୋକ ସଭା ଏବଂ ଓଡ଼ିଶା ସମେତ ୪ ରାଜ୍ୟ ବିଧାନସଭା ନିର୍ବାଚନ ଚାଲିଥିବାବେଳେ ଭାଜପା ଶାସିତ ଛତିଶଗଡ଼ ସରକାରର ବଡ଼ ଚାଲବାଜି ଧରାପଡ଼ିଛି। ଓଡ଼ିଶାରେ ସୋମବାର (ମେ' ୧୩ରେ) କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ ଆସନ ସହ ଏହା ଅଧୀନ ୨୮ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯାଇଛି। ଏହାର ୩ ଦିନ ପୂର୍ବରୁ ଅର୍ଥାତ୍ ଶୁକ୍ରବାର ମାଓବାଦୀମାନେ ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଭଣ୍ଡୁର ପାଇଁ ଯୋଜନା କରୁଥିବାବେଳେ ସେମାନଙ୍କୁ ଏନ୍‌କାଉଣ୍ଟରରେ ନିପାତ କରାଯାଇଥିବା ଛତିଶଗଡ଼ର ବିଜାପୁର ପୋଲିସ ଦାବି କରିଥିଲା। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାୟ ଏହାକୁ ଏକ ବଡ଼ ସଫଳତା ଦର୍ଶାଇ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳକୁ ପ୍ରଶଂସାରେ ପୋତି ଦେଇଥିଲେ। ଗତବର୍ଷ ଡିସେମ୍ବରରେ ରାଜ୍ୟରେ ଭାଜପା କ୍ଷମତାସୀନ ହେବା ପରଠୁ ଅଦ୍ୟାବଧି ୧୦୪ ମାଓବାଦୀ ନିହତ ହୋଇଥିବା ବିଷ୍ଣୁଦେଓ କହିଥିଲେ। ତେବେ ପୋଲିସ ଗୁଳିରେ ଶୁକ୍ରବାର ପ୍ରାଣ ହରାଇଥିବା ୧୨ ଜଣ ମାଓବାଦୀ ନୁହନ୍ତି, ବରଂ ନିରୀହ କେନ୍ଦୁପତ୍ର ତୋଳାଳି ବୋଲି ବର୍ତ୍ତମାନ ଜଣାପଡ଼ିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାରର '୪୦୦ ପାର୍' ଲକ୍ଷ୍ୟ ପୂରଣରେ ସହାୟକ ହେବା ପାଇଁ ଛତିଶଗଡ଼ ସରକାର ମିଛ ଏନ୍‌କାଉଣ୍ଟର କରାଇବା ସହ ବଣଜଙ୍ଗଲର ଆଦିବାସୀମାନଙ୍କୁ ମାଓବାଦୀ ଦର୍ଶାଇ ଆତ୍ମସମର୍ପଣ କରାଉଛି ବୋଲି ବିରୋଧୀ ନେତା ଓ ସାମାଜିକ କର୍ମୀମାନେ ଅଭିଯୋଗ ଆଣିଛନ୍ତି। ଏଥିସହ ଏନ୍‌କାଉଣ୍ଟରରେ ନିହତ ୧୦୪ ଜଣଙ୍କ ମଧ୍ୟରୁ କେତେଜଣ ନିରୀହ ଲୋକ ଥିଲେ, ଏହାର ନ୍ୟାୟିକ ତଦନ୍ତ ପାଇଁ ଦାବି କରିଛନ୍ତି।

୫ ମାସ ହେଲା ଛତିଶଗଡ଼ ପୋଲିସ ହଠାତ୍ ଅତ୍ୟଧିକ ତତ୍ପରତା ଦେଖାଉଛି। କେତେବେଳେ ଦାନ୍ତେୱାଡା, ସୁକ୍‌ମା ତ କେବେ ନାରାୟଣପୁର, ପୁଣି କେତେବେଳେ ବିଜାପୁର। ଏହି ଅଞ୍ଚଳଗୁଡ଼ିକର ପୋଲିସ ରାଜ୍ୟବାସୀଙ୍କୁ ସୁରକ୍ଷା ଦେବା ନାମରେ ମାଓବାଦୀଙ୍କୁ ହତ୍ୟା କରୁଥିବା କହୁଛି। ଅନେକ ସମୟରେ ପୋଲିସ ଖବରଦାତା ସମ୍ମିଳନୀ ଡକାଇ ଫଟୋ ଉଠାଇ କାହାଣୀ ଶୁଣାଉଛି। ଏତେ ମାଓବାଦୀଙ୍କୁ ଧରିଲୁ, ଏତେଜଣ ଆତ୍ମସମର୍ପଣ କଲେ। ସେମାନେ ହିଂସା ମାର୍ଗ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରିଆସିଲେ। ଛତିଶଗଡ଼ ପୋଲିସ ଦାବି ମୁତାବକ ଏଭଳି ଆତ୍ମସମର୍ପଣକାରୀ ମାଓବାଦୀଙ୍କ ସଂଖ୍ୟା ପ୍ରାୟ ୩୦୦ ହେବ। ନିହତଙ୍କ ସଂଖ୍ୟା ଶତାଧିକ। ଏହିକ୍ରମରେ ଗତ ୧୦ ତାରିଖରେ ବିଜାପୁର ପୋଲିସ କହିଥିଲା, ଏହି ଜିଲା ଅଧୀନ ଗାଙ୍ଗାଲୁର ଥାନା ଅନ୍ତର୍ଗତ ପିଡ଼ିଆ ଅଞ୍ଚଳର ଏକ ଜଙ୍ଗଲରେ ହାର୍ଡକୋର ମାଓବାଦୀ ପାପା ରାଓ ☞ପୃଷ୍ଠା-୨




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉତ୍ତରପ୍ରଦେଶର ବାରାଣସୀ ଲୋକ ସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିବାକୁ ଯିବାବେଳେ ତାଙ୍କ ସହ ରହିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ଏନ୍‌ଡିଏ ଦଳଗୁଡ଼ିକର ପ୍ରମୁଖ ନେତମାନେ। **(ରିପୋର୍ଟ ଜାତୀୟ/ଅନ୍ତର୍ଜାତୀୟ ପୃଷ୍ଠାରେ)**

## ଆଜି ଆସୁଛନ୍ତି ରାହୁଲ, ଶାହା, ନଡ୍ଡା

**ଭୁବନେଶ୍ୱର,୧୪।୫(ସୁନିତ୍ ମିଶ୍ର)**

୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଉଭୟ ଭାଜପା ଏବଂ କଂଗ୍ରେସର କେନ୍ଦ୍ରୀୟ ନେତାମାନେ ଘନଘନ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅମିତ ଶାହା ବୁଧବାର ଦିନିକିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ଆସୁଛନ୍ତି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ବୁଧବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶାହା ଦିନ ☞ପୃଷ୍ଠା-୨



# ଭୁବନେଶ୍ୱରରେ ୫ କୋଟିରୁ ଅଧିକ ଜବତ

**ଭୁବନେଶ୍ୱର/ଯାଜପୁର ଟାଉନ,୧୪।୫ (ସୂର୍ଯ୍ୟକାନ୍ତ ବେହେରା/ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**

ନିର୍ବାଚନ ପାଇଁ ସବୁଠି କଡ଼ାକଡ଼ି ଯାଞ୍ଚ କରାଯାଉଥିବାବେଳେ ସୋମବାର ବିଳମ୍ବିତ ରାତିରେ ରାଜଧାନୀ ଭୁବନେଶ୍ୱର ଅଞ୍ଚଳରୁ ଜଣେ ଠିକାଦାରଙ୍କଠାରୁ ଆୟକର ଟିମ୍ ବିପୁଳ ପରିମାଣର ଟଙ୍କା ଜବତ କରିଛି। ନୀହାର ରଞ୍ଜନ ମାନ୍ଧାତା ନାମକ ଠିକାଦାରଙ୍କଠାରୁ ଏହି ଟଙ୍କା ଜବତ ହୋଇଥିବାବେଳେ ତାଙ୍କ ଘର ଯାଜପୁର ବୋଲି ଜଣାପଡ଼ିଛି। ତେବେ ଜବତ ହୋଇଥିବା ଟଙ୍କାର ପରିମାଣ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲେ ହେଁ ୫କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ସୂଚନାନୁସାରେ ଭୁବନେଶ୍ୱରର ହାଇପ୍ରୋଫାଇଲ ଅଞ୍ଚଳ ଭାବେ ପରିଚିତ ସୂର୍ଯ୍ୟନଗର ଏଲ୍‌ଆଇସି ଅଫିସ ପାଖରେ ବିଳମ୍ବିତ ରାତିରେ ଗୋଟିଏ ଫର୍ଚୁନର କାର୍ ଛିଡ଼ା ହୋଇଥିଲା। ସେହି କାରରେ ଟଙ୍କା ଥିବାନେଇ ଆୟକର ବିଭାଗ କୌଣସି ସୂତ୍ରରୁ ଖବର ପାଇ ଚଢାଉ କରିଥିଲା। ଚଢାଉ ☞ପୃଷ୍ଠା-୨

## ଟୋଲଗେଟ୍, ଚେକ୍‌ପୋଷ୍ଟରେ ଯାଞ୍ଚ: ୪ ଲକ୍ଷ ଟଙ୍କା, ୧୫ ପ୍ୟାକେଟ ସୁନା ଜବତ

**ଜଳେଶ୍ୱର (ରବିନାରାୟଣ ପାତ୍ର/ ନବୀନ ସାହୁ), ୧୪।୫**

ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା ଓ ପଶ୍ଚିମବଙ୍ଗ ଉପାନ୍ତ ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି କରାଯାଉଛି। କେତେକ ସ୍ଥାନରେ ଅସ୍ଥାୟୀ ପୋଲିସ ଚେକ୍‌ପୋଷ୍ଟ କରାଯାଇ ଛାନ୍‌ଭିନ୍ କରାଯାଉଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାବେଳେ ଲକ୍ଷ୍ମଣନାଥ ଟୋଲଗେଟ୍‌ରେ ଏକ କାର୍(ନଂ. ଡବ୍ଲ୍ୟୁବି୦୨-ଏଏଲ୍-୯୫୬୭)ରୁ ୪ଲକ୍ଷ ଟଙ୍କା ଜବତ କରାଯାଇଛି। ପଶ୍ଚିମବଙ୍ଗରୁ ଏହି କାର୍ ଓଡ଼ିଶାକୁ ଆସୁଥିଲା। ଜବତ ଟଙ୍କା ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରି ନାହିଁ। ପ୍ରାଥମିକ ତଦନ୍ତ ଅନୁସାରେ ଏହି ଟଙ୍କା ରେଳବାଇରେ କାର୍ଯ୍ୟ କରୁଥିବା ଜଣେ ଠିକାଦାର ପଶ୍ଚିମବଙ୍ଗରୁ ମାର୍କୋଣା ଅଞ୍ଚଳକୁ ନେଇଯାଉଥିବା ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀ ସୂଚନା ଦେଇଛନ୍ତି। ସେହିପରି ୬୦ନଂ. ଜାତୀୟ ରାଜପଥ ଓ ୫୭ ନଂ. ରାଜ୍ୟ ରାଜପଥର ସଂଯୋଗସ୍ଥଳରେ ଥିବା ଆମ୍ବଳିଅଠା ଚେକ୍‌ପୋଷ୍ଟଠାରେ ପୋଲିସ ଯାଞ୍ଚ କରିବା ବେଳେ ସିକ୍ୟୁଏଲ୍ ଲଜିଷ୍ଟିକ ଟ୍ରାନ୍ସପୋର୍ଟ ନାମକ କମ୍ପାନୀ ଗାଡ଼ି(ଡବ୍ଲ୍ୟୁବି୧୯-ଏଲ୍-୭୭୭୨)କୁ ଅଟକାଇଥିଲା। ଗାଡ଼ିରେ ସୁନା ଥିବା ତଦନ୍ତରୁ ଜଣାପଡ଼ିଥିଲା। ଜଳେଶ୍ୱର ପୋଲିସକୁ ହସ୍ତାନ୍ତର ପରେ ଥାନାରେ ପ୍ରାୟ ୬ ଘଣ୍ଟା ଧରି ପୋଲିସ ତଦନ୍ତ କରିଥିଲା। ଜିଏସ୍‌ଟି ଆସିଷ୍ଟାଣ୍ଟ କମିଶନର ରାକେଶ ମୁଦୁଲି ସୁନାର ଜିଏସ୍‌ଟି କାଗଜପତ୍ର ଯାଞ୍ଚ କରିଛନ୍ତି। ଏହି ଗାଡ଼ିରେ ଥିବା ୧୫ଟି ସୁନା ପ୍ୟାକେଟ ଥିବାବେଳେ ତା'ର ମୂଲ୍ୟ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି। ତେବେ ଏହି ସୁନା କେଉଁଠିକୁ ଯାଉଥିଲା ଏବଂ ଏହା କାହାର ସେନେଇ ପୋଲିସ ତଦନ୍ତ କରୁଥିବାରୁ ସବିଶେଷ ତଥ୍ୟ ପ୍ରକାଶ କରିନାହିଁ।

## ଗୌତମ ନଭଲଖାଙ୍କୁ ସୁପ୍ରିମକୋର୍ଟ ଜାମିନ



**ନୂଆଦିଲ୍ଲୀ,୧୪।୫(ପି.ଟି.)**

ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାରେ ଗିରଫ ହୋଇଥିବା ଆକ୍ଟିଭିଷ୍ଟ ଗୌତମ ନଭଲଖାଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ଜାମିନ ଦେଇଛନ୍ତି। ନଭଲଖାଙ୍କ ଜାମିନ ଆବେଦନ ଉପରେ ବମ୍ବେ ହାଇକୋର୍ଟଙ୍କ ସ୍ଥଗିତାଦେଶକୁ ବଳବତ୍ତର ରଖିବାକୁ ସର୍ବୋଚ୍ଚ ଅଦାଲତଙ୍କ ୨ ଜଣିଆ ଖଣ୍ଡପୀଠ ମନା କରିଦେଇଛନ୍ତି।

୨୦୧୭ ଡିସେମ୍ବର ୩୧ରେ ମହାରାଷ୍ଟ୍ରର ପୁଣେରେ ଏଲଗାର ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆପତ୍ତିଜନକ ଭାଷଣ ଦେବା ଅଭିଯୋଗରେ ୧୬ ଜଣଙ୍କୁ ଗିରଫ କରାଯାଇଥିଲା। ପୋଲିସର କହିବା ହେଲା ଏହି ବକ୍ତାମାନଙ୍କ ମନ୍ତବ୍ୟ ଯୋଗୁ ଏହାର ପରବର୍ତ୍ତୀ ଦିନ ☞ପୃଷ୍ଠା-୨











## ଚୋରି ପାଇଁ ୨୦୦ ଥର ବିମାନ ଯାତ୍ରା

**ନୂଆଦିଲ୍ଲୀ, ୧୪।୫**

୧୧୦ ଦିନରେ ୨୦୦ ଥର ବିମାନ ଯାତ୍ରା କରି ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରିଥିବା ଏକ ହାଇ ପ୍ରୋଫାଇଲ ଚୋରକୁ ମଙ୍ଗଳବାର ଦିଲ୍ଲୀ ପୋଲିସ ଧରିବାରେ ସଫଳ ହୋଇଛି। ସାଧାରଣତଃ ବିମାନ ଯାତ୍ରାରେ ସାମଗ୍ରୀ ଅଧିକ ସୁରକ୍ଷିତ ବୋଲି ବିବେଚନା କରାଯାଉଥିବାବେଳେ ଏହି ଚୋର ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଚକ୍‌ମା ଦେଇଛି। ଅଭିଯୁକ୍ତ ଜଣକ ହେଲେ ରାଜେଶ କପୁର(୪୦)। ଦିଲ୍ଲୀ ପୋଲିସର ସୂଚନା ଅନୁଯାୟୀ, ରାଜେଶ ଚୋରି ଉଦ୍ଦେଶ୍ୟରେ ଅନେକବାର ବିମାନଯାତ୍ରା କରି ଯାତ୍ରୀଙ୍କ ହ୍ୟାଣ୍ଡବ୍ୟାଗରୁ ଗହଣା ଓ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ ଚୋରାଇବାକୁ ସଫଳ ହେଉଥିଲା। ତେବେ ୨ ପୃଥକ୍ ଯାତ୍ରୀଙ୍କ ଅଭିଯୋଗ କ୍ରମେ ଦିଲ୍ଲୀ ପୋଲିସ ରାଜେଶଙ୍କୁ ଧରିବାରେ ସଫଳ ହୋଇଛି। ଗତ ମାସ ୧୧ରେ ହାଇଦ୍ରାବାଦରୁ ଦିଲ୍ଲୀ ଯାଇଥିବା ଏକ ବିମାନରେ ଜଣେ ଯାତ୍ରୀଙ୍କର ୭ ଲକ୍ଷ ଟଙ୍କାର ଅଳଙ୍କାର ଚୋରି ☞ପୃଷ୍ଠା-୨

## ସଂକ୍ଷେପରେ

### ସେବାରେ ଅଭାବ ପାଇଁ ଆଇନଜୀବୀଙ୍କ ବିରୋଧରେ ମୋକଦ୍ଦମା ହୋଇପାରିବ ନାହିଁ

ନୂଆଦିଲ୍ଲୀ,୧୪।୫(ପି.ଟି.)

ଆଇନଜୀବୀମାନେ ଖାଉଟି ସୁରକ୍ଷା ଆଇନ ପରିସରରେ ଆସୁନାହାନ୍ତି। ତେଣୁ ସେବା ପ୍ରଦାନରେ କମ୍ ହେଲେ, ସେଥିପାଇଁ ସେମାନଙ୍କ ବିରୋଧରେ ଖାଉଟି ଅଦାଲତରେ ମୋକଦ୍ଦମା ଦାଏର କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ମହକିଲ ମାମଲା ପରିଚାଳନା ପାଇଁ ଓକିଲ ନିଯୁକ୍ତ କଲାବେଳେ ତାଙ୍କ ସେବା ଉପରେ ଯଥେଷ୍ଟ ପ୍ରତ୍ୟକ୍ଷ ନିୟନ୍ତ୍ରଣ ରଖିଥାନ୍ତି। ଓକିଲଙ୍କଠାରୁ ମହକିଲ ପାଉଥିବା ସେବା ଏକ ବ୍ୟକ୍ତିଗତ ଚୁକ୍ତିନାମା ହୋଇଥିବାରୁ ଏହା ସେବା ସଂଜ୍ଞା ଅନ୍ତର୍ଭୁକ୍ତ ନୁହେଁ ବୋଲି ଜଷ୍ଟିସ୍ ବେଲା ଏମ୍. ତ୍ରିପାଠୀ ଏବଂ ପଙ୍କଜ ମିଥାଲଙ୍କ ଖଣ୍ଡପୀଠ କହିଛନ୍ତି। ଖାଉଟି ସୁରକ୍ଷା ଆଇନ, ୧୯୮୬ର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହେଲା ଅସଦ୍ କାରବାର ତଥା ଅନୈତିକ ବ୍ୟବସାୟ କାରବାରରୁ ଖାଉଟିଙ୍କୁ ସୁରକ୍ଷା ପ୍ରଦାନ କରିବା। ଆଇନ ପେସା ସହ ଜଡ଼ିତ ଲୋକମାନେ ଏହାର ପରିସରଭୁକ୍ତ ନୁହନ୍ତି ବୋଲି ଖଣ୍ଡପୀଠ କହିଛନ୍ତି।

### ଏଲ୍‌ଟିଟିଇକୁ ଆଉ ୫ ବର୍ଷ ବ୍ୟାନ୍

ନୂଆଦିଲ୍ଲୀ, ୧୪।୫

ଲିବରେସନ ଟାଇଗର୍ସ ଅଫ୍ ତାମିଲ ଇଲମ(ଏଲ୍‌ଟିଟିଇ) ଉପରେ ରହିଥିବା ବ୍ୟାନ୍‌କୁ ମଙ୍ଗଳବାର କେନ୍ଦ୍ର ସରକାର ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଲ୍‌ଟିଟିଇ ପକ୍ଷରୁ ଲଗାତାର ବିଚ୍ଛିନ୍ନତାବାଦୀ ମାନସିକତାକୁ ପ୍ରୋତ୍ସାହିତ କରାଯାଉଥିବାରୁ ଏହି ବ୍ୟାନ୍‌ର ଅବଧିକୁ ବୃଦ୍ଧି କରାଯାଇଥିବା ଗୃହମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଦେଶର ସୁରକ୍ଷା ଓ ଅଖଣ୍ଡତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ଗୃହ ମନ୍ତ୍ରଣାଳୟ ବୟାନ ଜାରି କରିଛି। ପୂର୍ବରୁ କେନ୍ଦ୍ର ସରକାର ବେଆଇନ କାର୍ଯ୍ୟକଳାପ (ପ୍ରତିରୋଧ)ଆଇନ, ୧୯୬୭ର ସେକ୍ସନ ୩ ଅନ୍ତର୍ଗତ ସବ୍ ସେକ୍ସନ (୧) ଓ (୩) ଅନୁଯାୟୀ ଏଲ୍‌ଟିଟିଇ ଉପରେ ବ୍ୟାନ ଲଗାଇଥିଲେ।

### ଇନ୍ଦୋରରେ ୭.୫% ମତଦାନ କମିଲା

ଇନ୍ଦୋର, ୧୪।୫

ମଧ୍ୟପ୍ରଦେଶର ଇନ୍ଦୋର ଲୋକ ସଭା ଆସନରେ ସୋମବାର ମତଦାନ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ନିର୍ବାଚନ ଆୟୋଗ(ଇସି)ଙ୍କ ତଥ୍ୟ ଅନୁଯାୟୀ ଏଠାରେ ଗତ ଲୋକ ସଭା ନିର୍ବାଚନ ଠାରୁ ଚଳିତ ଥର ୭.୫% କମ୍ ମତଦାନ ହୋଇଛି। ୨୦୧୯ରେ ଇନ୍ଦୋର ଆସନରୁ ୬୯.୩୧% ଭୋଟିଂ ହୋଇଥିବାବେଳେ ଚଳିତ ଥର ଏଠାରେ ୬୧.୭୫% ମତଦାନ ହୋଇଛି। ଇନ୍ଦୋର ଆସନରେ କୌଣସି ଦଳୀୟ ପ୍ରାର୍ଥୀ ନ ଥିବାରୁ କଂଗ୍ରେସ ନୋଟାକୁ ଭୋଟ୍ ଦେବାକୁ ଜନ ସାଧାରଣଙ୍କୁ ଅନୁରୋଧ କରିଥିଲା। ସୂଚନାଯୋଗ୍ୟ, ଚଳିତ ଲୋକ ସଭା ନିର୍ବାଚନରେ ଇନ୍ଦୋର ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଅକ୍ଷୟ କାନ୍ତି ବାମ୍ ଶେଷ ମୁହୂର୍ତ୍ତରେ ନାମାଙ୍କନ ପ୍ରତ୍ୟାହାର କରି ଭାଜପାରେ ଯୋଗ ଦେଇଥିଲେ।

### ଦିଲ୍ଲୀରେ ଆଉ ୪ ହସ୍ପିଟାଲ ଓ ତିହାର ଜେଲକୁ ଉଡ଼େଇଦେବାକୁ ଧମକ

ନୂଆଦିଲ୍ଲୀ, ୧୪।୫

ଦିଲ୍ଲୀରେ ପୁଣି ୪ ହସ୍ପିଟାଲ ଓ ତିହାର ଜେଲକୁ ବୋମାରେ ଉଡ଼େଇଦେବାକୁ ମଙ୍ଗଳବାର ଇ-ମେଲ ଯୋଗେ ଧମକ ମିଳିଛି। ଦିଲ୍ଲୀ ରାଜ୍ୟ କର୍କଟ ପ୍ରତିଷ୍ଠାନ, ଦାବ୍ରିସ୍ଥିତ ଦାଦା ଦେବ ହସ୍ପିଟାଲ, ହେଡ୍‌ଗେୱାର ହସ୍ପିଟାଲ ଏବଂ ଦିପ୍ ଚନ୍ଦ ବନ୍ଧୁ ହସ୍ପିଟାଲକୁ ଧମକପୂର୍ଣ୍ଣ ଇ-ମେଲ ଆସିଥିବା ଦିଲ୍ଲୀ ଅଗ୍ନିଶମ ବାହିନୀ ସୂଚନା ଦେଇଛି। ଖବର ପାଇ ସମ୍ପୃକ୍ତ ହସ୍ପିଟାଲଗୁଡ଼ିକ ପରିସରରେ ବୋମା ନିଷ୍କ୍ରିୟକାରୀ ଦଳ ସହ ସନ୍ଧାନୀ କୁକୁର ଦ୍ୱାରା ତଲାସି ନିଆଯାଇଥିବା ଦିଲ୍ଲୀ ପୋଲିସ ସୂଚନା ଦେଇଛି। ତେବେ କୌଣସି ସନ୍ଦିଗ୍ଧ ଉପକରଣ ମିଳି ନ ଥିବା ହେଡ୍‌ଗେୱାର ହସ୍ପିଟାଲର ସୁରକ୍ଷା ଅଧିକାରୀ ଭି.କେ. ଶର୍ମା କହିଛନ୍ତି। ସେହିପରି ଇ-ମେଲ ଧମକ ମିଳିବା ପରେ ତିହାର ଜେଲ ପ୍ରଶାସନ ଆଲର୍ଟ ମୋଡ୍‌ରେ ରହିଥିବା ପୋଲିସ ସୂଚନା ଦେଇଛି।



ଗାଜାରେ ଇସ୍ରାଏଲୀ ସେନାର ପୁନଃ ଆକ୍ରମଣ ପରେ ରାଫାହରୁ ଏକ ଗାଡ଼ିରେ ପଳାୟନ କରୁଛନ୍ତି ପାଲେଷ୍ଟିନୀୟ।

## ଗାଜାରେ ଜାତିସଂଘର ଭାରତୀୟ ସଦସ୍ୟ ନିହତ

ଜାତିସଂଘ, ୧୪।୫

ଜାତିସଂଘରେ କାର୍ଯ୍ୟରତ ଜଣେ ଭାରତୀୟ କର୍ମଚାରୀ ଗାଜାରେ ନିହତ ହୋଇଛନ୍ତି। ସେ ଜାତିସଂଘର ଏକ ଗାଡ଼ିରେ ରାଫାହର ଏକ ହସ୍ପିଟାଲକୁ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଇସ୍ରାଏଲ୍-ହମାସ୍ ଯୁଦ୍ଧ ଆରମ୍ଭ ହେବାଠାରୁ ଏହା ପ୍ରଥମ ଅନ୍ତର୍ଜାତୀୟ ମୃତ୍ୟୁ। ମୃତକ ଭାରତୀୟ ସେନାର ପୂର୍ବତନ ଅଧିକାରୀ ଏବଂ ସେ ଜାତିସଂଘର ସୁରକ୍ଷା ଓ ନିରାପତ୍ତା ବିଭାଗ (ଡିଏସ୍‌ଏସ୍)ର ଷ୍ଟାଫ୍ ମେମ୍ବର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଗଭୀର ଦୁଃଖ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଯୁଦ୍ଧ ବିପନ୍ନଙ୍କୁ ସହାୟତାରେ ନିୟୋଜିତ ଥିବା ଅଧିକାରୀମାନଙ୍କୁ ସୁରକ୍ଷା ଦିଆଯିବା ଜରୁରୀ ବୋଲି ଗୁଟେରେସ୍ କହିଛନ୍ତି।

# ଏକମାତ୍ର ଗ୍ୟାରେଣ୍ଟି 'ମୋଦି ଜିତିବେନି'

## ୩୦୦ ଆସନ ଦଖଲ କରିବ ଇଣ୍ଡିଆ: ମମତା

କଲ୍ୟାଣୀ,୧୪।୫

ଚଳିତ ଲୋକ ସଭା ନିର୍ବାଚନରେ 'ଇଣ୍ଡିଆ' ବ୍ଲକ୍ ୩୦୦ ଆସନ ଦଖଲ କରି ସରକାର ଗଢ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥର କ୍ଷମତାକୁ ଫେରିପାରିବେ ନାହିଁ। ସେ ତୃତୀୟ ଥର ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ। ଏହା ଏକମାତ୍ର ଗ୍ୟାରେଣ୍ଟି ବୋଲି ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା କଲ୍ୟାଣୀରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ସନ୍ଦେଶଖାଲି ପ୍ରସଙ୍ଗରେ ଭାଜପା ମିଛ ବିସ୍ତାର କରି ରାଜ୍ୟର ମହିଳାମାନଙ୍କ ଛବି ମଳିନ କରୁଛି। ତେଣୁ ଗୋଟିଏ କଥା ନିଶ୍ଚିତ ହୋଇଛି। ତାହା ହେଲା ମୋଦି କ୍ଷମତାକୁ ଫେରୁନାହାନ୍ତି। ଇଣ୍ଡିଆ ବ୍ଲକ୍



୨୯୫ରୁ ୩୧୫ ଆସନରେ ବିଜୟୀ ହେବ। ଭାଜପା ସର୍ବାଧିକ ୨୦୦ ଆସନରେ ସୀମିତ ହୋଇ ରହିଯିବ। ବର୍ତ୍ତମାନ ସତ ପଦାକୁ ଆସିବା ପରେ 'ଗ୍ୟାରେଣ୍ଟି ବାବୁ' (ମୋଦି) ସନ୍ଦେଶଖାଲିର ଭିଡିଓ ନ ଦେଖାଇବା ପାଇଁ ଟିଭି ଚ୍ୟାନେଲଗୁଡ଼ିକୁ ନିର୍ଦ୍ଦେଶ ଦେଉଛନ୍ତି। ପଶ୍ଚିମବଙ୍ଗ ଓ ରାଜ୍ୟର ମହିଳାମାନଙ୍କୁ ବଦନାମ କରିବା ପାଇଁ ଭାଜପାବାଲା ଷଡ଼ଯନ୍ତ୍ର କରିଥିଲେ, ଯାହାକି ଧରାପଡ଼ିଯାଇଛି। ପ୍ରକାଶ ଯେ, ରବିବାର ହାଓଡାରେ ରାଲିବେଳେ ପ୍ରଧାନମନ୍ତ୍ରୀ ସନ୍ଦେଶଖାଲି ପ୍ରସଙ୍ଗରେ ମମତାଙ୍କୁ ସମାଲୋଚନା କରିଥିଲେ। ଦିଦିଙ୍କ ଟିଏମ୍‌ସି ଅତୀତର କୁକାର୍ଯ୍ୟ (ମହିଳାଙ୍କୁ ଯୌନ ନିର୍ଯାତନା ଓ ଜମି ହଡ଼ପ)କୁ ଘୋଡ଼ାଇବା ପାଇଁ ଉଦ୍ୟମ କରୁଥିବା ସେ କହିଥିଲେ। ତେବେ ଜଣେ ସ୍ଥାନୀୟ ଭାଜପା ନେତା ସନ୍ଦେଶଖାଲିର ମହିଳାମାନଙ୍କଠାରୁ ସାଦା କାଗଜରେ ଦସ୍ତଖତ କରାଉଥିବା ବେଳର ଭିଡିଓ ଭାଇରାଲ ହୋଇଥିଲା। ପରେ ସେହି ସାଦା କାଗଜରେ ଟିଏମ୍‌ସି ନେତାମାନଙ୍କ ବିରୋଧରେ ଅଭିଯୋଗ ଉଲ୍ଲେଖ କରି ଥାନାରେ ଏତଲା ଦିଆଯାଇଥିଲା। ଏପରି କି ଟିଏମ୍‌ସି ବିରୋଧରେ ବିକ୍ଷୋଭ ଲାଗି ମହିଳାମାନଙ୍କୁ ଭାଜପା ଟଙ୍କା ବାଣ୍ଟିଥିଲା ବୋଲି ଅଭିଯୋଗ ହୋଇଛି। ମମତା ଆହୁରି କହିଛନ୍ତି, ଆମ ଧର୍ମୀୟ ବିଶ୍ୱାସ ହେଉ କି ଖାଦ୍ୟ ଅଭ୍ୟାସ ; ଭାଜପା ସବୁ କଥାରେ ହସ୍ତକ୍ଷେପ କରୁଛି। ଏହା ଆଉ ଚାଲିବ ନାହିଁ। ରାଜ୍ୟରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ଲାଗୁ କରାଇ ଦିଆଯିବ ନାହିଁ ବୋଲି ମମତା କହିଛନ୍ତି। ଇତିମଧ୍ୟରେ ଟିଏମ୍‌ସିର ଏକ ପ୍ରତିନିଧି ଦଳ ଭାଜପା ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣିବା ସହ ଏହାକୁ ମୋଦି କୋଡ୍ ଅଫ୍ କଣ୍ଡକ୍ଟ (ଏମ୍‌ସିସି) କହି ନିର୍ବାଚନ କମିଶନଙ୍କୁ ପତ୍ର ଲେଖିଛି।

### ସିଏଏ ଲାଗୁ କରିବା ମୋଦିଙ୍କ ଗ୍ୟାରେଣ୍ଟି: ଶାହା

ଅନ୍ୟପକ୍ଷେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉତ୍ତର ୨୪ ପ୍ରଗଣା ଜିଲାରେ କହିଛନ୍ତି, ସିଏଏ ପ୍ରସଙ୍ଗରେ ମମତା ମିଛ କହୁଛନ୍ତି। କେନ୍ଦ୍ର ପ୍ରଣୀତ ଏହି ଆଇନକୁ ମମତା ରୋକିପାରିବ ନାହିଁ। ଏହା ମୋଦିଙ୍କ ଗ୍ୟାରେଣ୍ଟି ବୋଲି ଶାହା ସ୍ପଷ୍ଟ କରିଛନ୍ତି।

## ପତଞ୍ଜଳି ମାମଲା ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୧୪।୫(ପି.ଟି.)

ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ଯୋଗଗୁରୁ ରାମଦେବ, ତାଙ୍କ ସହଯୋଗୀ ବାଲକ୍ରିଷ୍ଣ ଏବଂ ପତଞ୍ଜଳି ଆୟୁର୍ବେଦ ଲିଃକୁ ଅଦାଲତ ଅବମାନନା ନୋଟିସ ଜାରି ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ରାୟ ସଂରକ୍ଷିତ ରଖିଛନ୍ତି। ଗତ ମାସରେ ଉତ୍ତରାଖଣ୍ଡ ସରକାର ପତଞ୍ଜଳିର ୧୪ଟି ଉତ୍ପାଦର ଲାଇସେନ୍ସ ରଦ୍ଦ କରିଥିବାବେଳେ ସେଗୁଡ଼ିକର ବିକ୍ରି ବନ୍ଦ ହୋଇଛି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଜଷ୍ଟିସ୍ ହିମା କୋହଲି ଏବଂ ଆହସ୍ନୁଦ୍ଦିନ ଅମାନୁଲ୍ଲାଙ୍କ ଖଣ୍ଡପୀଠରେ ଉପସ୍ଥିତ ପତଞ୍ଜଳି ପକ୍ଷର ଓକିଲ ସତ୍ୟପାଠ ଦାଖଲ ପାଇଁ ସମୟ ମାଗିଥିଲେ। ଲାଇସେନ୍ସ ରଦ୍ଦ ହୋଇଥିବା ସାମଗ୍ରୀଗୁଡ଼ିକୁ ଫେରାଇନେବା ପାଇଁ ପଦକ୍ଷେପ ନିଆଯାଉଥିବା ଓକିଲ ଦର୍ଶାଇଥିଲେ। ୩ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ରାମଦେବଙ୍କର ଯଥେଷ୍ଟ ପ୍ରଭାବ ରହିଛି ଓ ସେ ଏହାକୁ ଠିକ୍‌ମାର୍ଗରେ ବିନିଯୋଗ କରିବା ଆବଶ୍ୟକ ବୋଲି ବିଚାରପତି କହିଥିଲେ।

### ମନ୍ତବ୍ୟ ପାଇଁ କ୍ଷମା ମାଗିଲେ ଆଇଏମ୍‌ଏ ଅଧ୍ୟକ୍ଷ

ସର୍ବୋଚ୍ଚ ଅଦାଲତଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବା ଇଣ୍ଡିଆନ ମେଡିକାଲ ଆସୋସିଏଶନ(ଆଇଏମ୍‌ଏ)ର ଅଧ୍ୟକ୍ଷ ଆର୍.ଭି. ଅଶୋକନ୍ ମଙ୍ଗଳବାର ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଏକ ସତ୍ୟପାଠ ଜରିଆରେ ଅଶୋକନ୍ ଜଣାଇଥିଲେ, ସେ ତାଙ୍କ ଭୁଲ୍ ପାଇଁ ଅନୁତପ୍ତ। ମାମଲା ବିଚାରାଧୀନ ଥିବାବେଳେ ଏକ ସାକ୍ଷାତ୍‌କାରରେ ଅଶୋକନ୍ ସୁପ୍ରିମକୋର୍ଟଙ୍କ ଏକ ନିର୍ଦ୍ଦେଶକୁ ବିରୋଧ କରି ମନ୍ତବ୍ୟ ଦେଇଥିଲେ। ବିଚାରପତି କିମ୍ବା ସର୍ବୋଚ୍ଚ ଅଦାଲତଙ୍କ ମର୍ଯ୍ୟାଦା ହାନି କରିବାର କୌଣସି ଉଦ୍ଦେଶ୍ୟ ତାଙ୍କର ନ ଥିଲା ବୋଲି ଅଶୋକନ୍ ସତ୍ୟପାଠରେ କହିଥିଲେ। ତେବେ ଖଣ୍ଡପୀଠ ତାଙ୍କ ସତ୍ୟପାଠକୁ ଖାରଜ କରିଦେବା ସହ ତାଙ୍କୁ ଭର୍ତ୍ସନା କରିଛନ୍ତି।

## ପିଓକେରେ ଆଉ ୩ ବିକ୍ଷୋଭକାରୀ ନିହତ

ନୂଆଦିଲ୍ଲୀ,୧୪।୫

ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଖାଦ୍ୟସାମଗ୍ରୀ ଓ ଇନ୍ଧନ ଦର ବୃଦ୍ଧି ଏବଂ ବିଜୁଳି ସଙ୍କଟକୁ ନେଇ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ପାକିସ୍ତାନ ସରକାର ୨୩ ବିଲିୟନ ଡଲାରର ସବ୍‌ସିଡି ଘୋଷଣା କରିଥିଲେ ମଧ୍ୟ ଆନ୍ଦୋଳନକୁ ପ୍ରଶମିତ କରିବାରେ ଏହା ବିଫଳ ହୋଇଛି। ମୁଜାଫରବାଦରେ ପାକିସ୍ତାନୀ ରେଞ୍ଜର୍ସଙ୍କ ଗୁଳିରେ ୩ ଜଣ ବିକ୍ଷୋଭକାରୀ ନିହତ ହେବା ସହ ୬ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ଆନ୍ଦୋଳନ ଆହୁରି ଜୋର୍‌ଦାର ହୋଇଛି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ପାକିସ୍ତାନୀ ରେଞ୍ଜର୍ସର ଯବାନମାନେ ୧୯ଟି ଗାଡ଼ିରେ ମୁଜାଫରବାଦରେ ପହଞ୍ଚିଥିବାବେଳେ ସେମାନେ ସୋରାନ ଡା ନାକ୍କା ଗ୍ରାମ ନିକଟରେ ସ୍ଥାନୀୟ ଲୋକଙ୍କ ଟେକାମାଡ଼ର ସମ୍ମୁଖୀନ


### ତେଜୁଛି ଆନ୍ଦୋଳନ

ହୋଇଥିଲେ। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ସୈନ୍ୟମାନେ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଗୁଳି ଚଳାଇଥିଲେ। ମୁଜାଫରବାଦ-ବ୍ରାରକୋଟ୍ ରାସ୍ତାରେ ଅର୍ଦ୍ଧସାମରିକ ବାହିନୀର କେତେକ ଗାଡ଼ି ଜଳୁଥିବାର ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ବିକ୍ଷୋଭକାରୀମାନେ ପାକିସ୍ତାନ ଶାସନରୁ ସ୍ୱାଧୀନ ହେବା ପାଇଁ ସ୍ଲୋଗାନ ଦେଉଥିବା ଅନ୍ୟ ଏକ ଭିଡିଓରେ ଦେଖାଯାଇଛି। ପାକିସ୍ତାନ ସରକାର ପିଓକେ ବାସିନ୍ଦାଙ୍କ ଦାବି ପୂରଣ କରିବାରେ ବିଫଳ ହୋଇଥିବାରୁ ଜମ୍ମୁ-କଶ୍ମୀର ଯୁଗ୍ମ ଆୱାମୀ କାର୍ଯ୍ୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଗତ ୧୦ ତାରିଖରୁ ଆନ୍ଦୋଳନ ଜାରି ରହିଥିବାବେଳେ ୯୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହେଲେଣି।

## ଅବକାରୀ ନୀତି ମାମଲାରେ ଆପ୍ ଅଭିଯୁକ୍ତ ହେବ: ଇଡି

ନୂଆଦିଲ୍ଲୀ,୧୪।୫

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ଅଭିଯୁକ୍ତ କରାଯିବ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ଏକ ରାଜନୈତିକ ଦଳକୁ ଅଭିଯୁକ୍ତ ଦର୍ଶାଯିବ। ଏହି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ୩ ଜଣ ଆପ୍ ନେତା ଅଭିଯୁକ୍ତ ହୋଇ ଜେଲ ଯାଇଛନ୍ତି। ନିର୍ବାଚନ ପ୍ରଚାର ପାଇଁ କେଜ୍‌ରିୱାଲଙ୍କୁ ଜୁନ୍ ୧ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ହାଇକୋର୍ଟରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଜାମିନ ଆବେଦନର ଶୁଣାଣି ବେଳେ ଉକ୍ତ ମାମଲାରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ ହେବ, ଯେଉଁଥିରେ ଆପ୍‌କୁ ଅଭିଯୁକ୍ତ କରାଯିବ ବୋଲି ଇଡି ଅଦାଲତଙ୍କୁ ଅବଗତ କରାଇଥିଲା।



ଅମେଠି ଓ ରାୟବରେଲି ସଂସଦୀୟ ଆସନରେ ଗାନ୍ଧୀ ପରିବାରର ଅବଦାନ ସମ୍ପର୍କିତ ଆଲବମ୍‌କୁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ତାଙ୍କ ପୁଅ ରାହୁଲ ଗାନ୍ଧୀ ଦେଖୁଛନ୍ତି।

### ବାରାଣସୀରୁ ୩ୟ ଥର ପ୍ରାର୍ଥୀ ହେଲେ ପ୍ରଧାନମନ୍ତ୍ରୀ

# ନାମାଙ୍କନବେଳେ ଶକ୍ତି ପ୍ରଦର୍ଶନ

ବାରାଣସୀ,୧୪।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉତ୍ତରପ୍ରଦେଶର ବାରାଣସୀ ସଂସଦୀୟ ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ଅନେକ କେନ୍ଦ୍ରମନ୍ତ୍ରୀ, ଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ଏନ୍‌ଡିଏ ନେତା ଉପସ୍ଥିତ ରହି ଶକ୍ତି ପ୍ରଦର୍ଶନ କରିଥିଲେ। ନାମାଙ୍କନ ପୂର୍ବରୁ ପ୍ରଧାନମନ୍ତ୍ରୀ ଦଶାଶ୍ୱମେଧ ଘାଟ ଯାଇ ଗଙ୍ଗାନଦୀ କୂଳରେ ଆରତି କରିବା ସହ କାଳ ଭୈରମ ମନ୍ଦିରରେ ପ୍ରାର୍ଥନା କରିଥିଲେ। ନାମାଙ୍କନ ପରେ ସେ ରୁଦ୍ରାକ୍ଷ କନ୍‌ଭେନ୍‌ଶନ ସେଣ୍ଟରକୁ ଯାଇ ସ୍ଥାନୀୟ ଭାଜପା ନେତା ଓ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ ଏବଂ କାର୍ଯ୍ୟକର୍ତ୍ତାମାନଙ୍କୁ ବିଜୟ ମନ୍ତ୍ର ଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ



ବାରାଣସୀ ଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ପ୍ରାର୍ଥୀପତ୍ର ଦାଖଲ ବେଳେ ମୋଦିଙ୍କ ସହ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ, ହରଦୀପ ସିଂ ପୁରୀ, ଅନୁପ୍ରିୟା ପଟେଲ, ରାମଦାସ ଅଠାୱଲେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ ସାଙ୍ଗମା, ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ, ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜନସେନା ପାର୍ଟି ଅଧ୍ୟକ୍ଷ ପୱନ କଲ୍ୟାଣ, ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା-ସେକୁଲାର ପ୍ରତିଷ୍ଠାତା ଜିତନ ରାମ ମାନ୍‌ଝି, ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ମୁଖ୍ୟ ଉପେନ୍ଦ୍ର ଖୁଶ୍‌ୱା, ନିଶାଦ ପାର୍ଟି ମୁଖ୍ୟ ସଞ୍ଜୟ ନିଶାଦ, ଆର୍‌ଏଲ୍‌ଡି ମୁଖ୍ୟ ଜୟନ୍ତ ଚୌଧରୀ, ଏଲ୍‌ଜେପି (ରାମବିଳାସ) ଅଧ୍ୟକ୍ଷ ଚିରାଗ ପାଶ୍ୱାନ ପ୍ରମୁଖ ଯାଇଥିଲେ। ତେବେ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାର ସ୍ୱାସ୍ଥ୍ୟଗତ କାରଣରୁ ମୋଦିଙ୍କ ନାମାଙ୍କନ ପତ୍ର ଦାଖଲ ବେଳେ ଉପସ୍ଥିତ ନ ଥିଲେ। ପଣ୍ଡିତ ଗଣେଶ୍ୱର ଶାସ୍ତ୍ରୀ, ଆର୍‌ଏସ୍‌ଏସ୍‌ର ଦୀର୍ଘଦିନର କାର୍ଯ୍ୟକର୍ତ୍ତା ବୈଜନାଥ ପଟେଲ, ଲାଲ୍‌ଚାନ୍ଦ କୁଶୱା ଏବଂ ସଞ୍ଜୟ ସୋଙ୍କର ମୋଦିଙ୍କ ନାମାଙ୍କନ ପତ୍ରରେ ପ୍ରସ୍ତାବକ ରହିଥିଲେ। ପ୍ରଧାନମନ୍ତ୍ରୀ ନାମାଙ୍କନ ଦାଖଲ ବେଳେ ଜିଲାପାଳଙ୍କ ଅଫିସ୍‌ରେ ୪ ପ୍ରସ୍ତାବକଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ଥିଲେ।

### ଶ୍ୟାମ ରଙ୍ଗିଲାଙ୍କୁ ନାମାଙ୍କନ କରାଇଦେଲେନି

ପ୍ରଧାନମନ୍ତ୍ରୀଙ୍କ ସ୍ୱର ଅନୁକରଣ କରୁଥିବା ଜଣାଶୁଣା ହାସ୍ୟାଭିନେତା ଶ୍ୟାମ ରଙ୍ଗିଲାଙ୍କୁ ବାରାଣସୀ ଆସନରୁ ନାମାଙ୍କନ ପତ୍ର ଦାଖଲ କରିବାକୁ ଦିଆଗଲା ନାହିଁ ବୋଲି ସେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ସେ ଗତ ୧୦ ତାରିଖରୁ ନାମାଙ୍କନ ଭରିବା ଲାଗି ଉଦ୍ୟମ ଚଳାଇଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀଙ୍କ ନାମାଙ୍କନପତ୍ର ଦାଖଲ ଦିନ ତାଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା ବୋଲି ରଙ୍ଗିଲା କହିଛନ୍ତି। ଜିତିବା ହାରିବା ଭିନ୍ନ କଥା, କିନ୍ତୁ ସେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନିଶ୍ଚୟ ନିର୍ବାଚନ ଲଢ଼ିବେ ବୋଲି ହାସ୍ୟାଭିନେତା କହିଛନ୍ତି।



ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ସାଧାରଣ ଲୋକ, ନାମାଙ୍କନ ପତ୍ର ଦାଖଲ କରିବା ଅଧିକାର ସମସ୍ତଙ୍କର ରହିଛି ବୋଲି କଂଗ୍ରେସ ନେତା ସୁରେନ୍ଦ୍ର ରାଜପୁତ୍ କହିଛନ୍ତି।

ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମେ ୧୫/୨୦୨୪ | Bhubaneswar, Wednesday, May 15/2024




ପୁରୀ ରଥଖଳାରେ ଚକ ନିର୍ମାଣ ନିମନ୍ତେ ଡୁମ୍ବ କାଠରେ ମାପ ନେଉଛନ୍ତି ମହାରଣା ସେବକମାନେ। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ଚାବହାର ବନ୍ଦର ଚୁକ୍ତି: ଭାରତକୁ କଟକଣା ଧମକ ଦେଲା ଆମେରିକା

**ୱାଶିଂଟନ,୧୪।୫**

ଇରାନର ଚାବହାର ବନ୍ଦରକୁ ଆଗାମୀ ୧୦ ବର୍ଷ ପାଇଁ ପରିଚାଳନା କରିବା ନିମନ୍ତେ ଭାରତ ସରକାର ତେହରାନ ସହ ଚୁକ୍ତିନାମା ସ୍ୱାକ୍ଷର କରିବା ପରେ ଆମେରିକା କଟକଣା ଧମକ ଦେଇଛି। ଇରାନ ସହ କୌଣସି ଦେଶ ବ୍ୟବସାୟିକ କାରବାର କଲେ କଟକଣା ଲଗାଯିବା ସମ୍ଭାବନା ରହିଥିବା ୱାଶିଂଟନ ପକ୍ଷରୁ କୁହାଯାଇଛି। ଚାବହାର ବନ୍ଦରକୁ ୧୦ ବର୍ଷ ପାଇଁ ପରିଚାଳନା ଲାଗି ଭାରତ ସୋମବାର ଇରାନ ସହ ଚୁକ୍ତି ସ୍ୱାକ୍ଷର କରିଥିଲା। ଏହା ଭାରତକୁ କେନ୍ଦ୍ରୀୟ ଏସିଆରେ ବ୍ୟବସାୟ ସମ୍ପ୍ରସାରଣ କରିବାରେ ସହାୟକ ହେବ। ଇରାନର ଦକ୍ଷିଣ ଉପକୂଳରେ ସିସ୍ତାନ-ବେଲୋଚିସ୍ତାନ ପ୍ରଦେଶରେ ଏହି ବନ୍ଦର ରହିଛି। ପାକିସ୍ତାନକୁ ବାଇପାସ୍ କରି ଭାରତୀୟ ପଣ୍ୟ ସାମଗ୍ରୀ ଆଫଗାନିସ୍ତାନ ଏବଂ କେନ୍ଦ୍ରୀୟ ଏସିଆରେ ପହଞ୍ଚାଇବାରେ ଏହି ବନ୍ଦର ଦ୍ୱାର ସଦୃଶ ହୋଇପାରିବ। ଇରାନର ସନ୍ଦିଗ୍ଧ ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ଏହା ଉପରେ କଟକଣା ଲଗାଇଥିବାରୁ ଉକ୍ତ ବନ୍ଦରର ବିକାଶ ପ୍ରକ୍ରିୟା ମନ୍ଥର ହୋଇଛି। ଇରାନ ସହ ଭାରତର ଚୁକ୍ତି ସ୍ୱାକ୍ଷର ଆମେରିକାକୁ କ୍ଷୁବ୍ଧ କରିଛି। ଭାରତ ସରକାର ଚାବହାର ବନ୍ଦର ସମ୍ପର୍କିତ ଏହାର ବିଦେଶ ନୀତି ଓ ଇରାନ ସହ ଦ୍ୱିପାକ୍ଷିକ ସମ୍ପର୍କ ସ୍ପଷ୍ଟ କରନ୍ତୁ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ଉପମୁଖପାତ୍ର ବେଦାନ୍ତ ପଟେଲ କହିଛନ୍ତି। ଚାବହାର ବନ୍ଦରକୁ ନେଇ ଖବରଦାତାମାନଙ୍କ ପ୍ରଶ୍ନ ଉପରେ ପଟେଲ କହିଛନ୍ତି, ଇରାନ ଉପରେ ଆମେରିକାର କଟକଣା ରହିଛି ଏବଂ ଏହା ବଳବତ୍ତର ରହିବ। ଏହା ପୂର୍ବରୁ ଅନେକ ଥର ଆମେ କହିଆସିଛୁ। ତେଣୁ ଇରାନ ସହ କେହି ବାଣିଜ୍ୟିକ ଚୁକ୍ତି କରିବା ପୂର୍ବରୁ କଟକଣା ସମ୍ପର୍କରେ ସତର୍କ ରହିବା ଆବଶ୍ୟକ। ୭,୨୦୦ କିଲୋମିଟର ବିଶିଷ୍ଟ ଅନ୍ତର୍ଜାତୀୟ ଉତ୍ତର ଦକ୍ଷିଣ ପରିବହନ କରିଡର (ଆଇଏନ୍ଏସ୍‌ଟିସି) ପାଇଁ ଚାବହାର ବନ୍ଦର ମୁଖ୍ୟ ହବ୍ ହେବାକୁ ଯାଉଛି, ଯାହା ଭାରତକୁ ଇରାନ ଦେଇ ରୁଷିଆ ସହ ସଂଯୋଗ କରିବ। ଏହି ମଲ୍ଟି-ମୋଡ୍ ପରିବହନ ପ୍ରକଳ୍ପ ଦ୍ୱାରା ଭାରତକୁ ଇରାନ, ଆଫଗାନିସ୍ତାନ, ଆର୍ମେନିଆ, ଆଜରବୈଜାନ, ରୁଷିଆ, କେନ୍ଦ୍ରୀୟ ଏସିଆ ଏବଂ ୟୁରୋପକୁ ମାଲ୍ ପରିବହନ ହୋଇପାରିବ। ସୋମବାର ଇଣ୍ଡିଆନ ପୋର୍ଟ୍‌ସ ଗ୍ଲୋବାଲ ଲିଃ (ଆଇପିଜିଏଲ୍) ଏବଂ ଇରାନର ପୋର୍ଟ ଆଣ୍ଡ ମେରିଟାଇମ୍ ଅର୍ଗାନାଇଜେଶନ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା।

## ସ୍ୱାଧୀନ ପ୍ରାର୍ଥୀ ପିଣ୍ଟୁ ଦାଶ ଜେଲ ଗଲେ

**ବ୍ରହ୍ମପୁର,୧୪।୫(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କୁ ସୋମବାର ରାତିରେ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ପିଣ୍ଟୁଙ୍କ ସ୍ତ୍ରୀ ଆଶାଲତା ଦାଶ ପ୍ରଦୀପଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସ୍ୱାମୀ ମତଦାନ କେନ୍ଦ୍ରରେ ଛିଡ଼ା ହୋଇଥିବା ବେଳେ ପ୍ରଦୀପ ତାଙ୍କୁ ଧମକ ଦେବା ସହ ସମର୍ଥକଙ୍କୁ ଜାତିଆଣ କଟୁ



ସ୍ୱାଧୀନ ପ୍ରାର୍ଥୀ ପିଣ୍ଟୁ ଦାଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

ମନ୍ତବ୍ୟ ଦେଇଥିବା ଦର୍ଶାଇଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

ସୋମବାର ସନ୍ଧ୍ୟା ସାଢେ ୭ଟା ପରେ ମଧ୍ୟ ଗୋଷାଣିନୂଆଗାଁ ଥାନା ସମ୍ମୁଖ ଏକ ବୁଥରେ ଭୋଟ ଗ୍ରହଣ ଚାଲିଥିଲା। ଏମ୍‌ପି ପ୍ରାର୍ଥୀ ପ୍ରଦୀପ ସେଠାରେ ପହଞ୍ଚି ଥାନାଧିକାରୀ ଓ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ କଥା ହେଉଥିଲେ। ଏହି ସମୟରେ ପିଣ୍ଟୁ ହଠାତ୍ ଆସିଯାଇ କୌଣସି କଥାକୁ ନେଇ ☞ପୃଷ୍ଠା-୫

## ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟହାର ୭୫% ଟପିଲା

**ଭୁବନେଶ୍ୱର,୧୪।୫(ଅନିଲ ଦାସ)**

ରାଜ୍ୟରେ ସୋମବାର ପ୍ରଥମ ପର୍ଯ୍ୟାୟରେ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଓ ବ୍ରହ୍ମପୁର ଲୋକ ସଭା ଆସନ ଓ ଏହା ଅନ୍ତର୍ଗତ ୨୮ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହୋଇଛି। ମତଦାନ କେନ୍ଦ୍ରରୁ ଇଭିଏମ୍‌ଗୁଡ଼ିକୁ ଅଣାଯାଇ କଡ଼ା ସୁରକ୍ଷା ବଳୟରେ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ଭାରତର ନିର୍ବାଚନ କମିଶନଙ୍କ ଟର୍ନଆଉଟ୍ ଆପ୍ ସୂଚନା ଅନୁଯାୟୀ ଏହି ପର୍ଯ୍ୟାୟରେ ମଙ୍ଗଳବାର ରାତି ସାଢ଼େ ୧୦ଟା ସୁଦ୍ଧା ଓଡ଼ିଶାର ୪ ଲୋକ ସଭା ଆସନର ମୋଟ ଭୋଟହାର ୭୫.୫୮% ହୋଇଥିବାବେଳେ ୨୮ ବିଧାନସଭା ଆସନର ମୋଟ ଭୋଟହାର ରହିଛି ୭୫.୦୮%। ନବରଙ୍ଗପୁର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୮୨.୧୬ ପ୍ରତିଶତ ମତଦାନ ହୋଇଥିବାବେଳେ କୋରାପୁଟରେ ୭୭.୧୪ ପ୍ରତିଶତ, କଳାହାଣ୍ଡିରେ ୭୭.୯୦ ପ୍ରତିଶତ ଓ ବ୍ରହ୍ମପୁରରେ ୬୫.୪୧ ପ୍ରତିଶତ ମତଦାନ ହୋଇଛି। ବିଧାନସଭା ନିର୍ବାଚନକୁ ଦେଖିଲେ ଭୋଟହାର ଭିନ୍ନ ରହିଛି। ବିଧାନସଭା ଆସନଗୁଡ଼ିକୁ ଦେଖିଲେ ଗଜପତି ଜିଲାରେ ୭୦.୮୯ ପ୍ରତିଶତ ମତଦାନ ହୋଇଥିବା ବେଳେ ଗଞ୍ଜାମ ୬୩.୧୬, କଳାହାଣ୍ଡି ୭୮.୪୬, କୋରାପୁଟ ୮୦.୩୨, ମାଲକାନଗିରି ୭୦.୩୩, ନବରଙ୍ଗପୁର ୮୪.୫୯ ନୂଆପଡ଼ା ୭୬.୫୪ ଏବଂ ରାୟଗଡ଼ା ଜିଲାରେ ୭୪.୪୪ ପ୍ରତିଶତ ମତଦାନ ହୋଇଛି।

## ଅଦାଲତଙ୍କ ତତ୍ତ୍ୱାବଧାନରେ ଇଲେକ୍ଟୋରାଲ ବଣ୍ଡ ଯୋଜନାର ତଦନ୍ତ ହେଉ

**ନୂଆଦିଲ୍ଲୀ,୧୪।୫(ପି.ଟି.)**

**ସୁପ୍ରିମକୋର୍ଟରେ ପିଆଇଏଲ୍**

ବିବାଦୀୟ ଇଲେକ୍ଟୋରାଲ ବଣ୍ଡ ଯୋଜନାର ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା (ଏସ୍ଆଇଟି) ଦ୍ୱାରା କରାଯିବା ଲାଗି ବିବେଚନା କରିବା ପାଇଁ ୨ଟି ଏନ୍‌ଜିଓ ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ଏହି ଯୋଜନାରେ ରାଜନୈତିକ ଦଳ, କର୍ପୋରେଟ୍ ସଂସ୍ଥା ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅଫିସରମାନଙ୍କ ମଧ୍ୟରେ ଆପାତତଃ ଲାଭ ଆଦାନପ୍ରଦାନର ସଲାସୁତୁରା ଥିବା ଅଭିଯୋଗ ହେଉଛି ବୋଲି ସେମାନେ ଦାଏର କରିଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ଦର୍ଶାଇଛନ୍ତି। ଉକ୍ତ ପିଟିଶନ୍‌ର ତ୍ୱରିତ୍ ଶୁଣାଣି ପାଇଁ ତାଲିକାଭୁକ୍ତ କରିବା ନିମନ୍ତେ ଏନ୍‌ଜିଓ 'କମନ କଜ୍' ଏବଂ ସେଣ୍ଟର ଫର୍ ପବ୍ଲିକ୍ ଇଣ୍ଟେରେଷ୍ଟ ଲିଟିଗେଶନ (ସିପିଆଇଏଲ୍) ପକ୍ଷରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠକୁ ନିବେଦନ କରିଥିଲେ। ପିଟିଶନ ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ପାଖରେ ରହିଛି। ଏହାକୁ ତାଲିକାଭୁକ୍ତ କରାଯିବ ବୋଲି ଜଷ୍ଟିସ୍ ଖାନ୍ନା କହିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃଆରୀ ୧୫ରେ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠ ଇଲେକ୍ଟୋରାଲ ବଣ୍ଡ ଯୋଜନାକୁ ରଦ୍ଦ କରିଦେଇଥିଲେ। ଏହି ଯୋଜନାକୁ ଏକ ଦୁର୍ନୀତି ଦର୍ଶାଇ ନାମମାତ୍ର କମ୍ପାନୀ ଏବଂ କ୍ଷତିରେ ଚାଲୁଥିବା କମ୍ପାନୀଗୁଡ଼ିକର ପାଣ୍ଠି ଯୋଗାଣ ଉତ୍ସକୁ ତଦନ୍ତ କରିବା ପାଇଁ ଏନ୍‌ଜିଓ ପକ୍ଷରୁ ଦାବି ହୋଇଛି। ଉକ୍ତ ସେଲ୍ କମ୍ପାନୀ ଓ କ୍ଷତିରେ ଚାଲୁଥିବା କମ୍ପାନୀଗୁଡ଼ିକ ଇଲେକ୍ଟୋରାଲ ବଣ୍ଡ ଜରିଆରେ ବିଭିନ୍ନ ରାଜନୈତିକ ଦଳକୁ ଚାନ୍ଦା ଦେଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ତଥ୍ୟରୁ ଜଣାପଡ଼ିଥିଲା।

## ଦୁର୍ଘଟଣାରେ ୨ ପ୍ରିଜାଇଡିଂ, ଜଣେ ପୋଲିଂ ଅଫିସରଙ୍କ ମୃତ୍ୟୁ

**ନୂଆପଡ଼ା/କୋମନା/ ମାଲକାନଗିରି/ ପାରଳାଖେମୁଣ୍ଡି,୧୪।୫ (ମକାରୁ ବେମାଲ/ ସୋବିନ ଛତ୍ରିଆ/ ଦୁର୍ଯ୍ୟୋଧନ ପାତ୍ର/ ଗିରିଧାରୀ ପରିଛା)**

ନିର୍ବାଚନ କାର୍ଯ୍ୟ କରିବାକୁ ଯାଇଥିଲେ। ଏପରିକି ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ଠିକ ଭାବେ ସମ୍ପାଦନ କଲେ। ହେଲେ ଘରକୁ ଫେରିପାରିଲେ ନାହିଁ। ଫେରିବାବେଳେ ବାଟରେ ଦୁର୍ଘଟଣାର ଶିକାର ହୋଇ ଜୀବନ ହାରିଲେ। ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଭିନ୍ନ ସ୍ଥାନରେ ସାମିଲ ହୋଇଥିବା ୨ଜଣ ପ୍ରିଜାଇଡିଂ ଅଫିସର ଏବଂ ଜଣେ ଫାଷ୍ଟ ପୋଲିଂ ଅଫିସରଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେମାନେ ହେଲେ କଳାହାଣ୍ଡି ଜିଲା ସୁପାଡ଼ ଗ୍ରାମର ପ୍ରସନ୍ନ କୁମାର ନାଏକ(୫୮), ମାଲକାନଗିରି ବନ୍ଧଗୁଡ଼ା ଗ୍ରାମର ଇନ୍ଦ୍ରଜିତ କିର୍ସାନୀ ଏବଂ ☞ପୃଷ୍ଠା-୫



ନୂଆପଡ଼ା ଚରବୋଡ଼ାଠାରେ ଦୁର୍ଘଟଣାଗ୍ରସ୍ତ କାର୍ ଓ ବାଇକ୍।

## ନାମାଙ୍କନର ଶେଷ ଦିନରେ ପର୍ଶୁରାମଙ୍କୁ ଭାଜପା ଟିକେଟ

**ବାଲେଶ୍ୱର(ମାନସ ବିଶ୍ୱାଳ)/ ସୋର(ଜନ୍ମେଜୟ ମିଶ୍ର),୧୪।୫**

ବାଲେଶ୍ୱର ଜିଲା ସୋର ବିଧାନସଭା ଆସନ ପାଇଁ ନାମାଙ୍କନର ଶେଷ ଦିନରେ ଭାଜପା ପ୍ରାର୍ଥୀ ବଦଳାଇ ପର୍ଶୁରାମ ଧଡ଼ାଙ୍କୁ ଟିକେଟ ଦେଇଛି। ମଙ୍ଗଳବାର ସେ ତାଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, ବିଜେଡିରୁ ଟିକେଟ ନ ମିଳିବା ପରେ ସୋର ବିଧାୟକ ପର୍ଶୁରାମ ଭାଜପାରେ ଯୋଗଦେଇଥିଲେ। ତେବେ ଏହି ଆସନ ପାଇଁ ପୂର୍ବରୁ ରାଜେନ୍ଦ୍ର ଦାସଙ୍କ ନାମ ଘୋଷଣା ହୋଇଥିଲା। ରାଜେନ୍ଦ୍ର ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର ହୋଇଥିବାରୁ ସୋର ଭାଜପା ନେତା ଓ କର୍ମୀମାନେ ତାଙ୍କୁ ବିରୋଧ କରିଆସୁଥିଲେ। ତାଙ୍କର ଟିକେଟ ପରିବର୍ତ୍ତନ ପାଇଁ ଦଳ ନିକଟରେ ଦାବି କରିବା ସହ ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରିଥିଲେ। ☞ପୃଷ୍ଠା-୫


**ସୋର ବିଧାନସଭା ଆସନ**

ମୁଁ ଭାଜପା ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛି: ରାଜେନ୍ଦ୍ର



ପର୍ଶୁରାମ ଧଡ଼ା

**ଆଜିର ସମ୍ପାଦକୀୟ** | ଶିକ୍ଷାରେ ଇଚ୍ଛାଶକ୍ତି



**ଆଜିର ମନ୍ତବ୍ୟ**
"ଜେଏମ୍‌ଏମ୍, କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ୍ ଦୁର୍ନୀତିର ସବୁଠୁ ବଡ଼ ନମୁନା। ଏହି ମେଣ୍ଟ ତୁଷ୍ଟୀକରଣ ଓ ବଂଶବାଦ ରାଜନୀତି କରୁଛି। ଜେଏମ୍‌ଏମ୍ ନେତୃତ୍ୱାଧୀନ ସରକାର ଝାଡ଼ଖଣ୍ଡରେ ଅନୁପ୍ରବେଶକାରୀଙ୍କୁ ପ୍ରୋତ୍ସାହନ ଦେଉଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଶ୍ରୀଶ୍ରୀ ଅଲଓରେଶ୍ୱର ମହାଦେବଙ୍କ ୨୪ତମ ଏକକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞର କଳସଯାତ୍ରା, ସ୍ଥାନ: ମହାଦେବ ମନ୍ଦିର ପରିସର, ପୂବାଶାସନ, କୌଶଲ୍ୟାଗଙ୍ଗ, ସମୟ: ସକାଳ ୯ଟା ୧୫।
- 'ମୋ ବୁଥ୍ ଆପ' ଏବଂ 'ମୋ ବୁଥ ୱେବ୍ ପୋର୍ଟାଲ' ଉନ୍ମୋଚନ, ସ୍ଥାନ: ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ, ସ୍ଥାନ: ବକୁଳ ଲାଇବ୍ରେରୀ, ୧୬, ସତ୍ୟନଗର, ସମୟ: ଅପରାହ୍ନ ୫ଟା।
- ବାଣୀଚିତ୍ର ସିନେ ଆୱାର୍ଡ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟର ୫ମ ସାଧାରଣ ବୈଠକ, ସ୍ଥାନ: ରୋଟାରି ଭବନ, ୟୁନିଟ୍–୯, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟ ସମ୍ପ୍ରଦାୟର ବାର୍ଷିକ ନୃତ୍ୟ ଦିବସ, ସ୍ଥାନ: ଭଞ୍ଜକଳାମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସକାଳ ୫ଟା ୪୫ରୁ ୯ଟା। ଅପରାହ୍ନ ୫ଟା ୩୦ରୁ ରାତି ୯ଟା।

## କଟକ
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ତେଲେଙ୍ଗାପେଣ୍ଠ ଅବସ୍ଥାନର ୯୦ତମ ବାର୍ଷିକୀ, ସ୍ଥାନ: ତେଲେଙ୍ଗାପେଣ୍ଠ ଗାନ୍ଧୀପୀଠସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।

## ପୁରୀ
- ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୧୫ତମ ବୈଶାଖୀ ଉତ୍ସବ, ସ୍ଥାନ: ମୁକ୍ତାକାଶ ମଞ୍ଚ, ନିମାପଡ଼ା, ଶହୀଦ ଭବନ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ, ଜଟଣୀ, ସମୟ: ମଧ୍ୟାହ୍ନ ୧୨ଟା।
- ମଦନମୋହନ ନାଟ୍ୟକଳା ସଂସଦ ପକ୍ଷରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ପାତ୍ରପଡ଼ା, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଖଇରା ବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ନିର୍ବାଚନ ସଙ୍ଗୀତ ଉନ୍ମୋଚନ, ସ୍ଥାନ: ବାସୁଦେବପୁର ବିଧାୟକଙ୍କ ବାସଭବନ, ସମୟ: ସକାଳ ୯ଟା ୩୦।
- ବିଜେଡି ଜନସମ୍ପର୍କ ଅଭିଯାନ ଓ ମୋଟର ସାଇକେଲ ଶୋଭାଯାତ୍ରା, ସ୍ଥାନ, ଓରାସାହି, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସମାବେଶ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାର୍ଥୀପତ୍ର ଯାଞ୍ଚ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡି ନିର୍ବାଚନ ସଭା, ସ୍ଥାନ: ଆର୍ଡୁ, ବାସୁଦେବପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପାର ମହିଳା ମୋର୍ଚ୍ଚା ସମ୍ମିଳନୀ ଓ ପଦଯାତ୍ରା, ସ୍ଥାନ: ଚାନ୍ଦବାଲି ଏନ୍‌ଏସି, ସମୟ: ଅପରାହ୍ନ ୪ଟା।
- କଂଗ୍ରେସର ମେଗା ମିଶ୍ରଣ ଓ କର୍ମୀ ସମ୍ମିଳନୀ, ବାଇକ୍ ଶୋଭାଯାତ୍ରା, ସ୍ଥାନ ଜଳେଶ୍ୱରପୁର, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।
- ଭାଜପା କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: ଘଣ୍ଟେଶ୍ୱର, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ୩୪ନଂ ଜୋନ୍‌ରେ ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ:ବିଦ୍ୟାଧରପୁର, ହାଟଡିହୀ, ସମୟ: ସକାଳ ୯ଟା।

## ମୟୂରଭଞ୍ଜ
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବାବା ଭୀମସା ଡ୍ୟାନ୍ସ ମହଲ, ସ୍ଥାନ: ବଡ଼ସାହି ବ୍ଲକ ଚେଙ୍ଗୁଆ, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ପୋଲିଂ ଅଧିକାରୀଙ୍କୁ ତାଲିମ, ସ୍ଥାନ: ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇ ସ୍କୁଲ, ସମୟ: ସକାଳ ୭ ଟା।
- କନ୍ଧମାଳ ଲୋକ ସଭା ବିଜେଡି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ଭଞ୍ଜନଗର ବ୍ଲକ ମୁଜାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ସଭା, ସ୍ଥାନ: ଭଞ୍ଜନଗର ବ୍ଲକ କୁଲାଡ, ସମୟ: ଅପରାହ୍ନ ୫ ଟା।

## କନ୍ଧମାଳ
- ବିଜେଡିର ବାଇକ ଶୋଭାଯାତ୍ରା, ସ୍ଥାନ:ଦାରିଙ୍ଗବାଡିରୁ କାଟିଙ୍ଗିଆ, ସମୟ:ସକାଳ ୯ଟା।

## ରାୟଗଡ଼ା
- ବାଳ ନିକେତନ ଶିଶୁ ଯତ୍ନ ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ଲିମାମେଡା, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀ ପରମ୍ପରାର ଘଟ ପର୍ବ, ସ୍ଥାନ: ଥେରୁବାଲି ନିକଟସ୍ଥ ବାଲିଖିମାର ଗ୍ରାମ, ସମୟ: ସନ୍ଧ୍ୟା ୭ ଟା।

## ସମ୍ବଲପୁର
- ବିଆର ଷ୍ଟିଲ ପକ୍ଷରୁ ପ୍ରାଥମିକ ଚିକିତ୍ସା ଶିବିର, ସ୍ଥାନ : ପୋଡାପାଲି–କଟାପାଲି, ସମୟ : ପୂର୍ବାହ୍ନ ୧୦ଟା।
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର,ସମୟ: ସକାଳ ୬ଟା।
- ବଲାଙ୍ଗୀର ଜିଲାର ଲୋୟର ସୁକତେଲ ପ୍ରକଳ୍ପ ଉପରେ ଆଲୋଚନାଚକ୍ର, ସ୍ଥାନ: ରୁଗୁଡ଼ିଖାଲ ରାମମନ୍ଦିର, ଲୋଇସିଂହା, ସମୟ: ସକାଳ ୯ଟା।
- କଂଗ୍ରେସର ନିର୍ବାଚନୀ ସଭା, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର
- ବିଜେଡି ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ପଞ୍ଚାୟତ, ସମୟ: ସକାଳ ୯ଟା।
- ମିଛାପାଲି ଫ୍ଲଡ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ତରଭା ବ୍ଲକର ମିଛାପାଲି ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ଭାଜପା କର୍ମୀ ସମାବେଶ, ସ୍ଥାନ: ଉଦିତ୍ ନଗର, ରାଉରକେଲା, ସମୟ: ସକାଳ ୮ଟା।
- ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ପରିସରରେ ଭୋଟର ସଚେତନତା,ସ୍ଥାନ:ଛେଣ୍ଡ, ସମୟ:ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ଜନ ସମାବେଶ, ସ୍ଥାନ: ସେକ୍ଟର–୧୩, ମେଳଣ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ରାଧାକୃଷ୍ଣ ମନ୍ଦିରରେ ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ଦୁର୍ଗାପୁର ରାଧାକୃଷ୍ଣ ମନ୍ଦିର, ସମୟ: ସନ୍ଧ୍ୟା ୬ଟା୩୦।

## ବରଗଡ଼
- ନବଦିନାତ୍ମକ ରାମାୟଣ ପାରାୟଣ, ସ୍ଥାନ: ସରଣ୍ଡା ଶିବ ମନ୍ଦିର ପ୍ରାଙ୍ଗଣ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ: ଝିଙ୍କି, ଝାରବନ୍ଧ, ସମୟ: ଅପରାହ୍ନ ୧ଟା।
- ଷୋହଳ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ: ଗୌଡ଼ମାଳ, ଝାରବନ୍ଧ, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ମହାଭାରତ ମହାଯଜ୍ଞ ଉପଲକ୍ଷେ ଆଶୀର୍ବାଦ ମହାରାଜଙ୍କ ପ୍ରବଚନ, ସ୍ଥାନ: କେଳିଆ ଜଙ୍ଗଲ ବାବା ଆଶ୍ରମ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳ ପ୍ରହର ନାମଯଜ୍ଞ କଳସଯାତ୍ରା, ସ୍ଥାନ: ନୂଆପଡ଼ା ରାଜବେଡ଼ା ପଡ଼ା, ସମୟ: ଅପରାହ୍ନ ୫ଟା ୩୦।
- ଚବିଶପ୍ରହର ନାମଯଜ୍ଞ କଳସଯାତ୍ରା, ସ୍ଥାନ: କୋମନା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଜେଥୁପାଲି ଗାଁ, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ବାଉଁଶୁଣୀ ପଞ୍ଚାୟତର ଟିକରାପଡାଠାରେ କୃଷ୍ଣଲୀଳାର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଟିକରାପଡା,ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼
- ଭାଜପାର ଘରକୁ ଘର କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, କଲା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ପ୍ରଚାର ଓ ସମାବେଶ, ସ୍ଥାନ: ବଡବଗିଚା, ପ୍ରଧାନପାଟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଷ୍ଟପ୍ରହର ନାମଯଜ୍ଞ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବଣିଆସାହି, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- କଳା ଚନ୍ଦନି ଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, କଲା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ବିଜେଡିର ରୋଡ଼ ଶୋ', ସ୍ଥାନ: ଲଇକେରା ଓ କିର୍ମିରା ବ୍ଲକ, ସମୟ: ଅପରାହ୍ନ ୪ଟା।
- ଭାଜପାର ପ୍ରଚାର, ସ୍ଥାନ: ଝାରସୁଗୁଡା ସହର ୱାର୍ଡ ନମ୍ବର ୫, ସମୟ: ଅପରାହ୍ନ ୫ଟା। ସ୍ଥାନ: ଝାରସୁଗୁଡା ସହର ୱାର୍ଡ ନମ୍ବର ୬, ସମୟ: ସନ୍ଧ୍ୟା ୭ ଟା।

## ଢେଙ୍କାନାଳ
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ରତ୍ନମଣ୍ଡପ, ଦକ୍ଷିଣକାଳୀ ରୋଡ୍, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବଚନ ପାଇଁ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ସଭାଘର, ସମୟ: ସକାଳ ୮ଟା।
- ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୪ଟା। ସ୍ଥାନ: ଆଠମଲ୍ଲିକ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ନାଉଗାଁ ବ୍ଲକ ଗଳଧାରୀ ପଞ୍ଚାୟତ, ସମୟ: ପୂର୍ବାହ୍ନ୧୧ଟା।
- ପାରାଦୀପ ବିଜେଡି ପକ୍ଷରୁ ରାଲି, ସ୍ଥାନ: ବିଶ୍ୱାଳୀ ପଞ୍ଚାୟତ, ସମୟ: ଅପରାହ୍ନ ୪ଟା।
- କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ, ସ୍ଥାନ: ଜଗତ୍‌ସିଂହପୁର ବ୍ଲକ ତର୍ଡ଼ଙ୍ଗ ପଞ୍ଚାୟତ ସମୟ: ଅପରାହ୍ନ ୫ଟା।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଜଗତ୍‌ସିଂହପୁର ବ୍ଲକ ଯାହାନପୁର ପଞ୍ଚାୟତ, ସମୟ: ସନ୍ଧ୍ୟା ୬ଟା।
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ନିର୍ବାଚନ ସମୀକ୍ଷା ବୈଠକ, ସ୍ଥାନ: ଗଡ ପଞ୍ଚାୟତ ମାର୍କେଟ, ସମୟ: ସନ୍ଧ୍ୟା ୬ଟା।
- ଭାଜପାର କର୍ମକର୍ତ୍ତା ବୈଠକ, ସ୍ଥାନ: ସାମନ୍ତରାପୁର, କୁଜଙ୍ଗ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଚିତ୍ରୋତ୍ପଳା ସାଂସ୍କୃତିକ ପରିଷଦ ପକ୍ଷରୁ ଶନିଶ୍ଚର ମହାଯଜ୍ଞ ଓ ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ:ହରିଦାସପୁର, ପାଟକୁରା, ଗରଦପୁର, ସମୟ:ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ମାଆ କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ:ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା,ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ,ସମୟ : ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା,ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା।
- ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଝାଟିଆସାହିରେ ବାଦିପାଲା, ସ୍ଥାନ: ଝାଟିଆସାହି ଶନିଶ୍ଚର ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼
- କଣ୍ଟିଲୋ ନୀଳମାଧବ ଜୀଉଙ୍କର ଚନ୍ଦନ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ ଓଡ଼ଗାଁ, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।
- ରାମଲୀଳାର ଷଷ୍ଠ ଦିବସ, ସ୍ଥାନ:କଣ୍ଟିଲୋ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉ ପୀଠ, ସମୟ:ରାତି ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସବୁ ଭଲ ହେଲେ ମଧ୍ୟ ସ୍ପଷ୍ଟବାଦିତା ଯୋଗୁ ଅନ୍ୟମାନଙ୍କ ଚକ୍ଷୁଶୂଳ ହେବେ। ବାଣିଜ୍ୟ, ଯୋଗାଯୋଗ, ବନ୍ଧୁଙ୍କୁ ପ୍ରତୀକ୍ଷା ଏବଂ କାର୍ଯ୍ୟାରମ୍ଭ କ୍ଷେତ୍ରରେ ବ୍ୟତିକ୍ରମର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ପରାମର୍ଶ କାମକୁ ଆସିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିପାରନ୍ତି।

**ବୃଷ** – ଆଜି ଅନ୍ୟକୁ ଆଙ୍ଗୁଠି ଦେଖାଇ ବହୁତ କିଛି କହିବା ଫଳରେ ମିତ୍ରମାନେ ଶତ୍ରୁ ପାଲଟିଯିବେ। କାର୍ଯ୍ୟବ୍ୟସ୍ତତା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। କେତେକ ଅବାଞ୍ଛିତ କାରଣରୁ ନିର୍ମାଣମୂଳକ କାର୍ଯ୍ୟର ଗତି ମନ୍ଥର ହେବ। ପଡ଼ୋଶୀଙ୍କ ଘରୋଇ କଳହକୁ ନେଇ ଆପଣ ଶାନ୍ତିରେ ଜମା ଶୋଇପାରିବେ ନାହିଁ।

**ମିଥୁନ** – ଆପଣଙ୍କ ଦୂରଦର୍ଶିତା ଓ ଅନୁମାନର ବାସ୍ତବତାକୁ ହୃଦୟଙ୍ଗମ କରି ବନ୍ଧୁମାନେ ପ୍ରଶଂସା କରିପାରନ୍ତି। ଆର୍ଥିକ ସମସ୍ୟା ସୁଧାରିବା ସକାଶେ ବିଭିନ୍ନ ଯୋଜନା କରି ସଫଳତା ପାଇବେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ। ବ୍ୟବସାୟିକ ସଫଳତା ମିଳିବ। କର୍ମକ୍ଷେତ୍ରରେ ଫାଇଲ କାମ ବଢ଼ିଯାଇ ପାରେ।

**କର୍କଟ** – ପୁରୁଣା ସମ୍ପର୍କକୁ କେନ୍ଦ୍ରକରି ପରିବାରରେ ଟେନ୍ସନ ଯୋଗୁ ମାନସିକ ସ୍ୱାସ୍ଥ୍ୟ ଭଲ ରହିବନି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପ୍ରିୟବନ୍ଧୁଟି ମନୋଭାବ ବଦଳାଇ ବିରୁଦ୍ଧାଚରଣ କରିବ। ପଡ଼ୋଶୀଙ୍କ ସାହାଯ୍ୟ ଓ ପାରିବାରିକ ବନ୍ଧୁ ମିଳନରୁ ଉତ୍ସାହିତ ରହିବେ। ଗୁପ୍ତ ଶତ୍ରୁଙ୍କ ସକ୍ରିୟତା ବୃଦ୍ଧି ପାଇବା ହେତୁ ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ବିଧେୟ।

**ସିଂହ** – ଅନ୍ୟଦ୍ୱାରା ପରିଚାଳିତ ହୋଇ ଭୁଲ୍ ନିଷ୍ପତ୍ତି ନେଇ ପରକ୍ଷଣରେ ଅନୁତାପ କରିବେ। ସକାଳୁ ବହୁ ଆଶା କରି ବନ୍ଧୁଙ୍କ ନିକଟକୁ ଯିବେ କିନ୍ତୁ ଶୂନ୍ୟ ହସ୍ତରେ ଫେରିବାକୁ ପଡ଼ିବ। ଗଣ୍ଡଗୋଳିଆ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ ଦ୍ୱାରା କାର୍ଯ୍ୟ ସାଧନ କରିବେ। ବ୍ୟବସାୟିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ନିକଟରୁ ସହଯୋଗ ମିଳିବ।

**କନ୍ୟା** – ବନ୍ଧୁଗହଣରେ ବାକ୍‌ଅସଂଯମତାଜନିତ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ନ ରହିଲେ ଅସୁବିଧାରେ ପଡ଼ିପାରନ୍ତି। ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଆଶା କରୁଥିବା ଦିଗରୁ ସାହାଯ୍ୟ ଲାଭକରି ଉତ୍ସାହିତ ହେବେ। ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ।

**ତୁଳା** – ଆଜି ଏକାଧିକ କାମ ହାତକୁ ନେଇଥିବାରୁ ଏହାକୁ ସମ୍ପନ୍ନ କରିବା କଷ୍ଟକର ହୋଇପାରେ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଅଫିସ୍‌ରୁ ଘରକୁ ଫେରିବା ସମୟରେ ମୂଲ୍ୟବାନ ଦ୍ରବ୍ୟ ଆଣି ପାରନ୍ତି।

**ବିଛା** – କୌଶଳ ପ୍ରୟୋଗକରି ପରିସ୍ଥିତିକୁ ସୁଧାରି ନେବେ ଏବଂ କାମ ହାସଲ କରିବେ। ଛୋଟଛୋଟ କଥାରେ ଅନ୍ୟ ଉପରେ ଦୋଷ ଲଦି ସମାଲୋଚିତ ହେବାର ପରିସ୍ଥିତି ଉପୁଜିପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ଧନୁ** – ଆପଣଙ୍କ ସୁସ୍ଥ ଚିନ୍ତାଧାରାର ଦୃଢ଼ ନିଷ୍ପତ୍ତିକୁ ବିଭିନ୍ନ ସ୍ଥାନରୁ ସମର୍ଥନ ମିଳିବ। ଅଭିଳଷିତ କାମ ହାସଲରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ବନ୍ଧୁମାନେ ଭଲକୁ ଭଲ ରୂପେ ବିବେଚନା ନ କରି ଭିନ୍ନ ଦୃଷ୍ଟି କୋଣରୁ ବୁଝିବେ। ସାମାଜିକ କ୍ଷେତ୍ରରେ ପ୍ରତ୍ୟେକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** – କର୍ମକ୍ଷେତ୍ରର ସମସ୍ୟା ଶିଥିଳତା ପଡ଼ିଯିବା କାରଣରୁ ମନରେ ଉତ୍ସାହ ବୃଦ୍ଧି ପାଇବ। ଅତୀତ ଘଟଣାକୁ ନେଇ ହଠାତ୍ ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପ୍ରତ୍ୟେକ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସାମାଜିକ ସ୍ତରରେ ଉନ୍ନତିମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** – ଆଜି କାମ ହାସଲ ସକାଶେ ବିଶେଷ ଖର୍ଚ୍ଚାନ୍ତ ହେବେ ସିନା କୌଣସି କାମ ଅଟକିବ ନାହିଁ। ଅଫିସ୍ କାମରେ କୌଣସି ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୁତ୍ରକନ୍ୟା ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** – ପରିସ୍ଥିତି ପ୍ରତି ଯତ୍ନବାନ ହୋଇ କାମ କରି ଚାଲିଲେ କୌଣସି ଅସୁବିଧା ରହିବ ନାହିଁ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଗାମୀ କୌଣସି କାମ ସକାଶେ ପରିବାର ସହ ଆଲୋଚନା କଲେ ଭଲ ହେବ। ଯାହାକୁ ଅତି ନିଜର ବୋଲି ବିଶ୍ୱାସ କରୁଛନ୍ତି ସେହି ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

ଆଜି ମେ ୧୫ ତାରିଖ, ବିଶ୍ୱ ପରିବାର ଦିବସ, ବୈଶାଖ ଶୁକ୍ଳପକ୍ଷର ନୀଳାଦ୍ରି ମହୋଦୟାଷ୍ଟମୀ ବୁଧବାର, ରାଶିନକ୍ଷତ୍ର–ଅଶ୍ଳେଷା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୫୦ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଚୋରି ପାଇଁ ୨୦୦...

ହୋଇଯାଇଥିବା ଅଭିଯୋଗ ଆସିଥିଲା। ସେହିପରି ଗତ ଫେବୃଆରୀ ୨ରେ ଅମୃତସରରୁ ଦିଲ୍ଲୀ ଯାଉଥିବା ଏକ ବିମାନରେ ଜଣେ ଯାତ୍ରୀଙ୍କର ୨୦ ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ପୋଲିସ ସୂଚନା ଦେଇଛି। ଉଭୟ ଅଭିଯୋଗ ଆଧାରରେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ରାଜେଶଙ୍କୁ ଦିଲ୍ଲୀର ପାହାଡ଼ଗଞ୍ଜ ଅଞ୍ଚଳରୁ ଗିରଫ କରିଛି।

## ଭୁବନେଶ୍ୱରରେ ୫...

ସମୟରେ କାର୍ ଭିତରେ ଥିବା ବ୍ୟାଗରେ ବିପୁଳ ଟଙ୍କା ଥିବା ଦେଖିବାକୁ ପାଇଥିଲେ। ପରେ ଟଙ୍କା ସମ୍ପର୍କରେ କାର୍ ଭିତରେ ଥିବା ବ୍ୟକ୍ତିଙ୍କୁ ପଚରାଯାଇଥିଲେ ସୁଦ୍ଧା ଏହାର ଉତ୍ସନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳି ପାରି ନ ଥିଲା। ତେଣୁ ଆୟକର ବିଭାଗ ଉକ୍ତ ଟଙ୍କା ଓ କାରକୁ ଜବତ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖ ଯାଇଥିଲା। ମଙ୍ଗଳବାର ଅପରାହ୍ନରେ ଜବତ ହୋଇଥିବା ଟଙ୍କାକୁ ଭୁବନେଶ୍ୱରସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖାରେ ଗଣତି କରାଯାଇଛି। ଗଣତି ସମୟରେ କାର୍‌ରେ ଥିବା ବ୍ୟକ୍ତିମାନେ ଉପସ୍ଥିତ ଅଛନ୍ତି। ତେବେ ଏତେ ପରିମାଣର ଟଙ୍କା କାହାର? ଏହି ଟଙ୍କା ଭୁବନେଶ୍ୱର ଆସୁଥିଲା ନା ଯାଉଥିଲା। ଏନେଇ ଆୟକର ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ଉତ୍ତର ମିଳିନାହିଁ। ତେବେ ରାଜନୈତିକ କାର୍ଯ୍ୟରେ ବ୍ୟବହାର ପାଇଁ ଏହି ଟଙ୍କା ଯାଉଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ମଙ୍ଗଳବାର ଠିକାଦାର ନୀହାରଙ୍କ ଯାଜପୁର ଲଳିତେଶ୍ୱର ନଗରରେ ଥିବା ତାରିଣୀ କନ୍‌ଷ୍ଟ୍ରକସନ୍ କାର୍ଯ୍ୟାଳୟରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି।

## ଆଜି ଆସୁଛନ୍ତି...

୧୨ଟାରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚି ସେଠାରୁ ଗଞ୍ଜାମ ଜିଲାର ସୋରଡ଼ା ଗସ୍ତ କରିବେ। ସେଠାରେ ଆୟୋଜିତ ଏକ ସମାବେଶରେ ଶାହା ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମ ପରେ ଶାହା ଭୁବନେଶ୍ୱର ଫେରିଆସି ସ୍ଥାନୀୟ ଏକ ଘରୋଇ ହୋଟେଲରେ ବିଶ୍ରାମ ନେବେ। ଏହାପରେ ସେ କଟକରେ ଆୟୋଜିତ ହେବାକୁ ଥିବା ଏକ ରୋଡ୍ ଶୋ କାର୍ଯ୍ୟକ୍ରମରେ ସାମିଲ ହେବେ। ଏହି ରୋଡ୍ ଶୋ ଗୋପବନ୍ଧୁ ବାଗ୍‌ରୁ ଆରମ୍ଭ ହୋଇ ବକ୍ସିବଜାର ଦେଇ ତିନିକୋଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର ଦେଇ ଯିବ। ନୟାସଡ଼କ, ବାଲୁବଜାର, ଚାନ୍ଦିନୀଚୌକ, ମହମ୍ମଦ ବଜାର ଏବଂ ଶେଖ୍ ବଜାର ହୋଇ ଚଣ୍ଡୀ ମନ୍ଦିର ପାଖରେ ରୋଡ୍ ଶୋ ପହଞ୍ଚିବ ବୋଲି ଜଣାପଡ଼ିଛି। ଏହାପରେ ଶାହା ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବୁଧବାର ସନ୍ଧ୍ୟାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ନଡ୍ଡା ସନ୍ଧ୍ୟାରେ ପହଞ୍ଚିବା ପରେ ସ୍ଥାନୀୟ ଏକ ଘରୋଇ ହୋଟେଲଠାରେ ଦଳର କିଛି ବରିଷ୍ଠ କାର୍ଯ୍ୟକର୍ତ୍ତା ଏବଂ ପ୍ରାର୍ଥୀମାନଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ନଡ୍ଡା ବରଗଡ଼ ଜିଲାର ପଦମ୍ପୁର ଏବଂ ସୁନ୍ଦରଗଡ଼ଠାରେ ଆୟୋଜିତ ଜନସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ରାହୁଲ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ମାଗିବାକୁ ବଲାଙ୍ଗୀର ଆସିବେ। ସେଠାରେ ସେ କଂଗ୍ରେସର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବେ। ରାହୁଲ ଦିନ ୧୧ଟା ୧୫ ମିନିଟ୍‌ରେ ବଲାଙ୍ଗୀରଠାରେ ପହଞ୍ଚି ସେଠାରୁ ଏକ ମୋଟର ସାଇକେଲ ରାଲି ଜରିଆରେ ଜନସଭାଠାରେ ପହଞ୍ଚି ଲୋକଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ରାହୁଲ ଗାନ୍ଧୀଙ୍କ ଗସ୍ତକୁ ନେଇ ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ସୂଚନା ଦେଇଥିଲେ। ରାହୁଲ ଗାନ୍ଧୀ ଏହା ପୂର୍ବରୁ ଏପ୍ରିଲ ୨୮ରେ ସାଲେପୁର ଆସି କଂଗ୍ରେସ ପାଇଁ ପ୍ରଚାର କରିଥିଲେ।

## ମାଓବାଦୀ କହି...

ଶତାଧିକ ସମର୍ଥକଙ୍କ ସହ ବୈଠକ କରୁଥିଲେ। ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ମାଓବାଦୀମାନେ ଭଣ୍ଡୁର କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ଗୋଇନ୍ଦା ସୂଚନା ମିଳିଥିଲା। ଏହାକୁ ଭିତ୍ତିକରି ବିଜାପୁର ଜିଲାର ୩୫୦ରୁ ଉର୍ଦ୍ଧ୍ୱ ସୁରକ୍ଷା କର୍ମୀ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପୋଲିସକୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ। ପୋଲିସ ଏହାର ପାଲଟା ଜବାବ ଦେଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ପରେ ତଲାସି ବେଳେ ପୋଲିସ ୧୨ ଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲା। ସମ୍ପୃକ୍ତ ଅଞ୍ଚଳରେ ପୋଲିସ ମାଓବାଦୀ କ୍ୟାମ୍ପକୁ ଘେରି ତଲାସି ଅଭିଯାନ ଜାରି ରଖିଥିବା ବିଜାପୁର ପୋଲିସ ଦାବି କରିଥିଲା।

ଏହାର ୩ ଦିନ ପରେ ଉକ୍ତ ଏନ୍‌କାଉଣ୍ଟରର ସତ ପଦାକୁ ଆସିଛି। ବସ୍ତର ଅଧୀନ ବିଜାପୁର ଅଞ୍ଚଳର ବହୁସଂଖ୍ୟକ ଲୋକ (ଅଧିକାଂଶ ମହିଳା) ୪୦ କି.ମି. ପର୍ଯ୍ୟନ୍ତ ଚାଲି ଚାଲି ଜିଲା ସଦର ମହକୁମାକୁ ଯାଇ ଜିଲାପାଳ ଏବଂ ଏସ୍‌ପି ଅଫିସ ଘେରାଉ କରିଛନ୍ତି। ମୃତକଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଶନିବାରଠାରୁ ସେଠାରେ ଧାରଣା ଦେଇଛନ୍ତି। ସେମାନେ ଅଭିଯୋଗ ଆଣିଛନ୍ତି ଯେ, ଜଙ୍ଗଲରେ କେନ୍ଦୁପତ୍ର ତୋଳୁଥିବା ପିଡ଼ିଆ ଓ ଇଟାଓ୍ୱର ଗ୍ରାମର ୧୨ ଜଣ ନିରୀହ ଶ୍ରମିକଙ୍କୁ ପୋଲିସ ଗୁଳିକରି ହତ୍ୟା କରିଛି। ବିକ୍ଷୋଭକାରୀଙ୍କ ମଧ୍ୟରୁ ଜଣେ ଅଭଲାମ୍ ବୁଦ୍ରି କହିଛନ୍ତି, ଏନ୍‌କାଉଣ୍ଟର ଦିନ ତାଙ୍କ ସ୍ୱାମୀ କେନ୍ଦୁପତ୍ର ତୋଳୁଥିବାବେଳେ ପୋଲିସ ତାଙ୍କୁ ଉଠାଇନେଇଛି। ପୋଲିସ ଗୁଳିମାଡ଼ରେ ଆଉ କେତେଜଣ ଚୋଳାଳି ଆହତ ହୋଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲ ସାମାଜିକ ଗଣମାଧ୍ୟମ ଏକ୍ସ'ରେ କହିଛନ୍ତି, ସୁରକ୍ଷା ବଳ ସମ୍ବିଧାନ ପ୍ରତି ନିଜ ପ୍ରତିଶ୍ରୁତିବଦ୍ଧତା ପାଇଁ କାର୍ଯ୍ୟ କରିବା କଥା। କିନ୍ତୁ ସେମାନେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ କାମ କଲେ ମାଓବାଦୀ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏପରି କି ମାଓବାଦୀଙ୍କ ବସ୍ତର ଡିଭିଜନ୍ କମିଟି ମଧ୍ୟ ମୃତକମାନେ ମାଓବାଦୀ ନ ଥିଲେ ବୋଲି ସ୍ପଷ୍ଟ କରିଛି। ଏହି ଗଣହତ୍ୟାରେ ୧,୨୦୦ ସୁରକ୍ଷା ବଳ ନିୟୋଜିତ ହୋଇଥିବା କହି ଏହାର ନ୍ୟାୟିକ ତଦନ୍ତ ଦାବି କରିଛି। ଆଦିବାସୀ ଅଧିକାର କର୍ମୀ ସୋନି ସୋରି ଏଭଳି ସମସ୍ତ ଗଣହତ୍ୟା ବିରୋଧରେ ହାଇକୋର୍ଟଙ୍କ ଆଶ୍ରୟ ନେବାକୁ ବାହାରିଛନ୍ତି।

ଅନ୍ୟପକ୍ଷେ ପୋଲିସ ଡିଆଇଜି (ଦକ୍ଷିଣ ବସ୍ତର) କମଳଲୋଚନ କାସ୍ୟପ କହିଛନ୍ତି, ସମସ୍ତ ମୃତକ ମାଓବାଦୀ ଥିଲେ। ସେମାନଙ୍କୁ ଧରାଇଦେଲେ ପୁରସ୍କାର ଦିଆଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ଘଟଣା ଦିନ ପୋଲିସ ଆସୁଥିବା ଖବର ପାଇ ସେମାନେ ୟୁନିଫର୍ମ ବଦଳାଇ ଗ୍ରାମବାସୀଙ୍କ ବେଶ ଧାରଣ କରିଥିଲେ।

# ୩୦ ମାଓବାଦୀଙ୍କ ଆତ୍ମସମର୍ପଣ




**ମାଲକାନଗିରି,୧୪।୫(ଦୁର୍ଯ୍ୟୋଧନ ପାତ୍ର)**


ଛତିଶଗଡ଼ ବିଜାପୁର ଜିଲା ଏସ୍‌ପି ଓ ସିଆରପିଏଫ୍ ଡିଆଇଜିଙ୍କ ନିକଟରେ ମଙ୍ଗଳବାର ୩୦ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣ ମାଓବାଦୀଙ୍କ ଉପରେ ସରକାରଙ୍କ ତରଫରୁ ୩୯ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଏହି ମାଓବାଦୀମାନେ ଛତିଶଗଡ଼ରେ ପୋଲିସ ଉପରେ ଗୁଳି ବିନିମୟ, ଗାଡ଼ି ପୋଡ଼ିବା ଓ ହତ୍ୟା ଭଳି ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିଲେ। ତେବେ ଏହି ମାଓବାଦୀମାନେ ବର୍ତ୍ତମାନ ଛତିଶଗଡ଼ରେ ଉନ୍ନୟନ କାର୍ଯ୍ୟ, ମାଓବାଦୀ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ଭଳି କାର୍ଯ୍ୟଗୁଡ଼ିକୁ ଦେଖି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସଂଗଠନ ଛାଡ଼ିଥିବା କହିଛନ୍ତି। ଏଥିସହ ତାଙ୍କ ସାଥୀ ମାଓବାଦୀମାନଙ୍କୁ ମଧ୍ୟ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ପୋଲିସ ପକ୍ଷରୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ବିଜାପୁର ପୋଲିସ କହିଛି।

## ଗୌତମ ନଭଲଖାଙ୍କୁ...

ଭୀମା–କୋରେଗାଓଁ ଯୁଦ୍ଧ ସ୍ମାରକୀ ପାଳନବେଳେ ହିଂସା ଘଟିଥିଲା। ସେମାନଙ୍କ ମଧ୍ୟରୁ ନଭଲଖା ଅନ୍ୟତମ। ତାଙ୍କୁ ୨୦୧୮ ଅଗଷ୍ଟରେ ଗିରଫ କରାଯାଇଥିଲା। ଗତବର୍ଷ ଡିସେମ୍ବର ୧୯ରେ ବମ୍ବେ ହାଇକୋର୍ଟ ନଭଲଖାଙ୍କୁ ଜାମିନ ଦେଇଥିଲେ। କିନ୍ତୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସୁପ୍ରିମକୋର୍ଟରେ ଅପିଲ କରିବା ପାଇଁ ସମୟ ମାଗିବାରୁ ହାଇକୋର୍ଟ ୩ ସପ୍ତାହ ପରେ ଜାମିନ ରାୟ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ସୁପ୍ରିମକୋର୍ଟଙ୍କ ଅନୁମତିକ୍ରମେ ନଭଲଖାଙ୍କୁ ଗତବର୍ଷ ନଭେମ୍ବରଠାରୁ ନବି ମୁମ୍ବାଇରେ ଗୃହବନ୍ଦୀ ରଖାଯାଇଥିଲା।

ଇତିମଧ୍ୟରେ ନଭଲଖା ସୁପ୍ରିମକୋର୍ଟରେ ଅନେକ ଥର ଜାମିନ ପାଇଁ ଆବେଦନ କରିଥିଲେ। ଶୁକ୍ରବାର ଜଷ୍ଟିସ୍ ଏମ୍. ସୁନ୍ଦରେଶ ଏବଂ ଏସ୍‌ଭିଏନ୍ ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ହାଇକୋର୍ଟଙ୍କ ରାୟକୁ ଆଉ ବଳବତ୍ତର ରଖାଯିବ ନାହିଁ। ତଦନ୍ତ ବର୍ଷ ବର୍ଷ ଧରି ଚାଲିବ ବୋଲି ଅଭିଯୁକ୍ତଙ୍କୁ ଜାମିନ ନ ଦେବା ଅନୁଚିତ ହେବ। ତେବେ ନଭଲଖା ବିରୋଧୀ ପକ୍ଷକୁ ଗୃହବନ୍ଦୀ ସୁରକ୍ଷା ଖର୍ଚ୍ଚ ବାବଦକୁ ୨୦ ଲକ୍ଷ ଟଙ୍କା ପଇଠ କରିବେ। ଏହି ମାମଲାରେ ଆଉ ୫ ଜଣ ବର୍ତ୍ତମାନ ମଧ୍ୟ ଜେଲରେ ଅଛନ୍ତି।




# ହାଇକୋର୍ଟର ୧୪୭ ଏଏସ୍‌ଓ ପଦବୀ ନିମନ୍ତେ ବିଜ୍ଞପ୍ତି

**କଟକ,୧୪।୫ (କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟରେ ୧୪୭ଟି ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦବୀ ନିମନ୍ତେ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେଥିମଧ୍ୟରୁ ୪୯ଟି ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ପଦବୀରେ ନିଯୁକ୍ତି ନିମନ୍ତେ ଯୋଗ୍ୟ ପ୍ରାର୍ଥୀମାନେ ଆସନ୍ତା ୨୦ ତାରିଖ ପୂର୍ବାହ୍ନ ୧୦ଟାରୁ ଅନ୍‌ଲାଇନରେ ଆବେଦନ କରିପାରିବେ। ଆବେଦନ ପ୍ରକ୍ରିୟା ଜୁନ୍ ୧୮ ତାରିଖ ରାତି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ ଚାଲିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ୧୪୭ ଏଏସ୍‌ଓ ପଦବୀରୁ ୭୦ଟି ଅଣସଂରକ୍ଷିତ ଥିବାବେଳେ ସେଥିମଧ୍ୟରୁ ମହିଳାଙ୍କ ପାଇଁ ୨୩ଟି ପଦବୀ ରହିଛି। ଏସ୍‌ଇବିସି ବର୍ଗର ପ୍ରାର୍ଥୀଙ୍କ ପାଇଁ ୫ଟି ପଦବୀ ସଂରକ୍ଷିତ ରହିଥିବାବେଳେ ସେଥିରୁ ମହିଳାଙ୍କ ପାଇଁ ୨ଟି ସଂରକ୍ଷିତ ରହିଛି। ଏସ୍‌ଟି ବର୍ଗଙ୍କ ପାଇଁ ସଂରକ୍ଷିତ ୫୭ଟି ପଦବୀରୁ

### ମେ' ୨୦ରୁ ଜୁନ୍ ୧୮ ପର୍ଯ୍ୟନ୍ତ ଅନ୍‌ଲାଇନ ଆବେଦନ

ମହିଳାଙ୍କ ପାଇଁ ୧୯ଟି ଓ ଏସ୍‌ସି ବର୍ଗଙ୍କ ନିମନ୍ତେ ସଂରକ୍ଷିତ ୧୫ଟି ପଦବୀରୁ ୫ଟି ମହିଳାଙ୍କ ନିମନ୍ତେ ରହିଛି। ନିର୍ଦ୍ଦିଷ୍ଟ ସଂରକ୍ଷିତ ବର୍ଗର ଯୋଗ୍ୟ ମହିଳା ପ୍ରାର୍ଥୀ ନ ଥିଲେ ଉକ୍ତ ପଦବୀ ସେହି ବର୍ଗର ଯୋଗ୍ୟ ପୁରୁଷ ପ୍ରାର୍ଥୀଙ୍କ ଦ୍ୱାରା ପୂରଣ ହେବ।

ପ୍ରାର୍ଥୀଙ୍କ ବୟସ ୧୪।୫।୨୦୨୪ ସୁଦ୍ଧା ୨୧ ବର୍ଷରୁ ଅଧିକ ଓ ୩୨ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ଏସ୍‌ସି, ଏସ୍‌ଟି, ଏସ୍‌ଇବିସି ଓ ମହିଳାଙ୍କ ପାଇଁ ସର୍ବାଧିକ ବୟସ ସୀମାକୁ ୫ ବର୍ଷ କୋହଳ କରାଯାଇଛି। ପ୍ରାର୍ଥୀ ଯେକୌଣସି ବିଷୟରେ ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିବେ। ତାଙ୍କର କମ୍ପ୍ୟୁଟର ଆପ୍ଲିକେଶନ ଉପରେ ଯଥେଷ୍ଟ ଜ୍ଞାନ ଥିବା ଆବଶ୍ୟକ। ପରୀକ୍ଷା ଫି' ବାବଦରେ ପ୍ରାର୍ଥୀଙ୍କୁ ୫୦୦ ଟଙ୍କା ଦେବାକୁ ହେବ। ଏହାକୁ ଆଉ ଫେରସ୍ତ କରାଯିବ ନାହିଁ। ପ୍ରାର୍ଥୀ ଡେବିଟ୍ କାର୍ଡ/କ୍ରେଡିଟ୍ କାର୍ଡ/ନେଟ୍ ବ୍ୟାଙ୍କିଙ୍ଗ ଯୋଗେ ଏହି ଦେୟ ଦାଖଲ କରିପାରିବେ।

ଯୋଗ୍ୟ ପ୍ରାର୍ଥୀ ଚୟନ ନିମନ୍ତେ ଲିଖିତ ପରୀକ୍ଷା ହେବ। ଏହି ପ୍ରକ୍ରିୟାରେ ପ୍ରଥମେ ୧୫୦ ମାର୍କର ପ୍ରିଲିମିନାରୀ ପରୀକ୍ଷା ହେବ। ଏଥିରେ ଏକାଧିକ ଉତ୍ତର ବିକଳ୍ପ ଥାଇ ଅବଜେକ୍ଟିଭ ପ୍ରଶ୍ନ ଦିଆଯିବ। ଏହାପରେ ୩୦୦ ମାର୍କର ମେନ୍ ପରୀକ୍ଷା ହେବ। ଏଥିରେ ୧୦୦ ମାର୍କର ଇଂଲିଶ, ୧୦୦ ମାର୍କର ଗଣିତ ଓ ୧୦୦ ମାର୍କର ସାଧାରଣ ଜ୍ଞାନ ଏବଂ ରିଜନିଂ ପରୀକ୍ଷା କରାଯିବ। ତା'ପରେ ୧୦୦ ମାର୍କର କମ୍ପ୍ୟୁଟର ଆପ୍ଲିକେଶନ ଟେଷ୍ଟ ହେବ। ଶେଷରେ ୪୦ ମାର୍କର ଭିଭା-ଭସ୍ ଟେଷ୍ଟ ହେବ। ଗ୍ରୁପ-ବିରେ ଆସୁଥିବା ଏହି ଏଏସ୍‌ଓମାନଙ୍କ ଦରମାର ପେ' ସ୍କେଲ ୩୫,୪୦୦ରୁ ୧ଲକ୍ଷ ୧୨ ହଜାର ୪୦୦ ଟଙ୍କା ରହିଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।

# ସ୍ତ୍ରୀଙ୍କୁ ହତ୍ୟା ପରେ ବସ୍ତାରେ ପୂରାଇ ରଖିଥିଲେ ସ୍ୱାମୀ

**କେନ୍ଦୁଝର,୧୪।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ବାରିଆ ଥାନା ଅଧୀନ ଷଡ଼ଙ୍ଗୀ ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀ ବସ୍ତାରେ ପୂରାଇ ଘରେ ଲୁଚାଇ ରଖିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ଗ୍ରାମବାସୀ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ମୃତ ମହିଳା ହେଲେ ବର୍ଷାଲି ବେଷ୍ଟକାର। ସୋମବାର ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହେବା ପରେ ସ୍ୱାମୀ ପ୍ରଦୀପ ବେଷ୍ଟକାର ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ସୂଚନା ଅନୁଯାୟୀ, ପ୍ରଦୀପ ନିଶାସକ୍ତ ଅବସ୍ଥାରେ ବର୍ଷାଲିଙ୍କୁ ଗାଁ ଦାଣ୍ଡରୁ ବାଡ଼େଇ ବାଡ଼େଇ ଘରକୁ ଆଣିଥିବା ସ୍ଥାନୀୟ ଲୋକେ ଦେଖିଥିବା କହିଛନ୍ତି। ପରେ ଘର ଭିତରେ କବାଟ ବନ୍ଦ କରି ମାଡ଼ ମାରି ହତ୍ୟା ପରେ ଏକ ବସ୍ତାରେ ମୃତଦେହକୁ ଭର୍ତ୍ତି କରି ତା ଉପରେ ଧାନ ବସ୍ତା ରଖି ଦେଇଥିଲେ। ଝିଅ ସନ୍ଧ୍ୟା ମା'ଙ୍କୁ ଖୋଜିବା ପରେ ଘଟଣା ଜଣାପଡ଼ିଥିଲା। ଗ୍ରାମବାସୀ ଘରର ତାଲା ଖୋଲି ବସ୍ତା ଭିତରେ ମୃତଦେହ ଥିବା ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ମୃତ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ଓ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବାରିଆ ଥାନା ଅଧିକାରୀ ହେମନ୍ତ କୁମାର ମାଝୀ କହିଛନ୍ତି।

# ଆଜିଠୁ ଇଣ୍ଡିଆ ସ୍କିଲ୍‌ସ-୨୦୨୪




**ଭୁବନେଶ୍ୱର, ୧୪।୫ (ଅସମାପିକା ସାହୁ)**

ବିଭିନ୍ନ ବିଷୟରେ ଭାରତର ଯୁବପିଢ଼ିଙ୍କ ଦକ୍ଷତା ପ୍ରଦର୍ଶନ ଲାଗି ପ୍ରତି ଦୁଇବର୍ଷରେ ଥରେ 'ଇଣ୍ଡିଆ ସ୍କିଲ୍‌ସ' ପ୍ରତିଯୋଗିତା କରାଯାଉଛି। ଚଳିତ ବର୍ଷ ମେ ୧୫ରୁ ୧୯ ତାରିଖ ଯାଏ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ 'ଓଡ଼ିଶା ସ୍କିଲ୍‌ସ'ରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ୬୪ ଜଣ ପ୍ରତିଯୋଗୀ ଭାଗନେବେ। ଚଳିତ ଥର ଦେଶର ନୂଆଦିଲ୍ଲୀ, ବେଙ୍ଗାଲୁରୁ, ମଣିପାଲ ଏବଂ ଗାନ୍ଧୀନଗର ଭଳି ୪ଟି ପ୍ରମୁଖ ସହରରେ 'ଇଣ୍ଡିଆ ସ୍କିଲ୍‌ସ' ପ୍ରତିଯୋଗିତା ଆୟୋଜନ କରାଯାଉଛି। ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ଦକ୍ଷତା ବିକାଶ ନିଗମ(ଏନ୍‌ଏସ୍‌ଡିସି) ଦ୍ୱାରା 'ଇଣ୍ଡିଆ ସ୍କିଲ୍‌ସ' କାର୍ଯ୍ୟକ୍ରମ କରାଯାଉଛି।


### ଓଡ଼ିଶାରୁ ଭାଗ ନେଇଛନ୍ତି ୬୪ ପ୍ରତିଯୋଗୀ

ଏହି ଜାତୀୟସ୍ତରର ଦକ୍ଷତାଭିତ୍ତିକ ପ୍ରତଯୋଗିତାରେ ଭାଗ ନେବା ଲାଗି ମଙ୍ଗଳବାର ଓଡ଼ିଶାର ପ୍ରତିଯୋଗୀମାନେ ଯାଇଛନ୍ତି। ଏହି ପ୍ରତିଯୋଗୀମାନଙ୍କୁ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି. ଥମ୍ପିରାଜା ଏବଂ ଉପାଧ୍ୟକ୍ଷ ଡ. ଶୁଭଙ୍ଗ କିଶୋର ଦାସ ଶୁଭେଚ୍ଛା ଜଣାଇଛନ୍ତି।

'ଇଣ୍ଡିଆ ସ୍କିଲ୍‌ସ'ରେ ମୋବାଇଲ ରୋବୋଟିକ୍ସ, ଇନ୍‌ଫର୍ମେଶନ ନେଟୱର୍କ କେବଲିଂ, ଇଣ୍ଡଷ୍ଟ୍ରିଆଲ କଣ୍ଟ୍ରୋଲ, ମୋବାଇଲ ଆପ୍ଲିକେଶନ ଡେଭଲପମେଣ୍ଟ, ସାଇବର ସିକ୍ୟୁରିଟି ଭଳି ୪୮ଟି ସ୍କିଲରେ ଓଡ଼ିଶାର ପ୍ରତିଯୋଗୀମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବେ। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନେ ସେପ୍ଟେମ୍ବରରେ ଫ୍ରାନ୍ସରେ ହେବାକୁ ଥିବା 'ୱାର୍ଲ୍ଡ ସ୍କିଲ୍‌ସ' ପ୍ରତିଯୋଗିତାରେ ନିଜ ଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ସୂଚନାଯୋଗ୍ୟ, 'ଇଣ୍ଡିଆ ସ୍କିଲ୍‌ସ' ପୂର୍ବରୁ 'ଓଡ଼ିଶା ସ୍କିଲ୍‌ସ'ପ୍ରତିଯୋଗିତା ମାର୍ଚ୍ଚ ୧୨ରୁ ୧୪ ତାରିଖ ଯାଏ ଚାଲିଥିଲା। ବିଶ୍ୱ ଦକ୍ଷତା କେନ୍ଦ୍ର ସହିତ ଭୁବନେଶ୍ୱର ଓ କଟକର ମୋଟ ୮ଟି କେନ୍ଦ୍ରରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ରାଜ୍ୟର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢୁଥିବା ୮୦୦ରୁ ଅଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ୬ଟି ପ୍ରମୁଖ କ୍ଷେତ୍ରରେ ମୋଟ ୪୫ଟି ସ୍କିଲକୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା। ଓଡ଼ିଶା ସ୍କିଲ୍‌ସରୁ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କ ଭିତରୁ ୬୪ ଜଣ ଇଣ୍ଡିଆ ସ୍କିଲସରେ ଭାଗ ନେଇଛନ୍ତି।

# ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

**କଟକ,୧୪।୫ (କାର୍ତ୍ତିକ ସାହୁ)**



### ନାବାଳିକା ଗଣବଳାତ୍କାର ମାମଲାରେ ୨ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ୨୦୧୪ରେ ଘଟିଥିବା ନାବାଳିକା ଗଣବଳାତ୍କାର ମାମଲାରେ ନିମ୍ନ ଅଦାଲତ ୨ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ରାୟ ପ୍ରଦାନ କରିଥିଲେ। ଏହି ରାୟ ଉପରେ ମୋହର ଲଗାଇବା ପାଇଁ ରାଜ୍ୟ ସରକାର ହାଇକୋର୍ଟକୁ ଆସିଥିବାବେଳେ ମାମଲାରେ ଦଣ୍ଡିତ ୨ ଅଭିଯୁକ୍ତ ମଧ୍ୟ ପୁନର୍ବିଚାର ପାଇଁ ହାଇକୋର୍ଟକୁ ଆସିଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ରାଜ୍ୟ ସରକାର ଓ ଅଭିଯୁକ୍ତଙ୍କ ପକ୍ଷରୁ ଖଣ୍ଡପୀଠ ଯୁକ୍ତି ଶୁଣିଥିଲେ। ଶୁଣାଣି ସମୟରେ ଅଭିଯୁକ୍ତଙ୍କ ମାନସିକ ଅବସ୍ଥାକୁ ନେଇ ପୂର୍ବର ସ୍ଥିତି ଏବଂ ଦଣ୍ଡାଦେଶ ପରର ସ୍ଥିତି ଓ ସେମାନଙ୍କ ମାନସିକ ପରିବର୍ତ୍ତନ ଉପରେ ଚୌଦ୍ୱାର ଜେଲ କର୍ତ୍ତୃପକ୍ଷ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ମାମଲାର ବିବରଣୀ ଅନୁସାରେ, ତିର୍ତ୍ତୋଲ ଅଞ୍ଚଳରେ ଜଣେ ୬ ବର୍ଷର ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିଲା। ନାବାଳିକା ଜଣଙ୍କ ନିକଟସ୍ଥ ଏକ ଦୋକାନକୁ ଚକୋଲେଟ ଆଣିବା ପାଇଁ ଯାଇଥିବାବେଳେ ଅଭିଯୁକ୍ତ ସେକ୍ ଅସିଫ ଅଲ୍ଲୀ ଏବଂ ସେକ୍ ଅକିଲ ଅଲ୍ଲୀ ତାଙ୍କୁ ଅପହରଣ କରିନେଇଥିଲେ। ଏକ ପରିତ୍ୟକ୍ତ ଘରେ ନାବାଳିକାଙ୍କୁ ଗଣବଳାତ୍କାର କରିବା ପରେ ହତ୍ୟା କରି ସେହି ଘରର ତାଜାରେ ଫିଙ୍ଗି ଦେଇଥିଲେ। ପରିବାର ଲୋକେ ନାବାଳିକାଙ୍କୁ ଖୋଜାଖୋଜି କରିବା ପରେ ପାଇ ନ ଥିଲେ। ତେବେ ଏହି ଘଟଣା ଜଣାପଡିବା ପରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜଗତ୍‌ସିଂହପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଏହି ମାମଲାର ବିଚାର ଚାଲିଥିଲା। କୋର୍ଟ ୨୦୨୨ ନଭେମ୍ବର ୨୯ରେ ମାମଲାରେ ରାୟ ପ୍ରକାଶ କରି ୨ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ଓ ଆବେଦନକାରୀଙ୍କ ପକ୍ଷରୁ ଶେଖ୍ ଜାଫରୁଲା ମାମଲା ପରିଚାଳନା କରୁଛନ୍ତି।

# ସ୍କୁଟି-ବାଇକ୍ ମୁହାଁମୁହିଁ: ୨ ମୃତ, ୨ ଗୁରୁତର

**ପାଟଣା(ବୀରକିଶୋର ଦାଶ)/ ଢେଙ୍କିକୋଟ(ନୀଳମଣି ମଣ୍ଡଳ), ୧୪।୫**

ମଙ୍ଗଳବାର ପୂର୍ବାହ୍ନରେ କେନ୍ଦୁଝର ଜିଲା ଢେଙ୍କିକୋଟ ପାଟଣା ଦେଇଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ କପାସପଡ଼ା ବାଙ୍କ ନିକଟରେ ଏକ ବାଇକ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମର ମିତ୍ରଭାନୁ ବେହେରା (୪୫) ଓ ପଣ୍ଡାପଡା ଥାନା କାଣ୍ଡଶର ଗ୍ରାମର ଯଦୁ ମୁଣ୍ଡା (୨୬)। ଗୁରୁତର ୨ଜଣ ହେଲେ ପାଟଣା ବ୍ଲକ ପଲାଣଘାଟି ପଞ୍ଚାୟତ ସଡଙ୍ଗବହାଳୀ ଗ୍ରାମର ଗୋପବନ୍ଧୁ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ଭବାନୀ। ସୂଚନା ଅନୁଯାୟୀ, ମିତ୍ରଭାନୁ ଓ ତାଙ୍କ ସ୍ତ୍ରୀ ସୁଲେଖା ଭୂଲବେଡାସ୍ଥିତ ଶ୍ୱଶୁର ଘରୁ ଏକ ବାଇକ୍‌ରେ ଢେଙ୍କିକୋଟକୁ ଗ୍ରୋସେରୀ ସାମଗ୍ରୀ ଆଣିବା ପାଇଁ ଯାଉଥିଲେ। ବିପରୀତ ଦିଗରୁ ଏକ ସ୍କୁଟି ଯୋଗେ ଯଦୁ ମୁଣ୍ଡା, ଗୋପବନ୍ଧୁ, ତାଙ୍କ ସ୍ତ୍ରୀ ଭବାନୀ ଓ ବର୍ଷକର ଶିଶୁକନ୍ୟାକୁ କାଣ୍ଡସରୁ ସଡଙ୍ଗବାହାଳୀ ଯାଉଥିବା ବେଳେ କପାସପଡ଼ା ନିକଟରେ ଭାରସାମ୍ୟ ହରାଇ ବାଇକ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଗୋପବନ୍ଧୁ ଓ ଭବାନୀ ଗୁରୁତର ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲେ। ଗୋପବନ୍ଧୁଙ୍କ ଶିଶୁକନ୍ୟା ଓ ସୁଲେଖା ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପାଟଣା ଥାନାଧିକାରୀ ବିବସ୍ୱ ପ୍ରଧାନ ପହଞ୍ଚି ତଦନ୍ତ କରିଛନ୍ତି। ଉଭୟଙ୍କ ମୃତଦେହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଘଟଗାଁ ଥାନାଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି। ଏନେଇ ଘଟଗାଁ ଥାନାରେ ଏକ ଦୁର୍ଘଟଣା ମାମଲା(ନଂ. ୨୦୯/୨୪) ରୁଜୁ ହୋଇଛି। ଉଭୟ ବାଇକ ଓ ସ୍କୁଟିକୁ ପୋଲିସ ଜବତ କରିଛି।



ମଙ୍ଗଳବାର ଅପରାହ୍ନରେ କୋରାପୁଟ ଜିଲା ଜୟପୁର ସହରରେ ହୋଇଥିବା କାଳ ବୈଶାଖୀରେ ୱାର୍ଡ ନଂ. ୨୦ ଜଗନ୍ନାଥ ମନ୍ଦିର ପାଚେରି ପାର୍ଶ୍ୱରେ ରହିଥିବା ଏକ ସାଇନବୋର୍ଡ ଉପୁଡି ରାସ୍ତାରେ ପଡିଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

**ବ୍ରହ୍ମପୁର,୧୪।୫ (ସୁବାସ ଚନ୍ଦ୍ର ପାଢ଼ୀ)**

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ସେ ଦୋଷୀ ବୁଗୁଡା ଅଞ୍ଚଳର ସୁରେଶ ପ୍ରଧାନ(୨୪)ଙ୍କୁ ୨୦ବର୍ଷ ଜେଲ୍‌ଦଣ୍ଡ ସହ ୧୪ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ୬ମାସ ୧୫ଦିନ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ଜୁଲାଇ ୧ ତାରିଖ ସନ୍ଧ୍ୟାରେ ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀ ଘରେ ଏକାକୀ ପଢୁଥିଲେ। ବାପା କାମରୁ ଫେରିବାରେ ଝିଅକୁ ନ ପାଇ ଏଣେତେଣେ ଖୋଜିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଝିଅକୁ ଗାଁ ମୁଣ୍ଡରୁ ଉଦ୍ଧାର କରିଥିଲେ। ପରେ ନାବାଳିକାଙ୍କ ବାପା ଏ ନେଇ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୯/୧୯ରେ ମାମଲା ରୁଜୁ କରିଥିଲା। ପୀଡ଼ିତାଙ୍କ ବୟାନ ଅନୁସାରେ ବଳାତ୍କାର ଅଭିଯୋଗରେ ସୁରେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ମଣ୍ଡଳ କାରାଗାରରେ ଥିବା ସୁରେଶଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# କୋଟିଆରେ ନିର୍ବାଚନ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଲା ଉତ୍କଳ ସମ୍ମିଳନୀ

**ଭୁବନେଶ୍ୱର, ୧୪।୫(ବନ୍ଦନା ସେଠୀ)**

କୋଟିଆରେ ନିର୍ବାଚନ ଅଧିକାରୀ ଓ ପୋଲିସ ପ୍ରଶାସନ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଛି ଉତ୍କଳ ସମ୍ମିଳନୀ। ୧୩ ତାରିଖରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ୍‌ର କୋଟିଆ ଗ୍ରାମପଞ୍ଚାୟତବାସୀ ବେଆଇନ୍ ଭାବେ ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ମତଦାନ କରିଥିବା ନେଇ ସମ୍ମିଳନୀ ଅଭିଯୋଗ ଆଣିଛି। ଏପରିକି ନିର୍ବାଚନ ପରିଚାଳନା କରୁଥିବା ପୋଲିଂ ଦଳ କୋଟିଆ ମତଦାତାମାନଙ୍କ ଆଙ୍ଗୁଠିରେ କାଳି ନ ଲଗାଇ ଛାଡ଼ି ଦେଇଥିବାବେଳେ ରାଜ୍ୟ ସୀମା ସିଲ୍ ଥିବା ସମୟରେ ଆନ୍ଧ୍ର ଏଜେଣ୍ଟମାନେ କିପରି ସ୍ୱତନ୍ତ୍ର ଗାଡ଼ିରେ କୋଟିଆବାସୀଙ୍କୁ ଆନ୍ଧ୍ର ପୋଲିଂ ବୁଥକୁ ନେଇ ସେଠାରେ ମତଦାନ କରାଇଲେ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ପ୍ରଶ୍ନ କରିଛନ୍ତି। ଏହି ବେଆଇନ୍ ମତଦାନ ସମ୍ପର୍କରେ ସମ୍ମିଳନୀ ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖାଯାଇଛି। ଏଥିସହ ନିର୍ବାଚନ ପରିଚାଳନା କରୁଥିବା ପୋଲିଂ ଦଳ ଓ ସ୍ଥାନୀୟ ପୋଲିସ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆନ୍ଧ୍ର ଏଜେଣ୍ଟଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଥିବା ସମ୍ମିଳନୀ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ତରାତ୍ମାରେ ଯଦି ବିକୃତି ଥାଏ- ତେବେ ଶରୀରରେ ନିଶ୍ଚୟ ବ୍ୟାଧି ଦେଖାଯିବ। କାରଣ- ମନର ପାପ ହେଲା ଦୈହିକ ପାପର ପ୍ରଚ୍ଛନ୍ନ କାରଣ। ସେହିପରି-ମଣିଷର ସାମାଜିକ ଜୀବନରେ ଦାରିଦ୍ର୍ୟ ଓ ଦୁର୍ଭୋଗ ବାରମ୍ବାର ଫେରିଆସୁଥିବ -ଯେତେଦିନ ପର୍ଯ୍ୟନ୍ତ ମନ ଅହଂକାରର ଅଧୀନସ୍ଥ ହୋଇ ରହିଥିବ। -ଶ୍ରୀଅରବିନ୍ଦ



# ଶିକ୍ଷାରେ ଇଚ୍ଛାଶକ୍ତି

ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ଅଷ୍ଟାଦଶ ସାଧାରଣ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଲୋକସଭା ସହିତ ୪ଟି ରାଜ୍ୟ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମରେ ବିଧାନସଭା ନିର୍ବାଚନ ହେଉଛି। ଦେଶରେ ୪ଟି ପର୍ଯ୍ୟାୟରେ ୩୮୧ ଲୋକ ସଭା ସିଟ୍ ପାଇଁ ଭୋଟ ଗ୍ରହଣ ସରିଲାଣି। ଏହି କ୍ରମରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକ ସଭା(ବ୍ରହ୍ମପୁର, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ) ଏବଂ ଏହା ଅନ୍ତର୍ଗତ ୨୮ ବିଧାନସଭା ଲାଗି ଭୋଟ ଗ୍ରହଣ ଶେଷ ହୋଇଛି। ଆଉ ତିନୋଟି ପର୍ଯ୍ୟାୟରେ ରାଜ୍ୟର ୧୭ଟି ଲୋକ ସଭା ଓ ଅବଶିଷ୍ଟ ବିଧାନସଭା ସକାଶେ ଭୋଟ ଗ୍ରହଣ ବାକି ରହିଛି। ଏହି ନିର୍ବାଚନରେ ମୁଖ୍ୟତଃ ଦୁଇ ଜାତୀୟ ଦଳ, ଯଥା ଭାରତୀୟ ଜନତା ପାର୍ଟି (ଭାଜପା) ଓ ଆଇଏନ୍‌ସି ବା ଜାତୀୟ କଂଗ୍ରେସ ଏବଂ ଆଞ୍ଚଳିକ ଦଳ ଭାବେ ବିଜୁ ଜନତା ଦଳ (ବିଜେଡି) ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏହିସବୁ ଦଳ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ପୂର୍ବରୁ ସେମାନଙ୍କ ନିର୍ବାଚନ ଇସ୍ତାହାର ବା ମାନିଫେଷ୍ଟୋ ପ୍ରକାଶ କରିଥିଲେ। ଏଥିରେ ଆର୍ଥିକ, ସାମାଜିକ ପ୍ରସଙ୍ଗରେ ସେମାନଙ୍କର ପ୍ରତିଶ୍ରୁତି ଉପସ୍ଥାପନ କରିଥିବାବେଳେ ଶିକ୍ଷା ସମ୍ପର୍କରେ ମଧ୍ୟ ସଙ୍କଳ୍ପ ରଖିଛନ୍ତି। ପ୍ରଦେଶ କଂଗ୍ରେସ ଏହାର ସଙ୍କଳ୍ପ ପତ୍ର (ପୃଷ୍ଠା-୩)ରେ ବିଦ୍ୟାଳୟଗୁଡ଼ିକରେ ପୁଷ୍ଟିସାର ପ୍ରାତଃଭୋଜନ ଓ ମଧ୍ୟାହ୍ନଭୋଜନ ଯୋଗାଇଦେବା, ସବୁ ମାଧ୍ୟମିକ ବିଦ୍ୟାଳୟରେ ପର୍ଯ୍ୟାପ୍ତ ହଷ୍ଟେଲ ନିର୍ମାଣ ଓ ଛାତ୍ରାବାସରେ ରହୁଥିବା ପିଲାଙ୍କର ଅର୍ଦ୍ଧେକ ଖର୍ଚ୍ଚ ବହନ କରିବା, ସମସ୍ତ ବିଦ୍ୟାଳୟରେ ଗୋଟିଏ କ୍ଲାସ ପାଇଁ ଅନ୍ତତଃ ଗୋଟିଏ ଶ୍ରେଣୀ କକ୍ଷ ନିର୍ମାଣ କରିବା, ବିଶ୍ୱବିଦ୍ୟାଳୟଗୁଡ଼ିକରେ ମୌଳିକ ଗବେଷଣା ଉପରେ ଗୁରୁତ୍ୱ ଦେବା, ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଖାଲି ପଦବୀ ପୂରଣ କରିବା, ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସବୁ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଓଡ଼ିଆରେ ପାଠପଢ଼ାକୁ ବାଧ୍ୟତାମୂଳକ କରିବା, ପ୍ରତି ବ୍ଲକରେ ସରକାରୀ ଆଇଟିଆଇ ଓ ପଲିଟେକ୍‌ନିକ କଲେଜ ଖୋଲିବା ଏବଂ ପ୍ରତ୍ୟେକ ସରକାରୀ ଶିକ୍ଷାନୁଷ୍ଠାନରେ ପାଠପଢ଼ା ଦେୟମୁକ୍ତ କରିବାକୁ ଘୋଷଣା କରିଛି। ସେହିପରି ବିଜେଡି ଓଡ଼ିଶାକୁ ଏକ ନମ୍ବର କରିବା ଲକ୍ଷ୍ୟରେ ଏହାର ମାନିଫେଷ୍ଟୋ ଉପସ୍ଥାପନ କରିଛି। ୨୪ଟି ପ୍ରସଙ୍ଗକୁ ଏଥିରେ ଗୁରୁତ୍ୱ ଦେଇଛି ଓ ଶିକ୍ଷାକୁ କ୍ରମିକ ନମ୍ବର ୧୪ରେ (ପୃଷ୍ଠା-୧୧) ସ୍ଥାନିତ କରିଛି। ରାଜ୍ୟର ୮୬୮୧ ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ ପର୍ଯ୍ୟାୟକ୍ରମେ ଶେଷ କରିବା, ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗଠନ କରିବା, ଉଭୟ ଥିଓରି ଓ ପ୍ରାକ୍ଟିକାଲ ଆଧାରିତ ଷ୍ଟେମ୍ (ସାଇନ୍ସ, ଟେକ୍‌ନୋଲୋଜି, ଇଞ୍ଜିନିୟରିଂ, ମାଥ୍‌ମେଟିକ୍ସ) ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା, ପ୍ରତି ହାଇସ୍କୁଲରେ କୋଡିଂ, ପ୍ରୋଗ୍ରାମିଂ ଓ କମ୍ପ୍ୟୁଟର ଶିକ୍ଷାଦେବା, ରାଜ୍ୟରେ ମହାପୁରୁଷଙ୍କ ସହ ଜଡ଼ିତ ୧୦୦ଟି ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟ ପ୍ରକଳ୍ପ ଅଧୀନରେ ରୂପାନ୍ତରୀକରଣ କରିବାକୁ ଘୋଷଣା କରିଛି।

ଏହି ଦୁଇଟି ଦଳ ବ୍ୟତୀତ ଭାଜପା ମଧ୍ୟ ମୋଦି ଗ୍ୟାରେଣ୍ଟି ଶୀର୍ଷକରେ ଇସ୍ତାହାର ପ୍ରକାଶ କରିଛି । ପୃଷ୍ଠା ୫୯ରେ ଶିକ୍ଷା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଆଧୁନିକ, ସର୍ବଭାରତୀୟ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେବା, ଉଚ୍ଚଶିକ୍ଷା ପାଇଁ ଅନୁଷ୍ଠାନ ବୃଦ୍ଧି କରିବାକୁ ଏହା ପ୍ରତିବଦ୍ଧତା ପ୍ରକାଶ କରିଛି। ଏହା ସହ ଶିକ୍ଷା କ୍ଷେତ୍ରରେ ଟେକ୍‌ନୋଲୋଜି ବ୍ୟବହାର, ଗୁଣାତ୍ମକ ଶିକ୍ଷା ପାଇଁ ପିଏମ୍ ଶ୍ରୀ ବିଦ୍ୟାଳୟ, ଏକଲବ୍ୟ ବିଦ୍ୟାଳୟ ଓ ଅନ୍ୟାନ୍ୟ ବିଦ୍ୟାଳୟଗୁଡ଼ିକୁ ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ଅନୁଯାୟୀ ବିଶ୍ୱସ୍ତରୀୟ କରିବାକୁ ଘୋଷଣା କରାଯାଇଛି। ବିଦ୍ୟାଳୟରେ ଗତିଶୀଳ ଶିକ୍ଷଣୀୟ ପାଠ୍ୟକ୍ରମ ଗ୍ରହଣ କରିବା ସହ ଉଚ୍ଚଶିକ୍ଷାରେ ପ୍ରଯୁକ୍ତିବିଦ୍ୟାରେ ଶିଳ୍ପ ସମନ୍ୱିତ ପାଠ୍ୟକ୍ରମ ତଥା ଦକ୍ଷତା ବିକାଶକୁ ଅନ୍ତର୍ଭୁକ୍ତ କରିବା ଏବଂ ଗୋଟିଏ ଦେଶ ଗୋଟିଏ ଛାତ୍ର ଆଇଡି କାର୍ଯ୍ୟକାରୀ କରିବାକୁ ଭାଜପା ପ୍ରତିଶ୍ରୁତି ଦେଇଛି।

ସବୁ ଦଳର ଘୋଷଣାକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଯେ, ଏଗୁଡ଼ିକରେ ମୁଖ୍ୟତଃ ଭିତ୍ତିଭୂମି ସହିତ କିଛି ସ୍ୱପ୍ନ ଦେଖାଯାଇଛି। କିନ୍ତୁ ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ମୂଳମନ୍ତ୍ର-ଯୋଗ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରସ୍ତୁତି- ସମ୍ପର୍କରେ କୌଣସି ଦଳ ତରଫରୁ ଉଲ୍ଲେଖ କରାଯାଇନାହିଁ। ଏଠାରେ କେବଳ ମାଷ୍ଟ୍ରଙ୍କ ଦରମା ବୃଦ୍ଧି କରିଦେଲେ ସମସ୍ୟାର ସମାଧାନ ହୋଇଯିବ ବୋଲି ଚିନ୍ତା କରିବା ଉଚିତ ନୁହେଁ। କେହି ଗୋଟିଏ ଦଳ ଭବିଷ୍ୟତକୁ ଲକ୍ଷ୍ୟ କରି ଛାତ୍ରୀଛାତ୍ରଙ୍କ ପାଖରେ ମାଷ୍ଟ୍ରଙ୍କୁ ଉତ୍ତରଦାୟୀ କରାଇବାର ବ୍ୟବସ୍ଥା ଗଢ଼ିବାରେ ଗୁରୁତ୍ୱ ଦେଇନାହାନ୍ତି। ଯାହାଫଳରେ ଯେତେ ଶ୍ରେଣୀଗୃହ ନିର୍ମାଣ ହେଉ, ଅଧିକ ମାଷ୍ଟ୍ର ନିଯୁକ୍ତି ପାଆନ୍ତୁ କିମ୍ବା ଉଚ୍ଚଶିକ୍ଷା ଅନୁଷ୍ଠାନ ଗଢ଼ିଦେଲେ ରାଜ୍ୟ କିମ୍ବା ଦେଶରେ ଥିବା ଶିକ୍ଷା ବ୍ୟବସ୍ଥାର ଉନ୍ନତି ଘଟିପାରିବ ନାହିଁ। ସେଥିପାଇଁ ଏହିସବୁ ପ୍ରତିଶ୍ରୁତି ସହ ମାଷ୍ଟ୍ରାଣୀ ମାଷ୍ଟ୍ରଙ୍କର ଯୋଗ୍ୟତା ବଢ଼ାଇବା ପାଇଁ ଆବଶ୍ୟକୀୟ ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ଦେଖାଯାଉଛି। ଉଦାହରଣସ୍ୱରୂପ, ବିଏଡ୍ ଓ ଏମ୍‌ଏଡ୍ ପଢୁଥିବା ଚାକିରି ଆଶାୟୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଡାକ୍ତରୀ(ଏମ୍‌ବିବିଏସ୍) ପାଠଭଳି ଦୁଇବର୍ଷ ସରକାରୀ ସ୍କୁଲରେ ପାଠ ପଢ଼ାଇବା ବାଧ୍ୟତାମୂଳକ ହେବା ଦରକାର। ଏଥିସହ ସେହିସବୁ ବିଏଡ୍ ଓ ଏମ୍‌ଏଡ୍ ଶିକ୍ଷା ଦେଉଥିବା ଅନୁଷ୍ଠାନଗୁଡ଼ିକୁ ଅଧିକ ଗୁରୁତ୍ୱ ଓ ସଶକ୍ତ କରାଯିବା ଆବଶ୍ୟକ। ଦେଶର ଭବିଷ୍ୟତକୁ ଗଢ଼ିବାର ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଶିକ୍ଷକ ଯେଉଁ ଅନୁଷ୍ଠାନରୁ ପ୍ରଶିକ୍ଷଣ ନେବେ ତାହାର ମାନ ସର୍ବୋଚ୍ଚ ରହିବା ଦରକାର। ଯେଉଁ ପର୍ଯ୍ୟନ୍ତ ଯୋଗ୍ୟ ଶିକ୍ଷକ ହାସଲ କରିବା ସମସ୍ୟାର ସମାଧାନ ଖୋଜିବା ପାଇଁ ଉଦ୍ୟମ ଆରମ୍ଭ ହୋଇନାହିଁ ସେ ପର୍ଯ୍ୟନ୍ତ ଭାରତୀୟ ଶିକ୍ଷା ବ୍ୟବସ୍ଥା କେବଳ ଧନୀବର୍ଗର ସୁବିଧା ସୃଷ୍ଟି କରିବା ପାଇଁ ସୀମିତ ହୋଇ ରହିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | | | 6 |
| 6 | | 4 | 5 | 3 | | 1 | | |
| | 7 | 9 | 1 | 8 | | | | |
| | | 6 | | | | | | 5 |
| | | | | | 2 | | 3 | 7 |
| | | | 3 | 9 | 5 | | | |
| | | | | | | | | 4 |
| 8 | 9 | | | | | | 1 | |
| 5 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 2 | 4 | 9 | 7 | 8 | 6 | 5 |
| 9 | 6 | 7 | 8 | 3 | 5 | 4 | 2 | 1 |
| 4 | 8 | 5 | 6 | 2 | 1 | 9 | 7 | 3 |
| 2 | 7 | 1 | 5 | 6 | 9 | 3 | 4 | 8 |
| 5 | 9 | 8 | 7 | 4 | 3 | 2 | 1 | 6 |
| 6 | 4 | 3 | 2 | 1 | 8 | 7 | 5 | 9 |
| 7 | 5 | 9 | 1 | 8 | 2 | 6 | 3 | 4 |
| 3 | 1 | 4 | 9 | 7 | 6 | 5 | 8 | 2 |
| 8 | 2 | 6 | 3 | 5 | 4 | 1 | 9 | 7 |

ଗତକାଲିର ଉତ୍ତର

# ଦେବତାର ଆସନରେ ମଣିଷର ଅଭିଷେକ




ଡ. ହୃଷୀକେଶ ମଲ୍ଲିକ

କବି କାଳିନ୍ଦୀଚରଣ ପାଣିଗ୍ରାହୀ ନିଜ କବିତାରେ ବ୍ୟକ୍ତିମନ ଓ ବିଶ୍ୱମନର ପରିପ୍ରକାଶ କରିଛନ୍ତି। ତାଙ୍କ କବିତାକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ। ଗୋଟିଏ ପର୍ଯ୍ୟାୟ ସ୍ୱପ୍ନର ବନ୍ଦନା କରେ ଓ ଅନ୍ୟ ପର୍ଯ୍ୟାୟଟି ଜଗତର ବାସ୍ତବତାକୁ ରୂପଦିଏ। ପ୍ରଥମ ପର୍ଯ୍ୟାୟର କବିତାରେ କବି ଇଂରେଜ ରୋମାଣ୍ଟିକ କବି ଓ ବଙ୍ଗଳାର ରବୀନ୍ଦ୍ରୀୟ କବିତାକୁ ଅନୁସରଣ କରିଛନ୍ତି। ଏଥିରେ ସୌନ୍ଦର୍ଯ୍ୟ ଓ ପ୍ରକୃତି ପ୍ରମୁଖ ହୋଇଉଠିଛି। ୧୯୩୫ ବେଳକୁ କାଳିନ୍ଦୀଙ୍କ କାବ୍ୟ ଚେତନାରେ ବିପୁଳ ପରିବର୍ତ୍ତନ ଆସିଛି। ନିଜର ସାନ ଭାଇ ଭଗବତୀ ଚରଣ ପାଣିଗ୍ରାହୀ କମ୍ୟୁନିଷ୍ଟ ଚେତନାରେ ଦୀକ୍ଷିତ ହେବା ପରେ କାଳିନ୍ଦୀଙ୍କ କବିମନ ସ୍ୱତଃସ୍ଫୂର୍ତ୍ତ ଭାବେ ସମକାଳୀନ ସମାଜ ଜୀବନ ପ୍ରତି ଢଳିଯାଇଛି ଓ ସେ ଦେବତାର ବନ୍ଦନା ନ କରି ମଣିଷର ବନ୍ଦନାରେ ନିଜ ଲେଖନୀକୁ ସମର୍ପିତ କରିଛନ୍ତି।

କାଳିନ୍ଦୀ ଚରଣଙ୍କ କବିତାର ସୁମାରି କରିବସିଲେ ସେ ଶତାଧିକ କବିତା ରଚନା କରିଥିବା ଦେଖିବାକୁ ମିଳେ। ତାଙ୍କର କବିତାଗ୍ରନ୍ଥଗୁଡ଼ିକ ମଧ୍ୟରେ 'ମନେନାହିଁ', 'ମହାଦୀପ', 'କ୍ଷଣିକ ସତ୍ୟ', 'ଛୁରୀଟିଏ ଲୋଡ଼ା' ଓ 'ମୋ କବିତା' ଆଦି ପ୍ରମୁଖ। କବି ନିଜର କବିତାରେ ପ୍ରତି ପଦେପଦେ ଯୁଗଧର୍ମପ୍ରତି ବିଶ୍ୱସ୍ତ ହୋଇଚାଲିଛନ୍ତି। ପ୍ରଥମ ପର୍ଯ୍ୟାୟର କବିତାରେ ପୌଷ ସନ୍ଧ୍ୟା, ସନ୍ଧ୍ୟାପଥେ, ଶରତ ସନ୍ଧ୍ୟା, ଆଷାଢ଼ ସନ୍ଧ୍ୟା, ପ୍ରଭାତ ଓ ପ୍ରଭାତ ରାସ ଯେପରି ଗୁରୁତ୍ୱପୂର୍ଣ୍ଣ, ଦ୍ୱିତୀୟ ପର୍ଯ୍ୟାୟରେ ଲୋହିତ ବ୍ୟଥା ଓ ପରୀ ଆଦି କବିତା ସେହିଭଳି ଗୁରୁତ୍ୱପୂର୍ଣ୍ଣ। କବିଙ୍କ ମତରେ ଈଶ୍ୱର ମଣିଷର ହାତଗଢ଼ା, ତେଣୁ ମଣିଷର ଭାଗ୍ୟକୁ ବିଦ୍ରୂପ କରିବାର ଅଧିକାର ଈଶ୍ୱରଙ୍କର ନାହିଁ। ସେ ତାଙ୍କର ଏକ କବିତାରେ ଲେଖିଛନ୍ତି 'ରକତ ମାଂସର ଯେତେ ହସ୍ତ/ ନିର୍ମିଲା ଏ ପ୍ରସ୍ତର ସମସ୍ତ/ ତାହାରି ସକାଶେ/ଏ ପାଷାଣ ପାଶେ/ ନମସ୍କାର/ ବାରମ୍ବାର।' ସେ ଡାକିହାକି କହିଛନ୍ତି 'ଯେ ବାଣୀ ଛୁଇଁନି ଗୋଟିଏ ଜାତିର କୋଟିଏ ବୁକେ/ ସେ ବାଣୀ ମୋହର ନ ହଉ ଗୋଚର ନ ଆସୁ ମୁଖେ (ବାଣୀ)।'

ପ୍ରତି ପଦପାତର କାଳିନ୍ଦୀଚରଣ ନୂଆ କବିତାର କବି। ସେ ଯେପରି ଆବେଗପୂର୍ଣ୍ଣ ଭାଷାରେ ଧରାର ବନ୍ଦନା କରିପାରନ୍ତି, ଧରାରୁ ଈଶ୍ୱରଙ୍କୁ ବିଦାୟ ଦେବାରେ ସେହିପରି ଉତ୍ସୁକ ମଧ୍ୟ ଥାଆନ୍ତି। ପ୍ରେମକୁ ସେ ଦେହର ବାସନା ବୋଲି ମନେକରନ୍ତି ଏବଂ କହନ୍ତି ଆତ୍ମାଫାତ୍ମା ବାଜେ କଥା। ତେଣୁ ତାଙ୍କ ଦୃଷ୍ଟିରେ ଦେହ ହିଁ ସତ୍ୟ, ଦେବତାର ଧାରଣା ମିଥ୍ୟା। ମଣିଷ ହିଁ ସବୁକିଛି। ସେ ଏପରି ସମାଜ ପ୍ରତିଷ୍ଠା କରିବାକୁ ଚାହାନ୍ତି, ଯହିଁରେ ସମସ୍ତଙ୍କ ପାଇଁ ବଖୁରାଏ ଘର ଥିବ, ଧନିକ ଦିନରେ ଡକାୟତି କରୁ ନ ଥିବ। ଗରିବ ଭୟରେ ଦିନ କାଟୁ ନ ଥିବ (ଆଗାମୀ)। କବିଙ୍କ ଭାଷାରେ 'ଜନମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ

**ତିରୋଧାନ ଦିବସ ଉପଲକ୍ଷେ**



ମାନ/ ଆମ ଝିଅବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ'। କବି ବୁର୍ଜୁୟାଙ୍କୁ ଗାଳି ଦେଇଛନ୍ତି ନିଜକୁ ଧିକ୍କାର କରି। ଆତ୍ମଧିକ୍କାର ଯେ, ଶକ୍ତିଶାଳୀ ପ୍ରତିବାଦର ଭାଷା ହୋଇପାରେ, କାଳିନ୍ଦୀଙ୍କ କବିତା ନ ପଢ଼ିଲେ ଜାଣିହୁଏ ନାହିଁ। ସୁତରାଂ କାଳିନ୍ଦୀ ହେଉଛନ୍ତି ଓଡ଼ିଆ କବିତାରେ ଭାଷାର ତଥାକଥିତ ଆଭିଜାତ୍ୟକୁ ଭାଙ୍ଗି ଦେବାର ସବୁଠୁ ସ୍ପର୍ଦ୍ଧିତ କବି, ଯେଉଁ କବିଙ୍କୁ ଓଡ଼ିଆ ସାହିତ୍ୟ ଅନେକ ଦିନରୁ ଅପେକ୍ଷା କରି ରହିଥିଲା।

୧୯୬୬ରେ ପ୍ରକାଶିତ ବିଶିଷ୍ଟ ବଙ୍ଗୀୟ ସମାଲୋଚକ ସୁଧାକର ଚଟ୍ଟୋପାଧ୍ୟାୟ ତାଙ୍କର 'ରବୀନ୍ଦ୍ରନାଥ ଓ ଭାରତୀୟ ସାହିତ୍ୟ'ରେ କାଳିନ୍ଦୀଚରଣଙ୍କ କବିତା ସମ୍ପର୍କରେ ମତ ଦେବାକୁ ଯାଇ କହିଛନ୍ତି: ''ଆଧୁନିକ ଓଡ଼ିଶାର ଲବ୍ଧପ୍ରତିଷ୍ଠ କଥା ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଏକ କାଳେ କବିତା ରଚନା କରେଛିଲେନ୍ ଏବଂ କୋନଓ କୋନଓ ସମାଲୋଚକ ସେ-ସକଲ କବିତାର ବିଶେଷ କାବ୍ୟମୂଲ୍ୟ ସ୍ୱୀକାର ନା କରଲେଓ ଆମାଦେର କାଛେ କୟେକଟି କବିତା ନାନା କାରଣେ ଉଲ୍ଲେଖଯୋଗ୍ୟ ବଲେ ମନେ ହଚ୍ଛେ।'' (ପୃ: ୬୮)। ଏହାର କାରଣ ସ୍ୱରୂପ ସେ କହିଥିଲେ, ପ୍ରଥମତଃ କାଳିନ୍ଦୀଙ୍କ କବିତା ନିଛକ ପଦ୍ୟ ନୁହେଁ, କବିତା। ଦ୍ୱିତୀୟତଃ ସବୁଜ ସାହିତ୍ୟିକଙ୍କ ପ୍ରସଙ୍ଗରେ ସବୁଜ କବିତାର ସମ୍ପାଦକ କାଳିନ୍ଦୀଚରଣଙ୍କ ଆଲୋଚନାକୁ କଦାପି ବାଦ୍ ଦେଇହେବ ନାହିଁ। ତୃତୀୟତଃ ରବୀନ୍ଦ୍ରନାଥଙ୍କ ଭାବ-ଭାଷା ଓ ଛନ୍ଦର ଧାରାନୁସରଣର ପ୍ରୋଜ୍ଜ୍ୱଳ ଉଦାହରଣ ଥିଲେ କାଳିନ୍ଦୀ। ଏଇ ମତ ସହ କେବଳ ଗୋଟିଏ ଧାଡ଼ି ଯୋଗ କରିବାକୁ ଏଇ ଲେଖକ ଅପରିହାର୍ଯ୍ୟ ମଣେ ଯେ, କାଳିନ୍ଦୀଚରଣ କେବଳ ରବୀନ୍ଦ୍ର କାବ୍ୟଧାରାର ଉଜ୍ଜ୍ୱଳତମ ଅନୁଗାମୀ ନ ଥିଲେ, ଥିଲେ ଅବିଶ୍ୱସନୀୟ ଭାବେ ଅତିକ୍ରମୀ ବି।

ରବୀନ୍ଦ୍ରନାଥ ଲେଖିଛନ୍ତି: ''ଥାକୋ, ସ୍ୱର୍ଗ, ହାସ୍ୟମୁଖେ କରୋ ସୁଧାପାନ,/ଦେବଗଣ! ସ୍ୱର୍ଗ ତୋମାଦେରି ସୁଖସ୍ଥାନ,/ମୋରା ପରବାସୀ। ମର୍ତ୍ତ୍ୟଭୂମି ସ୍ୱର୍ଗ ନହେ,/ସେ ଯେ ମାତୃଭୂମି...'' ସ୍ୱର୍ଗାଦପୀ ଗରୀୟସୀ।

କାଳିନ୍ଦୀଚରଣଙ୍କ କବିତାର ନିରପେକ୍ଷ ଅଧ୍ୟୟନରୁ ମନେହୁଏ ଯେ, କବିଙ୍କର କବିତା ବଙ୍ଗଳା କବିତାର ପ୍ରଭାବକୁ ଆତ୍ମସାତ୍ କରି ଓଡ଼ିଆ ଭାଷାର ଗରିମା ପ୍ରତିଷ୍ଠାରେ ନିଜକୁ ଯଥେଷ୍ଟ ସକ୍ଷମ ପ୍ରତିପାଦିତ କରିଛି। ଏପରି କି ପାଠ୍ୟପୁସ୍ତକ ରଚନାକାଳରେ କାଳିନ୍ଦୀ ଯେଉଁ କବିତା ସବୁ ଲେଖିଯାଇଛନ୍ତି, ଓଡ଼ିଆ ସାହିତ୍ୟର ଉଦୟରାଗ ସେଥିରେ ଏପରି ପ୍ରତିଭାତ ଯେ ବୟସ୍କମାନଙ୍କ ସ୍ମୃତିରୁ ବି ସେସବୁ ବିସ୍ମୃତ ହୋଇନାହିଁ। ଦୁଇଟି ଉଦାହରଣ ଏଠାରେ କଦାପି ଅପ୍ରାସଙ୍ଗିକ ମନେହେବ ନାହିଁ।

୧: ''ମନେଅଛି ମୋର ଗ୍ରାମ ଚାଟଶାଳୀ
ଚିହ୍ନିଥିଲି ଯହିଁ ଅକ୍ଷର ଆଗେ,
ସରୁଦାଣ୍ଡ କଡ଼େ ଚାଳଘର ଖଣ୍ଡି
ଯାଇଥିଲି ଦିନେ ବାପାଙ୍କ ସଙ୍ଗେ।''

୨: ''ଦୂର ଗାଆଁ କୋଳେ ବୁଡୁଥିଲା ମୋର
ଗୋଧୂଳି-ବେଳ
ଶିଶୁସାଥୀ ମେଳେ ବସୁଥିଲା କେତେ ସୁଖର ହାଟ।
କେତେ ପ୍ରିୟ ସ୍ମୃତି ଅନୁଭୂତିମୟ ଅତୀତ କାଳ
ତୋତେ ଚାହିଁ ଆଜି ପାସୋରିଦେଲିରେ ଶିମୁଳିପାଳ।''

ଓଡ଼ିଆ କବିତାରେ ସରଳତା ଓ ସୌକୁମାର୍ଯ୍ୟର ପ୍ରତିଷ୍ଠା ଦିଗରେ କାଳିନ୍ଦୀଚରଣ କବିତା ରଚନାରେ ହାତ ଦେଲାଦିନୁଁ ଯେପରି ପ୍ରଚେଷ୍ଟା କରିଆସିଛନ୍ତି, ତାହା ସମକ୍ଷରେ ତାଙ୍କ ସାହିତ୍ୟର ସବୁଜକାଳକୁ ନେଇ ବଙ୍ଗୀୟ ପ୍ରଭାବର ଯେଉଁ ମୋହର ମରାଯାଏ, ତାହା ଗ୍ରହଣୀୟ ନୁହେଁ। ପଡ଼ୋଶୀ ଭାଷାକୁ ନ୍ୟୂନ ପ୍ରତିପାଦିତ କରିବା ବଙ୍ଗୀୟ ସମାଲୋଚକମାନଙ୍କର ଏକ ଯୋଜନାବଦ୍ଧ ଅଭ୍ୟାସ, ଯହିଁରୁ ସେମାନେ ସହଜରେ ମୁକୁଳିପାରନ୍ତି ନାହିଁ। କେବଳ ଓଡ଼ିଆ କବିତା ନୁହେଁ, ଅହମିୟା କବିତା ସମ୍ପର୍କରେ ବଙ୍ଗୀୟ ଧାରଣା ମଧ୍ୟ ନିଷ୍ପକ୍ଷ ନୁହେଁ।

ଆକାଶରେ କାନପାତି ରବୀନ୍ଦ୍ର 'ତୋମାରି ଗାନ' ଶୁଣିଥିବା ବେଳେ ସୂର୍ଯ୍ୟକୁମାର ଶୁଣିଛନ୍ତି 'ଅଶୁଣା ଗାନ'। ପ୍ରଭାବରେ ଥାଇ ବି ଅନେକ ସ୍ଥଳେ ଓଡ଼ିଆ ଓ ଅହମିୟା କବିତା ପ୍ରଭାବକୁ ଅତିକ୍ରମି ଯାଇଛନ୍ତି, ଯାହା ଅବାଞ୍ଛିତ ଭାବେ ଉପରମୁହାଁ କୌଣସି ଭାଷାର ସ୍ୱୀକୃତିକୁ ଅପେକ୍ଷା ରଖେନାହିଁ। 'ନିରୁଦ୍ଦେଶ' ଓ 'ସୁଦୂର' ପ୍ରତି ଆକର୍ଷଣ ସବୁଜ କବିତାର ଅନ୍ୟତମ ବୈଶିଷ୍ଟ୍ୟ ହେଲେ ବି କାଳିନ୍ଦୀଚରଣଙ୍କ କବିତା ଅନ୍ୟ ଭାଷାର ଚାପରେ ପେଷିହୋଇ କଦାପି ସ୍ୱଭାଷାର ଗରିମାକୁ ଭୂଲୁଣ୍ଠିତ କରିନାହିଁ। ତାଙ୍କ କବିତାରେ ଯେପରି ଆମେ ଦେଖୁ ପୁଷ୍ପରେଣୁ ଉଡ଼ିବାର କୁହୁକ, ସେହିପରି ଭେଟୁ ଦୀନନିପିଡ଼ିତର ସଙ୍କଟରେ ବିଦ୍ରୋହର ସ୍ଫୁଲିଙ୍ଗକୁ ଉଜାଗର କରି ରଖିବାର ପ୍ରତିବଦ୍ଧତା। ସେ କାରୁଣ୍ୟର କବି, ଯେଉଁ କରୁଣ୍ୟ ବିନା ବିବେଚନାରେ ଗଢ଼ି ଆସିଥିବା ତଥାକଥିତ ପରମ୍ପରାକୁ ସ୍ୱୀକାର କରେ ନାହିଁ। କାଳିନ୍ଦୀଚରଣ ନିରୁଦ୍ଦେଶର କବି। ସମ୍ମୁଖରେ ତାଙ୍କର ଅସ୍ତଗାମୀ ସୂର୍ଯ୍ୟର ଅନ୍ଧାର:

''ଅସ୍ତଗାମୀ ରବିସମ ନିବିଡ଼ ଏ ଅନ୍ଧାର ମୁଖରେ,
ଚାଲିଛି ମୁଁ ଗୋଧୂଳିର ଶୀର୍ଣ୍ଣକ୍ଲାନ୍ତ କ୍ଷୀଣ ମୟୂଖରେ।
ଶୀକର ପବନ ମୋର ଲାଗେ ଗଣ୍ଡେ ଲାଗେ ଭାଲ ଦେଶେ
ଚାଲିଛି ମୁଁ ଆଜି ନିରୁଦ୍ଦେଶେ।'' (ସନ୍ଧ୍ୟାଲୋକେ)

କାଳିନ୍ଦୀ ମାଟିର କବି, ମାତୃଭାଷାର କବି। ପ୍ରୟୋଜନବୋଧକୁ ଚାହିଁ ଓଡ଼ିଆ କବିତାରେ ଭାଷାର ଯେଉଁ ଅଭିନବ ବ୍ୟବହାର ସେ କରିଛନ୍ତି ତାହାର ପଟାନ୍ତର ଭାରତୀୟ ସାହିତ୍ୟରେ ବିରଳ।

ମୋ:୯୮୫୩୨୮୭୭୫୫

# ନିର୍ବାଚନରେ ଏଆଇ



ସୌରଜିତ ପ୍ରଧାନୀ

ଭାରତ ବିକଶିତ ହେଉଥିବାରୁ ନିର୍ବାଚନ ପଦ୍ଧତି ମଧ୍ୟ ଅନୁରୂପ ଭାବେ ପରିଚାଳିତ ହେଉଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଉଭା ହୋଇଛି। ଏହା ବିଭିନ୍ନ କ୍ଷେତ୍ରକୁ ନୂଆ ରୂପ ଦେଉଛି ଏବଂ ନିର୍ବାଚନ ପ୍ରକ୍ରିୟା ଉପରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ଭୋଟରଙ୍କ ନିକଟରେ ପହଞ୍ଚିବାଠାରୁ ଆରମ୍ଭ କରି ଫଳାଫଳ ବିଶ୍ଳେଷଣ ପର୍ଯ୍ୟନ୍ତ, ଏଆଇ ଭାରତରେ ନିର୍ବାଚନର ଦକ୍ଷତା ଏବଂ ନିରପେକ୍ଷତାକୁ ଶୃଙ୍ଖଳିତ ଓ ବୃଦ୍ଧି କରିବାରେ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରୁଛି।

ନବେ ଦଶକରେ 'ମାସ ଟେଲି କଲିଂ' ରଣନୀତିର ବ୍ୟବହାରଠାରୁ ଆରମ୍ଭ କରି ୨୦୧୪ରେ 'ହୋଲୋଗ୍ରାମ' ଏବଂ ୨୦୨୪ରେ 'ଏଆଇ' ଯୁଗ ପର୍ଯ୍ୟନ୍ତ ଟେକ୍ନୋଲୋଜିର ବିବର୍ତ୍ତନ ଭାରତରେ ଅନୁଷ୍ଠିତ ନିର୍ବାଚନର ନିୟମାବଳୀକୁ ନୂଆ ରୂପ ଦେଇଛି। ରାଜନୈତିକ ସମୀକ୍ଷକମାନେ ୨୦୨୪କୁ 'ଫେସବୁକ ନିର୍ବାଚନ' ବୋଲି କହୁଥିବା ବେଳେ ୨୦୧୯କୁ 'ହ୍ୱାଟ୍ସଆପ୍ ନିର୍ବାଚନ' ବୋଲି ବିବେଚନା କରିଥିଲେ।

ଭାରତୀୟ ନିର୍ବାଚନରେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେଉଛି ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ବିଶାଳ ଓ ବିବିଧତାପୂର୍ଣ୍ଣ ଭୋଟରଙ୍କ ନିକଟରେ ପହଞ୍ଚିବା। ଏଆଇ ଦ୍ୱାରା ପରିଚାଳିତ ଆଲଗୋରିଦମ ସମ୍ଭାବ୍ୟ ଭୋଟରମାନଙ୍କୁ ଚିହ୍ନଟ କରିବା ପାଇଁ ବ୍ୟାପକ ଜନସଂଖ୍ୟା ତଥ୍ୟର ବିଶ୍ଳେଷଣ କରି ଭୋଟରଙ୍କ ନିକଟରେ ପହଞ୍ଚିବା ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ରାଜନୈତିକ ନେତାଙ୍କ ଭାଷଣକୁ ବିଭିନ୍ନ ଭାଷାରେ ଅନୁବାଦ କରାଯାଉଛି। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ଏ ଦିଗରେ ସହାୟକ ହୋଇପାରିଛି, ଯାହା ରାଜନୈତିକ ଦଳକୁ ବ୍ୟକ୍ତିଗତ ବିଷୟବସ୍ତୁ ସହିତ ନିର୍ଦ୍ଦିଷ୍ଟ ଜନସଂଖ୍ୟାକୁ ଟାର୍ଗେଟ କରିବାକୁ ଅନୁମତି ଦେଉଛି। କେବଳ ସେତିକି ନୁହେଁ, ଭୋଟରଙ୍କ ସହ ଯୋଗାଯୋଗ କରିବା, ସେମାନଙ୍କ ପ୍ରଶ୍ନର ଉତ୍ତର ଦେବା ଏବଂ ପ୍ରାର୍ଥୀ, ମତଦାନ କେନ୍ଦ୍ର ତଥା ଭୋଟିଂ ପ୍ରକ୍ରିୟା ସମ୍ପର୍କରେ ଉପଯୁକ୍ତ ସୂଚନା ପ୍ରଦାନ କରିବା ପାଇଁ ଏଆଇ-ପରିଚାଳିତ ଚାଟ୍‌ବଟ ଏବଂ ଭର୍ଚୁଆଲ ଆସିଷ୍ଟାଣ୍ଟଙ୍କୁ ନିୟୋଜିତ କରାଯାଉଛି। ଏହି ଭର୍ଚୁଆଲ ଆସିଷ୍ଟାଣ୍ଟ ୨୪ ଘଣ୍ଟିଆ କାର୍ଯ୍ୟ କରି ଭୋଟରଙ୍କୁ ସୂଚନାର ସୁବିଧା ପ୍ରଦାନ କରିବା ସହ ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରୁଛି।

ସ୍ୱଚ୍ଛତା ଓ ନିରପେକ୍ଷତାର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବାରେ ନିର୍ବାଚନର ଅଖଣ୍ଡତାକୁ ସୁନିଶ୍ଚିତ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ନିର୍ବାଚନ ଜାଲିଆତି ଏବଂ ଦୁର୍ନୀତିକୁ ଚିହ୍ନଟ କରିବା ଏବଂ ରୋକିବା ପାଇଁ ଏଆଇ ଟେକ୍ନୋଲୋଜିର ଉପଯୋଗ କରାଯାଉଛି। ଉଦାହରଣ ସ୍ୱରୂପ,



ଏଆଇ ଆଲଗୋରିଦମ ଭୋଟର ତଥ୍ୟରେ ଥିବା ଢାଞ୍ଚାକୁ ବିଶ୍ଳେଷଣ କରି ଅସଙ୍ଗତି ବା ଅନିୟମିତତା, ଯେପରି କି ଡୁପ୍ଲିକେଟ ଏଣ୍ଟ୍ରି ବା ଅଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିପାରିବ। ଏତଦ୍‌ବ୍ୟତୀତ, ସୋସିଆଲ ମିଡିଆ ପ୍ଲାଟଫର୍ମ ଏବଂ ଅନ୍‌ଲାଇନ ଫୋରମରେ ମିଥ୍ୟା ପ୍ରଚାର ଏବଂ ମିଥ୍ୟା ଖବର ଉପରେ ନଜର ରଖିବା ପାଇଁ ଏଆଇ ଦ୍ୱାରା ପରିଚାଳିତ ତଥ୍ୟ ବିଶ୍ଳେଷଣ ଉପକରଣକୁ ବ୍ୟବହାର କରାଯାଉଛି। ବାସ୍ତବ ସମୟରେ ଭୁଲ୍ ତଥ୍ୟକୁ ଚିହ୍ନଟ କରେ ଏଆଇ। ଏହା ନିଶ୍ଚିତ କରିଥାଏ ଯେ ମତଦାତାମାନେ ବାସ୍ତବ ତଥ୍ୟ ଆଧାରରେ ସୂଚନାଭିତ୍ତିକ ନିଷ୍ପତ୍ତି ନିଅନ୍ତୁ।

ଏଆଇ ନିର୍ବାଚନ ପରିଚାଳନା ସହ ଜଡ଼ିତ ବିଭିନ୍ନ ପ୍ରଶାସନିକ କାର୍ଯ୍ୟକୁ ଶୃଙ୍ଖଳିତ କରୁଛି, ଯାହାଫଳରେ ଖର୍ଚ୍ଚ ହ୍ରାସ ପାଇବା ସହ ଦକ୍ଷତା ବୃଦ୍ଧିହେଉଛି। ଉଦାହରଣ ସ୍ୱରୂପ, ଏଆଇ ଆଲଗୋରିଦମ ମତଦାନ କେନ୍ଦ୍ର ଏବଂ ନିର୍ବାଚନ କର୍ମଚାରୀଙ୍କ ଭଳି ସମ୍ବଳର ଆବଣ୍ଟନକୁ ଅନୁକୂଳ କରିବା ପାଇଁ ଐତିହାସିକ ଭୋଟିଂ ଢାଞ୍ଚା ଏବଂ ଜନସଂଖ୍ୟାଗତ ତଥ୍ୟକୁ ବିଶ୍ଳେଷଣ କରିପାରେ। ଅଧିକ ଭୋଟର କିମ୍ବା ସମ୍ଭାବ୍ୟ ଚ୍ୟାଲେଞ୍ଜ ଥିବା କ୍ଷେତ୍ରକୁ ଚିହ୍ନଟ କରି ଏଆଇ ନିର୍ବାଚନ କର୍ତ୍ତୃପକ୍ଷଙ୍କୁ ଅଧିକ ପ୍ରଭାବୀ ଢଙ୍ଗରେ ସମ୍ବଳ ମୁତୟନ କରିବାରେ ସକ୍ଷମ କରିଥାଏ, ଯାହାଦ୍ୱାରା ନାଗରିକମାନଙ୍କ ପାଇଁ ସହଜ ଭୋଟିଂ ସୁନିଶ୍ଚିତ ହୋଇଥାଏ।

ଏତଦ୍‌ବ୍ୟତୀତ ଏଆଇ ଦ୍ୱାରା ପରିଚାଳିତ ଭବିଷ୍ୟବାଣୀ ବିଶ୍ଳେଷଣ ଭୋଟରଙ୍କ ମତଦାନ ହାର ଏବଂ ନିର୍ବାଚନ ଫଳାଫଳକୁ ଉଚ୍ଚସ୍ତରର ନିର୍ଭୁଲତା ସହିତ ପୂର୍ବାନୁମାନ କରିପାରିବ। ଏହି ସୂଚନା ରାଜନୈତିକ ଦଳମାନଙ୍କୁ ସେମାନଙ୍କ ପ୍ରଚାର ଉଦ୍ୟମକୁ ଅଧିକ ଦକ୍ଷତାର ସହ ରଣନୀତି ପ୍ରସ୍ତୁତ କରିବାକୁ ଅନୁମତି ଦେଇଥାଏ। ଯେଉଁ ନିର୍ବାଚନମଣ୍ଡଳୀରେ ସେମାନଙ୍କର ସଫଳତାର ସର୍ବାଧିକ ସମ୍ଭାବନା ରହିଛି ସେହି ନିର୍ବାଚନମଣ୍ଡଳୀରେ ସମ୍ବଳ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ଏହାବ୍ୟତୀତ, ଏଆଇ ଆଲଗୋରିଦମ ଏକ୍‌ଜିଟ ପୋଲ୍ ତଥ୍ୟ ଏବଂ ପ୍ରାରମ୍ଭିକ ଭୋଟିଂ ଟ୍ରେଣ୍ଡକୁ ବିଶ୍ଳେଷଣ କରି ଭୋଟର ପସନ୍ଦ ସମ୍ପର୍କରେ ବାସ୍ତବ ତଥ୍ୟ ପ୍ରଦାନ କରିପାରିବ।

ଏଆଇ ଆଲଗୋରିଦମ ଯେଭଳି ସ୍ୱଚ୍ଛ ଏବଂ ପକ୍ଷପାତମୁକ୍ତ ରହିବ ତାହା ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି। କେତେକ ଏଆଇ ମଡେଲ ଅପାରଦର୍ଶୀ ସ୍ୱୟଂଚାଳିତ ନିଷ୍ପତ୍ତି ପ୍ରକ୍ରିୟାର ନିରପେକ୍ଷତା ଓ ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପାରଦର୍ଶୀ ଏଆଇ ଆଲଗୋରିଦମ ଯାହା କଠୋର ଯାଞ୍ଚ ଏବଂ ବୈଧତା ଉପରେ ନିର୍ଭର କରେ, ଏହି ଚିନ୍ତାକୁ ହ୍ରାସ କରିବାରେ ସାହାଯ୍ୟ କରିପାରିବ ଏବଂ ଏହା ସୁନିଶ୍ଚିତ କରିପାରିବ ଯେ ନିର୍ବାଚନ ଫଳାଫଳ ଉଚିତ ମାନଦଣ୍ଡ ଆଧାରରେ ନିର୍ଦ୍ଧାରିତ ହୋଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭାରତରେ ନିର୍ବାଚନ ପରିଚାଳନାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି, ପ୍ରଶାସନିକ ପ୍ରକ୍ରିୟାକୁ ଅନୁକୂଳ କରିବା ପାଇଁ ଅଭୂତପୂର୍ବ ସୁଯୋଗ ପ୍ରଦାନ କରୁଛି।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ:୯୯୬୭୧୦୨୨୬୪

## ଏଇ ଭାରତରେ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ 'ଜୟ ଯବାନ, ଜୟ କିଷାନ' ଧ୍ୱନିର ମହତ୍ତ୍ୱକୁ ଉପଲବ୍ଧି କରିଛନ୍ତି ପଞ୍ଜାବର ପୂର୍ବତନ ସେନା ଅଧିକାରୀ ହରିଶ ଚନ୍ଦ୍ର ସିଂ। ସେ ସେନାରେ ନିଜର ଦାୟିତ୍ୱ ଶେଷ କରିବା ପରେ କୃଷିରେ ଲାଗିଛନ୍ତି। ହରିଶ ସିଂ ୨୦୧୫ରେ ସେନାର କର୍ଣ୍ଣେଲ ପଦବୀରୁ ଅବସର ନେବା ପରେ ସୁପରଫୁଡ୍ ଚାଷ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ସେଥିରେ ସଫଳ ହୋଇ ଏବେ ବର୍ଷକୁ ୧୧ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି। ସେ ପ୍ରଥମେ ପାଖାପାଖି ୧ ଏକର ଜମିରେ ଚିଆସିଡ୍ ଚାଷ ଆରମ୍ଭ କରିଥିଲେ। ସେଥିରେ ୧୫,୦୦୦ ଟଙ୍କା ଖଟାଇ ୧ ଲକ୍ଷ ଟଙ୍କା ପାଇଥିଲେ। ପରେ ସେ ଚିଆସିଡ୍ ସହିତ ଏବେ ପ୍ରାୟ ୪ ଏକର ଜମିରେ ଡ୍ରାଗନଫ୍ରୁଟ୍ସ ଓ ପର୍ପଲ ପଟାଟୋ ଚାଷ କରୁଛନ୍ତି। ଏହି ସବୁ ସୁପରଫୁଡ୍ ବେଶି ବିଦେଶରୁ ଆସୁଥିବାରୁ ଆମ ଦେଶରେ ଏହାକୁ କିଭଳି ଅଧିକ ଅମଳ କରାଯାଇପାରିବ ସେଥିପାଇଁ ଯୁବବର୍ଗଙ୍କୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ମେ ୧୯୭୫

- ଭାରତ ଓ ଲିବ୍ୟା ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଯୋଗ ବୃଦ୍ଧି କରାଯିବା ସଂକ୍ରାନ୍ତରେ ଏକ ବୁଝାମଣା ଅନୁଷ୍ଠିତ।
- ଦକ୍ଷିଣ ଭିଏତ୍‌ନାମର ନୂତନ ସରକାରଙ୍କୁ ବ୍ରିଟେନ ସ୍ୱୀକୃତି ପ୍ରଦାନ କରିଥିବା ନେଇ ଏହାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି।
- ଆମେରିକାର ଏକ ହେଲିକପ୍ଟର ଆକାଶକୁ ଉଠିବାର କିଛି ସମୟ ପରେ ଖସିପଡ଼ିବାରୁ ଏଥିରେ ଥିବା ୨୩ କର୍ମଚାରୀ ନିହତ।

## ଚିରନ୍ତନୀ

ତୀବ୍ର ଜାଳ ନ ପାରେଁ ସହି
ପରଶି ମନ ଅନ୍ତର
କରୁଣ ତବ କରୁଣା ଚହିଁ
ଅରୁଣ ବାରେ ସଞ୍ଚର।
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବିପଦ ସାଜୁଛି ସେକେଣ୍ଡ୍ ହ୍ୟାଣ୍ଡ୍ ମୋବାଇଲ

ମହାଶୟ,

ସେକେଣ୍ଡ ହ୍ୟାଣ୍ଡ୍ ମୋବାଇଲ କିଣୁଥିଲେ ହୁଅନ୍ତୁ ସାବଧାନ। କାରଣ ଏହି ମୋବାଇଲକୁ ପୂର୍ବରୁ ଅପରାଧୀ ଏବଂ ସାଇବର ଠକ ବ୍ୟବହାର କରିଥାଇ ପାରନ୍ତି। ଯେଉଁଥିପାଇଁ ସାଧାରଣ ଲୋକ ଶସ୍ତାରେ ପାଇ କିଣିଲେ ଆଇନ ଜାଲରେ ଫସିବାର ସମ୍ଭାବନା ରହୁଛି। ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ପୂର୍ବରୁ ଦେଖିବାକୁ ମିଳିଛି ଯେ, ଅପରାଧୀମାନେ ପ୍ରଥମେ ବ୍ୟବହାର କରୁଥିବା ମୋବାଇଲ ମାଧ୍ୟମରେ ଅପରାଧ ଘଟାଉଛନ୍ତି। ପରେ ସେମାନେ ଏହି ମୋବାଇଲ ଫୋନକୁ ଶସ୍ତାରେ ଅନ୍ୟ ଲୋକଙ୍କୁ ବିକ୍ରି କରିଦେଉଛନ୍ତି। ସାଇବର ଠକାମୀ ପାଇଁ ଅପରାଧୀମାନେ ସେକେଣ୍ଡ୍ ହ୍ୟାଣ୍ଡ ମୋବାଇଲ ଫୋନର ସାହାରା ନେଉଛନ୍ତି। ସେମାନେ କମ୍ ଦାମ୍‌ରେ ମୋବାଇଲ କିଣି ସେଥିରେ ଭିନ୍ନ ଏକ ଆପ ଇନଷ୍ଟଲ କରି ଦେଉଛନ୍ତି। ଅପରାଧରେ ବ୍ୟବହାର ହେଉଥିବା ଏବଂ ଚୋରା ମୋବାଇଲ ଫୋନକୁ କଟକ-ଭୁବନେଶ୍ୱରରେ କିଛି ଲୋକ ବ୍ୟବହାର କରି ଧରାପଡ଼ି ଗିରଫ ହୋଇଛନ୍ତି। ତଥାପି ଲୋକମାନେ ସୁଧୁରୁ ନାହାନ୍ତି। ଜ୍ଞାନ ଅଭାବରୁ ମଧ୍ୟ ସେମାନେ ଏହାର ରସିଦ ମାଗୁନାହାନ୍ତି। ତେଣୁ ଲୋକମାନେ ସଚେତନ ହେବା ସହ ଏ କ୍ଷେତ୍ରରେ ପୋଲିସକୁ ମଧ୍ୟ ସହଯୋଗ କରିବା ଜରୁରୀ। ତେଣୁ ସେକେଣ୍ଡ୍ ହ୍ୟାଣ୍ଡ ମୋବାଇଲ ନିଶ୍ଚିତ ଭାବେ ବିପଦଜନକ।

-ଗଙ୍ଗାଧର ସାମଲ, ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମାଗି ଓଳିକି,
ଯାଚି କଲ୍ୟାଣ।**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥାନ୍ତି। ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ବିବ୍ରତ ହୋଇଯାଏ କିମ୍ବା ଓଳିଗି ମାଗିବା ଭଳି ବାଚଳତା ଜନ୍ମେ। ସାଧାରଣତଃ ଗୁଣୀ ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ, ତାଙ୍କୁ ସମ୍ମାନ ମାଗିବାକୁ ପଡ଼େନାହିଁ। ସେହିପରି ନମସ୍କାର କରୁଥିବା ବିନୟୀ ବ୍ୟକ୍ତିଙ୍କୁ ପ୍ରଫୁଲ୍ଲ ଚିତ୍ତରେ କଲ୍ୟାଣ କରାଯାଏ, କଲ୍ୟାଣ ଯାଚିବାକୁ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମରେ ହଂସ,
ନ ଖାଏ ଗୋ-ମାଂସ।**

ହଂସ ଏକ ଶାକାହାରୀ ପ୍ରାଣୀ। ଖାଦ୍ୟାଭାବରୁ ମରିଗଲେ ମଧ୍ୟ ସେ କେବେ ଗୋମାଂସ ଭକ୍ଷଣ କରି ନ ଥାଏ। ପରୋକ୍ଷରେ ସ୍ୱଧର୍ମରୁ ବିଚ୍ୟୁତ ହେଉ ନ ଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭୋଟର ପରିଚୟପତ୍ର ସଂଶୋଧନ ନାଁରେ ସାଇବର ଠକଙ୍କ ଫୋନକଲ୍

## ସତର୍କ, ସଚେତନ ରହିବାକୁ ପରାମର୍ଶ ଦେଲେ ଡିସିପି

ଭୁବନେଶ୍ୱର,୧୪।୫ (ସୂର୍ଯ୍ୟକାନ୍ତ ବେହେରା)

ସମ୍ପ୍ରତି ସାରା ଦେଶରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଏହାକୁ ନେଇ ସମସ୍ତଙ୍କ ମନରେ ଉତ୍ସୁକତା ଭରି ରହିଛି। ଏଭଳି ସମୟରେ ସାଇବର ଠକମାନେ ନିର୍ବାଚନକୁ ଅସ୍ତ୍ର କରି ଠକେଇର ଜାଲ ବିଛାଇ ଜନସାଧାରଣଙ୍କୁ ଠକିବାକୁ ଉଦ୍ୟମ କରୁଛନ୍ତି। ଭୋଟର ପରିଚୟପତ୍ର ସଂଶୋଧନ ତଥା ଭୋଟର ତାଲିକାରେ ନାମ ପଞ୍ଜୀକୃତ କରିବା ପାଇଁ ସାଇବର ଠକମାନେ ବିଭିନ୍ନ ପ୍ଲାଟ୍‌ଫର୍ମରେ ଅଜଣା ତଥା ଜାଲ୍ ଲିଙ୍କ୍ ପଠାଇ ତଥ୍ୟ ଦେବାକୁ କହୁଛନ୍ତି। ଏପରିକି ଲୋକଙ୍କୁ ଫୋନ କରୁଛନ୍ତି। 'ଭୋଟର କାର୍ଡ ଅପ୍‌ଡେଟ୍ ହୋଇନି, ଜଲ୍‌ଦି କରିଦିଅନ୍ତୁ, ନଚେତ ଭୋଟ ଦେଇ ପାରିବେନି। ଅପ୍‌ଡେଟ କରିବାକୁ ଚାହୁଁଥିଲେ ତୁରନ୍ତ ବ୍ୟକ୍ତିଗତ ତଥ୍ୟ ଦିଅନ୍ତୁ ଅନ୍‌ଲାଇନ ମାଧ୍ୟମରେ ହୋଇଯିବ, କିନ୍ତୁ ଏଥିପାଇଁ କିଛି ଚାର୍ଜ ଦେବାକୁ ପଡ଼ିବ ବୋଲି ସାଇବର ଠକମାନେ କହୁଛନ୍ତି । ସେହିପରି ଏବେ ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ଫ୍ରି ରିଚାର୍ଜ ଯୋଜନା କରାଯାଇଥିବା କୁହାଯାଉଛି। କିନ୍ତୁ ବାସ୍ତବରେ ଏହା ସାଇବର ଠକଙ୍କ କାମ ବୋଲି ଦୃଷ୍ଟିକୁ ଆସିବା ପରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଏନେଇ ଭିଡିଓ ବାର୍ତ୍ତା ମାଧ୍ୟମରେ ଜନସାଧାରଣଙ୍କୁ ସତର୍କ ଓ ସଚେତନ କରାଇଛନ୍ତି। ଡିସିପି ସିଂ କହିଛନ୍ତି, ଯଦି ଏମିତି ଫୋନ୍ କଲ୍ ଆସୁଛି ତାହେଲେ ଠିକ ଭାବେ ଭେରିଫାଏ କରନ୍ତୁ। ଏଥିସହ ନ୍ୟାଶନାଲ ଭୋଟର ସର୍ଭିସ ପୋର୍ଟାଲକୁ ଯାଇ ଯାଞ୍ଚ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ମୋବାଇଲ ରିଚାର୍ଜ ପାଇଁ ଯଦି କୌଣସି ମେସେଜ ପାଉଛନ୍ତି ତାହେଲେ ତାକୁ ବିଶ୍ୱାସ କରନ୍ତୁ ନାହିଁ। ତୁରନ୍ତ www.sancharsaathi.gov.inକୁ ଯାଇ ଚକ୍ଷୁ ପୋର୍ଟାଲ ବିଷୟରେ ଲୋକଙ୍କୁ ଖବର ଦିଅନ୍ତୁ। ଯଦି ଠକେଇର ଶିକାର ହୋଇଛନ୍ତି ତେବେ ୧୯୩୦କୁ କଲ୍ କରି ଜଣାଇବା ସହ ସାଇବର ଥାନାରେ ଅଭିଯୋଗ କରିବାକୁ ଡିସିପି ପରାମର୍ଶ ଦେଇଛନ୍ତି।




# ସ୍କାଉଟ୍ସ, ଗାଇଡ୍ସ ଦେଶର ଭବିଷ୍ୟତ: ରାଜ୍ୟପାଳ



କାର୍ଯ୍ୟକ୍ରମରେ କ୍ୟାଡେଟ୍‌ମାନଙ୍କୁ ରାଜ୍ୟପାଳ ରଘୁବର ଦାସ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୧୪।୫(ଅସମାପିକା ସାହୁ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ପୁରସ୍କାର ପ୍ରଦାନ ଉତ୍ସବ ମଙ୍ଗଳବାର ରାଜଭବନର ନୂଆ ଅଭିଷେକ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଯୋଗଦେଇ କହିଥିଲେ, ଭାରତ ସ୍କାଉଟ୍ସ ଓ ଗାଇଡ୍ସର ମୁଖ୍ୟ ଉଦ୍ଦେଶ୍ୟ ଏବଂ ପ୍ରୟାସ ସର୍ବଦା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାହାଯ୍ୟ ମନୋଭାବ, ଦକ୍ଷତା ବୃଦ୍ଧି ସହ ନିଜ ମଧ୍ୟରେ ଆଜୀବନ ବନ୍ଧୁତା ସ୍ଥାପନକୁ ଅଗ୍ରାଧିକାର ଦେଇଆସିଛି। ବର୍ତ୍ତମାନ ସମୟରେ ଏସବୁର ଯଥେଷ୍ଟ ମହତ୍ତ୍ୱ ରହିଛି। କାରଣ ଏହା ସୁସ୍ଥ ଶରୀରରେ ସୁସ୍ଥ ବିଚାରର ପରିପ୍ରକାଶ ଦିଗରେ ସାହାଯ୍ୟ କରିଥାଏ। ସ୍କାଉଟ୍ସ ଓ ଗାଇଡ୍ସମାନେ ଦେଶର ଭବିଷ୍ୟତ। ଏହି ସଙ୍ଗଠନ ମାଧ୍ୟମରେ ପ୍ରାପ୍ତ ହୋଇଥିବା ପ୍ରଶିକ୍ଷଣ ଓ ଅନୁଭବ ସେମାନଙ୍କୁ ଦାୟିତ୍ୱ ସମ୍ପନ୍ନ ନାଗରିକ ଭାବେ ଗଢ଼ିତୋଳିବ। ସମୃଦ୍ଧ ଓ ବିକଶିତ ଭାରତ ନିର୍ମାଣରେ ଯୁବଗୋଷ୍ଠୀଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ଦକ୍ଷତା ବିକାଶ ଦିଗରେ ସୁଯୋଗଭରା ଅନୁକୂଳ ପରିବେଶ ପ୍ରଦାନର ଆବଶ୍ୟକତା ରହିଛି ଯାହା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ପରି ସଙ୍ଗଠନ ପ୍ରଦାନ କରିଆସୁଛି ବୋଲି ରାଜ୍ୟପାଳ କହିଥିଲେ।

ଏହି ଅବସରରେ ପ୍ରଫେସର ଡ. ମନୋଜ ସାହୁ, ଖୋର୍ଦ୍ଧାସ୍ଥିତ ୪୧ ଆଇଟିବିପି ବାଟାଲିୟନର କମାଣ୍ଡାଣ୍ଟ ନରେନ୍ଦ୍ର ସିଂହ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକକୁ ରାଜ୍ୟ ପୁରସ୍କାର (ପ୍ରଶଂସା) ପ୍ରଦାନ କରିଥିଲେ। ସେହିପରି ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କୁ ରାଜ୍ୟ ପୁରସ୍କାର (ସମ୍ମାନ) ପ୍ରଦାନ କରାଯାଇଥିଲା। ରାଜ୍ୟପାଳ ରାଜ୍ୟ ପୁରସ୍କାର (କାମ୍ପୋରି) ସେନ୍‌ସସ୍ ଓ ସର୍ଭିସଷ୍ଟାର ପ୍ରମାଣପତ୍ର ଯୋଗ୍ୟ ବ୍ୟକ୍ତିବିଶେଷ ଓ ଜିଲାକୁ ପ୍ରଦାନ କରିଥିଲେ। ପ୍ରତି ଜିଲାରୁ ଯୋଗ୍ୟ ବିବେଚିତ ମୋଟ ୧୨,୪୯୯ ରାଜ୍ୟ ପୁରସ୍କାର ପ୍ରମାଣପତ୍ର ୫୨ ଗ୍ରୁପ୍‌ରେ ଜିଲାଗୁଡ଼ିକୁ ପ୍ରଦାନ କରାଯାଇଥିଲା। ଉତ୍ସବରେ ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ କୁମାର ଶତପଥି, ରାଜ୍ୟ ଉପସଭାପତି ଡ. ମିନତୀ ବେହେରା ଏବଂ ରାଜ୍ୟ କମିଶନର ଗାଇଡ୍ ଡ. ସିପ୍ରା ନାୟକ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଘରୋଇ ସ୍କୁଲରେ ତୃତୀୟ ପର୍ଯ୍ୟାୟ ନିଃଶୁଳ୍କ ନାମଲେଖା ଆରମ୍ଭ

ଭୁବନେଶ୍ୱର,୧୪।୫ (ଅସମାପିକା ସାହୁ)

ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ) ଅନୁଯାୟୀ ବେସରକାରୀ ବିଦ୍ୟାଳୟରେ ତୃତୀୟ ପର୍ଯ୍ୟାୟ ନିଃଶୁଳ୍କ ନାମଲେଖା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ନାମ ଲେଖାଇପାରିବେ। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ସୂଚନାନୁଯାୟୀ, ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଗତ ୨ରୁ ୮ ତାରିଖ ପର୍ଯ୍ୟନ୍ତ ପାରଦର୍ଶୀ ପୋର୍ଟାଲରେ ଆବେଦନ ହୋଇଥିଲା। ସମୁଦାୟ ୨,୩୦୨ଟି ଆବେଦନ ଗ୍ରହଣ କରାଯାଇଥିଲା। ବ୍ଲକ୍ ଶିକ୍ଷାଧିକାରୀ(ବିଇଓ)ମାନେ ପ୍ରମାଣପତ୍ର ଯାଞ୍ଚ କରି ୧,୭୭୮ଟି ଆବେଦନକୁ ଯୋଗ୍ୟ ବିବେଚିତ କରିଛନ୍ତି। ତନ୍ମଧ୍ୟରୁ ଲଟେରି ଦ୍ୱାରା ୧,୫୮୯ ଜଣ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ବେସରକାରୀ ବିଦ୍ୟାଳୟଗୁଡ଼ିକୁ ବିଇଓମାନେ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ପ୍ରଦାନ କରିବା ପରେ ନାମଲେଖା ଆରମ୍ଭ ହୋଇଛି। ନାମଲେଖା ସମ୍ପୂର୍ଣ୍ଣ ନିଃଶୁଳ୍କ ଥିବାରୁ ବେସରକାରୀ ବିଦ୍ୟାଳୟଗୁଡ଼ିକ କୌଣସି ଅର୍ଥ ଅଭିଭାବକଙ୍କଠାରୁ ନେଇପାରିବେ ନାହିଁ। ଏହାକୁ ଖିଲାପ କଲେ ୧୮୦୦୩୪୫୬୭୨୨ ହେଲ୍‌ପଲାଇନ୍ ନମ୍ବରରେ ଅଭିଯୋଗ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ଯଦି ଏହାକୁ କୌଣସି ବିଦ୍ୟାଳୟ ଖିଲାପ କରନ୍ତି, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

# ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

ସାକ୍ଷୀଗୋପାଳ,୧୪।୫ (ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)

ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥ ସତ୍ୟବାଦୀ ଥାନା ଅଧୀନ ପଟ୍ଟନାଇକିଆ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏକ ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାଦୁଆ ଗ୍ରାମର ଗୌରାଙ୍ଗ ବେହେରା(୫୭)। ସତ୍ୟବାଦୀ ପୋଲିସ ମୃତଦେହ ଜବତ କରି ଏକ ମୋକଦ୍ଦମା ରୁଜୁ କରି ଘଟଣାର ତଦନ୍ତ କରୁଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

BHIMA BHOI MEDICAL COLLEGE & HOSPITAL (BBMCH), BALANGIR, ODISHA
Walk-In-Interview for the Post of Associate Professor/ Assistant Professor

CORRIGENDUM

No.3147/Estt.BBMCH/Dt.13.05.2024

No.E-16:In partial modification to the Advertisement No.3132/ Estt./Dt.10.05.2024 of this Office, Available Vacancy for Associate Professor may be read as 08 (Eight) instead of 06 (Six), whereas Available Vacancy for Assistant Professor remains unchaged, i.e. 02 (Two).

Sd./- Dean & Principal, BBMCH, Balangir
OIPR-10141/11/0003/2425

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Graduates from any field with Englilsh fluency for teaching in Schools in Kerala. B.Ed. not mandatory. Age limit 40 years, training & accommodation provided.
Call now : 7012772142, 8830687689

WANTED
Diploma Mechanical Engineers required, For a factory in Hyderabad, we are Looking for DME in Our Production Deptt. Candidates from Cement/ sponge Iron/ Ferro Alloys, having working experience of 5 year or more, in production and maintenance dept. can apply Accommodation, food and medical insurance will be provided by company. Pl apply :- info@rdipurification.com

WANTED
10th/12th pass CARETAKERS of Disabled Children in School Hostel. Salary Rs.12000/-.
Autism Ashram
Hyderabad, Amruta
7798017027

See Career Appointment on every Wednesday & Saturday

## ଆବାସିକ ହାଉସ୍ ଷ୍ଟାଫଙ୍କ ନିଯୁକ୍ତି ପାଇଁ ୱାକ୍-ଇନ୍-ଇଣ୍ଟରଭ୍ୟୁ

ନିମ୍ନଲିଖିତ ବିଭାଗରେ **ସେଣ୍ଟ୍ରାଲ ହସ୍ପିଟାଲ, ଦକ୍ଷିଣ ପୂର୍ବ ରେଳପଥ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା- ୭୦୦୦୪୩** ନିମନ୍ତେ **ଆବାସିକ ହାଉସ୍ ଷ୍ଟାଫଙ୍କ** ନିୟୋଜନ ପାଇଁ ଭରସାଯୋଗ୍ୟ ଭାରତୀୟ ନାଗରିକମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି: **(୧) ଡେଣ୍ଟାଲ୍ - ୦୧ ପଦବୀ, ମୋଟ = ୦୧ ପଦବୀ** (ମନୋନୀତ ପ୍ରାର୍ଥୀମାନଙ୍କ ଏକ ପ୍ୟାନେଲ୍‌କୁ ମଧ୍ୟ ଏହି ଶୃଙ୍ଖଳାରେ ରଖାଯିବ)। **ୱାକ୍-ଇନ୍-ଇଣ୍ଟରଭ୍ୟୁର ତାରିଖ ତା୨୮।୦୫।୨୦୨୪ରିଖ (ମଙ୍ଗଳବାର), ସମୟ: ପୂର୍ବାହ୍ନ ୧୧.୦୦ ଘଟିକା।** ଆଗ୍ରହୀ ପ୍ରାର୍ଥୀମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ **ସାକ୍ଷାତକାର ସମୟରେ ଜନ୍ମ ତାରିଖ, ଠିକଣା, ପିତାଙ୍କ ନାମ, ଯୋଗାଯୋଗ ନମ୍ବର, ଚୂଡ଼ାନ୍ତ ବର୍ଷରେ ହାସଲ କରିଥିବା ମାର୍କର ପ୍ରତିଶତ, ମେଡିକାଲ୍ କାଉନସିଲ୍‌ର ପଞ୍ଜୀକରଣ ନମ୍ବର ଏବଂ ପ୍ରଚେଷ୍ଟା କରିଥିବା ପରୀକ୍ଷାଗୁଡ଼ିକର ପ୍ରମାଣପତ୍ର ସମେତ ସମ୍ବନ୍ଧିତ ପ୍ରମାଣପତ୍ରଗୁଡ଼ିକର ଆଟେଷ୍ଟେଡ୍ ନକଲ** ସମେତ ନିଜର ଦରଖାସ୍ତ ସହିତ ସାକ୍ଷାତକାର ପରିଷଦ ସମ୍ମୁଖରେ ଉପସ୍ଥିତ ହୁଅନ୍ତୁ। ପ୍ରାରମ୍ଭିକ ନିୟୋଜନ ଯୋଗ ଦେବା ତାରିଖରୁ **୦୬ (ଛଅ) ମାସ** ପର୍ଯ୍ୟନ୍ତ ହେବ, ଯାହାକୁ ପ୍ରତ୍ୟେକ **୦୬ (ଛଅ) ମାସ**ର ପରବର୍ତ୍ତୀ ୦୩ଟି କାର୍ଯ୍ୟକାଳ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। **ଯୋଗ୍ୟତା:** ଭାରତର ଯେକୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ **ବିଡିଏସ୍** ଏବଂ ଏକ ବର୍ଷର ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ନଶିପ୍ ସମାପ୍ତ କରିଥିବା ଆବଶ୍ୟକ। **ବୟସ:** ୩୬ ବର୍ଷରୁ ଅଧିକ ନୁହେଁ। **ପାରିଶ୍ରମିକ:** ସମୟ ସମୟରେ ପଶ୍ଚିମବଙ୍ଗ ସରକାରଙ୍କ ଆଦେଶ ଅନୁଯାୟୀ ମାସିକ ଟ.୪୬,୩୮୩/- (ଡିଏ ସମେତ) ତଥା ନିଃଶୁଳ୍କ ଆବାସିକ ରହଣି ସହିତ। **ବି.ଦ୍ର.: (କ)** ଏହି ଚିକିତ୍ସାଳୟ ମେଡିକାଲ୍ କାଉନସିଲ୍ ଅଫ୍ ଇଣ୍ଡିଆର ପତ୍ର ସଂ. ଏମ୍‌ସିଆଇ-୧୮(୩)/୯୦-ଏମ୍‌ଇଡି/୨୫୫୭୯ ତାରିଖ ୨୭।୦୩।୯୧ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ। **(ଖ)** ସାକ୍ଷାତକାରରେ ଅଂଶଗ୍ରହଣ ପାଇଁ କୌଣସି ଟିଏ/ଡିଏ ଅନୁମତିଯୋଗ୍ୟ ହେବନାହିଁ।

(PR-142) ଚିକିତ୍ସା ନିର୍ଦ୍ଦେଶକ, ସେଣ୍ଟ୍ରାଲ ହସ୍ପିଟାଲ, ଗାର୍ଡେନ୍ ରିଚ୍

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## ପ୍ରଥମ ପୃଷ୍ଠାରୁ...

### ଦୁର୍ଘଟଣାରେ ୨...

ଗଜପତି ଜିଲା ଦୁର୍ଦ୍ଦୁମ ଗ୍ରାମର ଏସେ ମାଝି। ପ୍ରସନ୍ନ ଓ ଇନ୍ଦ୍ରଜିତ ପ୍ରିଜାଇଡିଂ ଅଫିସର ଏବଂ ମାଝି ଫାଷ୍ଟ ପୋଲିଂ ଅଫିସର ଭାବେ କାର୍ଯ୍ୟ କରି ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ମିଳିଥିବା ସୂଚନା ଅନୁସାରେ ପ୍ରସନ୍ନ ସିନାପାଲି ବିସିସି ବ୍ୟାଙ୍କରେ କ୍ୟାଶିୟର ଭାବେ କାର୍ଯ୍ୟରତ ଥିଲେ। ପ୍ରସନ୍ନଙ୍କୁ ଖଡ଼ିଆଳ ନିର୍ବାଚନମଣ୍ଡଳୀ ରାଣୀମୁଣ୍ଡା ଗ୍ରାମ ବୁଥ୍ ନଂ.୧୮୪ରେ ପ୍ରିଜାଇଡିଂ ଅଫିସର ଭାବରେ ନିଯୁକ୍ତ କରାଯାଇଥିଲା। ଭୋଟିଂ ସରିଲା ପରେ ସେ ଇଭିଏମ୍ ଓ ଅନ୍ୟ ଭୋଟଗ୍ରହଣ ସାମଗ୍ରୀ ଷ୍ଟ୍ରଙ୍ଗରୁମରେ ଜିମାଦେଇ ନୂଆପଡ଼ାରେ ରାତ୍ରି ଯାପନ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସେ ବାଇକ୍‌ରେ ଗ୍ରାମକୁ ଫେରିବା ସମୟରେ ୩୫୩ ନମ୍ବର ଜାତୀୟ ରାଜପଥର ତରବୋଡ ତୃଣ ବିହନ ଉତ୍ପାଦନ କେନ୍ଦ୍ରଠାରେ ବିପରୀତ ଦିଗରୁ ଆସୁଥିବା ଓଡି୦୨-ସିଏଫ୍-୩୬୦୭ ନମ୍ବର କାର୍ ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ପ୍ରସନ୍ନ ବାଇକ୍‌ରୁ ଛିଟିକି ଗୁରୁତର ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରସନ୍ନଙ୍କ ମୃତ୍ୟୁ ଖବର ପାଇ ମୁଖ୍ୟ ନିର୍ବାଚନ ଅଧିକାରୀ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ବିଧି ମୁତାବକ ୧୫ଲକ୍ଷ ଟଙ୍କାର ଅତିରିକ୍ତ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି।

ସେହିପରି ଇନ୍ଦ୍ରଜିତ ମାଲକାନଗିରି ନିର୍ବାଚନମଣ୍ଡଳୀ ନଂ.୧୨୨ ବୁଥରେ ପ୍ରିଜାଇଡିଂ ଅଫିସର ଭାବେ ନିୟୋଜିତ ଥିଲେ। ସୋମବାର ନିଜ କାର୍ଯ୍ୟ ସରିବାରେ ବିଳମ୍ବ ହେବାରୁ ମଙ୍ଗଳବାର ସକାଳୁ ଖଇରପୁଟ ବ୍ଲକ ଝୁରିଗୁଡା ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଏକ ଘରୋଇ ବସ୍ ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଓ ସାଥୀ ଶିକ୍ଷକମାନେ ଇନ୍ଦ୍ରଜିତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମାଥିଲି ଚିକିତ୍ସାଳୟକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଲକାନଗିରି ପୋଲିସ ଉକ୍ତ ଘରୋଇ ବସ୍‌କୁ ଅଟକ ରଖିଥିବା ଜଣାପଡ଼ିଛି। ଇନ୍ଦ୍ରଜିତ ଖଇରପୁଟରେ ଶିକ୍ଷକତା କରୁଥିଲେ। ଅନ୍ୟଏକ ଘଟଣାରେ ଦୁର୍ଦ୍ଦୁମ ଗ୍ରାମର ଶିକ୍ଷକ ଏସେ ମାଝି ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ଖର୍ସାଣ୍ଡି ଗ୍ରାମର ୨୦୪ ନମ୍ବର ବୁଥ୍‌ରେ ଫାଷ୍ଟ ପୋଲିଂ ଅଫିସର ଭାବେ ନିଯୁକ୍ତ ହୋଇଥିଲେ। ନିର୍ବାଚନ କାର୍ଯ୍ୟ ସାରି ଇଭିଏମ, ଭିଭିପିଏଟି ଓ ଅନ୍ୟାନ୍ୟ ସରଞ୍ଜାମ ସହ ନିର୍ବାଚନୀ ଦସ୍ତାବିଜ ପ୍ରଶାସନକୁ ହସ୍ତାନ୍ତର କରିବା ପରେ ମଙ୍ଗଳବାର ଭୋରରୁ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଛେଳିଗଡ଼ ଗ୍ରାମ ନିକଟରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ପ୍ରଶାସନ ଘଟଣାର ତଦନ୍ତ କରି ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ସ୍ୱାଧୀନ ପ୍ରାର୍ଥୀ ପିଣ୍ଟୁ...

ଯୁକ୍ତି କରିବା ସହ ପ୍ରଦୀପଙ୍କ ଛାତି ଓ ପେଟକୁ ବାରମ୍ବାର ଆକ୍ରମଣ କରିଥିଲେ। ଉପସ୍ଥିତ ପୋଲିସ ଅଧିକାରୀ ପିଣ୍ଟୁଙ୍କୁ କାବୁକରି ଥାନାକୁ ନେଇଥିଲେ। ପ୍ରଦୀପଙ୍କୁ ଏମ୍‌କେସିଜିମେଡିକାଲକୁନିଆଯାଇଥିଲା।ଛାତିପଞ୍ଜରା ହାଡ଼ ଓ ବେକରେ ଆଘାତ ଲାଗିଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ପଠାଯାଇଥିଲା। ପ୍ରଦୀପଙ୍କ ଅଭିଯୋଗକ୍ରମେ ଗୋଷାଣିନୂଆଗାଁ ଥାନାରେ ନଂ.୧୩୦/୨୪ରେ ମାମଲା ରୁଜୁ ହୋଇଥିଲା। ଅନ୍ୟପଟେ ପିଣ୍ଟୁଙ୍କୁ ଅଟକ ରଖାଯାଇଥିବାରୁ ତାଙ୍କର ଶତାଧିକ ସମର୍ଥକ ଥାନା ଘେରାଉ କରିବା ସହ ତାଙ୍କୁ ଛାଡ଼ିବା ଦାବିରେ ଦୀର୍ଘ ସମୟ ଧାରଣାରେ ବସିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବିଳମ୍ବିତ ରାତିରେ ପୋଲିସ ଫୋର୍ସ ସେଠାରେ ପହଞ୍ଚି ଲାଠି ଚାଳନା କରିବାରୁ ପିଣ୍ଟୁଙ୍କ ସମର୍ଥକମାନେ ଛତ୍ରଭଙ୍ଗ ଦେଇଥିଲେ। ପିଣ୍ଟୁଙ୍କୁ ପ୍ରଦୀପ ଧମକ ଦେବା ଓ ସମର୍ଥକଙ୍କୁ ଗାଳି ଦେଇଥିବା ନେଇ ସ୍ତ୍ରୀ ଆଶାଲତାଙ୍କ ଅଭିଯୋଗ ଅନୁଯାୟୀ ନଂ.୧୩୨/୨୪ରେ ମାମଲା ରୁଜୁ ହୋଇଛି। ପ୍ରଦୀପଙ୍କ ଛାତିରେ ଫ୍ୟାକ୍ଚର ହୋଇଥିବା ଓ ସେ କଥା କହିବାରେ କଷ୍ଟ ଅନୁଭବ କରିଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଅହିଂସାର ଡିଣ୍ଡିମ ପିଟୁଥିବା ବେଳେ ହିଂସା ଚରମ ସୀମାରେ ପହଞ୍ଚିଛି। ହାରିବା ଭୟରେ ସେମାନେ ତାଟିଆ କାମୁଡୁଛନ୍ତି ବୋଲି କହିଛନ୍ତି।

### ନାମାଙ୍କନର ଶେଷ...

ଅନ୍ୟପକ୍ଷରେ ଭାଜପା ନେତା ରାକେଶ ମଲ୍ଲିକ ଟିକେଟ ନ ପାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ପର୍ଶୁରାମ ଧଡ଼ାଙ୍କ କହିବାନୁସାରେ, ଦଳର ଶୀର୍ଷ ନେତୃତ୍ୱଙ୍କ ନିଷ୍ପତ୍ତି ଏବଂ ସୋର ନିର୍ବାଚନମଣ୍ଡଳୀର ତୃଣମୂଳସ୍ତରରେ କାର୍ଯ୍ୟକର୍ତ୍ତାଙ୍କ ଭାବାବେଗକୁ ଲକ୍ଷ୍ୟ କରି ଦଳ ପରିବର୍ତ୍ତନର ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ଭାଜପାରୁ ପୂର୍ବରୁ ଟିକେଟ ପାଇଥିବା ରାଜେନ୍ଦ୍ର ଦାସ କହିଛନ୍ତି, ସୋର ନିର୍ବାଚନମଣ୍ଡଳୀର ବିକାଶ କରିବା ପାଇଁ ଆମ୍ଭେ ସମସ୍ତେ ମିଶି କରି କାର୍ଯ୍ୟ କରିବୁ। ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ସୋର ନିର୍ବାଚନମଣ୍ଡଳୀ ପାଇଁ ମୋର ନାମ ଘୋଷଣା କରିଛନ୍ତି। ମୁଁ ଭାଜପାର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛି। କାହିଁକି ଏବଂ କିଏ ନାମାଙ୍କନ ଦାଖଲ କରିଛନ୍ତି ସେ ବିଷୟରେ କିଛି କହିପାରିବି ନାହିଁ। ପରବର୍ତ୍ତୀ ସମୟରେ ସମସ୍ତ ବିଷୟ ଜଣାପଡ଼ିଯିବ ବୋଲି ସେ ପ୍ରକାଶ କରିଛନ୍ତି।

FORM NO. 14
[See Regulation 33(2)]
OFFICE OF THE RECOVERY OFFICER - I/II
DEBTS RECOVERY TRIBUNAL, CUTTACK
C/71, Sector-7, CDA, Cuttack-753014, Odisha
DEMAND NOTICE
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.
RC/41/2019 19.04.2024
INDIAN OVERSEAS BANK
Versus
SATYAJIT DASH
To,
(CD 1) Satyajit Dash, S/o- Gagan Ranjan Dash, aged about 33 years, At/PO: Sukinda, Jajpur-755018.
Also At: SATYAJIT DASH, AGED ABOUT 33 YEARS, AT/PO: SUKINDA
This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/308/2015** an amount of **Rs.28,13,773.00 (Rupees Twenty Eight Lakhs Thirteen Thousands Seven Hundred Seventy Three Only)** along with pendentellite and future interest @ 10% Simple Interest Yearly w.e.f. **23.02.2015** till realization and costs of **Rs.31,000/- (Rupees Thirty One Thousands Only)** has become due against you (Jointly and severally/Fully/Limited).
2. You are hereby directed to pay the above sum within **15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **20.06.2024** at **10.30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.
Given under my hand and the seal of the Tribunal, on this date: 19.04.2024.
Afresh Demand Notice by way of paper publication.
Sd/- Recovery Officer
DEBTS RECOVERY TRIBUNAL, CUTTACK

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS202419, ତା.06.05.2024ରିଖ
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱରଙ୍କ ସମ୍ପୂର୍ଣ୍ଣ ଅଧିକାର କ୍ଷେତ୍ର ଅଧୀନରେ RDSO ଭେରିଫାଏଡ୍ PAUT ୱେଲ୍ଡ ପରୀକ୍ଷଣ ବ୍ୟବହାର କରୁଥିବା ସାଇଟ୍‌ରେ ମୋବାଇଲ ଫ୍ଲାସ୍ ବଟ୍ ପ୍ଲାଣ୍ଟ ଦ୍ୱାରା ନିର୍ବାହ ହୋଇଥିବା ଫ୍ଲାସ୍ ବଟ୍ ୱେଲଡେଡ୍ ଯୋଗଦାନର PHASED ARRAY ଅଲଟ୍ରାସୋନିକ୍ ଟେଷ୍ଟିଂ (PAUT) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 218.92 ଲକ୍ଷ, EMD (₹): 2,59,500.00, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.28.05.2024ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା / ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ପର - 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-13/CH/24-25

भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 04/2024-25 Date of Insertion- 15.05.2024
विज्ञापन
भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान सीफा कौशल्यागंग, भुवनेश्वर, ओडिशा में 01(एक) यंग प्रोफेशनल-II पद भर्ती के लिए दिनांक 21.06.2024 को पू. 10.00 बजे चल–साक्षात्कार आयोजित किया जायेगा। अधिक जानकारी हेतु कृपया भा.कृ.अनु.प. सीफा वेबसाइट http://www.cifa.nic.in पर जाएं।
ADVERTISEMENT
A Walk-in-Interview will be held on 21.06.2024 at ICAR-CIFA, Bhubaneswar at 10.00 A.M for 01 (One) nos. of Young Professional-II (YP-II), (purely on contractual basis) work under the Research project "Scaling up of Genetic Improvement Programme of Freshwater Prawn Macrobrochium rosenbergii (Scampi)" under the Central Sector Scheme component of the 'Pradhan Mantri Matsya Sampada Yojana (PMMSY) at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: http://www.cifa.nic.in
मुख्य जाँचकर्ता / Principal Investigator

WALK-IN-INTERVIEW
On 18.05.2024 & 19.05.2024
Sai Krishna Homes Pvt. Ltd. is a seasoned leader for 25 years in real-estate Industry in Odisha.
"Join Our Growing Team"
We are currently looking for dynamic individuals for our New Office at Patia, Bhubaneswar:
• TELE-CALLER : 4 Nos. (Females), Salary - 15k.
• MARKETING EXECUTIVE : 8 Nos. (Both Male/Female), Salary - 50k, Exp. 5 - Yrs.
• PEON : 4 Nos. (Both Male/Female), Salary - 8k
• RECEPTIONIST : 2 Nos. (Females), Salary - 10k
• DATA ENTRY OPERATOR : 2 Nos. (Both Male/Female), Salary - 15k
• ACCOUNTANT : 2 Nos. (Both Male/Female), Salary - 30k, Exp. - 5 Yrs.
• CIVIL ENGINEER : 3 Nos. (Males), Salary - 30k, Exp. - 5 Yrs.
REQUIREMENTS:
• Excellent Communication skills
• Relevant Experience Leaderships.
• Pleasing personality & ambitious
Interested candidates can send their resume to saikrishnahomes@gmail.com & Call us for appointment: 9090030068.
Join us and be a part of our Success Story
Corporate Office Address:
SAI KRISHNA HOMES PVT. LTD.
Rath Road, Old Town, Bhubaneswar - 751002



ଡ. ପରେଶ କୁମାର ପଣ୍ଡା

"ଡାଲି ଫସଲର ଚେରରେ ରାଇଜୋବିୟମ ବୀଜାଣୁ ଆଶ୍ରୟ ନେଇ ଯବକ୍ଷାରଜାନ ବିବନ୍ଧନକରି ଫସଲ ଓ ମୃତ୍ତିକା ଉଭୟକୁ ଯୋଗାଇଥାଏ। ଏହି ଫସଲ (ମୁଗ, ହରଡ଼ ଆଦି)ର ଚେର ମାଟିର ଗଭୀର ସ୍ତରକୁ ଯାଉଥିବାରୁ ଜମିରେ ଖାଦ୍ୟସାରର ସନ୍ତୁଳନତା ରକ୍ଷା କରିଥାଏ। ମାଟି ଫସଫସିଆ ରହି ଅଧିକ ଜଳ ଧାରଣ କରିପାରିଥାଏ। ଏକର ପ୍ରତି ବିବନ୍ଧିତ ଯବକ୍ଷାରଜାନର ପରିମାଣ ୧୧-୮୦ କି.ଗ୍ରା. ଏବଂ ମିଶୁଥିବା ଜୈବିକ ପଦାର୍ଥ (୨-୬ କୁଇଣ୍ଟାଲ) ଜମିରେ ଅନାବନା ଘାସର ବୃଦ୍ଧିକୁ ପ୍ରତିରୋଧ କରିବା ସହ ଅତି ଉଚ୍ଚମାନର ପ୍ରାଣୀ ଚାରା ଯୋଗାଇଥାଏ। ଡାଲି ଫସଲ ମଧ୍ୟରେ ମୁଗ, ବିରି, ମସୁର ଆଦି ଚାଷକୁ ଏହି ଯୋଜନାରେ ପ୍ରୋତ୍ସାହନ ଓ ସରକାରୀ ସହାୟତା ପ୍ରଦାନ କରାଯାଉଛି। ଏହିସବୁ ଫସଲ ସ୍ୱଳ୍ପଦିନିଆ ହୋଇଥିବାରୁ ସହଜରେ ଯେକୌଣସି ଫସଲ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥାଏ।"

# ପୁଷ୍ଟିକର ଡାଲି ଚାଷ



ଆମ ରାଜ୍ୟରେ ୧୬ ଲକ୍ଷ ହେକ୍ଟରରୁ ଅଧିକ ଜମି ଧାନଚାଷ ପରେ ଖାଲି ପଡ଼ିଥାଏ, ଯାହାକୁ ଅଣଧାନ ଫସଲରେ ଅନ୍ତର୍ଭୁକ୍ତ କରାଯାଇପାରିବ। ଧାନ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ଭାବେ ପରିଗଣିତ ହେଉଥିବା ବେଳେ ଡାଲି ଏବଂ ତୈଳବୀଜ ଉତ୍ପାଦନରେ ପଛୁଆ ରହିଛି। ରବିଋତୁରେ ଧାନଚାଷ ପରେ ଖାଲି ପଡୁଥିବା ଏହି ଜମିରେ ଡାଲି ଓ ତୈଳବୀଜ ଫସଲ ଓ ଉତ୍ପାଦନ ବୃଦ୍ଧି ନିମନ୍ତେ ଭରପୂର ସୁଯୋଗ ରହିଛି। ଏହି ଖାଲି ପଡୁଥିବା ଚାଷଜମିକୁ ଦୃଷ୍ଟିରେ ରଖି ଫସଲ ସାନ୍ଦ୍ରତାରେ ବୃଦ୍ଧି, କୃଷକର ଆୟ ଓ କୃଷକ ସମୁଦାୟଙ୍କ ପୋଷକ ନିରାପତ୍ତାକୁ ବଢ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ୨୦୨୨-୨୩ଠାରୁ ଏକ ପ୍ରମୁଖ ଯୋଜନା ରୂପେ 'କମ୍ପ୍ରେହେନସିଭ୍ ପ୍ରୋଜେକ୍ଟ ଅନ୍ ରାଇସ୍ ଫାଲୋ ମ୍ୟାନେଜମେଣ୍ଟ' (ସିପିଆର୍‌ଏଫ୍‌ଏସ୍)କୁ କାର୍ଯ୍ୟକାରୀ କରିଆସୁଛି। ଏହା ରବି ୨୦୨୩-୨୪ ଋତୁରେ ସମସ୍ତ ୩୦ଟି ଜିଲାର ୪ ଲକ୍ଷ ହେକ୍ଟରକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୩ ବର୍ଷ ପାଇଁ ଏହା ସମୁଦାୟ ୩୧୪ଟି ବ୍ଲକରେ କାର୍ଯ୍ୟକାରୀ କରାଯାଇଛି।


ଏହାଦ୍ୱାରା ମୃତ୍ତିକାରେ ରହିଥିବା ଜଳର ସୁବିନିଯୋଗକରି ଫସଲ ଚାଷ କରାଯାଏ। ଫସଲ ସାନ୍ଦ୍ରତାରେ ବୃଦ୍ଧି ହୋଇ ଜମି ଚାଷ ଅନ୍ତର୍ଭୁକ୍ତ ହୋଇଥାଏ। ଅଣଧାନ ଫସଲ ଯଥା-ଡାଲି ଓ ତୈଳବୀଜ ଚାଷ ସଫଳତାର ସହ କରାଯାଇଥାଏ। କମ୍ ଜଳରୁ ଅଧିକ ଉତ୍ପାଦନ ସମ୍ଭବ ହୋଇଥାଏ। ମୃତ୍ତିକାରେ ଫସଲର ଅବଶେଷ ମିଶିବା ଦ୍ୱାରା ଜୈବାଂଶରେ ବୃଦ୍ଧି ଘଟି ମୃତ୍ତିକା ସ୍ୱାସ୍ଥ୍ୟର ଉନ୍ନତି ହୋଇଥାଏ। ଗୋଷ୍ଠୀ ପରିଚାଳିତ ବିହନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ। କୃଷକ ପରିବାର ଆୟ ତଥା ପୋଷକ ନିରାପତ୍ତାରେ ବୃଦ୍ଧି ଘଟି କୃଷକମାନଙ୍କର ଜୀବନ ଜୀବିକା ଉନ୍ନତ ହୋଇଥାଏ।ଭାତ ଓ ଡାଲି ଆମ ରାଜ୍ୟର ମୁଖ୍ୟ ଖାଦ୍ୟ। ଡାଲି ପୁଷ୍ଟିସାର, ଆମିନୋ ଏସିଡ୍, ଭିଟାମିନ୍ 'ବି' ଏବଂ ଭିଟାମିନ୍ 'ସି'ର ମୁଖ୍ୟ ଉତ୍ସ । ଡାଲିର ଗୁରୁତ୍ୱକୁ ଅନୁଭବକରି ତାହାକୁ 'ଗରିବ ଲୋକର ପୁଷ୍ଟିସାର' କୁହାଯାଏ। ପ୍ରାପ୍ତ ବୟସ୍କ ମନୁଷ୍ୟ ଦୈନିକ ପ୍ରାୟ ୬୦-୮୦ ଗ୍ରାମ ଡାଲି ଖାଇବା ଆବଶ୍ୟକ।

ଡାଲି ଫସଲର ଚେରରେ ରାଇଜୋବିୟମ ବୀଜାଣୁ ଆଶ୍ରୟ ନେଇ ଯବକ୍ଷାରଜାନ ବିବନ୍ଧନକରି ଫସଲ ଓ ମୃତ୍ତିକା ଉଭୟକୁ ଯୋଗାଇଥାଏ। ଏହି ଫସଲ (ମୁଗ, ହରଡ଼ ଆଦି)ର ଚେର ମାଟିର ଗଭୀର ସ୍ତରକୁ ଯାଉଥିବାରୁ ଜମିରେ ଖାଦ୍ୟସାରର ସନ୍ତୁଳନତା ରକ୍ଷା କରିଥାଏ। ମାଟି ଫସଫସିଆ ରହି ଅଧିକ ଜଳ ଧାରଣ କରିପାରିଥାଏ। ଏକର ପ୍ରତି ବିବନ୍ଧିତ ଯବକ୍ଷାରଜାନର ପରିମାଣ ୧୧-୮୦ କି.ଗ୍ରା. ଏବଂ ମିଶୁଥିବା ଜୈବିକ ପଦାର୍ଥ (୨-୬ କୁଇଣ୍ଟାଲ) ଜମିରେ ଅନାବନା ଘାସର ବୃଦ୍ଧିକୁ ପ୍ରତିରୋଧ କରିବା ସହ ଅତି ଉଚ୍ଚମାନର ପ୍ରାଣୀଚାରା ଯୋଗାଇଥାଏ। ଡାଲି ଫସଲ ମଧ୍ୟରେ ମୁଗ, ବିରି, ମସୁର ଆଦି ଚାଷକୁ ଏହି ଯୋଜନାରେ ପ୍ରୋତ୍ସାହନ ଓ ସରକାରୀ ସହାୟତା ପ୍ରଦାନ କରାଯାଉଛି। ଏହିସବୁ ଫସଲ ସ୍ୱଳ୍ପଦିନିଆ ହୋଇଥିବାରୁ ସହଜରେ ଯେକୌଣସି ଫସଲ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥାଏ। ମିଶ୍ରିତ ଓ ଅନ୍ତଫସଲ ଭାବେ ଏହାକୁ ଚାଷ କରାଯାଇଥାଏ। ଚିନାବାଦାମ ସହ ବୁଟର ମିଶ୍ରିତ ଚାଷ ବେଶ୍ ଲାଭପ୍ରଦ ହୋଇଥାଏ। ଡାଲି ଫସଲରେ ବିହନ ବିଶୋଧନ (ଏକର ପ୍ରତି ୫୦ କି.ଗ୍ରା. ଜିପ୍‌ସମ୍ ଓ ୧-୨ କୁଇଣ୍ଟାଲ କାଗଜକଳ ମଇଳା ଶେଷ ଓଡ଼ ଚାଷ ସମୟରେ ପ୍ରୟୋଗ କରାଯାଏ), ଜୀବାଣୁ ଓ ଫସ୍‌ଫରସ କଲ୍‌ଚରର ବ୍ୟବହାର/ଉପଚାର, ଅନୁମୋଦିତ ବ୍ୟବଧାନରେ ଧାଡ଼ିରେ ବୁଣିବା, ୨-୩ ସପ୍ତାହର ଫସଲକୁ ଡିଏପି ବା ୟୁରିଆ ୧୦-୨୦ ଗ୍ରାମ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା (ଏକର ପ୍ରତି), ଆବଶ୍ୟକୀୟ ତୃଣନାଶକର ବ୍ୟବହାର କିମ୍ବା ଫସଲର ପ୍ରାଥମିକ ଅବସ୍ଥାରେ ଘାସ ବାଛି ତୃଣକର ନିୟନ୍ତ୍ରଣ, ସଙ୍କଟ କାଳରେ ହାଲୁକା ବା ସିଞ୍ଚିତ ଜଳସେଚନ, ଆବଶ୍ୟକୀୟ ରୋଗପୋକ ପରିଚାଳନା, ଅମଳ ଓ ଅମଳ ପରବର୍ତ୍ତୀ ପରିଚାଳନାକରି ଚାଷୀଭାଇମାନେ ଉତ୍ତମ ଫସଲ ଏବଂ ଆଶାନୁରୂପ ଅମଳ ପାଇପାରନ୍ତି। ଏକର ପ୍ରତି ମୁଗ, ବିରି ୮ କି.ଗ୍ରା., ମସୁର ୧୫ କି.ଗ୍ରା. ଏବଂ ବୁଟ ୨୦ କି.ଗ୍ରା . ବିହନ ଦରକାର ପଡ଼ିଥାଏ। ଏକର ପ୍ରତି ୮:୧୬:୮ କି.ଗ୍ରା. ଯବକ୍ଷାରଜାନ :ଫସ୍‌ଫରସ : ପଟାସ (ଅର୍ଥାତ୍ ଡିଏପି ୩୫ କି.ଗ୍ରା.+ୟୁରିଆ ୪ କି.ଗ୍ରା.+ପଟାସ ୧୩ କି.ଗ୍ରା.) ରାସାୟନିକ ସାର ସହ ଅନ୍ୟୂନ ୧୦ କୁଇଣ୍ଟାଲ ଖତ ଆବଶ୍ୟକ ହୋଇଥାଏ। ବୁଣିବାର ୩ୟ ସପ୍ତାହ ବେଳକୁ ଫୁଲ ଧରିବା ଓ ଛୁଇଁ ବଢ଼ିବା ସମୟରେ ଜଳସେଚନ ଦିଆଗଲେ ଛୁଇଁ ଅଧିକ ହୋଇ ଅମଳ ବଢ଼ିଥାଏ। କୌଣସି ପରିସ୍ଥିତିରେ ମଡ଼ା ପାଣି ନ ଦେବା ଭଲ। ସିଞ୍ଚନର ବ୍ୟବସ୍ଥା ନ ଥିଲେ ୧୦ ଫୁଟ ବ୍ୟବଧାନରେ ଅଗଭୀର ନାଳକରି ତହିଁରେ ପାଣି ମଡ଼ାଇ ଦିଆଯାଏ, ଜମିରେ ପାଣି ଆବଶ୍ୟକ ଅନୁଯାୟୀ ରହିବ ଓ ଘାସ ବଢ଼ିବ ନାହିଁ।

ବିଭିନ୍ନ ଫସଲରେ ସମନ୍ୱିତ ପରିଚାଳନାରେ ଫସଲ ପର୍ଯ୍ୟାୟ ଅବଲମ୍ବନ, ସହନଶୀଳ କିସମର ବ୍ୟବହାର , ବିହନ ବିଶୋଧନ, ମିଶ୍ରିତ ଫସଲ ଚାଷ, ଫସଲ ଚାରିପଡ଼େ ଜଡ଼ା, ମକା ଗଛ ଲଗାଇ ପକ୍ଷୀ ଆଶ୍ରୟସ୍ଥଳ ପ୍ରସ୍ତୁତ କରିବା, ଯନ୍ତା ଫସଲ ରୂପେ ଗେଣ୍ଡୁଫୁଲ ଲଗାଇବା, ଅନ୍ତଃଚାଷ ଆଲୋକ ଯନ୍ତା ଓ ସଙ୍ଗ ଆକର୍ଷକ ଯନ୍ତାର ବ୍ୟବହାର ଏବଂ ଫସଲରେ ନିମ୍ବଜାତୀୟ ଜୈବ କୀଟନାଶକ ଅଥବା ହାଣ୍ଡି ଖତ ବ୍ୟବହାର କରାଯାଏ। ଆବଶ୍ୟକ ସ୍ଥଳେ ରାସାୟନିକ ଔଷଧ ବ୍ୟବହାର କରିବା ଆବଶ୍ୟକ। (କ୍ରମଶଃ..)

-ସହକାରୀ କୃଷି ନିର୍ଦ୍ଦେଶକ,
ଯାଜପୁର
ମୋ : ୯୪୩୭୧୧୨୭୦୪

## ଫୁଲଚାଷ



ସେରାକଲ କିସମର ଗେଣ୍ଡୁଫୁଲ ଚାଷକରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ । ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଆଖୁ ଚାଷରେ ଜଳସେଚନ



ଆଖୁଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।

## ମାଛ ଯାଆଁଳ ଛାଡ଼ିବା ପୂର୍ବରୁ...



ମାଛ ପୋଖରୀରେ ପଚୁମାଟି ମାଡ଼ି ଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବା ପରେ ମାଛ ଯାଆଁଳ ଛାଡ଼ନ୍ତୁ। ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡ଼ି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ ।

**ଅଳ୍ପରେ...**

## ଜଳସେଚନ ସୁବିଧା ଥିଲେ...

ଜଳସେଚନ ସୁବିଧା ଥିଲେ ପନିପରିବା ଯଥା କଖାରୁ ଜାତୀୟ ଫସଲ ଓ ଭେଣ୍ଡି ଆଦି ସଅଳ ବୁଣି ଦିଅନ୍ତୁ। ଶୀଘ୍ର ବୁଣିବା ଦ୍ୱାରା ବର୍ଷା ଆରମ୍ଭ ହେବା ବେଳକୁ ଗଛଗୁଡ଼ିକ ଭଲ ବଢ଼ିଯାଇଥିବ। ଏହା ଦ୍ୱାରା ବର୍ଷାରେ ଗଛଗୁଡ଼ିକ ନଷ୍ଟ ହେବନାହିଁ, ରୋଗ ପୋକ ଲାଗିବା ଆଶଙ୍କା କମ୍ ରହିବ ଏବଂ ଚାଷୀଭାଇମାନଙ୍କୁ ସଅଳ ପନିପରିବାରୁ ଅଧିକ ଅର୍ଥ ମିଳିବ। ବାଇଗଣ ଓ ଟମାଟୋ ତଳି ପାଇଁ ତଳି ଘେରା ପ୍ରସ୍ତୁତ କରି ବିହନ ବୁଣନ୍ତୁ।



## ମକାରେ ସାର ପ୍ରୟୋଗ କରୁଥିଲେ...



ସଅଳ ଲଗାଯାଇଥିବା ମକା ୩ରୁ ୪ ସପ୍ତାହ ହୋଇଗଲେ କୋଡ଼ାଖୁସା କରି ଘାସ ବଛା ସାରି ୧୬ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ଜୁନ୍ ମାସ ଶେଷ ସୁଦ୍ଧା ବୁଣିବା କାର୍ଯ୍ୟ ଶେଷ କରନ୍ତୁ। କମ୍ପୋଜିଟ୍ କିସମ ଯଥା ନବଜୋତ୍, ବିଜୟା,ଶକ୍ତି, ଡେକାନ୍ -୧୦୭ ଓ ଡେକାନ୍ -୧୦୯ ବ୍ୟବହାର କରନ୍ତୁ।

## ଅଧିକ ଅମଳକ୍ଷମ ରାଶି କିସମ



ପାଗ ଦେଖି ଏକର ପ୍ରତି ୨କେଜି ୨୦୦ ଗ୍ରାମ୍ ରାଶିବିହନ ଧାଡ଼ିରେ ବୁଣନ୍ତୁ। ଉନ୍ନତ ଅଧିକ ଅମଳକ୍ଷମ କିସମ ଯଥା ପ୍ରାଚୀ, ନିର୍ମଳା, କନକ, କାଳିକା, ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୩ ଗ୍ରାମ୍ ହିସାବରେ ଥିରାମରେ ବିଶୋଧନ କରନ୍ତୁ। ଶେଷ ଓଡ଼ ଚାଷବେଳେ ବିହନ ବୁଣିବା ପୂର୍ବରୁ ଏକର ପ୍ରତି ୬ କି.ଗ୍ରା. ଯବକ୍ଷାରଜାନ,୮ କି.ଗ୍ରା. ଫସ୍‌ଫରସ୍,୮ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ।

## ଜାଣି ରଖନ୍ତୁ

➤ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ। ବର୍ଷାଋତୁରେ ଗୋ-ମହିଷି ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।


➤ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ।

➤ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ ।

➤ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।

➤ ଗୋରୁ-ଗାଈଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

## ଢିପଜମିରେ ଧାନ ଚାଷ କରିଥିଲେ...



ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କିଗ୍ରା ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଳୁଆ କାମ ସାରି ଦିଅନ୍ତୁ । ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ଢିପଜମି ଧାନରେ ପତ୍ରାଚ୍ଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ । ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲୋଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆ ହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ଔଷଧଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ ।

## ପନିପରିବା ତଳି ପଟାଳିରେ ସାର ପ୍ରୟୋଗ

ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ି ଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ। ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇଦେଲେ ଚଞ୍ଚଳ ଗଜା ହୋଇଥାଏ। ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋ ପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷା ଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରିଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତ୍ତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।



**୪ ଶିଶୁ ଶ୍ରମିକ ଉଦ୍ଧାର**

**ଢେଙ୍କାନାଳ,(ରତନ ନାୟାର):** ଢେଙ୍କାନାଳ ସହରର ବିଭିନ୍ନ ଅଞ୍ଚଳରୁ ମଙ୍ଗଳବାର ୪ଜଣ ଶିଶୁ ଶ୍ରମିକଙ୍କୁ ଜିଲା ଶ୍ରମ ବିଭାଗ ଉଦ୍ଧାର କରିଛି। ଉଦ୍ଧାର ପରେ ସେମାନଙ୍କୁ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଥିଲା। ସହରର ବିଭିନ୍ନ ଅଞ୍ଚଳରେ ଗୁପଚୁପ ଓ ଚାଟ୍ ବିକ୍ରି କରୁଥିବା ଏହି ଶିଶୁ ଶ୍ରମିକମାନଙ୍କୁ ଜିଲା ଶ୍ରମ ଅଧିକାରୀ ରଶ୍ମିତା ନାୟକଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉଦ୍ଧାର କରିଥିଲେ।

# ପାପସରାରେ ଭାଜପାର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଭାଜପା ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁଙ୍କ ସମେତ ନୂଆକରି ଦଳରେ ସାମିଲ ହୋଇଥିବା କର୍ମୀମାନେ।

**ବଇଣ୍ଡା, ୧୪।୫ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମରେ ମଙ୍ଗଳବାର ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରକ୍ଷିତ ବେହେରା, ବାପୁଜୀ ପ୍ରଧାନ, ବାଇଖାଲି ପ୍ରଧାନ, ସୁଫଳା ପ୍ରଧାନ, ଜାଇ ପେଣ୍ଟେଇ, ସଞ୍ଜୀବ ପଣ୍ଡେଇ, ଫୁଲ ପ୍ରଧାନ, ଦୁଃଖିଆ ପ୍ରଧାନ, ଜାଇତ୍ରି ପେଣ୍ଟେଇ, ବିନ ପେଣ୍ଟେଇ, ମୁନି ପେଣ୍ଟେଇ, ପିଙ୍କି ଲତା ବେହେରା, ଜଲି ପେଣ୍ଟେଇ, ପ୍ରମୋଦା, ମଦନ ପେଣ୍ଟେଇ, ନିରୁପମା, ଚନ୍ଦ୍ରି ପଧାନଙ୍କ ସମେତ ୫୦ରୁ ଅଧିକ ଅନ୍ୟ ଦଳ କର୍ମୀ ଆସି ଭାଜପାରେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ଭାଜପା ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ଭାଜପାକୁ ସ୍ୱାଗତ କରିଥିଲେ। ସେମାନଙ୍କ ଯୋଗଦାନ ଯୋଗୁ ଦଳ ଆହୁରି ମଜଭୁତ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହଣ୍ଡପା ଯୁବ ନେତା ବିଶ୍ୱରଞ୍ଜନ ପ୍ରଧାନ, ହଣ୍ଡପା ସମିତ ସଭ୍ୟ ଆନୁକୂଲ୍ୟ ବେହେରା ଯୋଗ ଦେଇଥିଲେ।

# ନାଲ୍କୋ ଷ୍ଟାଡିୟମରେ ହେବ ମୋଦିଙ୍କ ସଭା

**ଅନୁଗୋଳ,୧୪।୫ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲାର ନାଲ୍କୋ ଷ୍ଟାଡିୟମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନୀ ସଭା ଅନୁଷ୍ଠିତ ହେବ। ଏ ନେଇ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଆସନ୍ତା ୨୦ ତାରିଖରେ ମୋଦି ଅନୁଗୋଳର ନାଲ୍କୋ ଠାରେ ଥିବା ଷ୍ଟାଡିୟମରେ ନିର୍ବାଚନ ପ୍ରଚାର କରିବେ। ପୂର୍ବରୁ ଧାର୍ଯ୍ୟ ହୋଇଥିବା ସଭାସ୍ଥଳରେ ପରିବର୍ତ୍ତନ ହୋଇଥିବା ଭାଜପା ପକ୍ଷରୁ ଜଣାପଡ଼ିଛି। ପୂର୍ବରୁ ପଞ୍ଚମହଲାରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ସଭା ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ସେଠାରେ କୌଣସି କାରଣରୁ ସମସ୍ୟା ଦେଖାଦେବାରୁ ସଭାସ୍ଥଳ ପରିବର୍ତ୍ତନ କରାଯାଇଛି। ଏ ନେଇ ଅନୁଗୋଳ ପୋଲିସ ପକ୍ଷରୁ ପ୍ରସ୍ତୁତି ଚାଲିଥିବାବେଳେ ଭାଜପା ଶିବିରରେ ମଧ୍ୟ ଉତ୍ସାହ ଦେଖିବାକୁ ମିଳିଛି।

# ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**ଅନୁଗୋଳ,୧୪।୫ (ଅମିତ କୁମାର ସାମଲ)**

ବିଶ୍ୱ ମାତୃ ଦିବସ ଅବସରରେ ରୋଟାରି କ୍ଲବ ଅନୁଗୋଳ ରୟାଲ ଏବଂ ସୁରେନ୍ଦ୍ର ହସ୍ପିଟାଲ ମିଶ୍ରପଡାର ମିଳିତ ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମିଶ୍ରପଡା ସ୍ଥିତ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରକାରର ରକ୍ତ ପରୀକ୍ଷା, ପ୍ରସୂତି ପରୀକ୍ଷା, ଇସିଜି, ଇକୋ, ଅଲଟ୍ରା ସୋନୋଗ୍ରାଫି ଆଦି କରାଯାଇଥିଲା। ଅନୁଗୋଳ ସହର ତଥା ଆଖପାଖ ଅଞ୍ଚଳର ବହୁ ମହିଳା ଏହି ସୁଯୋଗ ଲାଭ କରିଥିଲେ। ରୋଟାରି ରୟାଲ କ୍ଲବ ତରଫରୁ ସଭାପତି ଡ. ମାଇକେଲ ଜନ, ସେକ୍ରେଟାରି କୈଳାଶ ଅଗ୍ରୱାଲା, ବାଣୀଦେବ, ମଧୁଗୁପ୍ତା, ଅଶୋକ ମାଣ୍ଡୋଥିଆ, ନୀହାର ରଞ୍ଜନ ପ୍ରସାଦ, ଜୟ ପ୍ରକାଶ ମୋଦି, ଉର୍ମିଳା ଅଗ୍ରୱାଲା ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଅନୁଗୋଳ ଡାକ୍ତର ସଂଘ ସଭାପତି ତଥା କ୍ଲବ ସଦସ୍ୟ ଡା. ବିଚ୍ଛନ୍ଦ ଚରଣ ପ୍ରଧାନ, ସୁରେନ୍ଦ୍ର ହସ୍ପିଟାଲର ବରିଷ୍ଠ ଚିକିତ୍ସକ ଡା. ଗୁରୁ ଚରଣ ପ୍ରଧାନ, ଡା. ତରୁଣ ସାହୁ, ଡା. ଦେବାଶିଷ ପ୍ରଧାନ, ଡା. ସଂଯୁକ୍ତା ପ୍ରମୁଖ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡା. କୁମାର ସୋମ୍ୟକାନ୍ତ ବିଶୋଇ ଏହି ଶିବିରକୁ ସଂଯୋଜନା ତଥା ସୁପରିଚାଳନା କରିଥିଲେ। ଓଡ଼ିଶା ଡାଇଗ୍ନୋଷ୍ଟିକ ଥର୍ମାଲ ସ୍କାନିଂରେ ସ୍ତନ କର୍କଟ ନିରୂପଣ କରିଥିଲେ।

# ଜବାହର ନବୋଦୟ ବିଦ୍ୟାଳୟର ଶତପ୍ରତିଶତ ପାସ୍

**ଦଶମରେ ସୌମ୍ୟ ରଞ୍ଜନ ଓ ଦ୍ୱାଦଶରେ ଓମ୍ ପ୍ରକାଶ ବାଜି ମାରିଲେ**



ଓମ୍ ପ୍ରକାଶ ପ୍ରଧାନ — ସୌମ୍ୟ ରଞ୍ଜନ ସାହୁ

**ଅନୁଗୋଳ,୧୪।୫(ଅମିତ କୁମାର ସାମଲ)**

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ରେ ଚମ୍ପତିମୁଣ୍ଡା ସ୍ଥିତ ଅନୁଗୋଳ ଜବାହର ନବୋଦୟ ବିଦ୍ୟାଳୟର ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଛି। ଦଶମ ଶ୍ରେଣୀରେ ମୋଟ ୮୩ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ୨୨ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସୌମ୍ୟ ରଞ୍ଜନ ସାହୁ ୯୭.୪ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ପ୍ରିୟାଂଶୁ ସାହୁ ୯୬.୮୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଏବଂ ଆର୍ୟ ଆଶୁତୋଷ ପରିଡା ୯୬.୪% ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ମୋଟ ୬୮ ଜଣ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଓମ୍ ପ୍ରକାଶ ପ୍ରଧାନ ୯୮.୨% ମାର୍କ ରଖି ସର୍ବୋଚ୍ଚ ସ୍ଥାନରେ ରହିଥିବାବେଳେ ପ୍ରଭୁଦତ୍ତ ଓ ରୀତିକ ରୋଶନ ୯୪.୪% ମାର୍କ ରଖି ଯୁଗ୍ମ ଭାବରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରୀଧିରାଣୀ ପଣ୍ଡା ୯୪.୨% ମାର୍କ ରଖି ତୃତୀୟ ସ୍ଥାନରେ ଅଛନ୍ତି। ସଫଳ ବିଦ୍ୟାର୍ଥୀଙ୍କୁ ଅଧକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ ଶୁଭେଚ୍ଛା ଜଣାଇଛନ୍ତି।

# ୭ନଂ ୱାର୍ଡରେ ବିଜେଡିର ପ୍ରଚାର



ପୌରାଞ୍ଚଳର ୭ନଂ. ୱାର୍ଡରେ ବିଜେଡି ପକ୍ଷରୁ ପ୍ରଚାର କରାଯାଉଛି।

**ଢେଙ୍କାନାଳ,୧୪।୫(ରତନ ନାୟାର)**

ଢେଙ୍କାନାଳ ପୌରାଞ୍ଚଳର ୭ନଂ ୱାର୍ଡରେ ସୋମବାର ବିଜେଡି ନଗର ସଭାପତି ବିନୋଦ କୁମାର ମହାନ୍ତିଙ୍କ ଆବାହକତ୍ୱରେ କର୍ମୀମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବା ସହ ପ୍ରଚାର ପତ୍ର ବଣ୍ଟନ କରିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ବିଧାୟକ ସୁଧୀର କୁମାର ସାମଲଙ୍କ ସ୍ତ୍ରୀ ଅବନ୍ତି ସାମଲ ଯୋଗଦେଇ ବିଧାନସଭା ଆସନ ଓ ଲୋକ ସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ଜୟଯୁକ୍ତ କରାଇବା ପାଇଁ ନିବେଦନ କରିଥିଲେ। ଏଥିସହ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ସମସ୍ତ ଭୋଟରଙ୍କ ସହଯୋଗ ଲୋଡିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ଭଞ୍ଜ, କାଉନସିଲର ସସ୍ମିତା ଭଞ୍ଜ, ଜିଲା ମହିଳା ସଭାପତି ସାଗରିକା ମିଶ୍ର, ମହିଳା ନଗର ସଭାପତି ଶୁଭଲକ୍ଷ୍ମୀ ସାହୁ, ସସ୍ମିତା ସାମଲ, ମାମିନା ଦିକ୍ଷିତ୍, ପ୍ରଫୁଲ୍ଲ କୁମାର ନାୟକ, ନିରଞ୍ଜନ ସାମଲ, ରମଜାନ ଖାଁ, ରାଜେଶ ଖାନ୍, ଦୁର୍ଗା ଚରଣ ନାୟକ, ନୃସିଂହ ମହାପାତ୍ର, ନୀଳମାଧବ ମହାପାତ୍ର, ସମ୍ବିତ ପିରେଇ ପ୍ରମୁଖ ପ୍ରଚାର କାର୍ଯ୍ୟକ୍ରମରେ ସହେଯାଗ କରିଥିଲେ।

# ଜିଏମ୍ଆର୍ ପବ୍ଲିକ ସ୍କୁଲର ସଫଳତା

**ଢେଙ୍କାନାଳ,୧୪।୫(ରତନ ନାୟାର):** ଓଡ଼ାପଡ଼ା ବ୍ଲକ କମଳାଙ୍ଗସ୍ଥିତ ଜିଏମ୍ଆର୍ ଭରଲକ୍ଷ୍ମୀ ଡିଏଭି ପବ୍ଲିକ ସ୍କୁଲର ଦଶମ ଓ ଦ୍ୱାଦଶ ଛାତ୍ରୀଛାତ୍ର ସିବିଏସ୍‌ଇ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଦଶମରେ ସନ୍ଦୀପ ସାହୁ ୯୯ ପ୍ରତିଶତ ନମ୍ବର ରଖି ରେକର୍ଡ ସୃଷ୍ଟି କରିଛନ୍ତି। ଶତକଡା ୪୦ଭାଗ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ଅର୍ପିତା ରାଉଳ ୯୦.୮ ପ୍ରତିଶତ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଠାରେ ପ୍ରକାଶଥାଉ କି, ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୨୦୨୩-୨୪ ବର୍ଷ ପ୍ରଥମଥର ପାଇଁ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିଲେ। ଏଥିପାଇଁ ବିଦ୍ୟାଳୟର ଅଧକ୍ଷା, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଏନ୍‌ଟିପିସି କେନ୍ଦ୍ରୀୟ ବିଦ୍ୟାଳୟ, ଡିଏଭିର ଶତପ୍ରତିଶତ ସଫଳତା



**କଣିହାଁ,୧୪।୫(ସଚ୍ଚିଦାନନ୍ଦ ପ୍ରଧାନ)**

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଅନୁଗୋଳ ଜିଲା କଣିହାଁ ସ୍ଥିତ ଏନ୍‌ଟିପିସି କେନ୍ଦ୍ରୀୟ ବିଦ୍ୟାଳୟର ଶତପ୍ରତିଶତ ସଫଳତା ପାଇଛି। ବିଦ୍ୟାଳୟର ଛାତ୍ର ବିଶ୍ୱରୂପ କରମାକର ୯୩ ପ୍ରତିଶତ ମାର୍କ ରଖିଥିବା ବେଳେ ପିତିପର୍ଣ୍ଣା ପତି ୯୨.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିପରି ଡିଏଭି ସ୍କୁଲର ଛାତ୍ରୀ ସଗୁନ ଶ୍ରୀବାସ୍ତବ ଓ ପ୍ରଦତ୍ତ ସେନାପତି ୯୭.୨୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ଆଶୁତୋଷ ସାହୁ ଓ ଦୀପଦର୍ଶନୀ ଶତପଥୀ ୯୫.୮୦ ପ୍ରତିଶତ ମାର୍କ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅତିକ୍ଷ ଦେବ ସିଂ ୯୪.୨୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ସତ୍ୟପ୍ରଜ୍ଞା ସାହୁ ୯୪.୨୦ ପ୍ରତିଶତ ମାର୍କ ପ୍ରଥମ, ହାସିନୀ ସ ୯୩.୨୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ ପ୍ରତ୍ୟକ୍ଷ୍ୟା ୯୨ ପ୍ରତିଶତ ମାର୍କ ରଖି ତୃତୀୟରେ ରହିଛନ୍ତି। ବିଦ୍ୟାଳୟର ପାସ ହାର ଶତପ୍ରତିଶତ ହୋଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଅବସରପ୍ରାପ୍ତ କିରାଣିଙ୍କ ପରଲୋକ

**ଢେଙ୍କାନାଳ,୧୪।୫(ରତନ ନାୟାର)**



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମହାପଦା ଗ୍ରାମର ଅବସରପ୍ରାପ୍ତ କିରାଣି ଦାମୋଦର ନାଥଙ୍କ ହୃଦ୍‌ଘାତରେ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ସେ ଜିଲାପାଳଙ୍କ ଓ ଗଁଦିଆ ବ୍ଲକ କାର୍ଯ୍ୟାଳୟ ଆଦିରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟକରି ଅବସରଗ୍ରହଣ କରିଥିଲେ। ମୃତ୍ୟୁ ଖବର ପାଇବା ପରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅ, ଝିଅ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମସ୍ଥିତ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ଉମାଶଙ୍କର ମୁଖାଗ୍ନି ଦେଇଥିଲେ।

# ବଡ଼ ବାପାଙ୍କ ଟାଙ୍ଗିଆ ଚୋଟରେ ପୁତୁରା ମୃତ

**ଢେଙ୍କାନାଳ,୧୪।୫(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ଥାନା ବିଧାରପୁର ପଞ୍ଚାୟତ ଝିଲି ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବାହ୍ନ ୧୧ଟାରେ ସଜନା ଗଛର ଡେର କଟିବା ବିବାଦକୁ ନେଇ ବଡ଼ ବାପା ଧନେଶ୍ୱର ଦେହୁରୀ(୬୪)ଙ୍କ ଟାଙ୍ଗିଆ ଚୋଟରେ ସାନଭାଇ ଗରିବ ଦେହୁରୀଙ୍କ ପୁଅ ତଥା ପୁତୁରା ଗୌରାଙ୍ଗ ଦେହୁରୀଙ୍କ ମୃତ୍ୟୁ ହୋଇଛି। ସକାଳେ ଜାଗା ବିବାଦ ଓ ପୂର୍ବ ଶତ୍ରୁତାକୁ ନେଇ ଧନେଶ୍ୱର ଓ ତାଙ୍କ ଭାଇ ଗରିବଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏହାଦେଖି ପୁତୁରା ଗୌରାଙ୍ଗ ପ୍ରତିବାଦ କରିବା ସହିତ ତାଙ୍କ ବାପାଙ୍କୁ କାହିଁକି ଗାଳି କରୁଛନ୍ତି ବୋଲି ବଡବାପା ଧନେଶ୍ୱର ଦେହୁରୀଙ୍କୁ କହିଥିଲେ। ଏହାପରେ ଧନେଶ୍ୱର ଓ ଗୌରାଙ୍ଗଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଧନେଶ୍ୱର ନିକଟରେ ପଡିଥିବା ଏକ ଟାଙ୍ଗିଆରେ ଗୌରାଙ୍ଗଙ୍କ ବେକର ଡାହାଣ ପାଖକୁ ହାଣି ଦେଇଥିଲେ। ଫଳରେ ଗୌରାଙ୍ଗଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଗଁଦିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅଭିଯୁକ୍ତ ଧନେଶ୍ୱର ଦେହୁରୀଙ୍କୁ ଗିରଫ ସହ ଟାଙ୍ଗିଆକୁ ଜବତ କରିଥିଲା। ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ ନଂ-୧୮୧।୨୪ରେ ଏକ ମାମଲା ରୁଜୁ କରାଯାଇଛି।

# ଭାଜପା ପ୍ରାର୍ଥୀଙ୍କ ଭୋଟ ଭିକ୍ଷା

**କଣିହାଁ,୧୪।୫ (ସଚ୍ଚିଦାନନ୍ଦ ପ୍ରଧାନ)**

ପାଲଲହଡା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତି କଣିହାଁ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗାଁ ବୁଲି ଭୋଟ ଭିକ୍ଷା କରିଛନ୍ତି। ଭାଜପା ପ୍ରାର୍ଥୀ ମହାନ୍ତି ଗଣ୍ଡମଳା ପଞ୍ଚାୟତର ସୁଲେଇପାଳ, କୁଲାବର, ଗଣ୍ଡମଳା, ମୈଧରପୁର, ଶରଧାପୁର, ବୁରୁକୁନା, ଡେରାଗୋଳା ଆଦି ଗ୍ରାମ ଗସ୍ତ କରି ଘରକୁ ଘର ବୁଲି ମୋଦି ସରକାରଙ୍କ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟକୁ ଅବଗତ କରାଇବା ସହିତ ଲୋକଙ୍କୁ ଗ୍ରାମର ସମସ୍ୟା ବିଷୟରେ ପଚାରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମରେ ପାନୀୟ ଜଳର ଘୋର ଅଭାବ, ନିକଟସ୍ଥ ନଦୀ, ଝରଣା ଓ ପରିତ୍ୟକ୍ତ ନଳକୂପରୁ ପିଇବା ପାଣି ଆଣି ଚଳୁଥିବା କଥା ଲୋକେ କହିଥିଲେ ଏବଂ ଗାଁକୁ ରାସ୍ତା, ବିଜୁଳିବତୀ ନ ଥିବାର ଅଭିଯୋଗ କରିଥିଲେ। ମୋଦିଙ୍କୁ କେନ୍ଦ୍ରରେ ତୃତୀୟ ବାର ପ୍ରଧାନମନ୍ତ୍ରୀ କରିବା ସହିତ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କରିବା ପାଇଁ ଗାଁ ଲୋକଙ୍କୁ ପ୍ରାର୍ଥୀ ମହାନ୍ତି ନିବେଦନ କରିଥିଲେ। ତାଙ୍କ ସହ ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ରୁଦ୍ରନାରାୟଣ ପାଣିଙ୍କ ପାଇଁ ମଧ୍ୟ ଭୋଟ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ପ୍ରହଲ୍ଲାଦ ସାମଲ, ଚନ୍ଦନ ସ୍ୱରାଜ, ନୃସିଂହ ବରାଳ, ବସନ୍ତମଞ୍ଜରୀ ପ୍ରଧାନ, ସରପଞ୍ଚ ତପସ୍ୱିନୀ ପାତ୍ର, ଦୁଃଖବନ୍ଧୁ ବେହେରା, ହୃଷିକେଶ ସାମଲ, ସରପଞ୍ଚଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ପ୍ରଧାନ, ହିମାଂଶୁ ପାତ୍ର, ହରେକୃଷ୍ଣ ପ୍ରଧାନ, ରଞ୍ଜନ କୁମାର ସାମଲ, ରବିଚନ୍ଦ୍ର ପାତ୍ର, ପାଣ୍ଡବ ପାତ୍ର, ପତିତପାବନ ସାମଲ, ସୁଜନ ସାମଲ, ଜୟଦେବ ବେହେରା, ମନୋଜ କୁମାର ନନ୍ଦ, ପ୍ରହଲ୍ଲାଦ ମହାନ୍ତି, ମନୋଜ ବିଶ୍ୱାଳ, ସୌଦାମିନୀ ପାତ୍ର, ଧର୍ମେନ୍ଦ୍ର ମହାନ୍ତ, ସୌମ୍ୟରଞ୍ଜନ ପ୍ରଧାନ, ପିଙ୍କୁ ମହାନ୍ତି, ଚନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




**DECLARATION**

**Format C-1**

**Declaration about Criminal Cases:**

(As per the Judgement dated 25th September 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of Candidate : **Sudhir Kumar Samal**
**At: Laxmi Bazar, Ward No. 12, P.O./Dist.: Dhenkanal, Odisha, PIN - 759001**
Name of Political Party : **Biju Janata Dal**
(Independent candidates should write "Independent" here)
Name of Election : **Odisha Legislative Assembly**
*Name of Constituency : **55 - Dhenkanal Assembly Constituency**

I, **Sudhir Kumar Samal** (name of candidate), a candidate for the above mentioned election, declare for public information the following details about my criminal antecedents:

**(A) Pending Criminal Cases**

| Sl. No. | Name of Court | Case No. and Dated | Status of Case(s) | Section(s) of Acts concerned and brief description of offense(s) |
|---|---|---|---|---|
| 1 | Judge Special Court, Dhenkanal | C.T. Special Case No. 43/2018 | Final report submitted by the Police | U/s 506/507 IPC and Section 3(1) (r) (s) and (3) (2) (va) of SC & ST (POA) Act. Intentionally insults or intimidates with intent to humiliate a member of S.C. & S.T. Community in any place within the public view. |
| 2 | S.D.J.M., Talcher | G.R. Case No. 68/13 | Pending | U/s 365/109/34 IPC and Section 25 of the Arms Act. Kidnapping or abducting with intent secretly and wrongfully to confine a person abatement of any offence with common intention, illegal possession of arms and ammunition |
| 3 | J.M.F.C. (Cog Taking ) Dhenkanal | G.R. Case No. 1085/2010 | Pending | U/s 143, 186/283/149 of IPC Being Member of unlawful assembly, obstructing public servant in discharge of his public functions, causing danger obstruction or any injury in any public way or line of navigation |
| 4 | J.M.F.C. (Cog Taking) Dhenkanal | G.R. Case No. 580/2009 | Pending | U/s 143, 341, 447/506/149 of IPC Unlawful assembly wrongful restraint criminal trespass, criminal intimidation being a member of unlawful assembly. |
| 5 | J.M.F.C. (L.R) Angul | G.R. Case No. 477/2005 | Pending | U/s 143, 283, 431, 149 of IPC & Section 7 of Criminal Law amendment act. Unlawful assembly wrongful resistance to taking of property by the lawful authority of a Public Servant causing danger obstruction or injury in any public way or line of navigation mischief by injury to public road navigable river navigable channel or rendering it impossible or less safe for travelling of conveying property being a member of unlawful assembly |

**(B) Details about cases of conviction for criminal offenses - Not applicable**

| Sl. No. | Name of Court & Date(s) of Order(s) | Description of Offence(s) & Punishment imposed | Maximum Punishment Imposed |
|---|---|---|---|
| | NIL | NIL | NIL |

*In the case of election to the Council of States or election to Legislative Council by MLAs, mention the election concerned in the place of name of constituency.

**Sd./- Sudhir Kumar Samal**



**ଫର୍ମ ନଂ. ଏନ୍‌ସିଏଲ୍‌ଟି. ୩ଏ**

**ପିଟିସନ ବାବଦୀୟ ବିଜ୍ଞାପନ**

**[ନିୟମ ୩୫ ଦେଖନ୍ତୁ]**

**ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ କଟକସ୍ଥିତ କଟକ ଖଣ୍ଡପୀଠରେ**

**CP (CAA) No.5/CB/2024**
**Connected with CA (CAA) No. 2/CB/2024**

ମାମଲା: କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ

ଏବଂ

ମାମଲା: ଉକ୍ତ ଅଧିନିୟମର ଧାରା ୨୩୦ରୁ ୨୩୨ ଅଧୀନରେ;

ଏବଂ

ମାମଲା: କମ୍ପାନୀ (ବୁଝାମଣା, ବନ୍ଦୋବସ୍ତ ଏବଂ ମିଶ୍ରଣ) ନିୟମାବଳୀ, ୨୦୧୬ ତଥା ଅନ୍ୟାନ୍ୟ ନିୟମାବଳୀ ଅଧୀନରେ;

ଏବଂ

ମାମଲା: ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U45201OR2008PTC010209**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ଦିନଲିପି ଭବନ, ଏ-୫୪/୧ ଏବଂ ଏ-୫୫/୧, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୧

ଏବଂ

ମାମଲା: ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U67120OR1995PTC003978**, କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୨

ଏବଂ

ମାମଲା: ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U21099OR1986PTC001735**, କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୩

ଏବଂ

ମାମଲା: ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍: ସିଆଇଏନ୍: **U67120OR1984PLC001307**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୪

ସହିତ

ମାମଲା: ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍, ସିଆଇଏନ୍: **U24119OR1978PLC000785**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ

(ଏତଦ୍‌ପଶ୍ଚାତ୍ ମିଳିତ ଭାବେ "ଆବେଦକ କମ୍ପାନୀ ଭାବେ ଉଲ୍ଲିଖିତ")

**ପିଟିସନ ନୋଟିସ**

ଉପରନାମିତ ଆବେଦକମାନଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ ଓ ୨୩୨ ଅଧୀନରେ ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍ (ଆବେଦକ ହସ୍ତାନ୍ତରକାରୀ କମ୍ପାନୀ) ଏବଂ ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍ (ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ)ର ମିଶ୍ରଣ ଯୋଜନାର ମଞ୍ଜୁରୀ ପାଇଁ ଏକ ଆବେଦନ (ପିଟିସନ) ଉପରନାମିତ ଆବେଦକମାନଙ୍କ ଦ୍ୱାରା **୮ ମେ, ୨୦୨୪** ଦିନ ଉପସ୍ଥାପିତ କରାଯାଇଥିଲା ଏବଂ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ, କଟକ ଖଣ୍ଡପୀଠଙ୍କ ନିକଟରେ ଉପରୋକ୍ତ ଆବେଦନର ଶୁଣାଣି **୫ ଜୁନ୍, ୨୦୨୪** ଦିନ ଅନୁଷ୍ଠିତ ହେବା ଲାଗି ସ୍ଥିର ହୋଇଛି। କଥିତ ଆବେଦନ (ପିଟିସନ) ସପକ୍ଷ କିମ୍ବା ବିରୋଧରେ ନିଜର ମତାମତ ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତି ନିଜର ଅଭିପ୍ରାୟ ନୋଟିସକୁ ନିଜର କିମ୍ବା ନିଜର ଓକିଲଙ୍କ ଦସ୍ତଖତ ଓ ନିଜର ନାମ ଓ ଠିକଣା ସହିତ ଏପରି ଭାବେ ପଠାଇବେ ଯାହା ଆବେଦକଙ୍କ ଓକିଲଙ୍କ ନିକଟକୁ ପିଟିସନ ଶୁଣାଣି ଲାଗି ସ୍ଥିର ହୋଇଥିବା ଦିବସର ଦୁଇ ଦିନ ପୂର୍ବରୁ ପ୍ରାପ୍ତ ହେବ। ଯଦି କୌଣସି ବ୍ୟକ୍ତି ଆବେଦନ (ପିଟିସନ)କୁ ବିରୋଧ କରୁଥାନ୍ତି, ତେବେ ନୋଟିସ ସହିତ ଆପତ୍ତିର କାରଣ କିମ୍ବା ତାଙ୍କର ସତ୍ୟପାଠ ସଂଲଗ୍ନ କରାଯିବା ଜରୁରୀ ଅଟେ। ଏହି ପିଟିସନର ନକଲ ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସେଥି ନିମନ୍ତେ ନିର୍ଦ୍ଧାରିତ ଶୁଳ୍କର ପରିଶୋଧ ପରେ ଯୋଗାଇଦିଆଯିବ।

ସ୍ୱା./- ଶାଶ୍ୱତ କୁମାର ରାଉତ
(ଆବେଦକଙ୍କ ଓକିଲ)
ପ୍ଲଟ୍ ନଂ. ୬୮୭, କେ-୩ବି, କଳିଙ୍ଗ ନଗର
ଘାଟିକିଆ, ଭୁବନେଶ୍ୱର-୭୫୧୦୨୯

ତାରିଖ: ୧୪।୦୫।୨୦୨୪
ସ୍ଥାନ: ଭୁବନେଶ୍ୱର

# ଆଜି ଛେଣ୍ଡିପଦା, ଆଠମଲ୍ଲିକ ଆସୁଛନ୍ତି ମୁଖ୍ୟମନ୍ତ୍ରୀ

ଛେଣ୍ଡିପଦା,୧୪।୫ (ଅଜିତ ଧଳ)/ ଅନୁଗୋଳ (ଅମିତ କୁମାର ସାମଲ)



ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ଅନୁଗୋଳ ଜିଲା ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀ ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦିନିକିଆ ଗସ୍ତରେ ଆସି ଦଳୀୟ ବିଧାୟକ ଓ ଏମ୍‌ପିଙ୍କ ପାଇଁ ନିର୍ବାଚନ ପ୍ରଚାର ସଭାରେ ଯୋଗଦେବେ। ଏ ନେଇ ଜିଲା ବିଜେଡି ପକ୍ଷରୁ ଉତ୍ସାହ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିବାକୁ ବିଜେଡି ନେତା ଓ କର୍ମୀମାନେ ଅପେକ୍ଷା କରିଛନ୍ତି। ଦିନିକିଆ ଗସ୍ତରେ ଆସୁଥିବା ମୁଖ୍ୟମନ୍ତ୍ରୀ ପ୍ରଥମେ ଛେଣ୍ଡିପଦା ଠାରେ ଆୟୋଜିତ ବିଶାଳ ଜନସଭାରେ ଉଦ୍‌ବୋଧନ ଦେବେ। ଏହି ସଭାରେ ଛେଣ୍ଡିପଦା ଓ ବଅଁରପାଳ ବ୍ଲକର ପ୍ରାୟ ୩୦ ହଜାରରୁ ଅଧିକ ବିଜେଡି କର୍ମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁସାରେ ବୁଧବାର ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ସମ୍ମୁଖ ପଡ଼ିଆରେ ପହଞ୍ଚି ଆୟୋଜିତ ବିଶାଳ ଜନସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିବେ। ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ଅନୁଗୋଳର ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବେ। ଏହାପରେ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଓ ସମ୍ବଲପୁର ଲୋକ ସଭା ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଭୋଟ ଭିକ୍ଷା କରିବେ। ପରେ ମୁଖ୍ୟମନ୍ତ୍ରୀ ଦୁଇ ପ୍ରାର୍ଥୀଙ୍କୁ ଆର୍ଶୀବାଦ କରିବାକୁ ସେଠାରେ ଥିବା ଲୋକଙ୍କୁ ନିବେଦନ କରିବେ। ପରେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିବେ। ଏହାପରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆଠମଲ୍ଲିକ ଗସ୍ତ କରିବେ। ସେଠାରେ ଅପରାହ୍ନ ୫ଟା ୫ ମିନିଟ୍‌ରେ ପହଞ୍ଚିବା ପରେ ସଭା ମଞ୍ଚକୁ ଯିବେ। ସେଠାରେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଭାଗୀରଥି ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବେ। ଏହାପରେ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଓ ସମ୍ବଲପୁର ଲୋକ ସଭା ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଭୋଟ ଭିକ୍ଷା କରିବେ। ପରେ ନବୀନ ପଟ୍ଟନାୟକ ସେଠାରେ ଥିବା ସଭା ସ୍ଥଳରେ ଯୋଡ଼ି ଶଙ୍ଖରେ ମତଦାନ କରିବାକୁ ନିବେଦନ କରିବେ। ଏହାପରେ ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନଜରରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ପୌରାଞ୍ଚଳରେ ହୋମ୍ ଭୋଟିଂ

ଢେଙ୍କାନାଳ,୧୪।୫(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳରେ ମଙ୍ଗଳବାର ୮୫ବର୍ଷରୁ ଊର୍ଦ୍ଧ୍ୱ ଏବଂ ଚଲାବୁଲା କରିପାରୁ ନ ଥିବା ବରିଷ୍ଠ ଭୋଟରଙ୍କ ପାଇଁ ହୋମ୍ ଭୋଟିଂ ବ୍ୟବସ୍ଥା ହୋଇଥିଲା। ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨୮ଜଣ ବରିଷ୍ଠ ନାଗରିକ ହୋମ ଭୋଟିଂ ପାଇଁ ବିବେଚିତ ହୋଇଥିଲେ। ତନ୍ମଧ୍ୟରେ ଗଁଦିଆ ବ୍ଲକରେ ୧୪, ଢେଙ୍କାନାଳ ପୌରାଞ୍ଚଳରେ ୫, ସଦର ବ୍ଲକ ଅଞ୍ଚଳରେ ୯ଜଣ ବିବେଚିତ ହୋଇଥିଲେ। ସକାଳ ୮ଟା ସମୟରେ ହୋମ ଭୋଟିଂ ପାଇଁ ନିଯୁକ୍ତ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ସଶକ୍ତ ପୋଲିସ କର୍ମଚାରୀଙ୍କ ସହ ଢେଙ୍କାନାଳ ପୌରାଞ୍ଚଳର ୩ନଂ ୱାର୍ଡରେ ରହୁଥିବା ୮୭ ବର୍ଷର ଜଣେ ଅବସରପ୍ରାପ୍ତ ମହିଳା ପ୍ରଶାସନିକ ଅଧିକାରୀଙ୍କ ଘରକୁ ଆସି ହୋମ୍ ଭୋଟିଂ କରିଥିବା ଦେଖାଯାଇଥିଲା। ସେହିପରି ଅନ୍ୟସ୍ଥାନଗୁଡିକରେ ମଧ ବାଲଟ୍ ପେପର ମାଧମରେ ସିକ୍ରେଟ୍ ହୋମ ଭୋଟିଂ କରାଯାଇଥିଲା।

# ବାଲଟ ପେପରରେ ଭୋଟ ଦେଲେ ୩୭୧ ବୁଥ୍ ଅଧିକାରୀ



ବୁଥ୍‌ସ୍ତରୀୟ ନିର୍ବାଚନ ଅଧିକାରୀ ତଥା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କୁ ଭୋଟ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯାଉଛି।

ଆଠମଲ୍ଲିକ,୧୪।୫(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ସ୍ଥିତ ଷୋଳପଦା ଡିଗ୍ରୀ କଲେଜ ପରିସରରେ ୨ଦିନ ଧରି ବୁଥସ୍ତରୀୟ ନିର୍ବାଚନ ଅଧିକାରୀ ତଥା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କୁ ଭୋଟ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯିବା ସହିତ ଅଧିକାରୀମାନଙ୍କ ପୋଷ୍ଟାଲ ବାଲଟ ପେପରରେ ଭୋଟ ଦେବାର ପ୍ରକ୍ରିୟା ଜାରି ରହିଥିଲା। ଦ୍ୱିତୀୟ ଦିନରେ ୭୮୦ ଜଣ ବୁଥସ୍ତରୀୟ ଅଧିକାରୀ ପ୍ରଶିକ୍ଷଣରେ ଭାଗ ନେବା ସହିତ ୩୭୧ ଜଣ ବାଲଟ ପେପରରେ ଭୋଟ ଦେଇଥିଲେ। ଉକ୍ତ ବାଲଟ ପେପରକୁ କଡ଼ା ସୁରକ୍ଷା ମଧ୍ୟରେ ସଦର ମହକୁମାସ୍ଥିତ ଟ୍ରେଜେରିକୁ ଅଣାଯାଇଥିଲା। ପ୍ରଶିକ୍ଷଣରେ ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଡା. ଜିତେନ୍ଦ୍ର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଆଠମଲ୍ଲିକ ତହସିଲଦାର ଶ୍ୟାମସୁନ୍ଦର ସାହୁ, ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା, କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ, କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ, ଏଡିଡବ୍ଲ୍ୟୁ ଆଶୁତୋଷ ଲୋକନାଥ ଘଡାଇ, ଏଡିପିଆରଓ ସୁଜିତ କୁମାର ଭୋଇ, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ସହକାରୀ ଜିଲାପାଳ ପ୍ରଭୂପୀୟୂଷ ମହାପାତ୍ର, ଏବିଡିଓ ଦିଲୀପ କୁମାର ପ୍ରଧାନ ପ୍ରମୁଖ ବୁଥସ୍ତରୀୟ ନିର୍ବାଚନ ଅଧିକାରୀଙ୍କୁ ଭୋଟ ବାବଦରେ ପ୍ରଶିକ୍ଷଣ ଦେଇଥିଲେ।

# କୁଲେଇ, ହରିହରପୁରରେ ମୁକେଶଙ୍କ ପ୍ରଚାର



ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ ପାଳ ପ୍ରଚାର କରୁଛନ୍ତି।

କଣିହାଁ.୧୪।୫ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଅନ୍ତର୍ଗତ କୁଲେଇ ଓ ହରିହରପୁର ପଞ୍ଚାୟତରେ ପାଲଲହଡ଼ା ବିଧାନସଭାର ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ ପାଳ ପ୍ରଚାର କରିଛନ୍ତି। ବାରୁଆଁ ଶିବ ମନ୍ଦିରରେ ପ୍ରଥମେ ପୂଜାପାଠ କରିବା ପରେ ପ୍ରଚାର ଆରମ୍ଭ କରିଥିଲେ। କୁଲେଇ ପଞ୍ଚାୟତର ଡୁମୁରୁଳା, ହରିହରପୁର ପଞ୍ଚାୟତର ଏକଘରିଆ, ହରିହରପୁର, ଯଦୁନାଥପୁର, ବଲାଙ୍ଗି, ଦୁମଡୁମା ଆଦି ବିଭିନ୍ନ ଗ୍ରାମକୁ ଯାଇ ଭୋଟ ଭିକ୍ଷା କରିଥିଲେ। ଏହି ପ୍ରଚାରରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ପାଲଲହଡା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁବାସ ମହାନ୍ତି, ହରିହରପୁର ସରପଞ୍ଚ ଦୀପ୍ତିମୟୀ ପ୍ରଧାନ, ସୌଭାଗ୍ୟ ପ୍ରଧାନ, ସତ୍ୟାନନ୍ଦ ଗଡ଼ନାୟକ, ଯୁବନେତା ପ୍ରଦୀପ ସାମଲ, ସୁରଥ ଦେହୁରୀ, ନନ୍ଦ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଆହତ ଜିଲା ଭାଜପା ସମ୍ପାଦକଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ଅନୁଗୋଳ,୧୪।୫ (ଅମିତ କୁମାର ସାମଲ)



ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ବଇଣ୍ଡାରେ ନିର୍ବାଚନ ପ୍ରଚାର ସାରି କାର୍ ଯୋଗେ ଫେରୁଥିବା ବେଳେ ଅନୁଗୋଳ ଜିଲା ଭାଜପା ସମ୍ପାଦକ ଭବାନୀ ପ୍ରସାଦ ଜ୍ୟୋତିଷ ରାୟ, ଆଠମଲ୍ଲିକ ନଗର ସଭାପତି ଅବନୀ ପ୍ରଧାନ, ସମ୍ପାଦକ ସୁଶାନ୍ତ ପ୍ରଧାନ ଓ ସଂକୀର୍ତ୍ତନ ମେଣ୍ଟୁଲି ଆଠମଲ୍ଲିକ ଘାଟି ରାସ୍ତାରେ ଦୁର୍ଘଟଣାରେ ଆହତ ହୋଇଛନ୍ତି। ବଇଣ୍ଡା ପୂର୍ତ୍ତ ରାସ୍ତାର ନୂଆଗଡ ଠାରେ ରାତି ପ୍ରାୟ ୧୧ଟା ୩୦ରେ ଏହି ଦୁର୍ଘଟଣା ଘଟିଥିଲା। ନୂଆଗଡ଼ ନିକଟରେ କାରଟି ଭାରସାମ୍ୟ ହରାଇ ବାମ ପାର୍ଶ୍ୱ ପୋଲରେ ପିଟି ହୋଇଯାଇଥିଲା। ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ପ୍ରଥମେ ଆଠମଲ୍ଲିକ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଅନୁଗୋଳ ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଖବରପାଇ ସମ୍ବଲପୁର ସଂସଦୀୟ କ୍ଷେତ୍ରର ଭାଜପା ଏମ୍‌ପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତମାନଙ୍କୁ ଭେଟିବା ସହ ସେମାନଙ୍କ ଉତ୍ତମ ଚିକିତ୍ସା ଓ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଭଡ଼ା ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

ବଅଁରପାଳ,୧୪।୫ (ସୁବାସ ସାହୁ)

ବଅଁରପାଳ ବ୍ଲକ କାଣ୍ଡସର ଗ୍ରାମରେ ଦୀର୍ଘ ୫ ବର୍ଷ ହେବ ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି। ଗ୍ରାମର ୨୦ ଶିଶୁ ଏଠାରେ ପଢୁଛନ୍ତି। ହେଲେ ଏହି କେନ୍ଦ୍ରର ନିଜସ୍ୱ ଗୃହ ଏଯାଏ ନିର୍ମାଣ କରାଯାଇ ନାହିଁ। ଫଳରେ ୫ ବର୍ଷ ହେଲା ଏହି କେନ୍ଦ୍ର ଏକ ଭଡ଼ା ଘରେ ଚାଲିଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ପାଇଁ ଗୃହ ନିର୍ମାଣ କରାଯାଉଥିଲା। ହେଲେ କିଛିଦିନ ହେଲା କାମ ବନ୍ଦ ରହିଥିବାରୁ ଏହା ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ଅଙ୍ଗନୱାଡ଼ି କେନ୍ଦ୍ରର ଏହି ଗୃହ ନିର୍ମାଣ ଆଗକୁ ହେବ କି ନାହିଁ ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ କାଣ୍ଡସର ପଞ୍ଚାୟତ ସମ୍ପାଦକ ଫୁଲେଶ୍ୱରୀ ନାୟକ କହିଛନ୍ତି, ଠିକାଦାରଙ୍କୁ ବିଲ ମିଳି ନ ଥିବାରୁ କାମ ବନ୍ଦ ରହିଛି। ଗୃହ ନିର୍ମାଣ ଖୁବ୍‌ଶୀଘ୍ର ସରିଯିବ।



କାଣ୍ଡସର ଗ୍ରାମରେ ଭଡ଼ାଘରେ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ର।

# ଯୁବକଙ୍କୁ ହତ୍ୟା ଧମକ

ବଇଣ୍ଡା, ୧୪।୫ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ରାଣୀଦାନ୍ତକାଠିଆ ଗ୍ରାମର ରଞ୍ଜିତ ବେହେରାଙ୍କୁ ସତ୍ୟବାଦୀପୁର ଗ୍ରାମର ଦୀପକ ବେହେରା ହତ୍ୟା ଧମକ ଦେବା ସହ ମାଡ଼ ମାରିଥିବା ରଞ୍ଜିତ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୧୭/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ରଞ୍ଜିତ ତାଙ୍କ ଗ୍ରାମରେ କରିଥିବା ଦୋକାନରେ ଏକ ରାଜନୈତିକ ଦଳର ପୋଷ୍ଟର ଲଗାଇଥିଲେ। ସେହିବାଟ ଦେଇ ଯାଉଥିବା ଦୀପକ ତାଙ୍କୁ କାହିଁକି ଏହି ପୋଷ୍ଟର ଲଗାଇଛ ବୋଲି କହିବା ସହ ପୋଷ୍ଟରକୁ ଚିରି ଦେଇଥିଲେ। ରଞ୍ଜିତ ମନା କରିବାରୁ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ଭାଜପାର ମୋଟର ସାଇକେଲ ଶୋଭାଯାତ୍ରା

ଅନୁଗୋଳ,୧୪।୫ (ଅମିତ କୁମାର ସାମଲ)



ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ମଙ୍ଗଳବାର ଅନୁଗୋଳ ସହରରେ ମୋଟର ସାଇକେଲ ଶୋଭାଯାତ୍ରା କରୁଛନ୍ତି।

ଅନୁଗୋଳ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ମଙ୍ଗଳବାର ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ସହରରେ ପ୍ରଚାର କରିଛନ୍ତି। ଅନୁଗୋଳ ଜଗନ୍ନାଥ ମନ୍ଦିରରୁ ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟକ ସମର୍ଥକଙ୍କ ସହିତ ପ୍ରାର୍ଥୀ ପ୍ରଧାନ ବାହାରି ହରିମହୁରି ଛକ, ବଜାର ଛକ, ବସଷ୍ଟାଣ୍ଡ, ରାଜା ଛକ, ଅମଲାପଡା, ଶିମିଳିପଡା, ପିଟିସି ଛକ, କଲେଜ ଛକ, ହାଟଛକ, ମାଟିଆସାହି ଛକ, ବଣିଆବାହାଳ ଓ ହୁଲୁରିସିଂହା ଦେଇ ପୁନର୍ବାର ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ବିଶାଳ ରାଲିରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ବରିଷ୍ଠ ରାଜନେତା ତଥା ବିଶିଷ୍ଟ ଆଇନଜୀବୀ ଭକ୍ତି ପ୍ରସାଦ ଦାସ, ମୀରା ଗଡନାୟକ, ଅନୁଗୋଳ ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଯଯାତି ପଟ୍ଟନାୟକ, ଅନୁଗୋଳ ନିର୍ବାଚନ ମଣ୍ଡଳୀ ସଂଯୋଜକ ଦିଲୀପ ଦାସ, ଅନୁପମା ସାହୁ, ଆଇନଜୀବୀ ତପନ ଦେହୁରୀ, ପୂର୍ବତନ କାଉନସିଲର ସୁନୀଲ କୁମାର ସାହୁ, ମନୋରଞ୍ଜନ ଜେନା, ଦୁଃଖବନ୍ଧୁ ସାହୁ, ଜିଲା ସମ୍ପାଦିକା ନମିତା ଦଳବେହେରା, କାଉନସିଲର କୈଳାସ ଚନ୍ଦ୍ର ପ୍ରଧାନ, ସରିତା ମିଶ୍ର ଓ ଜିଲା ଯୁବ ସଭାପତି ସିଦ୍ଧାର୍ଥ ରାଉତରାୟଙ୍କ ସମେତ ବହୁ ଯୁବ କର୍ମୀ ଓ ଦଳର ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ।

# ସମର୍ପଣ ଏକାଡେମୀର ଶତ ପ୍ରତିଶତ ରେଜଲ୍ଟ

## ଦ୍ୱାଦଶରେ ଓମ୍, ଦଶମରେ ଅର୍ପିତା ଟପ୍ପର

ଅନୁଗୋଳ,୧୪।୫ (ଅମିତ କୁମାର ସାମଲ)





ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଅନୁଗୋଳ ଅମଲାପଡ଼ାସ୍ଥିତ ସମର୍ପଣ ଏକାଡେମୀରେ ଶତ ପ୍ରତିଶତ ଫଳ ହୋଇଛି। ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ଅନୁଷ୍ଠାନର ସମସ୍ତ ୫୫ ଜଣ ଛାତ୍ରଛାତ୍ରୀ ଭଲ ମାର୍କ ସହ କୃତକାର୍ଯ୍ୟ ହୋଇଛନ୍ତି। ଓମ ପ୍ରକାଶ ପ୍ରଧାନ ସର୍ବାଧିକ ୯୭.୨ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ପ୍ରଭୁଦତ୍ତ ପ୍ରଧାନ ୯୪.୪ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ଶୁଭ୍ରାଂଶୁ ଶେଖର ସାହୁ ୯୨.୮ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ସମସ୍ତ ୭୫ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅର୍ପିତା ପାଲ ସର୍ବାଧିକ ୯୭.୪ ପ୍ରତିଶତ ନମ୍ବର ରଖି ପ୍ରଥମ, ଆର୍ଯ୍ୟ ଆଶୁତୋଷ ପରିଡା ୯୬.୪ ପ୍ରତିଶତ ରଖି ଦ୍ୱିତୀୟ ଓ ଇଶିକା ପ୍ରିୟଦର୍ଶିନୀ ଏବଂ ପ୍ରଜ୍ଞା ପ୍ରିୟଦର୍ଶିନୀ ୯୫.୮ ପ୍ରତିଶତ ନମ୍ବର ରଖି ଯୁଗ୍ମ ଭାବେ ତୃତୀୟ ସ୍ଥାନରେ ରହି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତାରେ ଅନୁଷ୍ଠାନର ଅଧ୍ୟକ୍ଷା ବୈଷ୍ଣବୀ ଦେଓ, ପରିଚାଳନା ନିର୍ଦ୍ଦେଶକ ନୀରୋଦ କୁମାର ସାହୁ, ସହ ପରିଚାଳକ ପାର୍ଥ ସାରଥୀ ରାଉତ, ଶିକ୍ଷକ ଭବାନୀ ଶଙ୍କର ସାହୁ, ନୀତୀଶ ଚନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ସ୍ୱାଗତିକା ନାଥ ଶୁଭେଚ୍ଛା ଜଣାଇଛନ୍ତି।

# ବିଭିନ୍ନ ପଞ୍ଚାୟତରେ ନଳିନୀଙ୍କ ଜୋର୍‌ଦାର ପ୍ରଚାର

ବଇଣ୍ଡା, ୧୪।୫ (ପରିକ୍ଷିତ ସାହୁ)



ଆଠମଲ୍ଲିକ ବିଜେଡି ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ପ୍ରଚାର କରୁଛନ୍ତି।

ଆଠମଲ୍ଲିକ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡି ପ୍ରାର୍ଥୀ ନଳିନୀ ପ୍ରଧାନଙ୍କ ପ୍ରଚାର ସେତିକି ଜୋର୍ ଧରିବାରେ ଲାଗିଛି। ରବିବାର ଓ ସୋମବାର ବିଜେଡି ପ୍ରାର୍ଥୀ ପ୍ରଧାନ କିଶୋରନଗର ବ୍ଲକର କଟରଙ୍ଗା, ହଣ୍ଡପା, ନୁନୁକାପଶି, ଲୁହାମୁଣ୍ଡା ଆଦି ପଞ୍ଚାୟତର ବଇଣ୍ଡା, ନୁନୁକାପଶି, ଶରଧାମୁଣ୍ଡା, କଦଳୀମୁଣ୍ଡା, ଆନନ୍ଦମୁଣ୍ଡା, ଲୁହାମୁଣ୍ଡା, ବଣିନାଳି, ଡେବେରାପାଲି, କଟରଙ୍ଗା, ବଇସିଣା ଆଦି ଗ୍ରାମ ଗୁଡିକରେ ରୋଡ୍ ଶୋ' କରିବା ସହ ପ୍ରଚାର କରିଛନ୍ତି। ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଅଞ୍ଚଳବାସୀଙ୍କୁ ନିବେଦନ କରିଥିବା ବେଳେ ରାଜ୍ୟ ସରକାର ସବୁବେଳେ ଲୋକଙ୍କ ସାଥିରେ ଅଛନ୍ତି ବୋଲି କହିଛନ୍ତି। ବିଜେଡି ସରକାର ଅମଳରେ ଏହି ଅଞ୍ଚଳରେ ଅନେକ ରାସ୍ତାଘାଟର ଉନ୍ନତି ହେବା ସହ ବହୁ ବିଦ୍ୟାଳୟର ରୂପାନ୍ତରୀକରଣ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀରେ ଥିବା ମହିଳାମାନଙ୍କୁ ବିନା ସୁଧରେ ଋଣ ଯୋଗାଇ ଦେବା ସହ ଅନେକ ମହିଳାଙ୍କୁ ସାବଲମ୍ବୀ କରାଯାଇଛି। ତେଣୁ ବିଜେଡିକୁ ଭୋଟ ଦେବା ସହ ୬ ଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଜନତାଙ୍କୁ ନିବେଦନ କରିଥିଲେ। ଏହି ପ୍ରଚାର ବେଳେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଭାଗୀରଥି ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, ବିଜେଡି ନେତା ସନ୍ତୋଷ ପ୍ରଧାନ, ତପନ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ସରପଞ୍ଚ ଦୀପ୍ତିମୟୀ ସାହୁ, ମାନସ ରଞ୍ଜନ ସାହୁଙ୍କ ସମେତ ବହୁ ବିଜେଡି ନେତା ସାମିଲ ହୋଇଥିଲେ।

# ରାଧାକୃଷ୍ଣଙ୍କ ଚନ୍ଦନଯାତ୍ରା, ଧଣ୍ଡା ପୂଜା ଆରମ୍ଭ

ଡେରଙ୍ଗ/ କଣିହାଁ,୧୪।୫ (ସଚ୍ଚିଦାନନ୍ଦ ପ୍ରଧାନ)



ଶୋଭାଯାତ୍ରାରେ ଧଣ୍ଡାକୁ ଡେରେଙ୍ଗ ଗ୍ରାମ ମଝିସାହି ଯାତ୍ରା ପଡିଆକୁ ନିଆଯାଉଛି।

ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରଙ୍ଗ ଗ୍ରାମର ଚନ୍ଦନଯାତ୍ରା ମହୋତ୍ସବର ଧଣ୍ଡା ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ ଘଟିକାରୁ ଡେରଙ୍ଗ ଶିବମନ୍ଦିର ଠାରୁ ଧଣ୍ଡା ପୂଜା ହୋଇ ଛତିତରାଶ, ଘଣ୍ଟ ବାଦ୍ୟ, ଦୁଲଦୁଲି, ବାଡ଼ିଖେଳ ସହିତ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରି ଅପରାହ୍ନ ସାଢେ ଗୋଟାଏରେ ଗ୍ରାମର ଚନ୍ଦନ ଯାତ୍ରା ପଡିଆଠାରେ ପହଞ୍ଚିଥିଲା। ସେଠାରେ ରାଧାକୃଷ୍ଣ ମଣ୍ଡପରେ ପୁରୋହିତ ଗୁଲେଖ ଦାସ ଓ ବୁଦ୍ଧିଆ ଦାସ ପୂଜାପାଠ, ହୋମ ଯଜ୍ଞ କରିଥିଲେ। କର୍ତ୍ତା ଭାବେ ଗ୍ରାମର ପୂର୍ବତନ ସଭାପତି ଶିବରାମ ଦାସ ବସିଥିବାବେଳେ ଗ୍ରାମ ସଭାପତି ଦିଲୀପ ବେହେରା, ସମ୍ପାଦକ ବିପିନ ସାହୁ, ଇନ୍ଦ୍ରମଣି ସାହୁ, ବୁଦ୍ଧଦେବ ସାହୁ, ବିଦ୍ୟାଧର ସାହୁ, ଦିଲେଶ୍ୱର ସାହୁ, ପବିତ୍ର ସାହୁ, ଯୁଗେଶ୍ୱର ସାହୁ, ଟୁନା ସାହୁ, ରଞ୍ଜନ ସାହୁ, ନିରଞ୍ଜନ ସାହୁ ସହଯୋଗ କରିଥିଲେ। ଶେଷରେ ପୁଷ୍ପାଞ୍ଜଳି ସହ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏଥିରେ ଗ୍ରାମର ୯୬ ଜଣ ସଦସ୍ୟ ସହଯୋଗ କରି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସୂଚନାଯୋଗ୍ୟ, ଗତ ୯ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ସନ୍ଧ୍ୟା ସମୟରେ ରାଧାକୃଷ୍ଣଙ୍କୁ ଗ୍ରାମର ବଡ ପୋଖରୀ ଠାରେ ଜଳ କ୍ରୀଡ଼ା କରାଯାଇଥିଲା। ଏହି ମହୋତ୍ସବ ଅବସରରେ ୩ ଦିନ ଧରି ଅପେରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଗ୍ରାମର ମଝିସାହି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରତି ଘରେ ଇଣ୍ଟରନେଟ୍ ପାଇଁ ଖର୍ଚ୍ଚ ହେବ ୪.୨ ଟ୍ରିଲିୟନ୍

ଭୁବନେଶ୍ୱର,୧୪।୫
(ଅନୁରାଧା ମହାରଣା)



■ ଦେଶରେ ୧୩% ଘରେ ବ୍ରଡବ୍ୟାଣ୍ଡ ସଂଯୋଗ ରହିଛି
■ ଫାଇବର କେବୁଲ ପାଇଁ ୩ ଟ୍ରିଲିୟନ ଟଙ୍କା ଖର୍ଚ୍ଚ ଆକଳନ

ଭାରତରେ ଡିଜିଟାଲ ବିପ୍ଳବ ଅନେକ କ୍ଷେତ୍ରକୁ ଦ୍ରୁତ ଗତିରେ ଅଗ୍ରଗତି କରିବାରେ ସାହାଯ୍ୟ କରିଛି। ଶସ୍ତାରେ ଉପଲବ୍ଧ ହେଉଥିବା ଡାଟା ଦ୍ୱାରା ଗ୍ରାହକ ମଧ୍ୟ ଉପକୃତ ହୋଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତ୍ୟେକ ଗ୍ରାମକୁ ବ୍ରଡବ୍ୟାଣ୍ଡ ସଂଯୋଗ ପାଇଁ ଉଦ୍ୟମ କରାଯାଉଛି। ଏଥିପାଇଁ ୨୦୩୦ ସୁଦ୍ଧା ପ୍ରାୟ ୪.୨ ଟ୍ରିଲିୟନ ଟଙ୍କା ବିନିଯୋଗ ହେବ। ଏହାଦ୍ୱାରା ନୂତନ ସୁଯୋଗ ମଧ୍ୟ ସୃଷ୍ଟି ହେବ। ଏହି କାର୍ଯ୍ୟରେ ସରକାର ଘରୋଇ କମ୍ପାନୀଗୁଡ଼ିକର ସହଯୋଗ ଗ୍ରହଣ କରିବେ।

ବ୍ରଡବ୍ୟାଣ୍ଡ ଇଣ୍ଡିଆ ଫୋରମ ଅନୁଯାୟୀ, ଭାରତରେ ପ୍ରତି ମାସରେ ହାରାହାରି ୧୮୭ ଜିବି ଡାଟା ବ୍ୟବହାର ହେଉଛି। ଆମେରିକାରେ ପ୍ରତି ମାସରେ ୬୪୧ ଜିବି ଡାଟା ବ୍ୟବହାର ହେଉଛି। ବର୍ତ୍ତମାନ ଦେଶରେ ବ୍ରଡବ୍ୟାଣ୍ଡ ବ୍ୟବହାରକାରୀଙ୍କ ସଂଖ୍ୟା ବିଶ୍ୱରେ ହାରାହାରି ଏକ ଚତୁର୍ଥାଂଶ ଅଟେ। ଦେଶରେ କେବଳ ୪ କୋଟି ଘରେ ବ୍ରଡବ୍ୟାଣ୍ଡ ସଂଯୋଗ ଅଛି। ଇୱାଇ ଗ୍ଲୋବାଲ ଟିଏମଟି ପକ୍ଷରୁ ମିଳିଥିବା ସୂଚନାନୁସାରେ ଭାରତରେ କେବଳ ୧୩% ଘରେ ବ୍ରଡବ୍ୟାଣ୍ଡ ସଂଯୋଗ ରହିଛି। ଏହି ସଂଖ୍ୟା ୮୦ ପ୍ରତିଶତକୁ ବୃଦ୍ଧି କରାଯାଇପାରିବ। ଦେଶର ୩୦ କୋଟି ଘର ମଧ୍ୟରୁ ପ୍ରାୟ ୨୫ କୋଟି ଘରକୁ ବ୍ରଡବ୍ୟାଣ୍ଡ ସଂଯୋଗ ଯୋଗାଇ ଦିଆଯିବ। ଯେତେ ଶୀଘ୍ର ଏହି କାର୍ଯ୍ୟ କରାଯିବ ସେତେ ଶୀଘ୍ର ଦେଶ ସମଗ୍ର ବିଶ୍ୱରେ ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବ।

ସୂଚନା ଥାଉକି, ଆମେରିକାରେ ୯୨% ଘର, ଚାଇନାରେ ୯୭%, ଜାପାନରେ ୮୪% ଏବଂ ଜର୍ମାନୀରେ ୮୨% ବ୍ରଡବ୍ୟାଣ୍ଡ ସଂଯୋଗ ରହିଛି। ଭାରତରେ ପ୍ରତ୍ୟେକ ଘରକୁ ଇଣ୍ଟରନେଟ ସଂଯୋଗ ପାଇଁ ୪.୨ ଟ୍ରିଲିୟନ ଟଙ୍କା ମଧ୍ୟରୁ ପ୍ରାୟ ୩ ଟ୍ରିଲିୟନ ଟଙ୍କା କେବଳ ଫାଇବର କେବୁଲ ଲଗାଇବାକୁ ଖର୍ଚ୍ଚ ହେବ। ଅନ୍ୟ ଭିତ୍ତିଭୂମି ପାଇଁ ପ୍ରାୟ ୯୫,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ୱାଇଫାଇରେ ପ୍ରାୟ ୯୦୦୦ କୋଟି, ଡାଟା ସେଣ୍ଟରରେ ୧୪,୦୦୦ କୋଟି ଏବଂ ଉପଗ୍ରହ ବ୍ରଡବ୍ୟାଣ୍ଡ ସେବା ପାଇଁ ପ୍ରାୟ ୨୬,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ବ୍ରଡବ୍ୟାଣ୍ଡ ଇଣ୍ଡିଆ ଫୋରମର ସଭାପତି ଟିଭି ରାମଚନ୍ଦ୍ରନଙ୍କ ଅନୁଯାୟୀ ବ୍ରଡବ୍ୟାଣ୍ଡ ଡାଟା ବ୍ୟବହାର ମୋବାଇଲ ଡାଟାର ପ୍ରାୟ ୧୦ ଗୁଣ ଅଧିକ। ଆସନ୍ତା ୬ ବର୍ଷରେ ବାର୍ଷିକ ୨୦% ହାରରେ ବଢ଼ିଲେ ୧୦ କୋଟି ଘରକୁ ବ୍ରଡବ୍ୟାଣ୍ଡ ସଂଯୋଗ ସମ୍ଭବ ହୋଇପାରିବ। ଏହା ସାହାଯ୍ୟରେ ଲକ୍ଷ ଲକ୍ଷ ଲୋକ ମଧ୍ୟ ଚାକିରି ପାଇବେ। ବିଶେଷଜ୍ଞଙ୍କ ଅନୁଯାୟୀ, ସରକାର ଏକ ନିର୍ଦ୍ଦିଷ୍ଟ ପରିମାଣରେ ବ୍ରଡବ୍ୟାଣ୍ଡ ଇଣ୍ଟରନେଟର ମାଗଣା ବ୍ୟବହାରର ସୁବିଧା ପ୍ରଦାନ କରିବା ଉଚିତ, ଯାହାଦ୍ୱାରା ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଲୋକ ବ୍ରଡବ୍ୟାଣ୍ଡ ସଂଯୋଗ ନେଇପାରିବେ।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୪।୫

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୩୨୮(୩୨୮.୪୮) ପଏଣ୍ଟ ବଢ଼ି ୭୩,୧୦୫(୭୩,୧୦୪.୬୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୪(୧୧୩.୮୦) ପଏଣ୍ଟ ବୃଦ୍ଧି ଘଟି ୨୨,୨୧୮(୨୨,୨୧୭.୮୫) ଅଙ୍କରେ କାରବାର ବନ୍ଦ କରିଥିଲା। ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଜେଏସ୍ଏଲ୍‌ର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୧୪।୫



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ (ଜେଏସ୍ଏଲ)ନିକଟରେ ଆଉ ଏକ ସଫଳତା ସହ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି କମ୍ପାନୀ ଉଚ୍ଚ ଶକ୍ତିସମ୍ପନ୍ନ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଟେମ୍ପର୍ଡ୍‌୨୦୧ଏଲଏନ୍ ଗ୍ରେଡ୍‌ର ବିକଶିତ କରାଇଛି, ଯାହା ପାରମ୍ପରିକ ଫେରିଟିକ୍ ଷ୍ଟେନଲେସ୍ ଷ୍ଟିଲ୍ ଗ୍ରେଡ୍ ତୁଳନାରେ ଟେମ୍ପର୍ଡ ଷ୍ଟେନଲେସ୍ ଷ୍ଟିଲ୍‌୨୦୧ଏଲ୍ଏନ୍ ଗ୍ରେଡରେ ନିର୍ମିତ ହୋଇଛି।

ଉଲ୍ଲେଖଯୋଗ୍ୟ, ଭାରତରେ ଆନ୍ତଃସହର ଯାତ୍ରୀ ସେବା (ଇଣ୍ଟର-ସିଟି ଟ୍ରାଭେଲସ ସର୍ଭିସେସ)କୁ ବଢ଼ାଇବା ପାଇଁ ନିକଟରେ ଭାରତୀୟ ରେଳ ଚେନ୍ନାଇର ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍)ରୁ ପ୍ରଥମ ବନ୍ଦେ ମେଟ୍ରୋ ଟ୍ରେନ୍‌ର ଅନାବରଣ କରିଛି। ଏପରିକି ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସ୍ ଏହି ପ୍ରକଳ୍ପ ପାଇଁ ଟେମ୍ପର୍ଡ୍‌୨୦୧ଏଲଏନ୍ ଗ୍ରେଡ୍‌ର ଉଚ୍ଚ ଶକ୍ତିସମ୍ପନ୍ନ ଷ୍ଟେନଲେସ୍ ଷ୍ଟିଲ୍ ଯୋଗାଇଦେଇଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଭାରତର ରେଳ ଭିତ୍ତିଭୂମି ଓ ରୋଲିଙ୍ଗ ଷ୍ଟକ୍‌ର ଆଧୁନିକୀକରଣରେ ସାମିଲ ହୋଇପାରିଥିବାରୁ ଆମେ ବେଶ୍ ଉତ୍ସାହିତ ଓ ଆନନ୍ଦିତ ଅଛୁ। ଏପରିକି ଭାରତୀୟ ରେଳ ପ୍ରଥମ ଥର ପାଇଁ ଫେରିଟିକ୍ ଗ୍ରେଡ୍ ବଦଳରେ ୨୦୧ଏଲ୍ଏନ୍ ଷ୍ଟେନଲେସ୍ ଷ୍ଟିଲକୁ ଆପଣାଇଛି। ଏହି ନିଷ୍ପତ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଆମ ପାଇଁ ଏକ ସୌଭାଗ୍ୟର ବିଷୟ ପାଲଟିଛି।

ସେହିଭଳି ହାଲୁକା ଓଜନ ଏବଂ ଶକ୍ତି-ଦକ୍ଷ କାର୍ ବଡ଼ି ଭାରତୀୟ ରେଳର କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରିବ ଏବଂ ଏହାର ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ। ଏପରିକି ମୋର ବିଶ୍ୱାସ ଯେ ବନ୍ଦେ ମେଟ୍ରୋ ଟ୍ରେନ୍ ଯାତ୍ରୀମାନଙ୍କୁ ଏକ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରିବ ଏବଂ ଏଥିରେ ଆମେ ଭାରତୀୟ ରେଳସହିତ ଭାଗୀଦାର ହୋଇ ଆନନ୍ଦିତ ଅଛୁ।

ଉଲ୍ଲେଖଯୋଗ୍ୟ,ବନ୍ଦେ ମେଟ୍ରୋ ଟ୍ରେନ୍ ହେଉଛି, ବନ୍ଦେ ଭାରତ ଏକ୍ସପ୍ରେସର ଏକ ସ୍ୱଳ୍ପ ଦୂରତା ବିଶିଷ୍ଟ ସଂସ୍କରଣଭିତ୍ତିକ ଯାତ୍ରୀ ସେବା ଯାନ, ଯାହା ପାରମ୍ପରିକ ଫେରିଟିକ୍ ଷ୍ଟେନଲେସ୍ ଷ୍ଟିଲ୍ ଗ୍ରେଡ୍ ତୁଳନାରେ ଟେମ୍ପର୍ଡ ଷ୍ଟେନଲେସ୍ ଷ୍ଟିଲ୍‌୨୦୧ଏଲ୍ଏନ୍ ଗ୍ରେଡରେ ନିର୍ମିତ ହୋଇଛି। ଏହି ଟ୍ରେନ୍ ଏଟସଗୁଡ଼ିକର ବାହ୍ୟ ପ୍ୟାନେଲର ମୋଟେଇ ୩ ମିଲିମିଟରରୁ ୨ମିଲିମିଟରକୁ ହ୍ରାସ ପାଇଛି, ଯାହାଫଳରେ କମ୍ ଖର୍ଚ୍ଚରେ ହାଲୁକା ଓ ଅଧିକଶକ୍ତିଦକ୍ଷ ଟ୍ରେନନିର୍ମିତ ହୋଇପାରୁଛି।

# ଏଆଇ ସମାଧାନର ଗୁରୁତ୍ୱ ବଢ଼ୁଛି

ଭୁବନେଶ୍ୱର,୧୪।୫

କ୍ରମାଗତ ଭାବେ ଘରୋଇ ବଜାରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମାଧାନର ଚାହିଦା ବଢ଼ୁଛି। ଏପରିକି ଭାରତୀୟ ବ୍ୟବସାୟକୁ କ୍ଲାଉଡ୍ ସମାଧାନ ଯୋଗାଇବା ପାଇଁ ଭାରତୀ ଏୟାରଟେଲ ବା ଏୟାରଟେଲ ଏବଂ ଗୁଗୁଲ୍ କ୍ଲାଉଡ୍ ମଧ୍ୟରେ ଏକ ଦୀର୍ଘକାଳୀନ ସହଯୋଗ ଚୁକ୍ତିନାମା ନିକଟରେ ହୋଇଯାଇଛି। ଏହି ଚୁକ୍ତିନାମା ଅନୁଯାୟୀ ଗୁଗୁଲ୍ କ୍ଲାଉଡ୍‌ରୁ ଅତ୍ୟାଧୁନିକ କ୍ଲାଉଡ୍ ସମାଧାନର ଏକ ସୁଟ୍ ଏୟାରଟେଲ୍ ଗ୍ରାହକଙ୍କୁ ଫାଷ୍ଟ-ଟ୍ରାକ୍ କ୍ଲାଉଡ୍ ଗ୍ରହଣ ଏବଂ ଆଧୁନିକୀକରଣ ପାଇଁ ପ୍ରଦାନ କରାଯିବ। ଏହା ସହିତ ଏୟାରଟେଲ୍ ଏହାର ଗ୍ରାହକମାନଙ୍କୁ କ୍ଲାଉଡ୍ ପରିଚାଳିତ ସେବାଗୁଡ଼ିକର ଏକ ସୁଟ୍ ପ୍ରଦାନ କରିବାକୁ ସକ୍ଷମ ହେବ। ସେହିଭଳି ଏୟାରଟେଲର ଗ୍ରାହକମାନେ ୨,୦୦୦ରୁ ଅଧିକ ବଡ଼ ଉଦ୍ୟୋଗ ଏବଂ ଏକ ମିଲିୟନ ଉଦୀୟମାନ ବ୍ୟବସାୟ ଅନ୍ତର୍ଭୁକ୍ତ କରିଛନ୍ତି। ଏହି ଚୁକ୍ତିନାମା ଅନୁଯାୟୀ ଉଭୟ କମ୍ପାନୀ ବୃହତ ତଥା ଭାରତୀୟ କ୍ଲାଉଡ୍ ସେବା ବଜାରକୁ ଟାର୍ଗେଟ କରୁଛନ୍ତି। ଆଇଡିସି ଅନୁଯାୟୀ ୨୦୨୭ ସୁଦ୍ଧା ଏହି ବଜାରର ଆକାର ୧୭.୮ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ଭାରତୀ ଏୟାରଟେଲର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଗୋପାଳ ଭିଟାଲ କହିଛନ୍ତି, ଗୁଗୁଲ୍ କ୍ଲାଉଡ୍ ସହିତ ଅଂଶୀଦାର ହୋଇ ଆମେ ବେଶ ଉତ୍ସାହିତ ଅଛୁ। ଏପରିକି ସରକାରୀ, ଉଦ୍ୟୋଗ ଏବଂ ଉଦୀୟମାନ ବ୍ୟବସାୟ ପାଇଁ ନିରାପଦ ଏବଂ ମାପନୀୟ କ୍ଲାଉଡ୍ ସମାଧାନ ସହିତ ଏହି ବଜାର ସୁଯୋଗକୁ ପୁଞ୍ଜି ଦେବା ସହିତ ଭାରତରେ ଡିଜିଟାଲ ରୂପାନ୍ତର ଆଣିବ। ଘରୋଇ ବଜାରରେ ରୂପାନ୍ତର ତ୍ୱରାନ୍ୱିତ ହେବା ସହିତ ଅତ୍ୟାଧୁନିକ କ୍ଲାଉଡ୍ ଏବଂ ଏଆଇ ସମାଧାନର ଗୁରୁତ୍ୱ ବଢ଼ୁଛି, ଏଗୁଡ଼ିକ ଏହି ପରିବର୍ତ୍ତନର ମୁଖ୍ୟ ଆଧାର ହେବ। ସେହିଭଳି ଗୁଗୁଲ୍ କ୍ଲାଉଡର ସିଇଓ ଥୋମାସ୍ କୁରିଆନ୍ କହିଛନ୍ତି, ଏୟାରଟେଲ୍ ସହିତ ଆମର ରଣନୀତିକ ସହଯୋଗ ଘରୋଇ ବଜାରରେ କ୍ଲାଉଡ୍ ଏବଂ ଏଆଇ ଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ଆମର ପ୍ରତିବଦ୍ଧତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ। ଏହି ସହଭାଗିତା ମାଧ୍ୟମରେ ଆମେ ପରିବର୍ତ୍ତନଶୀଳ ସମାଧାନର ଅନୁସନ୍ଧାନ ଏବଂ ବିକାଶ କରିବାକୁ ଲକ୍ଷ୍ୟ ରଖିଛୁ। ଅପରପକ୍ଷରେ ଉଭୟ କମ୍ପାନୀ ସଂଯୋଗୀକରଣ ଏବଂ ଏଆଇ ଟେକ୍ନୋଲୋଜିରେ ସେମାନଙ୍କର ଅଭିଜ୍ଞତାକୁ ଏଆଇ/ଏମ୍ଏଲ୍ ସମାଧାନର ଶିଳ୍ପ ବିକାଶ ପାଇଁ ବ୍ୟବହାର କରିବେ। ଏଥିପାଇଁ ଏୟାରଟେଲ ଏହାର ବୃହତ ଡାଟା ସେଟ୍ ଉପରେ ତାଲିମ ପ୍ରଦାନ କରିବ। ଏହି ଅନନ୍ୟ ସମାଧାନଗୁଡ଼ିକ ଏୟାରଟେଲ ଗ୍ରାହକଙ୍କୁ ଅଧିକ ମୂଲ୍ୟ ପ୍ରଦାନ କରିବ। ଟ୍ରେଣ୍ଡ-ସ୍ପୋର୍ଟିଂ, ପୂର୍ବାନୁମାନ କ୍ଷମତା, ବଜାର ମୂଲ୍ୟ, ସାଇଟ୍ ଚୟନ, ବିପଦ ପରିଚାଳନା ଏବଂ ସମ୍ପତ୍ତି ଟ୍ରାକିଂ ପାଇଁ ଉନ୍ନତ ଅବସ୍ଥାନ ବୁଦ୍ଧି କ୍ଷମତା ସହିତ ଜିଓ ସ୍ୱତନ୍ତ୍ର ଆନାଲିଟିକ୍ସ ସମାଧାନ ଏଥିରେ ଅନ୍ତର୍ଭୁକ୍ତ କରିବ।

# ବେଦାନ୍ତ ଆଲୁମିନିୟମକୁ ସିଓସି ପ୍ରମାଣପତ୍ର

ଭୁବନେଶ୍ୱର,୧୪।୫(ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟକୁ ନିକଟରେ ଆଉ ଏକ ମାନ୍ୟତା ଓ ଚେନ୍ ଅଫ୍ କଷ୍ଟୋଡି (ସିଓସି) ସାର୍ଟିଫିକେଶନ ବା ପ୍ରମାଣପତ୍ର ଦିଆଯାଇଛି। ଏପରିକି ଓଡ଼ିଶାର ଝାରସୁଗୁଡାସ୍ଥିତ କମ୍ପାନୀର ସ୍ପେଶାଲ ଇକୋନୋମିକ୍ ଜୋନ୍ (ଏସଇଜେଡ)ରେ ଥିବା ସ୍ମେଲଟର ପ୍ଲାଣ୍ଟ ପାଇଁ କମ୍ପାନୀ ଏହି ପ୍ରମାଣପତ୍ର ହାସଲ କରିଛି। ସେହିଭଳି ଝାରସୁଗୁଡାଠାରେ କମ୍ପାନୀ କାର୍ଯ୍ୟକଳାପର କ୍ଷମତା ୧.୮ ମିଲିୟନ୍ ଟନ୍ ରହିଛି, ଯାହାକି ବିଶ୍ୱର ସର୍ବବୃହତ ଆଲୁମିନିୟମ୍ ପ୍ଲାଣ୍ଟରେ ପରିଣତ ହୋଇଛି। ସେହିପରି ଆଲୁମିନିୟମ୍ ଷ୍ଟିୱାର୍ଡଶିପ୍ ଇନିସିଏଟିଭ୍ ଚେନ୍ ଅଫ୍ କଷ୍ଟୋଡି ଷ୍ଟାଣ୍ଡାର୍ଡ ଭି୨ (୨୦୨୨) ବିରୋଧରେ ଏହା ସଫଳତାର ସହ ପ୍ରମାଣିତ ହୋଇଛି। ଏହା ପୂର୍ବରୁ ଝାରସୁଗୁଡାଠାରେ ଥିବା କମ୍ପାନୀର ପ୍ରାଥମିକ ଆଲୁମିନିୟମ ପ୍ରଡକ୍ଟ ଏହାର ଏସଇଜେଡ-ଆଧାରିତ ପ୍ଲାଣ୍ଟର ଉତ୍ପାଦନ ତଥା ଯୋଗାଣ ପାଇଁ ଏଏସଆଇ କାର୍ଯ୍ୟଦକ୍ଷତା ମାନକ ପ୍ରମାଣପତ୍ର ହାସଲ କରିଛି ଏବଂ ଛତିଶଗଡର କୋରବାରେ ଅବସ୍ଥିତ ବେଦାନ୍ତ ଆଲୁମିନିୟମର ଏକ ୟୁନିଟ୍ ବାଲକୋ ମଧ୍ୟ ଏହା ହାସଲ କରିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଝାରସୁଗୁଡାର ଏସଇଜେଡ ଆଧାରିତ କାର୍ଯ୍ୟ ପାଇଁ ଆମେ ଚେନ୍ ଅଫ୍ କଷ୍ଟୋଡି ସାର୍ଟିଫିକେଟ୍‌କୁ ସ୍ୱାଗତ କରୁଛୁ, ଯାହା ଭାରତରେ ପ୍ରଥମ ଅଟେ। ଝାରସୁଗୁଡା ଏବଂ ବାଲକୋ ୟୁନିଟରେ ଆମର ପ୍ଲାଣ୍ଟଗୁଡ଼ିକ ପାଇଁ ଏଏସଆଇ କାର୍ଯ୍ୟଦକ୍ଷତା ମାନକ ପ୍ରମାଣପତ୍ର ଅନୁସରଣ କରିବା ସହିତ ଏହା ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପାଇଁ ଆମର ପ୍ରତିବଦ୍ଧତାର ଏକ ମହତ୍ତ୍ୱପୂର୍ଣ୍ଣ ପୁନରାବୃତ୍ତି ଭାବେ ଆସିଥାଏ। ଏପରିକି ଆମେ ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳାର ପ୍ରତ୍ୟେକ ପର୍ଯ୍ୟାୟରେ ନିରନ୍ତର ଅଭ୍ୟାସକୁ ଏକୀକରଣ ଏବଂ ଉତ୍ସାହିତ କରିବା ଉପରେ ଧ୍ୟାନ ଦେଇଛୁ ଏବଂ ଏହି ପ୍ରୟାସ ମାଧ୍ୟମରେ ଆସନ୍ତାକାଲି ଏକ ସବୁଜ ନିର୍ମାଣରେ 'ଭବିଷ୍ୟତର ଧାତୁ'ର ଅସୀମ ସମ୍ଭାବନାକୁ ସମ୍ପୂର୍ଣ୍ଣ ରୂପେ ଅନୁସନ୍ଧାନ କରିବୁ।

ସେହିଭଳି ଆଲୁମିନିୟମ୍ ଷ୍ଟିୱାର୍ଡଶିପ୍ ଇନିସିଏଟିଭ୍, ସିଇଓ ଡ.ଫିଓନା ସୋଲେମାନ କହିଛନ୍ତି, ବେଦାନ୍ତ ଲିମିଟେଡ୍ (ଆଲୁମିନିୟମ୍ ବ୍ୟବସାୟ)କୁ ସେମାନଙ୍କ ଝାରସୁଗୁଡା ସ୍ମେଲଟରରେ ଏଏସଆଇ ସିଓସି ଷ୍ଟାଣ୍ଡାର୍ଡ ଭି୨ ବିରୋଧରେ ସାର୍ଟିଫିକେଟ୍ ହାସଲ କରିଥିବାରୁ ଆମେ ଅଭିନନ୍ଦନ ଜଣାଉଛୁ। ସାର୍ଟିଫିକେଟ୍ ଦାୟିତ୍ୱପୂର୍ଣ୍ଣ ସୋର୍ସିଂ ଅଭ୍ୟାସ କାର୍ଯ୍ୟକାରୀ କରିବା ଦିଗରେ ବେଦାନ୍ତର ପ୍ରୟାସକୁ ପ୍ରଦର୍ଶନ ଏବଂ ସେମାନଙ୍କର କାର୍ଯ୍ୟଦକ୍ଷତା ମାନକ (ଭି୨) ସାର୍ଟିଫିକେଟ୍ ସହିତ ପରିପୂର୍ଣ୍ଣ ଅଟେ, ଯାହା ସେମାନଙ୍କର ସ୍ଥିରତା କାର୍ଯ୍ୟଦକ୍ଷତାର କ୍ରମାଗତ ଉନ୍ନତି ପାଇଁ ଏକ ପଥ ପ୍ରଦାନ କରିଥାଏ।

## ନିଯୁକ୍ତି ପ୍ରକ୍ରିୟାରେ ବିଜିୟୁର ଉତ୍ତମ ପ୍ରଦର୍ଶନ

ଭୁବନେଶ୍ୱର,୧୪।୫

BGU BIRLA GLOBAL UNIVERSITY

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନିଯୁକ୍ତି ପ୍ରକ୍ରିୟାରେ ବିର୍ଲା ଗ୍ଲୋବାଲ ୟୁନିଭରସିଟି(ବିଜିୟୁ)ର ଉତ୍ତମ ପ୍ରଦର୍ଶନ ଜାରି ରହିଛି। ଏପରିକି ବିଜିୟୁର ପ୍ଲେସମେଣ୍ଟ ବିଭାଗ ବିଭିନ୍ନ କ୍ଷେତ୍ରକୁ ବିସ୍ତାର କରୁଥିବା ବେଳେ ନିଯୁକ୍ତି ପ୍ରୋଫାଇଲ ସହ ଜଡିତ ହୋଇଛି। ସେହିଭଳି ବିଜିୟୁ ପ୍ଲେସମେଣ୍ଟ ବିଭାଗ ଦେଶବ୍ୟାପୀ ଶୀର୍ଷସ୍ତରରେ ନିଯୁକ୍ତିଦାତାଙ୍କୁ ଆକର୍ଷିତ କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ କ୍ୟାରିୟର ସହ ସମାନ୍ତରାଳ ଭାବେ ଆଗକୁ ବଢ଼ିବା ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରୁଛି। ବିଜିୟୁର ମ୍ୟାନେଜମେଣ୍ଟ, କମର୍ସ, କମ୍ୟୁନିକେଶନ ଏବଂ ସୋସିଆଲ ସାଇନ୍ସର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ବିଭିନ୍ନ ସଂସ୍ଥା ଯଥା ଏଫ୍ଏମ୍ସିଜି, ଏଫ୍ଏମ୍ସିଡି, ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ, କନ୍‌ସଲ୍ଟିଂ, ବ୍ୟାଙ୍କିଙ୍ଗ୍ ସର୍ଭିସେସ୍, ଆଇଟି, ମିଡିଆ,ପବ୍ଲିକ ରିଲେସନ୍ସ ଆଣ୍ଡ ଆଡଭର୍ଟାଇଜିଂ ଭଳି କ୍ଷେତ୍ରରେ ସଫଳତାର ସହ ବିଭିନ୍ନ ପଦବୀରେ ନିଯୁକ୍ତି ପାଇଛନ୍ତି। ସେହିପରି ଏଡିପି, ଫେଡେରାଲ ବ୍ୟାଙ୍କ, ଡିଲଏଟ୍, ପିଡବ୍ଲୁସି, ପେପ୍‌ସି, ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡ, ଶ୍ୟାମ୍ ଷ୍ଟିଲ, ଏସ୍‌ବିଆଇ ଲାଇଫ, କଫି କ୍ୟାଫେ ଡେ, ଆକ୍ସିସ୍ ବ୍ୟାଙ୍କ, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ, ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ, ଭାଲ୍ୟୁ ୩୬୦, ଏଚ୍‌ଡିଏଫ୍‌ସି ଏଏମ୍‌ସି, ବିଏଫ୍ଆଇଏଲ୍ ଭଳି ବହୁ ପ୍ରତିଷ୍ଠିତ କମ୍ପାନୀ ବିଜିୟୁ ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତି ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

ଅପରପକ୍ଷରେ ବିଜିୟୁ ଛାତ୍ରୀଛାତ୍ରମାନଙ୍କର ଗ୍ରୀଷ୍ମକାଳୀନ ଇଣ୍ଟର୍ନଶିପ୍ ଏବଂ ସ୍ୱଳ୍ପ ଅବଧି ପ୍ରକଳ୍ପଗୁଡ଼ିକ ଶିଳ୍ପ ସମ୍ବନ୍ଧୀୟ ତାଲିମ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାରେ ନିଯୁକ୍ତି ଯୋଗ୍ୟ ହେବା ପାଇଁ ଅତ୍ୟାଧୁନିକ ପାଠ୍ୟକ୍ରମ ଡିଜାଇନ୍ କରାଯାଇଛି। ଜାତୀୟ ଏବଂ ଅନ୍ତର୍ଜାତୀୟ ଦୃଶ୍ୟପଟକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରମାନଙ୍କ ପାଇଁ ରଣନୀତିକ ଉପାୟ ଅବଲମ୍ବନ କରାଯାଉଥିବା ସହ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିବେଶରେ ଆଗକୁ ବଢ଼ିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଉଛି।

ଫୁର୍‌ସତ୍

# ହ୍ୱାଇଟ୍ ହାଉସ୍‌ରେ 'ସାରେ ଜାହାଁ ସେ ଅଚ୍ଛା'

ୱାଶିଂଟନ୍



ଆମେରିକାର ହ୍ୱାଇଟ୍ ହାଉସ୍‌ରେ ସୋମବାର ବାର୍ଷିକ ଏସୀୟ ଆମେରିକୀୟ, ନେଟିଭ୍ ହ୍ୱାଇଅନ୍ ଆଣ୍ଡ ପାସିଫିକ୍ ଆଇଲାଣ୍ଡର(ଏଏଏନ୍ଏଚ୍‌ପିଆଇ) ହେରିଟେଜ୍ ମାସ ପାଳନ ହୋଇଯାଇଛି। ଏହି ସମୟରେ ରାଷ୍ଟ୍ରପତି ଜୋ. ବାଇଡେନ, ଉପ ରାଷ୍ଟ୍ରପତି କମଳା ହାରିସଙ୍କ ସମେତ ବହୁ ଏସୀୟ ଏବଂ ଆମେରିକୀୟ ଅତିଥି ଉପସ୍ଥିତ ଥିଲେ। ଏହି ବିଶେଷ ଉତ୍ସବରେ ହ୍ୱାଇଟ ହାଉସର ମରିନ୍ ବ୍ୟାଣ୍ଡ ପକ୍ଷରୁ ଭାରତର ଲୋକପ୍ରିୟ ଦେଶାତ୍ମବୋଧ ସଂଗୀତ 'ସାରେ ଜାହାଁ ସେ ଅଚ୍ଛା ହିନ୍ଦୁସ୍ତାନ ହମାରା' ବଜାଯାଇଥିଲା। ଉପସ୍ଥିତ ଭାରତୀୟ ଆମେରିକୀୟଙ୍କ ସମ୍ମୁଖରେ ମହମ୍ମଦ ଇକବାଲଙ୍କ ଲିଖିତ ଏହି ଦେଶାତ୍ମବୋଧ ଭାରତୀୟ ସଂଗୀତ ବାଜିଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ଦେଖି ଭାରତୀୟ ୟୁଜର୍ସମାନେ ଗର୍ବ ଅନୁଭବ କରିଛନ୍ତି। ଏହି ବାର୍ଷିକ କାର୍ଯ୍ୟକ୍ରମରେ 'ସାରେ ଜାହାଁ ସେ ଅଚ୍ଛା' ଗୀତକୁ ୨ ଥର ଗାନ କରାଯାଇଥିଲା। ଏହି ଉତ୍ସବରେ ଯୋଗଦେବା ପାଇଁ ଆମେରିକାରେ ରହୁଥିବା ଭାରତୀୟ ଆମେରିକୀୟମାନଙ୍କୁ ରାଷ୍ଟ୍ରପତି ଜୋ. ବାଇଡେନଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ଆମେରିକୀୟ ସମ୍ପ୍ରଦାୟର ନେତା ଅଜୟ ଜୈନ ଭୁଟୋରିଆ ମଧ୍ୟ ଉପସ୍ଥିତ ଥିଲେ। ସେ ଏହି ଅବସରରେ ହ୍ୱାଇଟ ହାଉସର ଝଲକକୁ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଶେୟାର କରିଛନ୍ତି। ବର୍ଷେ ମଧ୍ୟରେ ହ୍ୱାଇଟ୍ ହାଉସ୍‌ରେ ଭାରତର ଏହି ଲୋକପ୍ରିୟ ଦେଶାତ୍ମବୋଧ ସଂଗୀତ ଦ୍ୱିତୀୟ ଥର ପାଇଁ ବାଜିଥିବା ସେ କହିଛନ୍ତି। ଗତ ବର୍ଷ ଜୁନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ସମୟରେ ହ୍ୱାଇଟ ହାଉସରେ ଭାରତୀୟ ଦେଶାତ୍ମବୋଧ ଗୀତ ଗାନ କରାଯାଇଥିଲା। ଏହା ତାଙ୍କ ପାଇଁ ଗର୍ବର ମୁହୂର୍ତ୍ତ ହୋଇଥିବା, କାଲିଫର୍ନିଆରେ ରହୁଥିବା ଭୁଟୋରିଆ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କୁ ବିଭିନ୍ନ ପ୍ରକାର ଭାରତୀୟ ଖାଦ୍ୟ ପରସା ଯାଇଥିବା ସେ କହିଛନ୍ତି।

## ନେଦରଲାଣ୍ଡରେ ଭାରତୀୟ ଗୀତର ଧୁନ୍

ଆମଷ୍ଟରଡାମ



ନେଦରଲାଣ୍ଡରେ କିଙ୍ଗ ୱିଲିମ୍-ଆଲେକ୍‌ଜାଣ୍ଡାରଙ୍କ ଜନ୍ମଦିନକୁ 'କିଙ୍ଗସ ଡେ' ଭାବରେ ପାଳନ କରାଯାଏ। ଚଳିତ ବର୍ଷ ଏହି ଅବସରରେ ଆମଷ୍ଟରଡାମଠାରେ ଅନେକ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକ ମିଶି ବିଭିନ୍ନ ଭାରତୀୟ ସଙ୍ଗୀତର ତାଳେ ତାଳେ ନାଚୁଥିବାର ଦେଖିବାକୁ ମିଳିଛି। ଅଭିନେତ୍ରୀ ସପନା ଚୌଧୁରୀଙ୍କ ପ୍ରସିଦ୍ଧ ହରିୟାଣୀ ହିଟ୍ ଗୀତ 'ତେରି ଆଖ୍ୟା କା ୟୋ କାଜଲ'ରେ ସ୍ଥାନୀୟ ଲୋକଙ୍କୁ ନାଚୁଥିବାର ଦେଖିବାକୁ ମିଳିଛି। ପାରମ୍ପରିକ ଗେରୁଆ ପୋଷାକ ପିନ୍ଧି ଉପସ୍ଥିତ ଦର୍ଶକ 'କିଙ୍ଗ୍‌ସ ଡେ' ଉତ୍ସବରେ ବିଭିନ୍ନ ଭାରତୀୟ ଗୀତର ତାଳେ ତାଳେ ଏକ ସଙ୍ଗେ ନାଚିଥିଲେ।

# ଚ୍ୟାଲେଞ୍ଜିଂ ଭୂମିକାକୁ ପସନ୍ଦ କରନ୍ତି ସୈୟାମି

ମୁମ୍ବାଇ



ଅଭିନେତ୍ରୀ ସୈୟାମି ଖେର ନିଜ ଅପକମିଙ୍ଗ ଫିଲ୍ମ 'ଅଗ୍ନି'ର ପ୍ରମୋଶନରେ ଏବେ ବ୍ୟସ୍ତ ଅଛନ୍ତି। ରାହୁଲ ଢୋଲାକିଆଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସେ ଜଣେ ଫାୟାର ଫାଇଟର୍‌ଙ୍କ ଭୂମିକା ନିର୍ବାହ କରିଛନ୍ତି। ତେବେ ଏହି ଭୂମିକା ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ହୋଇଥିବା ଏକ ସାକ୍ଷାତ୍‌କାରରେ ସୈୟାମି କହିଛନ୍ତି।

ସୈୟାମି ଏହି ସାକ୍ଷାତ୍‌କାରରେ କହିଛନ୍ତି, ଯେଉଁ ଭୂମିକା ତାଙ୍କୁ ଚ୍ୟାଲେଞ୍ଜ ଦେଇଥାଏ ଏବଂ ତାଙ୍କୁ ନିଜ କମ୍ଫର୍ଟ ଜୋନରୁ ବାହାରିବାର ସୁଯୋଗ ପ୍ରଦାନ କରିଥାଏ, ସେହିଭଳି ଭୂମିକା ଚୟନ କରିବାକୁ ସେ ପସନ୍ଦ କରିଥାନ୍ତି। ଚଳଚ୍ଚିତ୍ର 'ଅଗ୍ନି'ରେ ସେ ଜଣେ ଫାୟାର ଫାଇଟର୍‌ଙ୍କ ଭୂମିକା ନିର୍ବାହ କରିଥିବାବେଳେ ଏହା ତାଙ୍କ ପାଇଁ ନୂଆ ଓ ଚ୍ୟାଲେଞ୍ଜିଂ ହୋଇଥିବା ସୈୟାମି କହିଛନ୍ତି। ଚ୍ୟାଲେଞ୍ଜିଂ ଚରିତ୍ର ନିର୍ବାହ କରି ସେ ନିଜ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇପାରୁଥିବା କହିଛନ୍ତି। ସର୍ବଦା ଚରିତ୍ର ଭିତରେ ସେ ନିଜକୁ ହଜାଇ ଦେବାକୁ ପ୍ରୟାସ କରିଥାନ୍ତି ବୋଲି ସୈୟାମି କହିଛନ୍ତି। ତେଣୁ ନିଜକୁ ଚ୍ୟାଲେଞ୍ଜ ଦେଉଥିବା, ପ୍ରେରଣା ଦେଉଥିବା ଏବଂ ଲୋକଙ୍କୁ ଛୁଇଁପାରୁଥିବା ପ୍ରତ୍ୟେକ ସୁଯୋଗ ପାଇଁ ସେ ନିଜକୁ ଭାଗ୍ୟଶାଳୀ ମନେକରନ୍ତି ବୋଲି ସୈୟାମି ଏହି ସାକ୍ଷାତ୍‌କାରରେ କହିଛନ୍ତି। ଯଦି ଫିଲ୍ମରେ ତାଙ୍କର ଚରିତ୍ର ସମାଜକୁ କିଛି ଶିକ୍ଷା ଓ ପ୍ରେରଣା ଦେବାକୁ ସଫଳ ହୁଏ, ତେବେ ଏହା ହିଁ ତାଙ୍କର ସଫଳତା ବୋଲି ସୈୟାମି କହିଛନ୍ତି।

ଅଗ୍ନି ଚଳଚ୍ଚିତ୍ରରେ ସୈୟାମିଙ୍କ ସହ ଦିବ୍ୟେନ୍ଦୁ ଶର୍ମା ଓ ପ୍ରତୀକ ଗାନ୍ଧୀ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ଏହି ଫିଲ୍ମ ଆସନ୍ତା ୩୧ରେ ରିଲିଜ ହେବ। ପୂର୍ବରୁ ସୈୟାମି ହିନ୍ଦୀ, ତେଲୁଗୁ ଓ ମରାଠୀ ଭାଷାର ବିଭିନ୍ନ ଫିଲ୍ମରେ ଅଭିନୟ କରିଛନ୍ତି। ସେ ୨୦୧୫ରେ 'ରେ' ଫିଲ୍ମ ସହ ତେଲୁଗୁ ଇଣ୍ଡଷ୍ଟ୍ରୀରେ, ୨୦୧୬ରେ 'ମିର୍ଯ୍ୟା' ଫିଲ୍ମ ସହ ବଲିଉଡ୍ ଇଣ୍ଡଷ୍ଟ୍ରୀରେ ଏବଂ ୨୦୧୮ରେ 'ମୌଲି' ଫିଲ୍ମ ସହ ମରାଠୀ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଡେବ୍ୟୁ କରିଥିଲେ।

# ଓଡ଼ିଶାରେ ଏଥର ନିଶ୍ଚୟ ପରିବର୍ତ୍ତନ ହେବ: ଧର୍ମେନ୍ଦ୍ର

## ଛେଣ୍ଡିପଦାରେ ଭାଜପାର ବିଜୟ ସଂକଳ୍ପ ସମାବେଶ


ପ୍ରଚାର ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା।

ଛେଣ୍ଡିପଦା,୧୪।୫ (ଅଜିତ ଧଳ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଓଡ଼ିଶାରେ ଜନଆସ୍ଥା କ୍ରମାଗତ ଭାବରେ ବଢ଼ିବାରେ ଲାଗିଛି। ତେଣୁ ଓଡ଼ିଶାରେ ଏଥର ନିଶ୍ଚୟ ପରିବର୍ତ୍ତନ ହେବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ଲୋକ ହେବେ। ରାଜ୍ୟରେ ମୋଦିଙ୍କ ଡବଲ ଇଞ୍ଜିନ ସରକାର ହେଲେ ମା'ମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ମୂଲ୍ୟର କୁପନ ଦିଆଯିବ ବୋଲି ମଙ୍ଗଳବାର ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନ ଛେଣ୍ଡିପଦା ନର୍ବାଚନମଣ୍ଡଳୀରେ ପ୍ରଚାର କରିବା ଅବସରରେ ଏହା କହିଛନ୍ତି ଭାଜପା ଏମ୍‌ପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦଳର ସଂକଳ୍ପ ପତ୍ର ଉପରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ପାତ୍ରପଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ବାୟାଣୀ ପୀଠକୁ ରାଜ୍ୟସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବରେ ବିକଶିତ କରାଯିବ ବୋଲି କହିଥିଲେ। ଏହାସହ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ମାଧ୍ୟମରେ ଓଡ଼ିଶାର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ 'ମୁକ୍ତ ବିଜୁଳି ଯୋଜନା'ରେ ମାଗଣାରେ ବିଜୁଳି ଯୋଗାଯିବ। କଂଗ୍ରେସ ସରକାର ଶେଷ ୧୦ ବର୍ଷରେ ୩ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଥିବା ବେଳେ ମୋଦି ସରକାର ଏବେ ସୁଦ୍ଧା ଓଡ଼ିଶା ପ୍ରତି ୧୮ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଛନ୍ତି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୫୫ ଲକ୍ଷ ମହିଳାଙ୍କ ଘରେ ମାଗଣା ରନ୍ଧନ ଗ୍ୟାସ ଲାଗିଛି। ଅପରପକ୍ଷରେ ଦୀର୍ଘ ୨୫ ବର୍ଷର ଶାସନରେ ପାନୀୟ ଜଳ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ରୋଜଗାର ବଡ ସମସ୍ୟା ଭାବରେ ଉଭା ହୋଇଛି। ଓଡ଼ିଶାକୁ ମୋଦି ଦେଉଥିବା ଅର୍ଥର ବାଟମାରଣା କରି ଅଣ ଓଡ଼ିଆ ଠିକାଦାରଙ୍କୁ ପୋଷାଯାଉଛି। ଏହି ଅବସରରେ ପ୍ରଧାନ ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଛେଣ୍ଡିପଦା, ପାତ୍ରପଡା ସମେତ ଅନେକ ସ୍ଥାନରେ ନିର୍ବାଚନୀ ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରାଙ୍କ ସହ ସାମିଲ ହୋଇ ଦୁଇ ଥର ପଦ୍ମ ଫୁଲରେ ଭୋଟ ଦେଇ ଭାଜପା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ପାତ୍ରପଡା ସ୍ଥିତ ମା' ବାୟାଣୀ ପୀଠ ଓ କୋଶଳା ସ୍ଥିତ ମା' ରାମଚଣ୍ଡୀ ମନ୍ଦିରରେ ପ୍ରଧାନ ଦର୍ଶନ କରିଥିଲେ। ଏହି ସାଧାରଣ ସଭାରେ ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ, ପୂର୍ବତନ କଂଗ୍ରେସ ନେତା ରତ୍ନାକର ପ୍ରଧାନ ଓ ପାତ୍ରପଡ଼ା ପୂର୍ବତନ ସରପଞ୍ଚ ଯୋଗେଶ୍ୱର ସାହୁ ପ୍ରାୟ ୫୦ରୁ ଅଧିକ ସାମର୍ଥକଙ୍କୁ କେନ୍ଦ୍ରମନ୍ତ୍ରୀ ଦଳରେ ସାମିଲ କରିଥିଲେ। ଭାଜପାର ଦିଲୀପ ପ୍ରଧାନ, ଚୌଧୁରୀ ପ୍ରଧାନ, ବିଜୟ କୁମାର ମାଝି, ଯଶୋବନ୍ତ ପ୍ରସାଦ ବେହେରା, ଅକ୍ଷୟପାଦ ବେହେରା, ମନୋରଞ୍ଜନ ଆଚାର୍ଯ୍ୟ, ଗୋପବନ୍ଧୁ ଗଡ଼ନାୟକଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ବିଜେଡିର ମାଗଣା ବିଦ୍ୟୁତ୍ ପ୍ରତିଶ୍ରୁତି ନିର୍ବାଚନୀ ପ୍ରହସନ


ଖବରଦାତା ସମ୍ମିଳନୀରେ ମାନସ ରଞ୍ଜନ ବକ୍ସି, ଡ. ପ୍ରମୋଦ ରଥ ଓ ଅନ୍ୟ ନେତୃବୃନ୍ଦ।

ସମ୍ବଲପୁର,୧୪।୫
(ଭବାନୀ ଶଙ୍କର ଭୋଇ)

ବିଜେଡି ବିଭିନ୍ନ କଥା କହି ଲୋକଙ୍କୁ ଭୁଆଁ ବୁଲାଇବା ପରେ ଏବେ ଜୁଲାଇରୁ ମାଗଣା ବିଦ୍ୟୁତ୍ ଯୋଗାଣ ବା ଜିରୋ ବିଲିଂକୁ ନେଇ ବିଜ୍ଞାପନ ଦେଉଛି। ଏହାକୁ ନେଇ ଶାସକ ବିଜେଡି ଉପରେ ବର୍ଷିଛି ଭାଜପା। ମଙ୍ଗଳବାର ସମ୍ବଲପୁରରେ ଏକ ଖବରଦାତା ସମ୍ମିଳନୀ କରି ଭାଜପାର ବରିଷ୍ଠ ନେତା ଡ. ପ୍ରମୋଦ ରଥ କହିଛନ୍ତି ଯେ, ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ, ତା'ପରେ ୱେସ୍କୋ ଓ ଏବେ ଟାଟା ପାୱାର ଜରିଆରେ ରାଜ୍ୟବାସୀଙ୍କୁ ଲୁଣ୍ଠନ କରୁଛନ୍ତି ରାଜ୍ୟ ସରକାର। କମ୍ପାନୀ ଜରିଆରେ ପୁରୁଣା ବକେୟା ବିଲ୍ ସଂଗ୍ରହ କରାଯାଉଛି। ବିଲ୍ ନ ଦେଲେ ସଂଯୋଗ କାଟି ଦିଆଯାଉଛି। ଏହି ପରିସ୍ଥିତିରେ ମାଗଣା ବିଦ୍ୟୁତ୍ ପ୍ରତିଶ୍ରୁତି ଦେବା ହାସ୍ୟାସ୍ପଦ ବୋଲି ଡ. ରଥ କହିଛନ୍ତି। ଡ. ରଥ ଅଭିଯୋଗ କରିଛନ୍ତି, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ନାଟକ, ତାମିଲନାଡୁ ଓ ପୁଡୁଚେରୀରେ ଚାଷୀଙ୍କୁ ମାଗଣା ଓ ମହାରାଷ୍ଟ୍ର, ଗୁଜରାଟ, ହରିୟାଣା, ରାଜସ୍ଥାନ, ପଞ୍ଜାବ, ଉତ୍ତର ପ୍ରଦେଶ, ବିହାରରେ ରିହାତି ଦରରେ ଚାଷୀଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି। ହେଲେ ଓଡ଼ିଶାର ଚାଷୀଙ୍କ ପାଇଁ ସେଭଳି କୌଣସି ସୁବିଧା ନାହିଁ। ତାଳଚେର ନିକଟ କଣିହାଁରୁ ଉତ୍ପାଦିତ ବିଦ୍ୟୁତ ତାମିଲନାଡୁକୁ ୟୁନିଟ ପିଛା ୨ ଟଙ୍କା ୫୩ ପଇସାରେ ବିକ୍ରି କରାଯାଉଥିବାବେଳେ ଓଡ଼ିଶାବାସୀଙ୍କଠାରୁ ୨ ଟଙ୍କା ୮୩ ପଇସା ଆଦାୟ କରାଯାଉଛି। ବଳକା ବିଦ୍ୟୁତ୍ ଉତ୍ପାଦନକାରୀ ଓଡ଼ିଶାରେ ବିଦ୍ୟୁତ୍ ଦର ସର୍ବଭାରତୀୟସ୍ତରଠାରୁ ଅଧିକ ଥିବା ଡ. ରଥ ଅଭିଯୋଗ କରିଛନ୍ତି। ରାଜ୍ୟରେ ଶକ୍ତି ବିଭାଗକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଅଢ଼େଇ ହଜାର କୋଟି ଟଙ୍କାରୁ ଅଧିକ ଆର୍ଥିକ ଅନୁଦାନ ଦେଇଛନ୍ତି। ୨୦୧୫ରେ ରାଜ୍ୟର ୩୦ ଜିଲାର ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ଘରେ ବିଦ୍ୟୁତ ସଂଯୋଗୀକରଣ ପାଇଁ ୧୬୫୬.୪୮ କୋଟି ଟଙ୍କା କେନ୍ଦ୍ର ଦେଇଥିଲା। ପରବର୍ତ୍ତୀ ସମୟରେ ଗ୍ରାମାଞ୍ଚଳ ବିଦ୍ୟୁତ୍ ଯୋଗାଣ ଭିତ୍ତିଭୂମି ବିକାଶ ପାଇଁ ୫୬୦ କୋଟି ଓ ସହରାଞ୍ଚଳ ପାଇଁ ୫୨୧ କୋଟି ଟଙ୍କାର ଅନୁଦାନ ମିଳିଥିଲା। ହେଲେ କେନ୍ଦ୍ରର ଅନୁଦାନକୁ ହରିଲୁଟ କରାଯାଇଛି ବୋଲି ଡ. ରଥ ଅଭିଯୋଗ କରିଛନ୍ତି।

ବିଦ୍ୟୁତ୍ ସଂସ୍କାର ନାଁରେ ପ୍ରିପେଡ ସ୍ମାର୍ଟ ମିଟର ବ୍ୟବସ୍ଥା ସମ୍ବଲପୁରରୁ କାହିଁକି ଆରମ୍ଭ କରାଯାଇଥିଲା ବୋଲି ଭାଜପା ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ସମ୍ବଲପୁର କ'ଣ ରାଜ୍ୟ ରାଜସ୍ୱ ଆଦାୟର ପ୍ରୟୋଗଶାଳା ଥିଲା। ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ, ଶକ୍ତି ସଚିବ, ମନ୍ତ୍ରୀ, ବିଧାୟକ, ଅଧିକାରୀଙ୍କ ବାସଭବନରୁ ଏଭଳି ଯୋଜନାର ଶୁଭାରମ୍ଭ ନ କରି ପଶ୍ଚିମ ଓଡ଼ିଶାରୁ ଆରମ୍ଭ କରିବା ରାଜ୍ୟ ସରକାରଙ୍କ ପଶ୍ଚିମାଞ୍ଚଳ ପ୍ରତି ବୈମାତୃକ ମନୋଭାବକୁ ଦର୍ଶାଉଛି ବୋଲି ବକ୍ସି ଅଭିଯୋଗ କରିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ କୁମାର ଷଡ଼ଙ୍ଗୀ, ମୁକେଶ ଜରିୱାଲ, ରଞ୍ଜିତ ରଥ ଉପସ୍ଥିତ ଥିଲେ।

# ପ୍ରଥମ ପର୍ଯ୍ୟାୟରେ ୪ ଲୋକ ସଭା, ୧୮ ବିଧାନସଭା ଜିତିବ ଭାଜପା: ତୋମାର

ଭୁବନେଶ୍ୱର, ୧୪।୫(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନ ପାଇଁ ଓଡିଶାରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ଓଡିଶାର ୪ ଲୋକ ସଭା ଏବଂ ଏହାର ଅନ୍ତର୍ଗତ ୨୮ ବିଧାନସଭା ଆସନ ଲାଗି ପ୍ରାର୍ଥୀମାନେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିଛନ୍ତି। ତେବେ ଭାଜପାର ଓଡିଶା ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଦୃଢୋକ୍ତି ଦେଖାଇ କହିଛନ୍ତି ଯେ, ଭାଜପା ଶେଷ ହୋଇଥିବା ୪ ଲୋକ ସଭା ଆସନରେ ବିଜୟ ଲାଭ କରିବାକୁ ଯାଉଛି। ଏହାସହ ୨୮ରୁ ୧୮ ବିଧାନସଭା ଆସନରେ ଭାଜପା ଜିତିବ। ବିଜେଡି ତ କହିବ ସେମାନେ ୨୮ରୁ ୨୮ ଜିତିବେ। ହେଲେ ଏଠାରେ ସ୍ପଷ୍ଟ କରୁଛି ଏଥର ଓଡିଶାରେ ଭାଜପା ସପକ୍ଷରେ ବହୁମତ ରହିବ। ଓଡିଶାରେ ଭାଜପା ସରକାର କରିବା ସହିତ ୧୬ ଲୋକ ସଭା ଆସନରେ ବିଜୟ ଲାଭ କରିବୁ ବୋଲି ତୋମାର କହିଛନ୍ତି।

# ମୋଦିଙ୍କ ଭାଷାରେ ଲହର ନୁହେଁ ଜହର ଖେଳୁଛି: ଜୟରାମ


ଖବରଦାତା ସମ୍ମିଳନୀରେ ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ ଉଦ୍‌ବୋଧ ଦେଉଛନ୍ତି। ନିକଟରେ ଅଛନ୍ତି କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଓ ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ।

ଭୁବନେଶ୍ୱର, ୧୪।୫(ସୁନିତ୍ ମିଶ୍ର)

'ଦକ୍ଷିଣ ଭାରତରେ ଭାଜପା ଏକପ୍ରକାର ସଫା ହୋଇଗଲାଣି। ପୂର୍ବ, ପଶ୍ଚିମ ଓ ଉତ୍ତର ଭାରତରେ ମଧ୍ୟ ଭାଜପା ସ୍ଥିତି ଅଧା ହୋଇଗଲାଣି।' ବର୍ତ୍ତମାନ ସୁଦ୍ଧା ନିର୍ବାଚନ ଶେଷ ହୋଇଥିବା ଦେଶରେ ୩୭୯ ଲୋକ ସଭା ଆସନରୁ ମୋଦିସରକାର ବିରୋଧରେ ଏଭଳି ସୂଚନା ଆସୁଛି। ଖାଲି ସେତିକି ନୁହେଁ, ଇଣ୍ଡିଆ ମେଣ୍ଟକୁ ସ୍ପଷ୍ଟ ଓ ନିର୍ଣ୍ଣାୟକ ବହୁମତ ମିଳିବ। ଏହା ୪ ଜୁନ୍‌ରେ ସମସ୍ତେ ଜାଣିବାକୁ ପାଇବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ଆଉଟ୍ ଗୋଇଙ୍ଗ୍ ହୋଇଗଲେଣି। କାରଣ ଗତ ୧୦ ବର୍ଷରେ ଦେଶର ସାମାଜିକ ଓ ଅର୍ଥନୈତିକ ସ୍ଥିତି ଯେଭଳି ହୋଇଛି, ସେଥିପ୍ରତି ଜନସାଧାରଣ ଅତିଷ୍ଠ ହୋଇଛନ୍ତି। ଦେଶର ପ୍ରତ୍ୟେକ ରାଜ୍ୟର ତୃଣମୂଳସ୍ତର କୃଷକ, ଯୁବବର୍ଗ ଓ ମହିଳାଙ୍କ ମଧ୍ୟରେ ମୋଦି ସରକାର ବିରୋଧରେ ଲହର ସୃଷ୍ଟି ହୋଇଛି। ତେଣୁ ବର୍ତ୍ତମାନ ମୋଦିଙ୍କ ଭାଷାରେ ଲହର ନୁହେଁ, ଜହର ଖେଳୁଛି ବୋଲି ରାଜ୍ୟ ସଭା ଏମ୍‌ପି ତଥା ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟରାମ କହିଛନ୍ତି ଯେ, ଓଡ଼ିଶାରେ ବିଜେଡି ଓ ଭାଜପା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏଠାରେ ବିଜେଡି ଓ ଭାଜପା ମେଣ୍ଟ ବନାମ କଂଗ୍ରେସର ଲଢ଼େଇ ହେଉଛି। ତେଣୁ ଏହି ଜନବିରୋଧୀ ଅଘୋଷିତ ମେଣ୍ଟ ବିରୋଧରେ ରାଜ୍ୟବାସୀଙ୍କ ଆଗରେ ମାତ୍ର ଗୋଟିଏ ବିକଳ୍ପ ରହିଛି, ତାହା ହେଉଛି କଂଗ୍ରେସ। ବର୍ତ୍ତମାନ କେବଳ ନିର୍ବାଚନ ପାଇଁ ବିଜେଡି ଓ ଭାଜପା ଓଡ଼ିଆ ଭାଷା ଏବଂ ଅସ୍ମିତାର କଥା କହୁଛନ୍ତି। ବାସ୍ତବରେ ଓଡ଼ିଆ ଭାଷା ଓ ଅସ୍ମିତା ପାଇଁ ସେମାନଙ୍କର କୌଣସି ଆନ୍ତରିକତା ନାହିଁ। ପାର୍ଲାମେଣ୍ଟରେ ଓଡ଼ିଆ ଭାଷାକୁ ନେଇ ୨୦୨୦ ମାର୍ଚ୍ଚ ୧୬ରେ ପ୍ରସଙ୍ଗ ଉଠାଇଥିଲେ। ମୋଦି ସରକାରଙ୍କ କାର୍ଯ୍ୟକାଳରେ ସଂସ୍କୃତ ଭାଷା ପାଇଁ ୬,୫୦୦ କୋଟି ଟଙ୍କା ଦିଆଯାଇଥିବା ବେଳେ ଓଡ଼ିଆ ଭାଷା ପାଇଁ ଟଙ୍କାଟିଏ ମଧ୍ୟ ଦିଆଯାଇନାହିଁ। କିନ୍ତୁ ମନମୋହନ ସିଂହଙ୍କ ସମୟରେ ୬ଟି ଭାଷା ସଂସ୍କୃତ, ତାମିଲ, ମାଲାୟାଲମ, କନ୍ନଡ, ତେଲୁଗୁ ଏବଂ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଥିଲା। ୨୦୧୪ ଫେବୃଆରୀ ୨୦ରେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବାବେଳେ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ଏବଂ ବିଜେଡି ବିରୋଧରେ ଲୋକଦେଖାଣିଆ ଭାଷଣ ଦେଉଛନ୍ତି। ବିଜେଡି ନେତାମାନେ ମଧ୍ୟ ପ୍ରଚାର ମଇଦାନରେ ଭାଜପାକୁ ସମାଲୋଚନା କରୁଛନ୍ତି। ତେବେ ଏସବୁ କେବଳ ରାଜ୍ୟବାସୀଙ୍କୁ ଭଣ୍ଡାଇବା ପାଇଁ ଚାଲିଛି। ଯଦି ମୋଦି ସରକାରଙ୍କ ବିଜେଡି ସହିତ ବୁଝାମଣା ନାହିଁ, ତେବେ ଓଡ଼ିଶାରେ ହୋଇଥିବା ସବୁଠୁ ବଡ଼ ଖଣି ଓ ଚିଟ୍‌ଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତକୁ କାହିଁକି ଚାପି ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଜୟରାମ ଆହୁରି କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ପାର୍ଲାମେଣ୍ଟରେ ଆଦିବାସୀ, କୃଷକ ଓ ସଂରକ୍ଷଣ ବିରୋଧରେ ଯେଉଁସବୁ ଆଇନ ଆସିଛି, ସବୁଥିରେ ବିଜେଡି ସମର୍ଥନ ଦେଇଛି। ଏପରିକି ଭାଜପାର ଜଣେ ନେତାଙ୍କୁ ବିଜେଡି ରାଜ୍ୟ ସଭାକୁ ନିର୍ବାଚିତ କରିଛି।

ସେହିପରି ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରି ଜୟରାମ କହିଛନ୍ତି ଯେ, ଦେଶରେ ଏମିତି କେହି ମୁଖ୍ୟମନ୍ତ୍ରୀ ନାହାନ୍ତି, ଯିଏ ଦୀର୍ଘ ୨୪ ବର୍ଷ ମଧ୍ୟରେ ପଦୁଟିଏ ହେଲେ କହିନାହାନ୍ତି। ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ କ୍ଷେତ୍ରରେ ନୀରବ ରହିବା ଏ ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ ଶୁଭଙ୍କର ନୁହେଁ। ବାଜପେୟୀଙ୍କ ସମୟ ହେଉ କି ମୋଦିଙ୍କ ସମୟ ଭାଜପାକୁ ସବୁବେଳେ ବିଜେଡି ସମର୍ଥନ ଦେଇଆସିଛି। ଯେତେବେଳେ ପାର୍ଲାମେଣ୍ଟରେ କୃଷକ ବିରୋଧୀ ଆଇନ, ଆଦିବାସୀ ବିରୋଧୀ ଆଇନ ଓ ଜମି ଅଧିକାର ବିରୋଧରେ ଆଇନ ଆସିଲା ସେତେବେଳେ ବିଜେଡି ଏମ୍‌ପିମାନେ କାହିଁକି ବିରୋଧ କଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସାମାଜିକ, ଆର୍ଥିକ ଜାତି ଜନଗଣନାକୁ ବିଜେଡି ସରକାର ସମର୍ଥନ କରିବେ କି ନାହିଁ ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନରେ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଓ ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଉପସ୍ଥିତ ଥିଲେ।

# ୧୦ କୋଟିର ୟୁସି କାହିଁକି ଦେଲେନି ତା'ର ଉତ୍ତର ପ୍ରଥମେ ଦିଅନ୍ତୁ: ଭାଜପା

ଭୁବନେଶ୍ୱର, ୧୪।୫(ସୁନିତ୍ ମିଶ୍ର)

ନିର୍ବାଚନ ପରାଜୟରୁ ବର୍ତ୍ତିବା ପାଇଁ ବିଜେଡି ପ୍ରତ୍ୟେକ ଦିନ ମିଛ ପ୍ରଚାର ଆରମ୍ଭ କରିଛି। ମିଥ୍ୟା ପ୍ରଚାରର ସାହାରା ନେଉଥିବା ବିଜେଡି ବର୍ତ୍ତମାନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ପ୍ରଶ୍ନ ଉଠାଉଛି। କେନ୍ଦ୍ରମନ୍ତ୍ରୀ ରାଜ୍ୟର ବିଭିନ୍ନ ସମ୍ବେଦନଶୀଳ ଘଟଣା ଯେପରି ଦାଦନ ସମସ୍ୟା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନଷ୍ଟ ପାଇଁ ଷଡ଼ଯନ୍ତ୍ର, ରତ୍ନଭଣ୍ଡାର ଲୁଟ୍, ଓଡ଼ିଆ ଅସ୍ମିତା, ପିଇବା ପାଣି ସମସ୍ୟା ପାଇଁ ଲୋକେ ଭୋଟ ବର୍ଜନ କରିବା ଭଳି ଚରମ ନିଷ୍ପତ୍ତି କଥା ଉଠାଇଥିଲେ। ହେଲେ କେନ୍ଦ୍ରମନ୍ତ୍ରୀଙ୍କ ଏତେସବୁ ପ୍ରଶ୍ନର ଉତ୍ତର ବିଜେଡି ଦେଇପାରିଲା ନାହିଁ। କେବଳ ନବକଳେବର ସମୟରେ 'ପ୍ରସାଦ ଯୋଜନା'ରେ ମିଳିଥିବା ୫୦ କୋଟି ଟଙ୍କା କଥାରେ ଅଟକିଗଲା। କାହିଁକି ୪୦ କୋଟି ମିଳିଲା ନାହିଁ ବୋଲି ପ୍ରଶ୍ନ କରୁଥିବା ବିଜେଡି ଓ ତାଙ୍କର ଅଣଓଡ଼ିଆ ମାଲିକ ପ୍ରଥମେ ସ୍ପଷ୍ଟ କରନ୍ତୁ, ମିଳିଥିବା ୧୦ କୋଟି ଟଙ୍କାର ୟୁଟିଲାଇଜେଶନ ସାର୍ଟିଫିକେଟ୍(ୟୁସି) କାହିଁକି ଦେଲେ ନାହିଁ ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, ବିଜେଡି ଭାବୁଛି ବୋଧହୁଏ ଯେପରି ୫-ଟି ଲାଗିବା ପରେ ଓଡ଼ିଶାରେ ସରକାରୀ ଅର୍ଥ ଖର୍ଚ୍ଚର କୌଣସି ଉତ୍ତର ଦାୟିତ୍ୱ ନାହିଁ ସେଭଳି କେନ୍ଦ୍ର ସରକାରଙ୍କ ଅର୍ଥରେ ମଧ୍ୟ ଉତ୍ତରଦାୟିତ୍ୱ ନାହିଁ। ମୋଦି ସରକାରରେ ପ୍ରତିଟି ଟଙ୍କାର ହିସାବ ଦେବାକୁ ପଡେ। ପାଣ୍ଡିଆନ ବାବୁଙ୍କର ଯଦି ସତ୍‌ସାହସ ଅଛି ତେବେ ସେମାନେ 'ପ୍ରସାଦ ଯୋଜନା'ରେ ଯେଉଁ ୧୦ କୋଟି ଟଙ୍କା ପାଇଥିଲେ ତାହାର ବିନିଯୋଗ ପ୍ରମାଣ ପତ୍ର ଗଣମାଧ୍ୟମ ସାମ୍ନାରେ ଦେଖାନ୍ତୁ। କେନ୍ଦ୍ରକୁ ବିନିଯୋଗ ପ୍ରମାଣ ପତ୍ର ନ ଦେଇ କେନ୍ଦ୍ର ଦେଲାନି ବୋଲି କହି କୁମ୍ଭୀର କାନ୍ଦଣା କାନ୍ଦିବା ନବୀନ ବାବୁଙ୍କ ପୁରୁଣା ଅଭ୍ୟାସ ଥିଲା, ଯାହାକୁ ପାଣ୍ଡିଆନ ବାବୁ କପି କରୁଛନ୍ତି ବୋଲି ଅନିଲ କହିଛନ୍ତି।

# କୁସୁମଙ୍କ ନିର୍ବାଚନୀ ସଭାରେ ଛତିଶଗଡ଼ ଅର୍ଥମନ୍ତ୍ରୀ


କୁସୁମ ଟେଟେ ଛତିଶଗଡ଼ ଅର୍ଥମନ୍ତ୍ରୀ ଓପି ଚୌଧୁରୀ ଓ ଅନ୍ୟମାନଙ୍କ ସହ ନିର୍ବାଚନ ପ୍ରଚାର କରୁଛନ୍ତି।

ସୁନ୍ଦରଗଡ଼,୧୪।୫
(ଜୟ ନାରାୟଣ ମେଣ୍ଟୁଳି)

ସଦର ବ୍ଲକ ଅନ୍ତର୍ଗତ ଲଙ୍କାହୁ ପଞ୍ଚାୟତରେ କୁସୁମଙ୍କ ନିର୍ବାଚନୀ ସଭାରେ ଯୋଗ ଦେଇଛନ୍ତି ଛତିଶଗଡ ଅର୍ଥମନ୍ତ୍ରୀ ଓପି ଚୌଧୁରୀ। ତାଙ୍କୁ ଲଙ୍କାହୁ ଠାରେ ଭାଜପା କର୍ମୀ ଓ ଗ୍ରାମବାସୀ ସ୍ୱାଗତ କରିଥିଲେ। ସଭାରେ ମନ୍ତ୍ରୀ ଚୌଧୁରୀ କହିଛନ୍ତି, ଛତିଶଗଡରେ ଭାଜପା ସରକାର ଗଠନ ହେଲେ ୬ ମାସ ଭିତରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା, ୭୦ ଲକ୍ଷ ମହିଳାଙ୍କୁ ମାସକୁ ୧୦୦୦ ଟଙ୍କା ଓ ରାମଭକ୍ତଙ୍କୁ ସରକାର ନିଜ ଖର୍ଚ୍ଚରେ ଅଯୋଧ୍ୟା ଦର୍ଶନ କରାଇବେ। ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନକୁ ଟାର୍ଗେଟ କରି ସେ କହିଥିଲେ, ଓଡ଼ିଶାରେ ଜଣେ ଓଡ଼ିଆଙ୍କୁ ସୁଯୋଗ ଦିଅନ୍ତୁ। ଭାଜପାକୁ ଭୋଟ ଦେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରି ମୋଦୀ ଗ୍ୟାରେଣ୍ଟିର ଲାଭ ଓଡିଶାବାସୀ ଉଠାନ୍ତୁ ବୋଲି ଚୌଧୁରୀ କହିଥିଲେ। ଏହି ସଭାରେ ବରିଷ୍ଠ ଭାଜପା ନେତା ରଞ୍ଜନ ପଟେଲ, ସନ୍ତୋଷ ଅମାତ,ଭାଜପା ଜିଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାୟକ, ସୁଦାମ ହୋତା, ଆରତୀ ପଟେଲ, ସଞ୍ଜୀବ ପଟେଲ, ମାଧବ ସା ପ୍ରମୁଖ ଯୋଗଦେଇଥିଲେ।

# ଭାଜପାରୁ ଇସ୍ତଫା ଦେଲେ ଯୁବନେତା ହିମାଂଶୁ


ଖବରଦାତା ସମ୍ମିଳନୀରେ ହିମାଂଶୁ ଶେଖର ସାହୁ ଓ ତାଙ୍କ ସମର୍ଥକ।

ଧର୍ମଶାଳା/କାଏମା,୧୪।୫
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା ଯୁବନେତା ହିମାଂଶୁ ଶେଖର ସାହୁ ମଙ୍ଗଳବାର ବିଧିବଦ୍ଧଭାବେ ଭାଜପାରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏନେଇ ଜାରକାସ୍ଥିତ କାର୍ଯ୍ୟାଳୟରେ ନିଜ ସମର୍ଥକଙ୍କ ଗହଣରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ହିମାଂଶୁ ଗତ ଡିସେମ୍ବରରେ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିଲେ। ପରେ ସେ ବିଭିନ୍ନ ସମୟରେରେ ଦଳୀୟ ସମାବେଶ ମାଧ୍ୟମରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଏକତ୍ରିତ କରି ସଂଗଠନକୁ ମଜଭୁତ କରିବାକୁ ଚେଷ୍ଟା ଜାରିରଖିଥିଲେ। ଭାଜପା କର୍ମୀମାନେ ତାଙ୍କ ପ୍ରତି ଆନୁଗତ୍ୟ ଦେଖାଇବା ସହ ବିପୁଳ ସମର୍ଥନ ଦେଇଥିଲେ। ଖୁବ କମ ଦିନ ମଧ୍ୟରେ ଧର୍ମଶାଳରେ ସେ ଜଣେ ବିକଳ୍ପ ନେତୃତ୍ୱ ଭାବେ ଉଭା ହୋଇ ସାଧାରଣ ଲୋକଙ୍କ ପ୍ରିୟ ଭାଜନ ହୋଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସେ ଭାଜପାରୁ ପ୍ରାର୍ଥୀ ହେବାକୁ ଆଶା ରଖିଥିଲେ ହେଁ ଶେଷରେ ନିରାଶ ହୋଇଥିଲେ। ଦଳୀୟ ଟିକେଟ ପାଇଥିବା ସ୍ମୃତିରେଖା ପହି ନାମାଙ୍କନ ପତ୍ର ଦାଖଲ କରିବା ପରେ ହିମାଂଶୁ ଏହି ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ସେ ସ୍ୱାଧୀନ ପ୍ରାର୍ଥୀଭାବେ ଧର୍ମଶାଳାରୁ ନିର୍ବାଚନ ଲଢ଼ିବାକୁ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ୧୫ ଲକ୍ଷ ଭଳି ମହିଳାଙ୍କ ନିକଟକୁ ୫୦ ହଜାର ଟଙ୍କାର ଭାଉଚର ଆସିବ

## ଅନୁଗୋଳରେ କେନ୍ଦ୍ରମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କଲେ ପାଣ୍ଡିଆନ


ଅନୁଗୋଳରେ ମା' ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ କରୁଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ।

ଅନୁଗୋଳ,୧୪।୫
(ଅମିତ କୁମାର ସାମଲ)

ଅନୁଗୋଳ ଗସ୍ତରେ ଆସିଥିବା ୫-ଟି ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ଶୈଳଶ୍ରୀକ୍ଷେତ୍ରରେ ଜଗନ୍ନାଥ ଓ ଏହାପରେ ମା' ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ କରିଥିଲେ। ପରେ ସ୍ଥାନୀୟ ସଭାଘର ଠାରେ ଆୟୋଜିତ ଅଭିଯୋଗ ଗ୍ରହଣ ଓ କର୍ମୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ସମାଲୋଚନା କରିଥିଲେ। ଭାଜପା ରଖିଥିବା ନିର୍ବାଚନୀ ଇସ୍ତାହାର ଓଡ଼ିଶାକୁ ୨୫ ବର୍ଷ ପଛକୁ ନେଇଯିବ। ଭାଜପାର ନେତାମାନେ ଆସି ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ଦେବାକୁ କହୁଛନ୍ତି। ପୂର୍ବରୁ ପ୍ରତି ଲୋକଙ୍କ ନିକଟକୁ ୧୫ ଲକ୍ଷ ଟଙ୍କା ଯେଉଁଭଳି ଆସିଥିଲା, ସେହିଭଳି ୫୦ ହଜାର ପଠାଇବେ ବୋଲି ପାଣ୍ଡିଆନ କଟାକ୍ଷ କରିଥିଲେ। ତେଣୁ ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳର ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ଅନୁଗୋଳ ବିଧାୟକ ପ୍ରାର୍ଥିନୀ ସଂଯୁକ୍ତା ସିଂହଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ।

ସଭାଘରଠାରେ ଆୟୋଜିତ ଅଭିଯୋଗ ଗ୍ରହଣ ଓ କର୍ମୀ ସମ୍ମିଳନୀରେ ପାଣ୍ଡିଆନ ଲୋକମାନଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ନିର୍ବାଚନ ଆଚରଣବିଧି ଲାଗୁ ରହିଥିବାରୁ ଏବେ କିଛି କହିହେଉନି। ତଥାପି ଲୋକମାନଙ୍କ ସମସ୍ୟା ଦୂର କରିବାକୁ କାର୍ଯ୍ୟ କରାଯାଉଛି ବୋଲି ସେ କହିଥିଲେ। ଭାଜପାର ନେତାମାନେ ଆସି ବଡ଼ ବଡ଼ ଭାଷଣ ଦେଉଛନ୍ତି। ତାଙ୍କୁ ପଚାରନ୍ତୁ, କେଉଁ ରାଜ୍ୟରେ ଜାଗା ମିଶନ କେଉଁଠାରେ କାର୍ଯ୍ୟକାରୀ ହୋଇଛି। ସହରାଞ୍ଚଳରେ ଥିବା ଜମିକୁ ଗରିବ ଜନସାଧାରଣଙ୍କୁ ସେମାନେ ପଟ୍ଟା ଦେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହି କାର୍ଯ୍ୟକ୍ରମ କେବଳ ନବୀନ ବାବୁ ହିଁ କରିପାରିବେ। ମହାପ୍ରଭୁଙ୍କ ଆଶୀର୍ବାଦ ଓ ଆପଣମାନଙ୍କ ଆଶୀର୍ବାଦ ପାଇ ମୁଖ୍ୟମନ୍ତ୍ରୀ ଜୁନ ୯ରେ ଦାୟିତ୍ୱ ଗ୍ରହଣ କରିବେ। ଏହାପରେ ପ୍ରଥମ ଦସ୍ତଖତ ବିଜୁଳି ବିଲ୍ ଛାଡ଼ ପାଇଁ କରାଯିବ। ଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯାଉଛି। ଏହି ବୃତ୍ତି ନବୀନବାବୁଙ୍କ ସରକାର ପ୍ରଦାନ କରୁଛି। ଏହି ଅଞ୍ଚଳର ଜଣେ ନେତା କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ରହିଛନ୍ତି। ତାଙ୍କୁ ପଚାରନ୍ତୁ, କେତେ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ସେମାନେ ଛାତ୍ର ବୃତ୍ତି ଦେଉଛନ୍ତି। ଯଦି ନୂଆ ଓଡ଼ିଶା ଓ ସଶକ୍ତ ଓଡ଼ିଶା ଗଠନ କରିବାର ଅଛି, ତେବେ ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ପୂରଣ କରିବାକୁ ପଡ଼ିବ। ଏଥିପାଇଁ ସମସ୍ତଙ୍କୁ କାମ କରିବାକୁ ପଡ଼ିବ ବୋଲି ପାଣ୍ଡିଆନ କହିଥିଲେ। ଏହି କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା, ବିଜେଡି ଜିଲା ସଭାପତି ମହେନ୍ଦ୍ର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟକୁ ୧୦୦ ବର୍ଷ ଆଗକୁ ନେବାକୁ ମୁଖ୍ୟମନ୍ତ୍ରୀ କାମ କରୁଛନ୍ତି

■ସବୁ ଜାଗାରେ ବିକାଶର ହିସାବ ଦେଲେ ପାଣ୍ଡିଆନ

■ନିର୍ବାଚନ ସରିଗଲେ ବିରୋଧୀଙ୍କ ଦେଖା ମିଳିବନି

ଭୁବନେଶ୍ୱର,୧୪।୫(ଅନିଲଦାସ)

ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଇଁ ଦିନରାତି କାମ କରୁଛନ୍ତି । ଓଡ଼ିଶାକୁ ୧୦୦ ବର୍ଷ ଆଗକୁ ନେବା ପାଇଁ ଚିନ୍ତା କରୁଛନ୍ତି । କିନ୍ତୁ ଭାଜପା ଯାହା କରୁଛି ସେମାନେ ଓଡ଼ିଶାକୁ ୨୫ ବର୍ଷ ପଛକୁ ନେଇଯିବେ । ନିର୍ବାଚନ ଆସିଲେ ବିରୋଧୀ ଆସିବେ, ମିଠା ମିଠା କଥା କହିବେ ଓ କୁମ୍ଭୀର କାନ୍ଦଣା କାନ୍ଦିବେ । ଏମାନେ ସମସ୍ତେ ନିର୍ବାଚନ ପର୍ଯ୍ୟଟକ । ନିର୍ବାଚନ ସରିଗଲେ ଖୋଜିଲେ ବି ମିଳିବେ ନାହିଁ । ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କୁ ଏଭଳି ଶାଣିତ ଢଙ୍ଗରେ ଆକ୍ରମଣ କରିଛନ୍ତି। ମଙ୍ଗଳବାର ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରଚାର ଅବସରରେ ଜନସଭାକୁ ସମ୍ବୋଧିତ କରି ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ଷତମାମ ଦିନରାତି ୨୪ ଘଣ୍ଟା ଆପଣଙ୍କ ସୁଖଦୁଃଖରେ ଛିଡ଼ାହୋଇ ରହିଛନ୍ତି । ଯିଏ ବି ଭତ୍ତା, ପକ୍କାଘର, ବିଏସ୍‌କେୱାଇ ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି, ସମସ୍ତେ ସାମିଲ ହେବେ, ସମସ୍ତଙ୍କ ପାଇଁ ନବୀନବାବୁଙ୍କ ଗ୍ୟାରେଣ୍ଟି ଅଛି । ନବୀନ ପଟ୍ଟନାୟକ ଜୁନ୍ ୯ ତାରିଖ ପୂର୍ବାହ୍ନ ୧୧ଟା ୩୦ରୁ ୧ଟା ମଧ୍ୟରେ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ପ୍ରଥମ ଦସ୍ତଖତରେ ହିଁ ଓଡ଼ିଶାର ୯୦ ପ୍ରତିଶତ ଲୋକଙ୍କ ବିଜୁଳି ବିଲ୍ ଛାଡ଼ କରିବେ । ଆପଣମାନେ ବିଜୁଳି ପାଇବେ ଆଉ ବିରୋଧୀଙ୍କୁ ଲାଗିବ ଶକ୍ । ପାଣ୍ଡିଆନ ଉପକୂଳ ଓଡ଼ିଶାରେ କଟକ ଲୋକ ସଭା ନିର୍ବାଚନମଣ୍ଡଳୀର ଏମ୍‌ପି ପ୍ରାର୍ଥୀ ସଂତୃପ୍ତ ମିଶ୍ର, ଖଣ୍ଡପଡ଼ାରେ ବିଧାୟକ ପ୍ରାର୍ଥୀ ସାବିତ୍ରୀ ପ୍ରଧାନ, ବଡ଼ମ୍ବାରେ ବିଧାୟକ ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର, ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ, ଆଠଗଡ଼ ତିଗିରିଆରେ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ସଦରରେ ଚନ୍ଦ୍ର ସାରଥି ବେହେରା ଓ କଟକ ଚୌଦ୍ୱାରରେ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି । ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ବିଜୁଳି ବିଲ୍ ଛାଡ଼ ଗ୍ୟାରେଣ୍ଟି ଭାଜପାକୁ ଶକ୍ ଦେଇଛି । ସେଥିପାଇଁ ସେମାନେ ସୋଲାର ପ୍ୟାନେଲ ଜରିଆରେ ମାଗଣା ବିଜୁଳି ଦେବେ ବୋଲି କହୁଛନ୍ତି । ଭାଜପା କହୁଛି ମାଗଣା ବିଜୁଳି ଦେବ । କିନ୍ତୁ କେମିତି ହେବ ଜାଣିଛନ୍ତି । ଆପଣଙ୍କୁ ୫୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ହେବ । ତା'ପରେ ଆପଣ ସୋଲାର ପ୍ୟାନେଲ ଲଗାଇ ପାରିବେ । ସୂର୍ଯ୍ୟ କିରଣରୁ ବିଜୁଳି ମିଳିବ । ଏମାନେ ଦିନରେ ଲଣ୍ଠନ ଦେଖାଉଛନ୍ତି । ଭାଜପା ୧୦ ବର୍ଷ କ୍ଷମତାରେ ରହିଲା । ସମସ୍ତଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଦେବେ ବୋଲି କହିଥିଲେ, ୧୨ କୋଟି ଚାକିରି ଦେବେ ବୋଲି କହିଥିଲେ, ମିଳିଲା କି ? ପେଟ୍ରୋଲ, ଡିଜେଲ ଦର କମିବା କଥା ସବୁ ଭୁଲିଗଲେ । ଏଲ୍‌ପିଜି ଦର ଯୋଗୁ ମା'ମାନେ କାନ୍ଦୁଛନ୍ତି, ସେମାନେ କିଛି ଶୁଣିଲେ କି? ନବୀନବାବୁ ପ୍ରତିଶ୍ରୁତି ଦିଅନ୍ତି ଓ ରଖନ୍ତି ମଧ୍ୟ । ମୁଖ୍ୟମନ୍ତ୍ରୀ କଥା କମ୍, କାମ ଅଧିକ କରିଥାନ୍ତି। ଆପଣଙ୍କ ଆଶୀର୍ବାଦରେ ସେ ଆହୁରି ସଶକ୍ତ ହୋଇ କାମ କରିବେ ବୋଲି ପାଣ୍ଡିଆନ କହିଛନ୍ତି । ଶ୍ରୀମନ୍ଦିରର ରୂପାନ୍ତର କାମ ସମସ୍ତଙ୍କୁ ଦିଶୁଛି, କିନ୍ତୁ ଶୋଇ ରହିଥିବା ବିରୋଧୀଙ୍କୁ ଦିଶୁନି । ଚାଷୀଙ୍କୁ ବିନା ସୁଧରେ ୧.୫୦ ଲକ୍ଷ ଟଙ୍କାର ଋଣ ଓ ଚାଷୀ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ଦିଆଯିବ ।

କଟକରେ ପାଣ୍ଡିଆନ କହିଛନ୍ତି ଯେ କଟକ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଜନ୍ମଭୂମି । ସାରା ଓଡ଼ିଶା ତାଙ୍କ କର୍ମଭୂମି । ବସ୍ତିବାସିନ୍ଦାଙ୍କ ପାଇଁ ଅନେକ ଲୋକ ଅନେକ କଥା କରୁଛନ୍ତି । କିନ୍ତୁ ମୁଖ୍ୟମନ୍ତ୍ରୀ ବସ୍ତିବାସିନ୍ଦାଙ୍କୁ ସମ୍ମାନ ଦେବାରେ ସାରା ଭାରତବର୍ଷ ଏକ ନମ୍ବର । ବସ୍ତିବାସିନ୍ଦାଙ୍କୁ ପଟ୍ଟା ଆବଣ୍ଟନ, ବିଜୁ ଆଦର୍ଶ କଲୋନୀ ନିର୍ମାଣ, ଜାଗା ମିଶନ କାର୍ଯ୍ୟକାରୀ କରିବାରେ ମୁଖ୍ୟମନ୍ତ୍ରୀ ସର୍ବାଧିକ ଗୁରୁତ୍ୱାରୋପ କରି କାମ କରିଛନ୍ତି । ଖଣ୍ଡପଡ଼ାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ହିସାବ ଦେଇ ପାଣ୍ଡିଆନ କହିଛନ୍ତି, ନୀଳମାଧବ ପୀଠର ବିକାଶ ପାଇଁ ୩୧ କୋଟି ଟଙ୍କା, ଖଣ୍ଡପଡ଼ା ଚାଷୀଭାଇଙ୍କ ପାଇଁ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ୧୬୬୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଦେଇଛନ୍ତି । ଖଣ୍ଡପଡ଼ା, ଭାପୁର ଓ ନୟାଗଡ଼ ବ୍ଲକର ଚାଷୀଭାଇମାନଙ୍କ ପାଇଁ ୩୩୦ କୋଟି ଟଙ୍କାରେ କୁସୁମୀ ଜଳସେଚନ ପ୍ରକଳ୍ପ କରାଯାଉଛି । ଡିମିରିଆ-ରାଉତପଡ଼ା ମହାନଦୀ ଆଡ଼ିବନ୍ଧ ପାଇଁ ୧୫୨୦ କୋଟି ଟଙ୍କା ଦିଆଯାଇଛି । ଖଣ୍ଡପଡ଼ାରେ ରାମ ମନ୍ଦିରକୁ ଐତିହ୍ୟ ସ୍ଥଳ ଭାବରେ ବିକାଶ କରାଯିବ, ନୀଳମାଧବ ମନ୍ଦିରର ଆହୁରି ବିକାଶ ହେବ, ଦକ୍ଷତା ବିକାଶ କେନ୍ଦ୍ର କରାଯିବ ବୋଲି କହିଥିଲେ। ବଡ଼ମ୍ବା ନିର୍ବାଚନମଣ୍ଡଳୀରେ ମନ୍ଦିର ବିକାଶ ପାଇଁ ସବୁଠୁ ଅଧିକ ଟଙ୍କା ଦିଆଯାଇଛି ବୋଲି ପାଣ୍ଡିଆନ କହିଛନ୍ତି । ସେହିପରି ମା' ଭଟ୍ଟାରିକା ମନ୍ଦିର ବିକାଶ ପାଇଁ ୮.୫୦ କୋଟି ଟଙ୍କା, ମା' ପ୍ରଗଳା ପୀଠର ବିକାଶ ପାଇଁ ୫.୩୦ କୋଟି ଟଙ୍କା, ସିଂହନାଥ ପୀଠର ବିକାଶ ପାଇଁ ୫.୩୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି, ୧୪୦ କୋଟି ଟଙ୍କାରେ ଗୋପୀନାଥପୁର-ବୈଦେଶ୍ୱର ଟି-ବ୍ରିଜ୍ ନିର୍ମାଣ, ବଡ଼ମ୍ବାରେ ପିଇବା ପାଣି ସମସ୍ୟା ଦୂର ହେବ ବୋଲି ସେ କହିଛନ୍ତି। ନୂଆ ଓଡ଼ିଶାରେ ବାଙ୍କୀରେ ମେଟ୍ରୋ ରେଳ ଗଡ଼ିବ । ଏ ମାଟିର ପରିଚୟ ଆହୁରି ଉଜ୍ଜ୍ୱଳ ହେବ । ଆଠଗଡ଼ରେ ସେ କହିଛନ୍ତି ଯେ ଧବଳେଶ୍ୱର ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହି ନିର୍ବାଚନମଣ୍ଡଳୀରେ ପିଇବା ପାଣି ପାଇଁ ୩୦୦ କୋଟି ଟଙ୍କା ଦିଆଯାଇଥିବା ବେଳେ କାଳିଆ ଯୋଜନାରେ ଆଠଗଡ ତିଗିରିଆର ୪୬ ହଜାର ଚାଷୀ ଉପକାର ପାଉଛନ୍ତି, ଚାଷୀ ପରିବାରର ପିଲାମାନେ ମଧ୍ୟ ଉଚ୍ଚ ଶିକ୍ଷା ପାଇଁ କାଳିଆ ଛାତ୍ରବୃତ୍ତି ପାଉଛନ୍ତି । ଚାଷୀଙ୍କ ପାଇଁ ବିନା ସୁଧରେ ୧.୫ ଲକ୍ଷ ଟଙ୍କା ଋଣ । ଚାଷୀ ପରିବାରର ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ଦିଆଯିବ । ଚୌଦ୍ୱାର-କଟକରେ ସେ କହିଛନ୍ତି ଯେ କଟକର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ବହୁତ ଗୁରୁତ୍ୱ ଦେଇଛନ୍ତି । ୪୫୦୦ କୋଟିରେ ଏସ୍‌ସିବି ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରାଯାଇଛି । କଟକ ନେତାଜୀ ସୁଭାଷ ବସ୍ ଟର୍ମିନାଲ, ତାଳଦଣ୍ଡା କେନାଲର ରୂପାନ୍ତର, ଅର୍ବାନ ହାଟ ଓ ଅନେକ ବିକାଶ କାମ କରାଯାଇଛି । ପୁରୀ ପରେ କଟକକୁ ମୁଁ ସବୁଠୁ ଅଧିକ ଥର ଆସିଛି ଓ ବିକାଶ କାମର ସମୀକ୍ଷା କରିଛି । କଟକ ସଦର ଅଞ୍ଚଳର ବିକାଶ କାମର ହିସାବ ଦେଇ ପାଣ୍ଡିଆନ କହିଛନ୍ତି ଯେ ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠର ଉନ୍ନତୀକରଣ ପାଇଁ ପ୍ରଥମ କିସ୍ତି ବାବଦରେ ୨୫ କୋଟି, ପରମହଂସ ପୀଠର ଉନ୍ନତୀକରଣ ପାଇଁ ୫ କୋଟି, ଚିତ୍ରୋତ୍ପଳା ନଦୀ ଉପରେ ସେତୁ ପାଇଁ ୩୦ କୋଟି, ମହାନଦୀ ଉପରେ ସେତୁ ନିର୍ମାଣ ପାଇଁ ୧୭୫ କୋଟି ଦିଆଯିବା ସହିତ ସବୁ ସ୍କୁଲ ଓ କଲେଜର ରୂପାନ୍ତରଣ କରାଯାଇଛି ।



କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡିଆରେ ଅନୁଷ୍ଠିତ ନିର୍ବାଚନୀ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଲୋକଙ୍କ ଗହଳିରେ ସେଲ୍ଫି ନେଉଛନ୍ତି । ନିକଟରେ ଅଛନ୍ତି କଟକ ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ଚୌଦ୍ୱାର-କଟକର ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ।

# ଭାଜପା ସମ୍ବିଧାନ ବଦଳାଇବାକୁ ଚାହୁଁଛି ବୋଲି କହି ନ୍ୟାରେଟିଭ କରୁଛନ୍ତି ବିରୋଧୀ: ହିମନ୍ତ



ଭୁବନେଶ୍ୱର, ୧୪।୫(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ କାହିଁକି ୪୦୦ ସିଟ୍ ଚାହୁଁଛନ୍ତି, ଏହାକୁ ନେଇ ବିରୋଧୀ ଗୋଟିଏ ମିଛ ନ୍ୟାରେଟିଭ ବା ବ୍ୟାଖ୍ୟାନ ତିଆରି କରିଛନ୍ତି। ମୋଦି ସମ୍ବିଧାନ ବଦଳାଇବାକୁ ଚାହୁଁଛନ୍ତି, ତେଣୁ ୪୦୦ ସିଟ୍ ଦରକାର କରୁଛନ୍ତି ବୋଲି ବିରୋଧୀମାନେ ନ୍ୟାରେଟିଭ୍ କରୁଛନ୍ତି। ଭାଜପା ପାଖରେ ପୂର୍ବରୁ ୪୦୦ ସିଟ୍ ଥିଲା। ୩୭୦ ଧାରା ଉଚ୍ଛେଦ, ନାରୀ ଶକ୍ତି ବନ୍ଦନ ଅଧିନିୟମ ଭଳି ବିଲ୍ ପାସ୍ ବେଳେ ପାର୍ଲାମେଣ୍ଟରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ୪୦୦ରୁ ଅଧିକ ବହୁମତ ମିଳିଆସିଛି। ଆମ ସହ ଯେତେବେଳେ ୪୦୦ ବହୁମତ ଥିଲା, ସେତେବେଳେ ଆମେ ମହିଳାଙ୍କୁ ପାର୍ଲାମେଣ୍ଟରେ ସଂରକ୍ଷଣ ଦେଲୁ। ଆମ ସହ ଯେତେବେଳେ ୪୦୦ ବହୁମତ ଥିଲା, ସେତେବେଳେ ଆମେ ସିଏଏ ଲାଗୁ କରି ପଡୋଶୀ ଦେଶରୁ ଆସିଥିବା ସଂଖ୍ୟାଲଘୁମାନଙ୍କୁ ନାଗରିକତା ଦେଲୁ। ଆମ ଦେଶର ସଭ୍ୟତା ୫ ହଜାର ବର୍ଷରୁ ବି ଅଧିକ ପୁରୁଣା। ଆମ ଦେଶ ୧୯୪୭ ପରେ ତିଆରି ହୋଇନାହିଁ। ଯେଉଁମାନେ ଦେଶରେ ଧର୍ମନିରପେକ୍ଷ ସରିଯିବ ବୋଲି ଭାବୁଛନ୍ତି ସେମାନେ ଜାଣିବା ଦରକାର ଆମ ସଭ୍ୟତା ଆରମ୍ଭରୁ ହିଁ ଧର୍ମନିରପେକ୍ଷ ଦେଶ ଥିଲା। ଭାରତ ସବୁବେଳେ ପୂରା ବିଶ୍ୱର କଲ୍ୟାଣ ଚାହେଁ। ଭାରତର ଲୋକମାନେ ହିଁ ୫ ହଜାର ବର୍ଷ ହେଲା ଧର୍ମନିରପେକ୍ଷତାକୁ ସୁରକ୍ଷା ଦେଇ ଆସୁଛନ୍ତି। ଦେଶ ବିଭକ୍ତ ହେଲା ପରେ ଯଦି ପାକିସ୍ତାନ ମୁସଲିମ୍ ରାଷ୍ଟ୍ର ହୋଇପାରିଲା, ତେବେ ଭାରତକୁ ହିନ୍ଦୁରାଷ୍ଟ୍ର କହିଲେ କାହିଁକି କିଛି ଲୋକଙ୍କୁ ଏହା ବାଧୁଛି ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି।

ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲ୍‌ଠାରେ ଆୟୋଜିତ ଏକ ପ୍ରବୁଦ୍ଧ ନାଗରିକ ସମ୍ମିଳନୀରେ ଯୋଗଦେଇ ହେମନ୍ତ କହିଛନ୍ତି ଯେ, କଂଗ୍ରେସରେ ହିଁ ସମ୍ବିଧାନ ସହ ଖେଳ ହୋଇଛି। ଭାଜପା ସରକାର ସେ ସମୟରେ ଥିଲେ ଜରୁରିକାଳୀନ ସ୍ଥିତି କେବେ ହୋଇ ନ ଥାନ୍ତା। ଭାଜପା ୟୁନିଫର୍ମ ସିଭିଲ କୋଡକୁ ସମର୍ଥନ କରୁଛି। ରାହୁଲ ଗାନ୍ଧୀ ଧରି ବୁଲୁଥିବା ସମ୍ବିଧାନରେ ଏହି ଧାରା ଅଛି କି ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ହିନ୍ଦୁ ଧର୍ମରେ ଯଦି ଜଣେ ସ୍ୱାମୀର ଗୋଟିଏ ସ୍ତ୍ରୀ ହେବ, ତେବେ ଅନ୍ୟ ଧର୍ମରେ ମଧ୍ୟ ଗୋଟିଏ ସ୍ୱାମୀର ଜଣେ ସ୍ତ୍ରୀ ରହିବା କଥା। ଏହାକୁ ନେଇ ୟୁନିଫର୍ମ ସିଭିଲ କୋଡ ତିଆରି ହୋଇଛି। ଆମେ ସମ୍ବିଧାନ ବଦଳାଇବାକୁ ଚାହୁଁ ନାହୁଁ। ସମ୍ବିଧାନକୁ ଆହୁରି ମଜଭୁତ କରିବା ହେଉଛି ଭାଜପାର ଲକ୍ଷ୍ୟ। କଂଗ୍ରେସ ସମ୍ବିଧାନକୁ ଅପଭ୍ରଂଶ କରିଯାଇଛି। କଂଗ୍ରେସ ସରକାର ସମୟରେ ପିଓକେକୁ ନେଇ ଆଲୋଚନା ହେଉ ନ ଥିଲା। ଭାଜପା ସରକାର ଆସିଲା ପରେ ପିଓକେ ଆମ ଦେଶର ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି କଲେ। କଂଗ୍ରେସ ଦେଶକୁ ବିକ୍ରି କରିବାକୁ ଚାହୁଁଥିଲା। କଂଗ୍ରେସ ସମୟରେ ପାକିସ୍ତାନ ପତାକା ଧରି ଲୋକମାନେ କଶ୍ମୀରରେ ଆନ୍ଦୋଳନ କରୁଥିଲେ। କିନ୍ତୁ ଭାଜପା ସରକାର ଆସିଲା ପରେ କଶ୍ମୀର ଏବଂ ପିଓକେ ଲୋକ ଭାରତର ପତାକା ଧରି ପାକିସ୍ତାନ ବିରୋଧରେ ଆନ୍ଦୋଳନ କରୁଛନ୍ତି। ପୂରା କଶ୍ମୀର ଭାରତର ଅଂଶ। ପିଓକେକୁ ଭାରତରେ ମିଶାଇବା ପାଇଁ ଆମକୁ ୪୦୦ ସିଟ୍ ଦରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପୂର୍ଣ୍ଣ କଶ୍ମୀରକୁ ଭାରତରେ ମିଶାଇବେ। ଧର୍ମନିରପେକ୍ଷତା ନାଁରେ ତୁଷ୍ଟୀକରଣ ଭୁଲ ବୋଲି ହିମନ୍ତ କହିଛନ୍ତି।


ଭୁବନେଶ୍ୱରରେ ଭାଜପା ନେତା ଓମ୍‌ବିର୍ଲା ଓ ଅନ୍ୟମାନେ।

# ପ୍ରାର୍ଥୀ କିଏ ଆମେ ଜାଣିନୁ | ଚିହ୍ନ ଦେଖି ଭୋଟ ଦେବୁ

ଭୁବନେଶ୍ୱର,୧୪।୫(ଅନିଲ ଦାସ)

କେଉଁ ଦଳର କିଏ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ ଆମେ ତାଙ୍କ ନାଁ ଜାଣିନୁ। ଚିହ୍ନ ଦେଖି ଭୋଟ ଦେଉଛୁ। ଏଥର ବି ଦେବୁ। ଆମକୁ ଯିଏ ଚାଉଳ, ଭତ୍ତା ଦେଉଛି, ଆମେ ତାଙ୍କୁ ଭୋଟ ଦେଉଛୁ। ଏଥର ବି ସେୟା କରିବୁ। ବସ୍ତି ଅଞ୍ଚଳରେ ରହୁଥିବା କେତେକ ମତଦାତାଙ୍କଠାରୁ ଏଭଳି ଉତ୍ତର ଶୁଣିବା ପରେ ନିର୍ବାଚନରେ କେବଳ ଚିହ୍ନକୁ ନେଇ ଲଢ଼େଇ ଜୋରଦାର ହେଉଥିବା ସୂଚନା ମିଳୁଛି । ନିର୍ବାଚନରେ ବ୍ୟକ୍ତିବିଶେଷଙ୍କର ସେତେଟା ପ୍ରଭାବ ଥିବା ଭଳି ମନେହେଉ ନାହିଁ।

ରାଜଧାନୀ ଭୁବନେଶ୍ୱରରେ ଲୋକ ସଭା ଓ ବିଧାନସଭା ଆସନ ନିର୍ବାଚନ ପାଇଁ ପ୍ରଚାର ସରଗରମ ରହିଛି। ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସକୁ ବାଦ୍ ଦେଲେ ବାମପନ୍ଥୀ, ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ମଇଦାନରେ ଅଛନ୍ତି। ଖରାକୁ ଦେଖି ପ୍ରାର୍ଥୀମାନେ ନିଜ ସମର୍ଥକଙ୍କୁ ଧରି ସକାଳ ୭ଟାରୁ ପ୍ରଚାରକୁ ବାହାରି ଯାଉଛନ୍ତି। ପୂର୍ବାହ୍ନ ୧୧ଟା ସୁଦ୍ଧା ଫେରି ଆସୁଛନ୍ତି। ପୁଣି ଖରା ନରମିବା ପରେ ଅପରାହ୍ନ ୪ଟାରୁ ରାତି ୧୦ ଯାଏ ଦୁଆର ଦୁଆର ବୁଲି ପ୍ରଚାର ସହ ରୋଡ୍ ଶୋ' କରି ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ ଚଳାଇଛନ୍ତି। ଘର ଘର ବୁଲିଲେ ମଧ୍ୟ ରାଜନୀତିକୁ ନେଇ ଲୋକଙ୍କ ମନରେ ସେଭଳି ଉତ୍ସାହ ଦେଖିବାକୁ ମିଳୁନାହିଁ।

ଏ ସମ୍ପର୍କରେ ଧରିତ୍ରୀ ପକ୍ଷରୁ ଭୁବନେଶ୍ୱର-ଉତ୍ତର ନିର୍ବାଚନମଣ୍ଡଳୀର କେତେକ ସ୍ଥାନରୁ ଭୋଟରଙ୍କଠାରୁ ନିର୍ବାଚନକୁ ନେଇ ମତାମତ ସଂଗ୍ରହ କରାଯାଇଛି। ତେବେ କୌତୂହଳର ବିଷୟ ଅଧିକାଂଶ ଭୋଟର ନିର୍ବାଚନ ଲଢୁଥିବା ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କ ନାମ ଜାଣି ନ ଥିବା କହିଛନ୍ତି। ସେମାନେ କେବଳ ଶଙ୍ଖ ଚିହ୍ନ ଓ ପଦ୍ମ ଚିହ୍ନକୁ ନେଇ ମତ ରଖୁଛନ୍ତି। ଅନ୍ୟ କୌଣସି ପ୍ରାର୍ଥୀଙ୍କ ନାମ ସମ୍ପର୍କରେ ମଧ୍ୟ ସେମାନଙ୍କର ଧାରଣା ନ ଥିବା କହିଛନ୍ତି। ଭୋଟ ଦେବାକୁ ପ୍ରସ୍ତୁତ ହେଉଥିବା ମତଦାତା ନିଜର ମତାଧିକାର ସାବ୍ୟସ୍ତ କରୁଛନ୍ତି ସତ, ହେଲେ ଯେଉଁ ପ୍ରାର୍ଥୀମାନଙ୍କୁ ସେମାନେ ଭୋଟ ଦେବାକୁ ଯାଉଛନ୍ତି ସେମାନଙ୍କର କାମ କ'ଣ ଓ ନିର୍ବାଚିତ ହେବା ପରେ କ'ଣ କରିବେ ସେ ସମ୍ପର୍କରେ ମଧ୍ୟ ସଚେତନ ନାହାନ୍ତି। ଅଧିକାଂଶ ମତଦାତା କହିଛନ୍ତି, ଯିଏ ଆମର ଭଲ କରିବ ଆମେ ତାକୁ ଭୋଟ ଦେବୁ। ତେବେ ଯେଉଁ ବିଧାୟକ କିମ୍ବା ଏମ୍‌ପି ଆଗରୁ ଥିଲେ ସେମାନେ କ'ଣ କରିଛନ୍ତି। ଏହାର ଉତ୍ତରରେ ମିଳୁଛି କିଏ କ'ଣ କରିଥିବେ ଆମେ ଜାଣିନୁ । ଯାହାକୁ ହେଲେ ଭୋଟ ଦେବାକୁ ହେବ ବୋଲି ଏମାନେ କହିଛନ୍ତି ।

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚକେଇସିହାଣି କେନାଲ କଡ଼ ବସ୍ତିରେ ରହୁଥିବା ବାସନ୍ତୀ ସାହୁ କହିଛନ୍ତ, ଗତ ୨୦ ବର୍ଷ ହେବ ଆମେ ଏଠି ରହୁଛୁ। ଭୋଟ ଦେଉଛୁ। ଆମେ ପଚାରିଥିଲୁ ଏଠାରେ କେଉଁ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସେ କହିଥିଲେ ମୁଁ କହିପାରିବି ନାହିଁ। ନବୀନ ପଟ୍ଟନାୟକଙ୍କୁ ଆମେ ଭୋଟ ଦେବୁ। ସେ ଆମକୁ ଚାଉଳ ଦେଉଛନ୍ତି। ଏମ୍‌ପି, ବିଧାୟକ ଯିଏ ଥିଲେ ଆପଣଙ୍କ ପାଇଁ କ'ଣ କାମ କରିଛନ୍ତି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଆମେ ତାଙ୍କୁ ଚିହ୍ନିନୁ। କିନ୍ତୁ ଚିହ୍ନକୁ ଦେଖି ଭୋଟ ଦେବୁ।

ସେହିପରି ନୟାଗଡ଼ର ଚୈତନ୍ୟ ନାୟକ କହିଛନ୍ତି, ମୁଁ ଏଠାରେ ୪୦ ବର୍ଷ ହେବ ରହୁଛି। କେତେଥର ଭୋଟ ଦେଲିଣି। ଭୋଟ ବେଳେ ନେତାମାନେ ଆସୁଛନ୍ତି। ତା'ପରେ ଦେଖାନାହିଁ। କିଏ କ'ଣ କାମ କରୁଛନ୍ତି ଆମେ ଜାଣିନୁ। ଭୋଟ ତ ଦେବାକୁ ହେବ। ଆମେ କେବଳ ନବୀନ ପଟ୍ଟନାୟକ ଓ ମୋଦିଙ୍କୁ ଚିହ୍ନିଛୁ। କିଏ ଏମ୍‌ପି, କିଏ ବିଧାୟକ ଆମେ ଜାଣିନୁ। ଚିହ୍ନ ଦେଖି ଭୋଟ ଦେଉଛୁ।

ଭିଏସ୍‌ଏସ୍ ନଗର ବାସିନ୍ଦା ତଥା ଶିକ୍ଷାବିତ୍ ରାମଚନ୍ଦ୍ର ସ୍ୱାଇଁ କହିଛନ୍ତି, ଭୋଟ ଦେବା ଆମର ସାମ୍ବିଧାନିକ ଅଧିକାର। ଲୋକମାନଙ୍କ ପାଇଁ କାମ କରୁଥିବା ପ୍ରାର୍ଥୀଙ୍କୁ ବାଛିବା ଦରକାର। ମୁଁ ଜଣେ ସଚେତନ ନାଗରିକ ହିସାବରେ ଭୋଟ ଦେଇ ଆସୁଛି। ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ମୁଖ୍ୟତଃ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କୁ ଲୋକ ବାଛିବେ। ଆଜିକାଲି ଆଉ ଲୋକମାନେ ପ୍ରାର୍ଥୀ ଦେଖୁନାହାନ୍ତି। ଦଳ ଓ ଚିହ୍ନ ଦେଖି ଭୋଟ ଦେଉଛନ୍ତି। ତେବେ ରାଜ୍ୟ ଓ କେନ୍ଦ୍ରରେ ଯେଉଁମାନେ ଶାସନ କରୁଛନ୍ତି ସେମାନେ ପୁଣି କ୍ଷମତାକୁ ଫେରି ପାରନ୍ତି ବୋଲି ସେ କହିଛନ୍ତି।

# ଶୁଭମୁହୂର୍ତ୍ତ ଗଡ଼ିଯିବାରୁ ପ୍ରାର୍ଥିପତ୍ର ଦାଖଲ କଲିନି: ଅଙ୍କିତ୍

କଟକ, ୧୪।୫(ଶିଳ୍ପା ପ୍ରିୟଦର୍ଶିନୀ)

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ସରିଛି। ଶେଷ ଦିନରେ ମାହାଙ୍ଗା ବିଜେଡି ପ୍ରାର୍ଥୀ ଅଙ୍କିତ୍ ପ୍ରତାପ ଜେନା କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ୍‌ଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସୋମବାର ସେ ପ୍ରାର୍ଥିପତ୍ର ଦାଖଲ ପାଇଁ ବିରାଟ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ହେଲେ ପ୍ରାର୍ଥିପତ୍ର ଦାଖଲ ନ କରି ଫେରିଯାଇଥିଲେ। ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ମଙ୍ଗଳବାର ସେ ନିରାଡ଼ମ୍ବର ଭାବେ ପ୍ରାର୍ଥିପତ୍ର ଦାଖଲ କରି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ମାହାଙ୍ଗା ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ବହୁ ବିକାଶ କରିଛନ୍ତି। କିଛି କାମ ବାକି ରହିଛି, ତାହାକୁ ପୂରଣ କରାଯିବା ମୁଖ୍ୟ ଲକ୍ଷ୍ୟ ରହିଛି। ସୋମବାର ଲମ୍ବା ସମୟ ଧରି ଶୋଭାଯାତ୍ରା ଚାଲିଥିଲା। ସେଥିପାଇଁ ଶୁଭମୁହୂର୍ତ୍ତ ଗଡିଗଲା। ତେଣୁ ପ୍ରାର୍ଥିପତ୍ର ଦାଖଲ ନ କରି ଫେରିଯାଇଥିଲି।


ଅଙ୍କିତ୍ ପ୍ରତାପ ଜେନା

# ଦୀପାଳିଙ୍କ ପାଇଁ ପ୍ରଚାରକଲେ ନିଲ ନୀତିନ, ଭାଗ୍ୟଶ୍ରୀ

ଝାରସୁଗୁଡ଼ା,୧୪।୫(ସଞ୍ଜୟ ମାଲି)

ଝାରସୁଗୁଡା ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥିନୀ ଦୀପାଳି ଦାସଙ୍କ ପାଇଁ ଷ୍ଟାର ପ୍ରଚାରକ ଭାବେ ପ୍ରଚାର କରିବାକୁ ଆସିଛନ୍ତି ବଲିଉଡର ଅଭିନେତା ନିଲ ନୀତିନ ମୁକେଶ ଓ ଅଭିନେତ୍ରୀ ଭାଗ୍ୟଶ୍ରୀ। ମଙ୍ଗଳବାର ଅପରାହ୍ନ ୩ଟାରେ ସହରସ୍ଥିତ ଏଚ୍ କଟାପାଲି ଗ୍ରାମରେ ଏକ ବିଶାଳ ଜସମାବେଶରେ ଯୋଗଦେଇଥିଲେ। ସଭାରେ ଝାରସୁଗୁଡା ସଦର ବ୍ଲକ ଗ୍ରାମାଞ୍ଚଳ ସହ କୋଲାବିରା ବ୍ଲକ, ଲଇକେରା ବ୍ଲକ, କିର୍ମିରା ବ୍ଲକ ତଥା ଆଖପାଖ ଅଞ୍ଚଳରୁ ବହୁ ଲୋକ ଯୋଗଦେଇଥିଲେ। ଅଭିନେତ୍ରୀ ଓ ଅଭିନେତାଙ୍କ ସହ ମଞ୍ଚରେ ଉପସ୍ଥିତ ଥିଲେ ଝାରସୁଗୁଡା ବିଧାନସଭା ପ୍ରାର୍ଥିନୀ ସୁଶ୍ରୀ ଦୀପାଳି ଦାସ। ସେଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଦୀପାଳି କହିଥିଲେ ଯେ, ଭାଗ୍ୟଶ୍ରୀ ମ୍ୟାଡମ୍ ଆମ ପରିବାର ସହିତ ବହୁ ଦିନରୁ ସମ୍ପର୍କ ଅଛି ଏବଂ ମୁକେଶ ମୋ ଭାଇ ବିଶାଳ ଦାସଙ୍କ ସାଙ୍ଗ। ତେଣୁ ବହୁତ ଭଲ ଲାଗୁଛି ଯେ, ସେମାନେ ମୋ ପରିବାର ପାଇଁ ସପୋର୍ଟ କରିବାକୁ ଆସିଛନ୍ତି। ଲୋକଙ୍କ ପାଇଁ ସେମାନେ ବହୁ ଷ୍ଟାର ପ୍ରଚାରକ ହୋଇପାରନ୍ତି କିନ୍ତୁ ମୋ ପାଇଁ ପରିବାରର ସଦସ୍ୟାସଦସ୍ୟ ଭଳିଆ। ଆଗାମୀ ଦିନରେ ସମସ୍ତ ଝାରସୁଗୁଡାବାସୀଙ୍କ ଆଶୀର୍ବାଦ କାମନା କରୁଛି ବୋଲି ନିଜ ପ୍ରତିକ୍ରିୟାରେ ଦୀପାଳି କହିଥିଲେ। ବଲିଉଡର ଅଭିନେତା ମୁକେଶ ଓ ଅଭିନେତ୍ରୀ ଭାଗ୍ୟଶ୍ରୀ ଦୀପାଳିଙ୍କୁ ଭୋଟ ଦେବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ସନ୍ଧ୍ୟା ୭ଟା ୩୦ ମିନିଟରେ ଝାରସୁଗୁଡା ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଅଭିନେତା ଓ ଅଭିନେତ୍ରୀଙ୍କୁ ଦେଖିବା ପାଇଁ ରାସ୍ତା ଦୁଇ ପାର୍ଶ୍ୱରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ଶୋଭାଯାତ୍ରା ସହର ଧର୍ମଶାଳା ଛକ, ଅଗ୍ରସେନ ଛକ, ଥାନା ଛକ, ଝଣ୍ଡା ଛକ, ଷ୍ଟେଶନ ଛକ, ପୁରୁଣା ବସ୍ତି ଛକ, ପୁରୁଣା ବସଷ୍ଟାଣ୍ଡ, ବେହେରା ମାଲ କିଶାନ ଛକ ଦେଇ ବିଟିଏମରେ ଶେଷ ହୋଇଥିଲା। ସହର ମଧ୍ୟରେ ଟ୍ରାଫିକ ସମସ୍ୟା ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସୂଚନାଯୋଗ୍ୟ, ସୋମବାର ଦିଲ୍ଲୀରୁ ଆସି ଝାରସୁଗୁଡାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ସନ୍ଧ୍ୟା ୭ଟାରେ ଅବତରଣ କରିଥିଲେ। ବିମାନ ବନ୍ଦରରେ ଉଭୟ ଅଭିନେତ୍ରୀ ଓ ଅଭିନେତାଙ୍କୁ ଝାରସୁଗୁଡା ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେଠାରୁ ସେମାନେ ଝାରସୁଗୁଡା ସହରର ଏକ ଘରୋଇ ହୋଟେଲରେ ରାତ୍ରି ଯାପନ କରିଥିଲେ।


ଝାରସୁଗୁଡ଼ା ସହରସ୍ଥିତ ଏଚ୍ କଟାପାଲି ଜସମାବେଶରେ ଉପସ୍ଥିତ ବଲିଉଡର ଅଭିନେତା ନିଲ ନୀତିନ ମୁକେଶ, ଅଭିନେତ୍ରୀ ଭାଗ୍ୟଶ୍ରୀ ଏବଂ ଦୀପାଳି ଦାସ।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ: ................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୋଚ୍ ଦୌଡ଼ରେ ଲକ୍ଷ୍ମଣ, ଲାଙ୍ଗର, ଗମ୍ଭୀର


**ନୂଆଦିଲ୍ଲୀ, ୧୪।୫(ପି.ଟି)**

ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ୍ ଶେଷ ହେବା ସହ ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ମଧ୍ୟ ଶେଷ ହେବ। ଦ୍ରାବିଡ୍‌ଙ୍କ ସ୍ଥାନରେ ପୂର୍ବତନ ଭାରତୀୟ କ୍ରିକେଟର ତଥା ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ) ମୁଖ୍ୟ ଭି.ଭି.ଏସ୍. ଲକ୍ଷ୍ମଣଙ୍କୁ ଏହି ଦାୟିତ୍ୱ ପାଇଁ ଦୃଢ ଦାବିଦାର ମନେକରାଯାଉଛି। ବିସିସିଆଇ ପକ୍ଷରୁ ନୂତନ କୋଚ୍ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ମେ' ୨୭ ତାରିଖ ଆବେଦନର ଅନ୍ତିମ ତାରିଖ ରହିଛି। ବିଶ୍ୱକପ ପରେ ଦ୍ରାବିଡଙ୍କ ଚୁକ୍ତି ଶେଷ ହେଉଥିବା ବେଳେ ସେ ଚାହିଁଲେ ଆଉ ଥରେ ଆବେଦନ କରିପାରିବେ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା କହିସାରିଛନ୍ତି। ତେବେ ବିସିସିଆଇ ନୂତନ ବ୍ୟକ୍ତିଙ୍କୁ କୋଚ୍ ଭାବରେ ରଖିବାକୁ ଆଗ୍ରହୀ ଥିବା ଜଣାପଡିଛି। ଲକ୍ଷ୍ମଣଙ୍କ ବ୍ୟତୀତ ପୂର୍ବତନ ଅଷ୍ଟ୍ରେଲୀୟ କୋଚ୍ ଜଷ୍ଟିନ୍ ଲାଙ୍ଗର ଓ ପୂର୍ବତନ ଭାରତୀୟ କ୍ରିକେଟର ଗୌତମ ଗମ୍ଭୀର ଏହି ପଦ ପାଇଁ ଆବେଦନ କରିବାର ସମ୍ଭାବନା ରହିଛି।

**ଭି.ଭି.ଏସ୍. ଲକ୍ଷ୍ମଣ:** ଏନ୍‌ସିଏର ମୁଖ୍ୟ ଭାବରେ କାର୍ଯ୍ୟ କରୁଥିବା ଲକ୍ଷ୍ମଣଙ୍କୁ ଏହି ପଦ ପାଇଁ ମୁଖ୍ୟ ଦାବିଦାର ଭାବରେ ବିବେଚନା କରାଯାଇଛି। ବିଗତ ୩ ବର୍ଷ ଧରି ଲକ୍ଷ୍ମଣ ଏନ୍‌ସିଏ ଦାୟିତ୍ୱ ସମ୍ଭାଳିଥିବା ବେଳେ ଭାରତ ଏ ଓ ୧୯ ବର୍ଷରୁ କମ୍ ଭାରତୀୟ ଦଳର ଦାୟିତ୍ୱ ସମ୍ଭାଳିଛନ୍ତି। ଏହା ବ୍ୟତୀତ ରାହୁଲ ଦ୍ରାବିଡଙ୍କ ଅନୁପସ୍ଥିତିରେ ସେ ଭାରତୀୟ ସିନିୟର ଦଳର କୋଚ ଦାୟିତ୍ୱ ମଧ୍ୟ ସମ୍ଭାଳିଛନ୍ତି। ଏନ୍‌ସିଏ ମୁଖ୍ୟ ଭାବରେ ଯୁବ ଖେଳାଳିଙ୍କ ସହ ତାଙ୍କର ସମ୍ପର୍କ ଭଲ ରହିଥିବା ବେଳେ ବିରାଟ କୋହଲି, ରୋହିତ ଶର୍ମା ଓ ମହମ୍ମଦ ଶାମିଙ୍କ ଭଳି ବରିଷ୍ଠ ଖେଳାଳିଙ୍କ ସହ ମଧ୍ୟ ତାଙ୍କର ଚମତ୍କାର ତାଳମେଳ ରହିଛି। ଉଭୟ ଯୁବ ଓ ବରିଷ୍ଠ ଖେଳାଳିଙ୍କ ସହ ତାଙ୍କର ସମ୍ପର୍କକୁ ଦୃଷ୍ଟିରେ ରଖିଲେ ତାଙ୍କୁ ଏହି ପଦ ପାଇଁ ମୁଖ୍ୟ ଦାବିଦାର ବିବେଚନା କରାଯାଉଛି।


ଭି.ଭି.ଏସ୍. ଲକ୍ଷ୍ମଣ


ଜଷ୍ଟିନ ଲାଙ୍ଗର


ଗୌତମ ଗମ୍ଭୀର

**ଗୌତମ ଗମ୍ଭୀର:** ଭାରତ ପାଇଁ ଦୀର୍ଘ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଗୌତମ ଗମ୍ଭୀର ଦୁଇ ଦୁଇଟି ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହିଛନ୍ତି। ଗମ୍ଭୀରଙ୍କ ରଣନୀତି ତାଙ୍କୁ ସର୍ବଦା ସ୍ୱତନ୍ତ୍ର ପ୍ରତିପାଦିତ କରିଆସିଛି। ଅଧିନାୟକ ଭାବରେ କୋଲକାତାକୁ ୨ ଥର ଆଇପିଏଲ ଚାମ୍ପିୟନ କରିବା ସହ ମେଣ୍ଟର ଭାବରେ ଲକ୍ଷ୍ନୌ ସୁପର ଜାଏଣ୍ଟକୁ ଦୁଇ ଥର ପ୍ଲେ ଅଫ୍‌ରେ ପ୍ରବେଶ କରାଇଥିଲେ। ଚଳିତ ସିଜନରେ ପୁନର୍ବାର କୋଲକାତାର ମେଣ୍ଟର ଭାବରେ ଯୋଗ ଦେଇ ଦଳକୁ ପ୍ଲେ ଅଫ୍‌ରେ ପ୍ରବେଶ କରାଇଛନ୍ତି। ମ୍ୟାନ୍ ମ୍ୟାନେଜମେଣ୍ଟରେ ଗମ୍ଭୀରଙ୍କ ଦକ୍ଷତା କାରଣରୁ ତାଙ୍କୁ ପ୍ରଶଂସା କରାଯାଇଥାଏ। ତେବେ କୋଲକାତା ଫ୍ରାଞ୍ଚାଇଜର ମାଲିକ ଶାହରୁଖ ଖାନ ତାଙ୍କୁ ଆବେଦନ କରିବାକୁ ସୁଯୋଗ ଦେବେ କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ପୂର୍ବରୁ ବିରାଟ କୋହଲିଙ୍କ ସହ ଗମ୍ଭୀରଙ୍କ ମନୋମାଳିନ୍ୟ ଦୂର ହୋଇ ସାରିଥିବା ବେଳେ ବର୍ତ୍ତମାନର ଅଧିନାୟକ ରୋହିତ ଶର୍ମାଙ୍କ ସହ ତାଙ୍କର ସମ୍ପର୍କ ଏହି ପଦ ପାଇଁ ତାଙ୍କୁ ଫେଭରିଟ୍ କରୁଛି। ତେବେ ଗମ୍ଭୀର କୌଣସି ଦଳର କୋଚ୍ ଭାବରେ କାର୍ଯ୍ୟ କରୁ ନ ଥିବାରୁ ବିସିସିଆଇ ତାଙ୍କୁ ସାମିଲ ନ କରିବାର ସମ୍ଭାବନା ରହିଛି।

**ଜଷ୍ଟିନ୍ ଲାଙ୍ଗର:** ଅଷ୍ଟ୍ରେଲିଆ ପାଇଁ ଆଶେସ୍ ଓ ଟି୨୦ ବିଶ୍ୱକପ୍ ଜିତିବାର ସୌଭାଗ୍ୟ ହାସଲ କରିଛନ୍ତି ଜଷ୍ଟିନ୍ ଲାଙ୍ଗର। ନିଜ ରଣନୀତି ତଥା ଶୃଙ୍ଖଳା ପାଇଁ ପରିଚିତ ଲାଙ୍ଗର ଭାରତୀୟ ଦଳର ମୁଖ୍ୟ କୋଚ୍ ଦୌଡରେ ଅନ୍ୟତମ ଦାବିଦାର ଅଛନ୍ତି। ତେବେ ନିକଟରେ ଲାଙ୍ଗର ଏକ ସାକ୍ଷାତକାର ସମୟରେ ଭାରତୀୟ ଦଳର କୋଚ୍ ହେବା ଉଭୟ ଶାରୀରିକ ଓ ମାନସିକ ଭାବରେ ହାଲିଆ କରିଥାଏ ବୋଲି କହିଥିଲେ। ଭାରତୀୟ ଦଳର କୋଚ୍ ଭାବରେ ଯାହା ଅର୍ଥ ମିଳିଥାଏ ସମାନ ପାଉଣା ଆଇପିଏଲରେ ଦୁଇ ମାସର କୋଚିଂ ପାଇଁ ମିଳିଥାଏ। ତେଣୁ ଲାଙ୍ଗର ସାଢେ ୩ ବର୍ଷର ସମୟ ଭାରତୀୟ ଦଳର କୋଚ୍ ରହିପାରିବେ କି ନାହିଁ ତାକୁ ନେଇ ସନ୍ଦେହ ଉପୁଜିଛି।

## ଶାରଜା ମାଷ୍ଟର୍ସ ଚେସ୍‌ରେ ଅର୍ଜୁନ ଟପ୍ ସିଡ୍

**ଶାରଜା, ୧୪।୫ (ପି.ଟି.):** ଗ୍ରାଣ୍ଡମାଷ୍ଟର ତଥା ବିଶ୍ୱର ୭ ନମ୍ବର ଖେଳାଳି ଏରିଗାଇସି ଅର୍ଜୁନ ଏଠାରେ ଚାଲିଥିବା ୫୨,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଶାରଜା ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟର ଟପ୍ ସିଡ୍ ଖେଳାଳି ଭାବେ ତାଙ୍କ ଅଭିଯାନ ଆରମ୍ଭ କରିବେ। ଏଥିରେ ୧୯ଜଣ ଭାରତୀୟ ଗ୍ରାଣ୍ଡମାଷ୍ଟର ଭାଗ ନେଉଛନ୍ତି।

## ଉପେନ୍ଦ୍ର ଆଇଆରଏଫୟୁ ଟୁର୍ନାମେଣ୍ଟ କମିଟି ସଦସ୍ୟ

**ଭୁବନେଶ୍ୱର, ୧୪।୫ (ତପନ ସ୍ୱାଇଁ)**

ଭାରତୀୟ ରଗବୀ ଫୁଟବଲ ୟୁନିଅନ ବୋର୍ଡ (ଆଇଆର୍‌ଏଫ୍‌ୟୁ) ୨୦୨୪-୨୦୨୫ ପାଇଁ ୪ ଟୁର୍ନାମେଣ୍ଟ କମିଟି ସଦସ୍ୟ ମନୋନୀତ କରିଛି। ଓଡିଶା ରଗବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଏହି କମିଟିର ସଦସ୍ୟ ରହିଛନ୍ତି। କମିଟିର ଅଧ୍ୟକ୍ଷ ରହିବେ ଆଇଆରଏଫୟୁ ସମ୍ପାଦକ ରାହୁଲ ବୋଷ। ଉପେନ୍ଦ୍ରଙ୍କ ବ୍ୟତୀତ ସାନୟା ମେହେଟ୍ଟା ବ୍ୟାସ ଓ ଭାହବିଜ ବାହରୁଚା ଏହାର ଅନ୍ୟତମ ସଦସ୍ୟ ରହିଛନ୍ତି। ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲକ୍ଷ୍ୟ ରଖିଥିବାରୁ ସବ-ଜୁନିୟର ଏବଂ ଜୁନିୟର ବର୍ଗ ଉପରେ ଆମର ବିଶେଷ ଧ୍ୟାନ ରହିବ। ଆସନ୍ତା ୨ ବର୍ଷ ଜୁନିୟର ଟୁର୍ନାମେଣ୍ଟ ଉପରେ ମଧ୍ୟ ଆମର ନଜର ରହିବ। ଏହା ବ୍ୟତୀତ ଓଡ଼ିଶା ଖେଳାଳିମାନେ କିପରି ଅଧିକରୁ ଅଧିକ ସଂଖ୍ୟାରେ ଜାତୀୟ ଦଳରେ ସ୍ଥାନ ପାଇବେ ସେଥିପାଇଁ ଉଦ୍ୟମ ଜାରି ରହିବ ବୋଲି ଉପେନ୍ଦ୍ର ପ୍ରକାଶ କରିଛନ୍ତି।


ଉପେନ୍ଦ୍ର କୁମାର ମହାନ୍ତି

## ଗୋଲ୍ଡେନ୍ ବଲ୍ ନିଲାମି ରୋକିବାକୁ ଉତ୍ତରାଧିକାରୀଙ୍କ ପ୍ରୟାସ

**ପ୍ୟାରିସ୍, ୧୪।୫(ପି.ଟି)**

ଆର୍ଜେଣ୍ଟିନାର ଫୁଟବଲ କିମ୍ବଦନ୍ତୀ ଡିଏଗୋ ମାରାଡୋନାଙ୍କ ଚୋରି ହୋଇଥିବା ଗୋଲ୍ଡେନ୍ ବଲ୍‌ର ନିଲାମକୁ ରୋକିବା ପାଇଁ ପ୍ରୟାସ କରିଛନ୍ତି ତାଙ୍କ ଉତ୍ତରାଧିକାରୀ। ୧୯୮୬ରେ ଆର୍ଜେଣ୍ଟିନା ବିଶ୍ୱକପ ଜିତିଥିବା ବେଳେ ମାରାଡୋନାଙ୍କୁ ଗୋଲ୍ଡେନ ବଲ୍ ପ୍ରଦାନ କରାଯାଇଥିଲା। ଚୋରି ହୋଇ ଯାଇଥିବା ଏହି ବଲ୍‌ଟିର ନିଲାମୀ ପ୍ୟାରିସ୍‌ରେ ହେବ ବୋଲି ଖବର ପ୍ରକାଶ ପାଇଥିଲା। ଏହାକୁ ମାରାଡୋନାଙ୍କ ଉତ୍ତରାଧିକାରୀ ବିରୋଧ କରିବା ସହ ଏକ ମାମଲା ଦାଏର କରିବେ ବୋଲି କହିଛନ୍ତି। ବିଗତ ଏକ ଦଶନ୍ଧି ହେବ ମାରାଡୋନାଙ୍କ ଗୋଲ୍ଡେନ ବଲ୍ ଚୋରି ହୋଇଯାଇଛି। ଆଗୁଟେସ୍ ଅକ୍ସନ୍ ହାଉସ୍ ଏ ନେଇ ମାମଲା ରୁଜୁ କରିବ ବୋଲି ଖବର ପ୍ରକାଶ ପାଇଥିଲା। ତେବେ ଏହା ଚୋରି ହୋଇଥିବାରୁ ବର୍ତ୍ତମାନ ଏହାକୁ ରଖିଥିବା ବ୍ୟକ୍ତି ଏହାକୁ ନିଲାମ କରିପାରିବେ ନାହିଁ ବୋଲି ମାରାଡୋନାଙ୍କ ପରିବାର ବର୍ଗ କହିଛନ୍ତି। ପାରାଡକ୍ସ ଲ' ଫାର୍ମରେ କାମ କରୁଥିବା ଗିଲ୍‌ସ ମୋରେଉ ଏହି ମାମଲାରେ ମାରାଡୋନାଙ୍କ ଦୁଇ ଝିଅଙ୍କ ପକ୍ଷ ରଖିଛନ୍ତି। ଗୋଲ୍ଡେନ୍ ବଲ୍‌କୁ ନିଲାମିରୁ ଦୂରେଇ ରଖିବା ପାଇଁ ଏକ ଆବେଦନ କରାଯାଇଥିବା ଗିଲ୍‌ସ ସୂଚନା ଦେଇଛନ୍ତି। ୧୯୮୬ରେ ଲିଡୋ କାର୍ବେଟରେ ଏକ ପୁରସ୍କାର ପ୍ରଦାନ ଉତ୍ସବରେ ମାରାଡୋନାଙ୍କୁ ଗୋଲ୍ଡେନ୍ ବଲ୍ ପ୍ରଦାନ କରାଯାଇଥିଲା। ତେବେ ଏହି ଟ୍ରଫି କିଭଳି ଅନ୍ତର୍ଦ୍ଧାନ ହେଲା ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୋକର୍ ଗେମ୍‌ରେ ମାରାଡୋନା ଟ୍ରଫିକୁ ନେଇ ଜୁଆ ଖେଳି ଏହାକୁ ହରାଇଥିବାର ରିପୋର୍ଟ ସାମ୍ନାକୁ ଆସିଥାଏ। କରଜ ଶୁଝିବା ପାଇଁ ସେ ଏହାକୁ ବିକ୍ରି କରିଥିବା ମଧ୍ୟ ଖବର ଆସିଥାଏ। ଅନ୍ୟ ଏକ ରିପୋର୍ଟ ଅନୁସାରେ ମାରାଡୋନା ଇଟାଲିଆନ୍ ଲିଗ୍ ଖେଳୁଥିବା ବେଳେ ନାପୋଲ୍ସର ଏକ ବ୍ୟାଙ୍କର ସେଫ୍‌ରେ ଟ୍ରଫି ରଖିଥିଲେ। ୧୯୮୯ରେ ବ୍ୟାଙ୍କ ଲୁଟ ସମୟରେ ଟ୍ରଫି ଚୋରି ହୋଇଥିବା ନେଇ ମଧ୍ୟ ରିପୋର୍ଟ ସାମ୍ନାକୁ ଆସିଥାଏ।

ତେବେ ଆଗୁଟେସ୍ ଅକ୍ସନ୍ ହାଉସ୍ ପକ୍ଷରୁ କରାଯାଇଥିବା ଦାବି ଅନୁସାରେ ଟ୍ରଫିର ପୂର୍ବତନ ମାଲିକଙ୍କ ପାଖରେ ଏହା ଚୋରି ହୋଇଥିବାର କୌଣସି ସୂଚନା ନ ଥିଲା। ତେଣୁ ଏହି ଟ୍ରଫି ବିକ୍ରି ହେଲେ ଏଥିରୁ କୋଟି କୋଟି ଟଙ୍କାର ଲାଭ ମିଳିବ ବୋଲି ଆଗୁଟେସ୍ ଅକ୍ସନ୍ ହାଉସ୍ କହିଛି। ଜୁନ୍ ୬ ତାରିଖରେ ଏହି ନିଲାମି ରହିଥିବା ବେଳେ ଆଗ୍ରହୀ ବିଡରଙ୍କ ପାଇଁ ୧ ଲକ୍ଷ ୫୦ ହଜାର ଡଲାରର ଏଣ୍ଟ୍ରି ଫି ଧାର୍ଯ୍ୟ କରାଯାଇଛି।


ଗୋଲ୍‌ଡେନ୍ ବଲ୍ ସହ ଡିଏଗୋ ମାରାଡୋନା।

## ଟପ୍ସ ସ୍କିମ୍‌ରେ ୩ ଯୁବ ସ୍କ୍ୱାଶ ଖେଳାଳି

**ନୂଆଦିଲ୍ଲୀ, ୧୪।୫ (ପି.ଟି.)**

ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮କୁ ଦୃଷ୍ଟିରେ ରଖି ମଙ୍ଗଳବାର ଯୁବ ସ୍କ୍ୱାଶ ଖେଳାଳି ଅନାହତ ସିଂ, ଅଭୟ ସିଂ ଓ ଭେଲାଭାନ ସେନ୍ଥିଲକୁମାରଙ୍କୁ ଟପ୍ସ ଡେଭଲପମେଣ୍ଟ ଗ୍ରୁପ୍‌ରେ ସାମିଲ କରାଯାଇଛି। ଗତ ଅକ୍ଟୋବରରେ ୨୦୨୮ ଅଲିମ୍ପିକ୍ସ ପ୍ରୋଗ୍ରାମ୍‌ରେ ସ୍କ୍ୱାଶକୁ ସାମିଲ କରାଯାଇଛି। ଏସିଆନ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟମାନେ ଭଲ ପ୍ରଦର୍ଶନ କରୁଥିବାରୁ ଏହି ଖେଳ କ୍ରମେ ଦେଶରେ ଆଦୃତ ହେବାରେ ଲାଗିଛି। ବର୍ଷ ବର୍ଷ ଧରି ସୌରଭ ଘୋଷାଲ, ଦୀପିକା ପାଲିକଲ ଓ ଜ୍ୟୋତ୍ସ୍ନା ଚିନାପ୍ପା ଭାରତରୁ ପ୍ରତିନିଧିତ୍ୱ କରିଆସୁଥିଲେ। ଆଗକୁ ସେମାନେ ଅନାହତ, ଅଭୟ ଓ ଭେଲଭାନଙ୍କ ଭଳି ପରବର୍ତ୍ତୀ ପିଢି ଖେଳାଳିଙ୍କୁ ବାଟନ ହସ୍ତାନ୍ତର କରିବେ। ୧୬ ବର୍ଷୀୟା ଅନାହତ ଜଣେ ଜାତୀୟ ଚାମ୍ପିୟନ। ଜାତୀୟ ସ୍ତରରେ ସେ ଇତିମଧ୍ୟରେ ୪୬ ଟାଇଟଲ ଜିତିସାରିଲେଣି। ସେ ହେଉଛନ୍ତି ବର୍ତ୍ତମାନର ୧୭ବର୍ଷରୁ କମ୍ ଏସିଆନ ଚାମ୍ପିୟନ ଏବଂ ସେ ଦୁଇଟି ପିଏସ୍‌ଏ ୱାର୍ଲ୍ଡ ଟୁର୍ ଟାଇଟଲ ବିଜେତା। ସେ ଆହୁରି ମଧ୍ୟ ଦୁଇଟି ଏସିଆନ ଗେମ୍ସ ପଦକ ବିଜେତା। ପୁରୁଷ ଖେଳାଳି ହିସାବରେ ଅଭୟ ଓ ଭେଲାଭାନଙ୍କୁ ଟପ୍ସରେ ସାମିଲ କରାଯାଇଛି।

## ଭାରତ ସେମିଫାଇନାଲ ଗଲେ ଗୁୟାନାରେ ଖେଳିବ

**ଟି୨୦ ବିଶ୍ୱକପ୍**

**ନୂଆଦିଲ୍ଲୀ, ୧୪।୫ (ପି.ଟି.)**

ଭାରତ ଯଦି ଟି୨୦ ବିଶ୍ୱକପ୍‌ର ଶ୍ରେଷ୍ଠ ୪ରେ ରୁହେ ତେବେ ଦ୍ୱିତୀୟ ସେମିଫାଇନାଲ ଖେଳିବ। କାର୍ଯ୍ୟସୂଚୀ ଅନୁସାରେ ଏହି ମ୍ୟାଚ ଜୁନ୍ ୨୭ରେ ଗୁୟାନାରେ ଖେଳାଯିବ। ଆମେରିକା ଓ ୱେଷ୍ଟଇଣ୍ଡିଜରେ ଏହି ଇଭେଣ୍ଟର ଫାଇନାଲ ବାର୍ବାଡୋସରେ ଜୁନ୍ ୨୯ରେ ହେବ। କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯିବା ବେଳେ ବିଭିନ୍ନ ଦିଗରୁ ବିଚାର କରାଯାଇଛି। ପ୍ରଥମ ସେମିଫାଇନାଲ ତ୍ରିନିଦାଦରେ ଖେଳାଯିବ। ଏହା ରାତିରେ ଖେଳାଯିବ। ଗୁୟାନାରେ ନକ୍‌ଆଉଟ ଗେମ୍ ଦିନରେ ଖେଳାଯିବ। ଭାରତୀୟ ଟିଭି ଦର୍ଶକମାନଙ୍କୁ ଦୃଷ୍ଟିରେ ରଖି ଏହା କରାଯାଇଛି। ଦ୍ୱିତୀୟ ସେମିଫାଇନାଲ ରାତି ୮ଟା ୩୦ରୁ ଆରମ୍ଭ ହେବ। ଗେମ୍‌ରେ ଯଦି ପାଣିପାଗ ପ୍ରଭାବ ପକାଏ ତେବେ ଏଥିରେ ଅତିରିକ୍ତ ୨୫୦ ମିନିଟ ସମୟ ଯୋଗ କରାଯିବ। ପ୍ରଥମ ସେମିଫାଇନାଲ ପାଇଁ ମଧ୍ୟ ଏହି ଅତିରିକ୍ତ ସମୟର ବ୍ୟବସ୍ଥା ରହିଛି। ଫାଇନାଲ ଜୁନ୍ ୨୯ରେ ଖେଳାଯିବାକୁଥିବା ବେଳେ ଜୁନ୍ ୩୦କୁ ସଂରକ୍ଷିତ ଦିବସ ରଖାଯାଇଛି। ପ୍ରତ୍ୟେକ ସେମିଫାଇନାଲକୁ ଅତିରିକ୍ତ ୨୫୦ ମିନିଟ ସମୟ ଦିଆଯିବା ଅର୍ଥ ଏହି ସମୟ ମଧ୍ୟରେ ମ୍ୟାଚ ଶେଷ କରିବାକୁ ହେବ। ଜୁନ ୨୬ରେ ହେବାକୁଥିବା ପ୍ରଥମ ସେମିଫାଇନାଲ ବେଳେ ଯଦି ପାଗ ଖରାପ ହୁଏ ତେବେ ସେଦିନ ଅତିରିକ୍ତ ସମୟୁ ୬୦ ମିନିଟ ବ୍ୟବହାର କରି ଅବଶିଷ୍ଟ ଜୁନ୍ ୨୭ରେ ଅପରାହ୍ନ ୨ଟାରୁ ବ୍ୟବହାର କରାଯାଇ ପାରିବ। ପ୍ଲେଇଙ୍ଗ କଣ୍ଡିଶନ ଅନୁସାରେ ଜୁନ୍ ୨୭ରେ ଖେଳାଯିବାକୁଥିବା ଦ୍ୱିତୀୟ ସେମିଫାଇନାଲରେ ଆବଶ୍ୟକ ପଡ଼ିଲେ ଖେଳ ସମୟ ବୃଦ୍ଧି କରାଯାଇପାରିବ। ଆଇସିସି ଟ୍ରଫି ହାସଲ କରିବା ଲାଗି ଭାରତର ଲକ୍ଷ୍ୟ ରହିବ। ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଜୁନ୍ ୯ରେ ଏହି ଭେନ୍ୟୁରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

BINET SCIENCE ACADEMY
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଫେଡ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୭୬, ସେକ୍ଟର ୫, ନୋଏଡ଼ା।
9810432170
7606841840

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Classified Everyday
0674-2580101, 2549949


MATRIMONIAL

BRIDE WANTED

Bride wanted for Odiya Brahmin groom Bhubaneswar based age 38, 5.11", Doctor (ENT), Divorced. Contact: 7205426354. D-176

Khandayat boy 1973 (widower) with son 11yrs., daughter 7yrs established Businessman, settled Bhubaneswar, caste no bar. 9717079993, 7008967858. D-71074

GROOM WANTED

ବୟସ 30, +2 ପଢ଼ିଥିବା ସୁନ୍ଦରୀ ସୁଶୀଳ ଘରୋଇ ଝିଅଙ୍କ ପାଇଁ ଯେକୌଣସି ଜାତିର ବର ଆବଶ୍ୟକ। 7077016578. D-75330

Wanted well settled Odia groom 35-38yrs. for a beautiful bride M.Tech, Ph.D., caste no bar. 8917585202. D-74319

Your classified advertisement published in Dharitri will be listed free in Dharitri online edition: dharitriepaper.in



REAL ESTATE

SALE

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH-16 ଏବଂ Sum-2 Hospital ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 8249422604. D-75955

ଭୁବନେଶ୍ୱର ଗ୍ୟାରେଜ ଛକରେ ଏଲୋଜନ ଘରବାଡ଼ି ପାଚେରୀ ପ୍ଲଟ୍ ପଚ୍ଚାରୁ ବିକ୍ରିହେବ। 9827119799. D-272

ଗଙ୍ଗପଡ଼ା NH ପାଖରେ ଘରବାଡ଼ି ଜାଗା ବିକ୍ରି ହେବ, sqft. 1500/-। ଯୋଗାଯୋଗ- 7991080014. D-296


FOR RENT

1650 sqft. Room type space on Sainik school main road near Apollo Hospital for Clinic/ Office / Commercial purposes, M-9437488383. D-282


Healthcare

Newly open Jyoti Spa positively health benefits (Expert Therapist). 8458067955. D-76119

Newly open full body massage all types massage available. 7749034655. D-76121

Newly opened central SPA full-body massage. Trend Therapist. 8456885600. D-75738

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75737

Newly open health benefits Spa special offer @999, Bapujinagar. 8018429809. D-76120

Monalisa massage Club:All types Body massage with hiprofile smart lady rooms service available. 9708545108. D-295

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TOURS&TRAVELS

ବାବା କେଦାରନାଥ ଓ ବଦ୍ରିନାଥ 15th ଜୁନ୍ (7 N/8 Days) ଦର୍ଶନ ପାଇଁ ଯୋଗାଯୋଗ: Spiritual Tours, ଭୁବନେଶ୍ୱର - 7978044197, 9437090931. D-74719


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱ. ନବୀନ କୁମାର ଦେଇ

ଆବିର୍ଭାବ: ୦୭।୦୧।୧୯୫୦
ତିରୋଧାନ: ୦୫।୦୫।୨୦୨୪
ଟାଉନ୍ ପ୍ଲାନିଂ, ଢେଙ୍କାନାଳ

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣୀ
ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ
ନ ଶୋଷୟତି ମାରୁତଃ ।।

ତୁମର ପବିତ୍ର ଆତ୍ମା ଚିରଶାନ୍ତି ଲାଭକରୁ, ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ

ଧ-୭୫୪୩୩

### ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱ. ପ୍ରଭାସିନି ମଙ୍ଗରାଜ

ସାଇ ନିଡମ୍, ଗୌରୀ ନଗର, ଭୁବନେଶ୍ୱର-୨
ଆବିର୍ଭାବ- ୨୨।୦୧।୧୯୪୯
ତିରୋଧାନ- ୧୨।୦୫।୨୦୦୮
ନୀଳାଦ୍ରି ମହୋଦୟାଷ୍ଟମୀ

ଆପଣଙ୍କର ଧର୍ମପରାୟଣତା, ପରୋପକାରିତା ମିଷ୍ଟଭାଷିନତା, ଆତିଥ୍ୟ ପରାୟଣତା ଆମର ଚିର ପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସତ୍ୟସାଇବାବାଙ୍କ ଚରଣ ବିନ୍ଦୁରେ ପ୍ରାର୍ଥନା, ସରଗପୁରରେ ଥାଇ ଦିଅ ହେ ଆଶିଷ ପ୍ରଭୁ ପାଦତଳେ ଏହି ଅଭିଳାଷ।

ଶୋକସନ୍ତପ୍ତ: ତୁମର ହତଭାଗ୍ୟ ସ୍ୱାମୀ ଇଂ. ଅନ୍ତର୍ଯ୍ୟାମୀ ମଙ୍ଗରାଜ, ପୁଅ, ଝିଅ, ବୋହୂ, ଜ୍ୱାଇଁ, ନାତିନାତୁଣୀ ଓ ବନ୍ଧୁ ପରିବାରବର୍ଗ।

ଧ-୨୯୮

# ଜିଲ୍ଲା କଂଗ୍ରେସର ନିର୍ବାଚନ ୱାର ରୁମ୍ ଉଦ୍‌ଘାଟିତ

ଢେଙ୍କାନାଳ,୧୪।୫(ରତନ ନାୟାର)

ଚଳିତ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀମନ୍ଦିର ଠାରେ ମଙ୍ଗଳବାର ଦଳର ୱାର୍ ରୁମ୍ ଜିଲା ସଭାପତି ସୁନୀଲ ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପିସିସି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ବାଙ୍କନିଧି ବେହେରା ଯୋଗଦେଇ ପ୍ରାର୍ଥୀ ଏବଂ ଦଳୀୟ ନେତୃବୃନ୍ଦଙ୍କୁ ସଙ୍ଗଠିତ ଭାବେ ପ୍ରଚାର କାର୍ଯ୍ୟକୁ ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। କଂଗ୍ରେସ ଗ୍ୟାରେଣ୍ଟି ଥିବା ଇସ୍ତାହାରରୁ ଘରେ ଘରେ ପହଞ୍ଚାଇବା ସହିତ ରାସ୍ତା କଡରେ ଛୋଟଛୋଟ ସଭା କରି ଶାସନରେ ଥିବା ଭାଜପା ଓ ବିଜେଡି ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ ଅପାରଗତା ସମ୍ପର୍କରେ ଲୋକମାନଙ୍କୁ ଜଣାଇବା ପାଇଁ କଂଗ୍ରେସର ଲୋକ ସଭା ପ୍ରାର୍ଥୀ ସସ୍ମିତା ବେହେରା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହିତ ମୋଦି ସରକାର କିଭଳି ଭାରତର ସମ୍ବିଧାନକୁ ବଦଳାଇବା ନିମନ୍ତେ କୁଟିଳ ଚକ୍ରାନ୍ତ କରିଛି ସେ ବିଷୟରେ ଭୋଟରଙ୍କୁ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ। ଗଣମାଧମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡା. ତୁଷାରକାନ୍ତି ନାୟକ ଏଆଇସିସି ପକ୍ଷରୁ ଘୋଷିତ ଷ୍ଟାର ପ୍ରଚାରକ ଭାବେ ଢେଙ୍କାନାଳ ଓ ଅନୁଗୋଳ ଜିଲା ଗସ୍ତକରି ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କ ସହିତ ପ୍ରଚାର କାର୍ଯ୍ୟକୁ ଅଧିକ କ୍ରୀୟାଶୀଳ ଓ ପ୍ରଭାବଶାଳୀ କରିବା ନିମନ୍ତେ ପିସିସି ପର୍ଯ୍ୟବେକ୍ଷକଙ୍କୁ ଅନୁରୋଧ କରିଥିଲେ। ଏହାସହିତ କଂଗ୍ରେସର କେନ୍ଦ୍ରୀୟ ଓ ରାଜ୍ୟ ଉଭୟ ଗ୍ୟାରେଣ୍ଟିକୁ ଓଡ଼ିଆ ଖବର କାଗଜରେ ଅଧିକରୁ ଅଧିକ ବିଜ୍ଞାପନ ଆକାରରେ ଦେବା ନିମନ୍ତେ ପିସିସିକୁ ଅନୁରୋଧ କରିଥିଲେ। ଏହି ଅବସରରେ ପୂର୍ବତନ ଏଏପି ନେତା ନୁରୁଲ ଇସଲାମ ଓ ବାଲିପଡା ଗ୍ରାମର ସମୀର ବେହେରା କଂଗ୍ରେସରେ ଯୋଗଦାନ କରିଥିଲେ। ଦଳର କାମାକ୍ଷାନଗର ବିଧାନସଭା ପ୍ରାର୍ଥୀ ବିପ୍ରବର ସାହୁ, ହିନ୍ଦୋଳ ବିଧାନସଭା ପ୍ରାର୍ଥୀ ଗୋବର୍ଦ୍ଧନ ଶେଖର ନାୟକ, ବରିଷ୍ଠ ନେତା ରବି ମହାନ୍ତି, ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ଜିଲା ମହିଳା କଂଗ୍ରେସ ସଭାପତି ସ୍ମିତାରାଣୀ ସାମଲ, ନିର୍ମଳ ମିଶ୍ର, ବେଣୁଧର ସାହୁ, ରୁଦ୍ର ପ୍ରକାଶ ଶରଣ, ନିଶାକର ସାହୁ, ଡମ୍ବରୁଧର ସେଠୀ, ପ୍ରଭୁଦତ ଭଞ୍ଜ, ମହମ୍ମଦ ସମୀର, ହୃଦୟାନନ୍ଦ ମହାନ୍ତି, ଅଜିତାନନ୍ଦ ବିହାରୀ, ଫକିର ବେହେରା, ଜିତେନ୍ଦ୍ର ସାହୁ, ବିଜୟ ସ୍ୱାଇଁ, ଅଜେନ୍ଦ୍ର ସାମଲ, ରୁବେନା ବେଗମ, ଇଣ୍ଡିଆ ଗଠବନ୍ଧନର ସହଯୋଗୀ ନେତା ସରୋଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା କଂଗ୍ରେସର ନିର୍ବାଚନ ୱାର୍ ରୁମ୍ ଉଦ୍‌ଘାଟନ କରାଯାଉଛି।

# ତପୋବନ ମହିମାଶ୍ରମରେ ଅକ୍ଷୟ ତୃତୀୟା

ଢେଙ୍କାନାଳ,୧୪।୫(ରତନ ନାୟାର)

ମହିମାସ୍ୱାମୀଙ୍କ ଆତ୍ମଯୋଗ ସାଧନାପୀଠ କପିଳାସ ତପୋବନ ମହିମା ଆଶ୍ରମରେ ଅକ୍ଷୟ ତୃତୀୟା ମହୋତ୍ସବ ବେଶ୍ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। କଟକ, ଅନୁଗୋଳ, ଆଠମଲ୍ଲିକ, ଭୁବନେଶ୍ୱର ଓ ଢେଙ୍କାନାଳ ଆଦି ସ୍ଥାନରୁ ବହୁ ଭକ୍ତ ଏଥିରେ ଯୋଗ ଦେଇଥିଲେ। ଉତ୍କଟ ଜଳାଭାବ ମଧ୍ୟରେ ଥିବା ଏହି ପୀଠକୁ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଅକ୍ଷୟ ତୃତୀୟା ପର୍ବ ଅବସରରେ କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା ଅଖଣ୍ଡ ବ୍ରହ୍ମଧୂନୀ ସଂସ୍ଥାପିତ କରି ପ୍ରଜ୍ୱଳିତ ଅଖଣ୍ଡବତୀରେ ଜଗତ କଲ୍ୟାଣ ପାଇଁ ବିଶେଷ ଘୃତାହୁତି ପ୍ରଦାନ କରିଥିଲେ। ଖଞ୍ଜଣୀ ଭଜନ ଦଳଙ୍କ ଦ୍ୱାରା ସାମୂହିକ ନାମ ଭଜନ ପରିବେଷଣ କରାଯାଇଥିଲା। ମଧ୍ୟାହ୍ନରେ ଗୋଷ୍ଠୀ ଭିକ୍ଷା କରାଯାଇଥିଲା। ଜ୍ଞାନି ବାବା, ମନ୍ତ୍ରୀ ବାବା, ନିରାକାର ବାବା, ତ୍ରିନାଥ ବାବା, ସୁରେଶ ବାବା, ସନକ ବାବା, ତ୍ୟାଗୀ ସୁଧାକର ଦାସ, ଭକ୍ତ ଈଶ୍ୱର ପୁହାଣ, ଚତୁର୍ଭୁଜ ପୁହାଣ ଓ କ୍ଷମାନନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବୋଲି ମହିମା ଜ୍ୟୋତିଯାତ୍ରା ସଂଯୋଜକ ଶିକ୍ଷାବିତ ପ୍ରଦ୍ୟୁମ୍ନ ରଥ ସୂଚନା ଦେଇଛନ୍ତି।



ତପୋବନ ମହିମାଶ୍ରମରେ ଅକ୍ଷୟ ତୃତୀୟା ଦିବସ ପାଳନ କରାଯାଉଛି।

# ନିଃସ୍ୱାର୍ଥପର ସେବା ହିଁ ନର୍ସିଂର ମୂଳମନ୍ତ୍ର

ଢେଙ୍କାନାଳ,୧୪।୫(ରତନ ନାୟାର)

ଢେଙ୍କାନାଳ ସିନର୍ଜୀ ନର୍ସିଂ ମହାବିଦ୍ୟାଳୟ ପରିସରରେ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କର ୨୦୪ତମ ଜନ୍ମ ବାର୍ଷିକ ଉପଲକ୍ଷେ ଅନ୍ତର୍ଜାତୀୟ ନର୍ସିଂ ଦିବସ ୧୧ ତାରିଖରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାରାୟଣୀ ନର୍ସିଂ ମହାବିଦ୍ୟାଳୟ ଜଗତସିଂହପୁର ନିର୍ଦ୍ଦେଶିକା ରାଜେଶ୍ୱରୀ ପଣ୍ଡା ଯୋଗଦେଇ ନିଃସ୍ୱାର୍ଥପର ସେବା ହିଁ ନର୍ସିଂର ମୂଳମନ୍ତ୍ର। ସେବା ମନୋଭାବ ରଖି ନିଜକୁ ଏକ ଉତ୍ତମ ସେବିକା ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସିନର୍ଜୀ ନର୍ସିଂ ମହାବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ପୃଷ୍ଟି ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ତେଜସ୍ୱିନୀ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପୁରସ୍କାର ବିତରଣ କରାଯାଇଥିଲା ବୋଲି ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ମିଶ୍ର ସୂଚନା ଦେଇଛନ୍ତି।



ସିନର୍ଜୀ ନର୍ସିଂ କଲେଜ ପକ୍ଷରୁ ଅନ୍ତର୍ଜାତୀୟ ନର୍ସିଂ ଦିବସ ପାଳନ କରାଯାଉଛି।

# ଶ୍ରୀଶ୍ରୀ ରବିଶଙ୍କରଙ୍କ ଜନ୍ମୋତ୍ସବ ପାଳିତ



ଆୟୋଜିତ ସତ୍‌ସଙ୍ଗ ଓ ଉପସ୍ଥିତ ଶ୍ରଦ୍ଧାଳୁମାନେ।

ଢେଙ୍କାନାଳ,୧୪।୫(ରତନ ନାୟାର)

ଆର୍ଟ ଅଫ୍ ଲିଭିଂ ଢେଙ୍କାନାଳ ଶାଖା ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମଣ୍ଡପଠାରେ ସୋମବାର ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ୬୮ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ସକାଳେ ସୁଦର୍ଶନ କ୍ରିୟା ସହିତ ଯୋଗ, ପ୍ରାଣାୟାମ ଓ ଧ୍ୟାନ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଗୁରୁପୂଜନ କାର୍ଯ୍ୟକ୍ରମ ଗୁରୁପୂଜା ପଣ୍ଡିତଙ୍କ ଦ୍ୱାରା ସମାପନ ହୋଇଥିଲା। ପରେ ମହା ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି ଅବସରରେ ୧୭ଜଣ ବ୍ୟକ୍ତି ବିଶେଷଙ୍କୁ ଚୟନ କରାଯାଇ ତାଲିମ ପ୍ରଦାନ କରାଯାଇ ଆର୍ଟ ଅଫ୍ ଲିଭିଂ ପକ୍ଷରୁ ବରିଷ୍ଠ ପ୍ରଶିକ୍ଷକ ଅବସରପ୍ରାପ୍ତ ଜିଲାପାଳ ସତ୍ୟରଞ୍ଜନ ସାହୁ ସେମାନଙ୍କୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ନିର୍ଦ୍ଦେଶିତ ନବଚେତନା ମାନୁଆଲ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଆର୍ଟ ଅଫ୍ ଲିଭିଂର ସମସ୍ତ ପ୍ରଶିକ୍ଷକ, ରବିଶଙ୍କର ବିଦ୍ୟାମନ୍ଦିରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସଦସ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା

ଢେଙ୍କାନାଳ,୧୪।୫
(ରତନ ନାୟାର)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ସୋମବାର ପ୍ରକାଶିତ ହୋଇଛି। ଏଥିରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଢେଙ୍କାନାଳର ସମସ୍ତ ଦଶମ ଶ୍ରେଣୀରେ ଅଧ୍ୟୟନ କରିଥିବା ପରୀକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୧୦୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଭେନୁସ୍ମିତା ପାଢ଼ୀ ୯୬.୪ ପ୍ରତିଶତ ରଖି ପ୍ରଥମ, ସୁରଜ ଧନରାଜ ୯୫.୮ ପ୍ରତିଶତ ରଖି ଦ୍ୱିତୀୟ ଓ ସୁଶ୍ରୀ ପାୟଲ ୯୫.୨ ପ୍ରତିଶତ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ୭୦ଜଣଙ୍କ ମଧ୍ୟରୁ କିର୍ତ୍ତୀ ରଞ୍ଜନ ନାୟକ ୯୨.୨ ପ୍ରତିଶତ ରଖି ପ୍ରଥମ, ସାଇସୁଧା ନାୟକ ୯୧.୬ ପ୍ରତିଶତ ରଖି ଦ୍ୱିତୀୟ ଓ ମୁକ୍ତିକାନ୍ତ ବୋଇତେଇ ୮୮.୨ ପ୍ରତିଶତ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ଦାଶ ସମସ୍ତ ଶିକ୍ଷାର୍ଥୀ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଛନ୍ତି।



ଦଶମରେ ପ୍ରଥମ
ଭେନୁସ୍ମିତା ପାଢ଼ୀ



ଦ୍ୱାଦଶରେ ପ୍ରଥମ
କିର୍ତ୍ତୀ ରଞ୍ଜନ ନାୟକ

# ଆକ୍ରମଣ ମାମଲାର ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଢେଙ୍କାନାଳ,୧୪।୫(ରତନ ନାୟାର)

ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ପିଙ୍ଗୁଆ ଗ୍ରାମରେ ୨୦୧୬ ମସିହାରେ ଘଟିଥିବା ଏକ ଆକ୍ରମଣ ମାମଲାର ବିଚାରକରି ସୋମବାର ଗଁନ୍ଦିଆ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୌରଭ ସାଗର ପ୍ରଧାନ, ଘଟଣାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦୧୬ ମସିହା ମାର୍ଚ୍ଚ ୨୪ ତାରିଖରେ ଉକ୍ତ ଅଞ୍ଚଳର ଚଞ୍ଚଳା ନାୟକ ଗୋଧାଇବାକୁ ଗ୍ରାମ ପୋଖରୀକୁ ଯାଉଥିବା ବେଳେ ସେହି ଗ୍ରାମର ହିମାଂଶୁ ବାରିକ ତାଙ୍କୁ ବାଟରେ ଅଟକାଇ ଗାଳିଗୁଲଜ କରିଥିଲେ। ଚଞ୍ଚଳା ଏ ସମ୍ପର୍କରେ ତାଙ୍କ ବାପା ବାଇଧର ସେଠୀଙ୍କୁ ଜଣାଇଥିଲେ। ବାଇଧର ଏ ସମ୍ପର୍କରେ ହିମାଂଶୁଙ୍କୁ ପଚରାଉଚରା କରିଥିଲେ। ହିମାଂଶୁ ବାଇଧରଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହ ଏକ ପଥରରେ ଆକ୍ରମଣ କରିଥିଲେ। ଘଟଣାର ପରଦିନ ଚଞ୍ଚଳା ଏ ନେଇ ନିହାଲପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ନଂ–୩୯।୨୦୧୬ରେ ଏକ ମାମଲା ରୁଜୁ କରାଯାଇଥିଲା। ୯ଜଣ ସାକ୍ଷୀ ଓ ୪ଗୋଟି ଦସ୍ତାବିଜ୍ ଆଧାରରେ ଗଁନ୍ଦିଆ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୌରଭ ସାଗର ପ୍ରଧାନ ଅଭିଯୁକ୍ତ ହିମାଂଶୁ ବାରିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ତାଙ୍କର ବୟସ, ଅର୍ଥନୈତିକ ପରିସ୍ଥିତି ଓ ସାମାଜିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ତାଙ୍କୁ ଦଣ୍ଡ ନ ଦେଇ କେବଳ କଡା ଶବ୍ଦରେ ଭର୍ତ୍ସନା କରିଥିଲେ। ଏଥିସହ ଆଇନର କଡା ନିରୀକ୍ଷଣରେ ରହିବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱନାଥ ନାୟକ ଓ କାମାକ୍ଷା ପ୍ରସାଦ ରଣା ପରିଚାଳନା କରିଥିଲେ।

# ସଦର ବ୍ଲକ ଅଞ୍ଚଳରେ ବିଜେଡିର ମାରାଥନ ପ୍ରଚାର

ଢେଙ୍କାନାଳ,୧୪।୫(ରତନ ନାୟାର)

ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ସଦର ବ୍ଲକ ଅଞ୍ଚଳରେ ବିଜେଡି ବିଧାୟକ ପ୍ରାର୍ଥୀ ବିଧାୟକ ସୁଧୀର କୁମାର ସାମଲ ମଙ୍ଗଳବାର ମାରାଥନ ପ୍ରଚାର କରିଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ନିଜର ସମର୍ଥକ ଓ ଦଳୀୟ ନେତା ଏବଂ କର୍ମୀଙ୍କ ଗହଣରେ ମଧୁସାହୁପାଟଣା, ଅଉଖମା, ରାଇଡିହି, ବାଲ୍ୟାମ୍ବା, ଗଙ୍ଗାଧର ପ୍ରସାଦ, ଚଷାପଡା ଓ କାମଧେନୁକୋଟ ଗ୍ରାମରେ ବାଇକ୍ ଶୋଭାଯାତ୍ରା ସହ ମାରାଥନ ପ୍ରଚାର କରିଥିଲେ। ଏହି ଅବସରରେ ସେ ଅଞ୍ଚଳବାସୀଙ୍କୁ ଯୋଡ଼ି ଶଙ୍ଖରେ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏଥିସହିତ ବିଧାୟକ ପ୍ରାର୍ଥୀ ଉକ୍ତ ଅଞ୍ଚଳରେ ଥିବା ଶ୍ରୀଶ୍ରୀ ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିର ଦର୍ଶନ କରିଥିଲେ। ଏହି ପ୍ରଚାର ସମୟରେ ତାଙ୍କ ସହିତ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ, ଜିଲା ବିଜେଡି ସମ୍ପାଦକ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରଚାର କରୁଛନ୍ତି।

# ହନୁମାନ ବାଟିକାର ୧୬ତମ ବାର୍ଷିକ ଉତ୍ସବ

ଢେଙ୍କାନାଳ,୧୪।୫(ରତନ ନାୟାର)

ଢେଙ୍କାନାଳ ସହର ବସ୍‌ଷ୍ଟାଣ୍ଡ ନିକଟ ହନୁମାନ ବାଟିକାଠାରେ ଶ୍ରୀହନୁମାନ ଜୀଉଙ୍କ ୧୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ପ୍ରଥମେ ମଙ୍ଗଳ ଆଳତୀ ଓ ମାଜଣା କରାଯାଇଥିଲା। ପରେ ସୂର୍ଯ୍ୟପୂଜା, ମଣ୍ଡଳାଦି ପୂଜା, ଅଗ୍ନି ସ୍ଥାପନ, ଷୋଡଶ ଉପଚାର ପୂଜା, ଗୀତା ଯଜ୍ଞ ସହିତ ଆହୂତି ଦିଆଯାଇଥିଲା। ଭକ୍ତମାନେ ବିଭିନ୍ନ ଭୋଗରାଗ ଆଣି ହନୁମାନଙ୍କ ନିକଟରେ ଲାଗି କରିଥିଲେ। ମଧ୍ୟାହ୍ନରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦ ସେବନରେ ସାମିଲ ହୋଇଥିଲେ। ପୂଜକ ଅମରେନ୍ଦ୍ର ମିଶ୍ର ପୂଜାକାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ରୁଦ୍ର ନାରାୟଣ ତ୍ରିପାଠୀ, ସଭାପତି ଶୁଭେନ୍ଦୁ ତ୍ରିପାଠୀ, ସମ୍ପାଦକ ଗୟାଧର ବେହେରା, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସନ୍ତୋଷ ରାଉତ, ପୁଲକ ମିଶ୍ର, ବିରଜା ମିଶ୍ର ଓ ଅରୁଣ ବିଶ୍ୱାଳଙ୍କ ସମେତ ହନୁମାନ ବାଟିକାର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।



# ମା' ସ୍ନେହମୟୀ, ଦୟାମୟୀ ଓ କରୁଣାମୟୀ



ରେଡ୍‌କ୍ରସ୍ ରାପିଡ୍ ରେସ୍‌ପନ୍ସ ଗ୍ରୁପ୍ ପକ୍ଷରୁ ମାତୃ ଦିବସ ପାଳନ କରାଯାଉଛି।

## ରେଡ୍‌କ୍ରସ୍ ରାପିଡ୍ ରେସ୍‌ପନ୍ସ ଗ୍ରୁପ୍ ପକ୍ଷରୁ ମାତୃ ଦିବସ

ଢେଙ୍କାନାଳ,୧୪।୫(ରତନ ନାୟାର)

ମା' ହେଉଛି ଚୀର ପୂଜନୀୟା, ବନ୍ଦନୀୟା, ସେବା, ତ୍ୟାଗ ଓ ନିଃସର୍ତ୍ତ ଭଲ ପାଇବାର ପ୍ରତୀକ। ସେ ସ୍ନେହମୟୀ, ଦୟାମୟୀ ଓ କରୁଣାମୟୀ। କିନ୍ତୁ ଅନେକ ମା' ଆଜି ସମାଜରେ ଅଲୋଡ଼ା ହୋଇଯାଇଛନ୍ତି। ସେଥିପାଇଁ କିଏ ସମାଜକୁ ଦାୟୀତ କରେ ତ, କିଏ ମଧ୍ୟ ବ୍ୟକ୍ତି ବିଶେଷକୁ ଦାୟୀ କରେ। ସେହି ଅଲୋଡା ମା' ମାନଙ୍କୁ ଟିକେ ସହାନୁଭୂତି ଦେବା ପାଇଁ ଢେଙ୍କାନାଳ ରେଡ୍‌କ୍ରସ୍ ରାପିଡ୍ ରେସ୍‌ପନ୍ସ ଗ୍ରୁପର ସଦସ୍ୟମାନେ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିସନ ପରିସରରେ ଥିବା ବରିଷ୍ଠ ନାଗରିକ ଗୃହରେ ପହଞ୍ଚି ସେଠାରେ ରହୁଥିବା ମା'ମାନଙ୍କୁ ସାନ୍ତ୍ୱନା ଦେବା ଉଦ୍ଦେଶ୍ୟରେ 'ମାତୃ ପିତୃ ପୂଜନ' କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ସଦସ୍ୟମାନେ ଅନ୍ତେବାସୀ ମାତୃ–ପିତୃମାନଙ୍କ ପାଦ ଧୋଇ ଫୁଲ, ଚନ୍ଦନ, ଅକ୍ଷତ ଦେଇ ବନ୍ଦାପନା କରିଥିଲେ। ଜିଲା ରେଡ୍‌କ୍ରସ୍ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି ଯୋଗଦେଇ ଅନ୍ତେବାସୀ ମା'ମାନଙ୍କର ସୁସ୍ଥ, ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ପାଟ୍ରନ୍ ସଦସ୍ୟ ରାଜ କିଶୋର ବେହେରା ଯୋଗଦେଇ କହିଲେ, ମା' ହେଉଛି ସମସ୍ତଙ୍କର। ତେଣୁ ଅତୀତକୁ ଭୁଲି, ଈଶ୍ୱରଙ୍କ ଠାରେ ଲୟ ରଖି ହସଖୁସି ଓ ଆନନ୍ଦରେ ସମୟ ଅତିବାହିତ କରିବାକୁ ସାନ୍ତ୍ୱନା ଦେଇଥିଲେ। ସୁଶ୍ରୀ କାଦମ୍ବରୀ ମହାକୁଡ, ମା'ର ସହନୀୟତା ସମ୍ପର୍କିତ ଏକ କବିତା ଆବୃତି କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ରଶ୍ମିତା ରଥ ଓ କବିତା ବେହେରା, ସଭ୍ୟ ଚିନ୍ମୟ ଜେନା, ରାମେଶ୍ୱର ମାଇତି, ନିହାର ମହାନ୍ତି, ଶିବ ପ୍ରସାଦ ପଣ୍ଡା ଓ ସ୍ୱପ୍ନା ଜେମ୍‌ସ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ସନ୍ଧ୍ୟାରେ ଜିଲା ରେଡ୍‌କ୍ରସ୍ ରାପିଡ ରେସ୍‌ପନ୍ସ ଗ୍ରୁପ୍ ପକ୍ଷରୁ ମହୁଲପାଳସ୍ଥିତ ବିଶ୍ୱକୁନ୍ତଳ ଶିଶୁ ଗୃହର ମୁଖ୍ୟ ପରିଚାଳିକା ଈଶୋ ଅନୁଷ୍ଠାନର ସମ୍ପାଦିକା ପୁଷ୍ପାଞ୍ଜଳୀ ଜେନାଙ୍କୁ ଯଶୋଦା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ଶୈଳବାଳା ମିଶ୍ର ଓ ପୁଷ୍ପାଞ୍ଜଳି ଜେନା ମାତୃଦିବସ ଅବସରରେ କେକ୍ କାଟି ଅନ୍ତେବାସୀମାନଙ୍କ ମଧ୍ୟରେ ବଣ୍ଟନ କରିଥିଲେ।

# ବିଜେଡିର କର୍ମୀ ସମାବେଶ, ମିଶ୍ରଣ ପର୍ବ

ଢେଙ୍କାନାଳ,୧୪।୫(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ୧୫ ନମ୍ବର ୱାର୍ଡରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାବେଶରେ ଲୋକ ସଭା ପ୍ରାର୍ଥୀ ଡା. ଅବିନାଶ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଢେଙ୍କାନାଳ ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ବହୁ ବିକାଶ ହୋଇଛି। ଯୁବ ଗୋଷ୍ଠୀଙ୍କୁ ସଶକ୍ତ କରିବା ପାଇଁ ଇସ୍ତାହାର ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ମହିଳାମାନଙ୍କୁ ୧୫ ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ, ୧୦୦ ୟୁନିଟ୍ ପର୍ଯ୍ୟନ୍ତ ଶୂନ ବିଲ୍ ସମେତ ବହୁ ଜନହିତକର ଯୋଜନାମାନ ଇସ୍ତାହାରରେ ରଖାଯାଇଛି। ଜଣେ ଯୁବକ ହିସାବରେ ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଭରସା କରି ଢେଙ୍କାନାଳ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ କରିଛନ୍ତି। ତେଣୁ ଉଭୟ ଲୋକ ସଭା ଓ ବିଧାନସଭା ଆସନ ପାଇଁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରାଇବାକୁ ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ନିବେଦନ କରିଥିଲେ। ଏହି ସମାବେଶରେ ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ, ଜଗଦୀଶ୍ ସାମଲ, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଯୁବନେତା ଶ୍ରୀକାନ୍ତ ଧଳ, ବିଜେଡି ଆଇନସେଲ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଆଡ୍‌ଭୋକେଟ୍ ଶିବସାଇ ମହାପାତ୍ର, କୋର କମିଟି ସଭାପତି ତ୍ରୈଲୋକ୍ୟ ମୋହନ ମିଶ୍ର, ୱାର୍ଡ କମିଟି ସଭାପତି ପୀତବାସ ସାହୁ, ବିଜେଡି ଉପସଭାପତି ସୁକାନ୍ତ ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ମହିଳା ନଗର ସଭାପତି କାଉନସିଲର ଶୁଭଲକ୍ଷ୍ମୀ ସାହୁ, ବିମଳ ନାୟକ, ପୂର୍ବତନ କାଉନସିଲର ଅନସୂୟା ଦଳେଇ, ଗିଲି ସାହୁ, ବିଜେଡି ସାଧାରଣ ସମ୍ପାଦକ ମିହିର ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ବୀରବର ସାହୁ, ରାମଚନ୍ଦ୍ର ନାୟକ, ଆଲୋକ ରଥ, ସୌମ୍ୟରଞ୍ଜନ ମହାନ୍ତି, କୁମାର ରଞ୍ଜନ ମିଶ୍ର, ଓଁକାର ପାଣ୍ଡେ, ଲାଲା ପାଣ୍ଡେ, ଲିପୁନା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କର୍ମୀ ସମାବେଶରେ ୧୫ ନମ୍ବର ୱାର୍ଡର ଶତାଧିକ ମହିଳା, ପୁରୁଷ ବିଜେଡି କର୍ମୀ ସାମିଲ ହୋଇଥିଲେ। ଏହି କର୍ମୀ ସମାବେଶରେ ଭାଜପା ଛାଡି ବହୁ ମହିଳା ଓ ପୁରୁଷ କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। ସେମାନଙ୍କୁ ଲୋକ ସଭା ପ୍ରାର୍ଥୀ ଡା. ଅବିନାଶ ସାମଲ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛଦେଇ ସ୍ୱାଗତ କରିଥିଲେ।



ବିଜେଡି ପକ୍ଷରୁ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅବସରରେ ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲଙ୍କ ସମେତ ଅନ୍ୟମାନେ।

# ମହିଳା ପୋଲ୍‌ଭଲ୍ଟରେ ରୋଜିଙ୍କୁ ସ୍ୱର୍ଣ୍ଣ




କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ମହିଳା ପୋଲଭଲ୍ଟ ଇଭେଣ୍ଟ ଅବସରରେ ତାମିଲନାଡୁର ରୋଜି ମୀନା ପଲରାଜ।

**ଫେଡେରେଶନ କପ୍ ଆଥ୍‌ଲେଟିକ୍ସ**

ଭୁବନେଶ୍ୱର, ୧୪।୫
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ଅନୁଷ୍ଠିତ ମହିଳା ପୋଲଭଲ୍ଟ ଫାଇନାଲରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ତାମିଲନାଡୁର ରୋଜି ମୀନା ପଲରାଜ। ସେ ୪.୦୫ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ଅନ୍ୟତମ ତାମିଲନାଡୁ ପୋଲଭଲ୍ଟର ବରନିକା ଇଲାନଗୋଭାନ ୪.୦୦ ମିଟର ସହିତ ରୌପ୍ୟ ଏବଂ କେରଳର ମାରିୟା ଜଇସନ ୩.୯୦ ମିଟର ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ହାମର ଥ୍ରୋରେ ବାଜି ମାରିଛନ୍ତି ପଞ୍ଜାବର ଦମନୀତ ସିଂ। ସେ ୬୬.୨୮ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ କବ୍‌ଜା କରିଛନ୍ତି। ହରିୟାଣାର ଆଶିଷ ଜାଖର ୬୬.୨୪ ମିଟର ସହ ରୌପ୍ୟ ଏବଂ ଦିଲ୍ଲୀର ଦେବାଙ୍ଗ ୬୪.୭୫ ମିଟର ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ଶଟ୍‌ପୁଟ୍‌ରେ ପଞ୍ଜାବର ତାଜିନ୍ଦରପାଲ ସିଂ ତୁର୍ (୨୦.୩୮ ମି.), ମଧ୍ୟ ପ୍ରଦେଶର ସମରଦୀପ ସିଂ ଗିଲ୍ (୧୮.୯୩) ଓ ଉତ୍ତର ପ୍ରଦେଶର ଆର୍ଯ୍ୟନ ତ୍ୟାଗି (୧୮.୦୭) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।



ପୋଡିୟମରେ ପୁରୁଷ ହାମର ଥ୍ରୋ ପଦକ ବିଜେତା।



ପୁରୁଷ ଶଟ୍‌ପୁଟ୍ ଥ୍ରୋ କରୁଛନ୍ତି ପଞ୍ଜାବର ତାଜିନ୍ଦରପାଲ୍ ସିଂ ତୁର୍।

# ଆକର୍ଷଣରେ ନୀରଜ, କିଶୋର

ଭୁବନେଶ୍ୱର, ୧୪।୫
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସର ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲ ଇଭେଣ୍ଟ ବୁଧବାର ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟାରେ ଏହା ଆରମ୍ଭ ହେବ। ଭାରତର ତାରକା ଆଥଲେଟ୍ ନୀରଜ ଚୋପ୍ରା ଓ ଓଡ଼ିଶାର କିଶୋର ଜେନା ଏହି ଇଭେଣ୍ଟରେ ଆକର୍ଷଣର କେନ୍ଦ୍ରରେ ରହିବେ। ନିକଟରେ ଦୋହାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ନୀରଜ ୮୮.୩୮ ମିଟର ଥ୍ରୋ କରି ରୌପ୍ୟ ପଦକ ପାଇଥିବାବେଳେ ଏସିଆନ ଗେମ୍ସ ସିଲ୍‌ଭର ମେଡାଲିଷ୍ଟ କିଶୋର ୭୬.୩୧ ମିଟର ଥ୍ରୋ କରିଥିଲେ।

ଫେଡେରେଶନ୍ କପ୍ ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲରେ ମୋଟ ୧୨ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ ପ୍ରତିଯୋଗୀ ସିଧାସଳଖ ଫାଇନାଲ୍ସ ପାଇଁ ଏଣ୍ଟ୍ରି ପାଇଛନ୍ତି। ସେମାନେ ହେଲେ ମନୁ ଡି.ପି., ନୀରଜ ଚୋପ୍ରା, କିଶୋର ଜେନା, ଶିବପାଲ ସିଂ, ପ୍ରମୋଦ, ଉତ୍ତମ ବାଲାସାହେବ ପାଟିଲ, ରୋହିତ କୁମାର, କୁନ୍‌ୱର ଆଜାଇରାଜ ସିଂ ଆର. ଓ ମନଜିନ୍ଦର ସିଂ। ଫେଡେରେଶନ କପ୍ ଆଥଲେଟିକ୍ସ ପାଇଁ ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ କ୍ୱାଲିଫିକେଶନ ମାର୍କ ୭୫ ମିଟରକୁ ଏହି ଆଥଲେଟ୍‌ମାନେ ସେମାନଙ୍କ କ୍ୟାରିୟରରେ ଅନେକ ଥର ଅତିକ୍ରମ କରିଥିବାରୁ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ପକ୍ଷରୁ ସେମାନଙ୍କୁ ଡାଇରେକ୍ଟ ଏଣ୍ଟ୍ରି ଦିଆ ଯାଇଥିଲା। ମଙ୍ଗଳବାର ୧୩ ପ୍ରତିଯୋଗୀଙ୍କୁ ନେଇ କ୍ୱାଲିଫିକେଶନ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ମଧ୍ୟପ୍ରଦେଶର ବିବିନ ଆଣ୍ଟୋନୀ ୭୬.୬୧, ଉତ୍ତର ପ୍ରଦେଶର ବିକାଶ ଯାଦବ ୭୨.୦୧ ଓ ମଧ୍ୟ ପ୍ରଦେଶର ବିବେକ କୁମାର ୭୦.୩୧ ମିଟର ଥ୍ରୋ କରି ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏଥିରେ ଓଡ଼ିଶାର ପ୍ରିୟବ୍ରତ ପ୍ରଧାନ ଭାଗ୍ୟ ପରୀକ୍ଷା କରିଥିଲେ। ମାତ୍ର ସେ ୬୪.୫୮ ମିଟର ଥ୍ରୋ କରି ୯ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।



ମଙ୍ଗଳବାର ଜାଭେଲିନ ଥ୍ରୋ ଅଭ୍ୟାସ ଅବସରରେ କିଶୋର ଜେନା।

## ୧୦୦ ମିଟର ଫାଇନାଲରେ ଅନିମେଶ, ଲାଲୁ ପ୍ରସାଦ

ପୁରୁଷ ୧୦୦ ମିଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅନିମେଶ କୁଜୁର ଓ ଲାଲୁ ପ୍ରସାଦ ଭୋଇ। ସେମିଫାଇନାଲ ହିଟ୍-୧ରେ ଲାଲୁ ପ୍ରସାଦ ୧୦.୬୮ ଓ ହିଟ୍-୨ରେ ଅନିମେଶ ୧୦.୫୫ ସେକେଣ୍ଡ ସମୟ ନେଇ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ହିଟ୍-୩ରେ ଅନ୍ୟ ୨ ଓଡ଼ିଶା ପ୍ରତିଯୋଗୀ ଦଣ୍ଡପତି ମୃତ୍ୟମ ଜୟରାମ ୧୦.୯୩ ଓ ଅବିନାଶ ସାହୁ ୧୧.୦୦ ସେକେଣ୍ଡ ସମୟ ନେଇଥିଲେ ହେଁ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି। ମହିଳା ୧୦୦ ମିଟର ରେସ୍‌ର ପ୍ରିମିଲିନାରୀ ରାଉଣ୍ଡ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶାର ଶ୍ରାବଣୀ ନନ୍ଦ ପ୍ରଭାବୀ ପ୍ରଦର୍ଶନ କରି ୧୧.୮୭ ସେକେଣ୍ଡ ସହ ରେସ୍ ଫିନିଶ୍ କରିଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୨.୧୯ ସେକେଣ୍ଡ ନେଇଛନ୍ତି।

# ସୁମିତ, ଛବିଙ୍କୁ ଟାଇଟଲ

ଭୁବନେଶ୍ୱର, ୧୪।୫ (ତପନ ସ୍ୱାଇଁ)

ଫେଡେରେଶନ କପ୍ ଆଥଲେଟିକ୍ସର ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ପୁରୁଷ ଓ ମହିଳା ବିଭାଗରେ ଯଥାକ୍ରମେ ଟାଇଟଲ ଜିତିଛନ୍ତି ସୁମିତ କୁମାର ଓ ଛବି ଯାଦବ। ପୁରୁଷ ବିଭାଗରେ ମଧ୍ୟ ପ୍ରଦେଶର ସୁମିତ ୮:୩୯.୬୭ ସେକେଣ୍ଡ ନେଇ ପ୍ରଥମ, ମହାରାଷ୍ଟ୍ରର ଧୁଲଦେବ ବାବନ ୮:୪୬.୬୫ ସହ ଦ୍ୱିତୀୟ ଓ ହରିୟାଣାର ଅଙ୍କିତ ରାଜେଶ ୮:୪୬.୯୭ ସେକେଣ୍ଡ ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ବିଭାଗରେ ମଧ୍ୟ ପ୍ରଦେଶର ଛବି ଯାଦବ (୧୦:୦୭.୫୭), ମହାରାଷ୍ଟ୍ରର କୋମଲ ଚନ୍ଦ୍ରକାନ୍ତ ଜେ. (୧୦:୧୮.୬୯) ଓ ମଧ୍ୟ ପ୍ରଦେଶର ମଞ୍ଜୁ ଅଜୟ ଯାଦବ (୧୦:୧୯.୨୧) ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ପୁରୁଷ ଲଙ୍ଗଜମ୍ପରେ ତାମିଲନାଡୁର ଜେସୱିନ ଆଲଡ୍ରିନ (୭.୯୯ମି.), କର୍ନାଟକର ଆର୍ଯ୍ୟ ଏସ. (୭.୮୩) ଓ କେରଳର ମହମ୍ମଦ ଅନିସ (୭.୮୧ମି.) ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହିଳା ଡିସ୍କସ୍ ଥ୍ରୋରେ ହରିୟାଣାର ନିଧି ରାଣୀ ୫୨.୫୫ମି., ମଧ୍ୟ ପ୍ରଦେଶର ଶାଳିନି ଚୌଧାରୀ ୫୧.୫୦ ଓ ହରିୟାଣାର ସୁନିତା ୫୧.୧୦ ମିଟର ସହ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ଫାଇନାଲରେ ଦଣ୍ଡସେନା

ପୁରୁଷ ୧୫୦୦ ମିଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଶୋକ ଦଣ୍ଡସେନା। ମଙ୍ଗଳବାର ଅନୁଷ୍ଠିତ ହିଟ୍‌ରେ ସେ ୩:୪୬.୪୯ ସେକେଣ୍ଡ ସମୟ ନେଇ ୩୦ ପ୍ରତିଯୋଗୀଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟତମ ଓଡ଼ିଶା ଆଥଲେଟ୍ ଦୟାନିଧି ମୁଣ୍ଡା କିନ୍ତୁ ୪:୦୩.୮୭ ସେକେଣ୍ଡ ସମୟ ନେଇ ହିଟ୍-୧ରେ ୧୩ଶ ସ୍ଥାନରେ ରହିଥିଲେ।

# ବିଜୟ ସହ ୧୪ ପଏଣ୍ଟରେ ଦିଲ୍ଲୀ



ଶଟ୍ ଖେଳିବା ଅବସରରେ ଅଭିଷେକ ପୋରେଲ।

ନୂଆଦିଲ୍ଲୀ, ୧୪।୫

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ନିଜ ଅନ୍ତିମ ଲିଗ୍ ମ୍ୟାଚ୍‌କୁ ୧୯ ରନ୍‌ରେ ଜିତି ନେଇଛି ଦିଲ୍ଲୀ କ୍ୟାପିଟାଲ୍ସ। ଟ୍ରିଷ୍ଟାନ ଷ୍ଟବ୍ସ ଓ ଅଭିଷେକ ପୋରେଲଙ୍କ ଅର୍ଦ୍ଧଶତକ ବଳରେ ଦିଲ୍ଲୀ ନିର୍ଦ୍ଧାରିତ ଓଭରରେ ୪ ଉଇକେଟରେ ୨୦୮ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ୨୦ ଓଭରରେ ୯ ଉଇକେଟ ହରାଇ ୧୮୯ ରନ୍ କରିପାରିଥିଲା। ଏହି ବିଜୟ ସହ ଦିଲ୍ଲୀ ୧୪ ପଏଣ୍ଟ ପାଇ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛି।

ଦିଲ୍ଲୀର ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଲକ୍ଷ୍ନୌ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ବିପଜ୍ଜନକ ଜେକ୍ ଫ୍ରେଜର ମ୍ୟାକଗୁର୍କଙ୍କୁ ଖାତା ଖୋଲିବା ଆଗରୁ ଆଉଟ କରିଥିଲେ ଅର୍ଶଦ ଖାନ୍। ତେବେ ଅନ୍ୟତମ ଓପନର ଅଭିଷେକ ପୋରେଲ(୫୮) ଓ ଶାଇ ହୋପ୍ (୩୮) ଦ୍ୱିତୀୟ ଉଇକେଟରେ ୯୨ ରନ୍ ଯୋଡିଥିଲେ। ଇନିଂସର ଟପ୍ ସ୍କୋରର ଥିବା ପୋରେଲ୍ ୩୩ ବଲ୍ ଖେଳି ୫ ଚୌକା ଓ ୪ ଛକା ମାରିଥିଲେ। ରିଷଭ ପନ୍ତ ମାତ୍ର ୩୩ ରନ୍ କରିଥିଲେ। ଶେଷ ଭାଗରେ ଟ୍ରିଷ୍ଟାନ ଷ୍ଟବ୍ସ ୨୫ ବଲ୍ ଖେଳି ୩ ଚୌକା ଓ ୪ ଛକା ସଂ ୫୭ ରନ୍ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ନବୀନ ଉଲ ହକ୍ ସର୍ବାଧିକ ୨, ରବି ବିଷ୍ଣୋଇ ଓ ଅର୍ଶଦ ଖାନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୦୯ ରନ୍ ଲକ୍ଷ୍ୟରେ ଲକ୍ଷ୍ନୌର ଆରମ୍ଭ ଅତ୍ୟନ୍ତ ଦୟନୀୟ ରହିଥିଲା। ୨୪ ରନ୍‌ରେ ୩ ଖେଳାଳିଙ୍କୁ ହରାଇଥିବା ବେଳେ ନିକୋଲାସ ପୁରନ ଦ୍ରୁତ ୬୧ ରନ୍ କରିଥିଲେ। ୨୭ ବଲ୍‌ର ଇନିଂସରେ ସେ ୬ ଚୌକା ଓ ୪ ଛକା ମାରିଥିଲେ। ୧୩୪ ରନରେ ୭ ଉଇକେଟର ପତନ ପରେ ପରାଜୟ ନିଶ୍ଚିତ ଥିଲା। ଅର୍ଶଦ ଖାନ୍ ୩୩ ବଲ୍‌ରୁ ୩ ଚୌକା ଓ ୫ ଛକା ସହ ୫୮ ରନ୍‌ର ଇନିଂସ ଖେଳି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଦିଲ୍ଲୀ ପକ୍ଷରୁ ଇଶାନ୍ତ ଶର୍ମା ସର୍ବାଧିକ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୦୮/୪ (ଅଭିଷେକ ପୋରେଲ-୫୮, ଟ୍ରିଷ୍ଟାନ ଷ୍ଟବ୍ସ-୫୭*, ଶାଇ ହୋପ୍-୩୮, ନବୀନ ଉଲ ହକ-୨/୫୧, ରବି ବିଷ୍ଣୋଇ-୧/୨୬, ଅର୍ଶଦ ଖାନ୍-୧/୪୫)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୮୯/୯ (ନିକୋଲାସ ପୁରନ-୬୧, ଅର୍ଶଦ ଖାନ୍-୫୮*, କ୍ରୁନାଲ ପାଣ୍ଡ୍ୟା-୧୮, ଇଶାନ୍ତ ଶର୍ମା-୩/୩୪, ଟ୍ରିଷ୍ଟାନ ଷ୍ଟବ୍ସ-୧/୪, ଅକ୍ଷର ପଟେଲ-୧/୨୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ରାଜସ୍ଥାନ
ବନାମ ପଞ୍ଜାବ
ସ୍ଥାନ: ଗୁଆହାଟୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୩ | ୯ | ୩ | ୧ | ୧୯ | +୧.୪୨୮ |
| ରାଜସ୍ଥାନ ରୟାଲ୍ସ | ୧୨ | ୮ | ୪ | ୦ | ୧୬ | +୦.୩୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୬ | ୦ | ୧୪ | +୦.୫୨୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୦ | ୧୪ | +୦.୪୦୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୭ | ୦ | ୧୪ | -୦.୩୭୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୬ | ୭ | ୦ | ୧୨ | +୦.୩୮୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୭୮୭ |
| ଗୁଜରାଟ ଟାଇଟନ୍ସ | ୧୩ | ୫ | ୭ | ୧ | ୧୧ | -୧.୦୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୪ | ୯ | ୦ | ୮ | -୦.୨୭୧ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୦ | ୮ | -୦.୪୨୩ |




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ